# ଧରିତ୍ରୀ DHARITRI

ଭୁବନେଶ୍ୱର, ମଙ୍ଗଳବାର, ଏପ୍ରିଲ ୨୦/୨୦୨୧ (୧୬ ପୃଷ୍ଠା) | Bhubaneswar, Tuesday, April 20/2021 | ★★★★★★

୪୭ଶ ଭାଗ ୧୪୫ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-




**ପ୍ରଶଂସକଙ୍କୁ ନେହୁରା ହେଲେ କାଜଲ**

ଦେଶରେ କରୋନା ସଂକ୍ରମଣ ଭୟଙ୍କର ଭାବେ ମାଡ଼ି ଚାଲିଥିବାରୁ କଟକଣା ମାନି ଘରେ ରହିବାକୁ ନିଜ ପ୍ରଶଂସକଙ୍କୁ ନେହୁରା ହୋଇଛନ୍ତି ଅଭିନେତ୍ରୀ କାଜଲ ଅଗ୍ରୱାଲ। ୧୪

୧୨ **ହିମା ଆଶାବାଦୀ**

ପୋଲାଣ୍ଡ ପ୍ରତିଯୋଗିତାରେ ଭାରତୀୟ ମହିଳା ୪x୧୦୦ ମିଟର ରିଲେ ଦଳ ଅଲିମ୍ପିକ୍ସ ଯୋଗ୍ୟତା ହାସଲ କରିପାରିବ ବୋଲି ସ୍ପ୍ରିଣ୍ଟର ହିମା ଦାସ ଆଶାପୋଷଣ କରିଛନ୍ତି।





ଦିଲ୍ଲୀରେ ଲକ୍‌ଡାଉନ ଘୋଷଣା ହେବା ପରେ ସୋମବାର ହଜାର ହଜାର ପ୍ରବାସୀ ଶ୍ରମିକ ସେମାନଙ୍କ ରାଜ୍ୟକୁ ଫେରିଯିବା ଲାଗି କୌଶମ୍ବି ବସ୍‌ଷ୍ଟାଣ୍ଡରେ ଭିଡ଼ ଜମାଇଛନ୍ତି।

# ଶନି, ରବି ଶଟ୍‌ଡାଉନ୍

## ରାଜ୍ୟରେ ପୁଣି ସପ୍ତାହାନ୍ତ କଟକଣା, ସହରାଞ୍ଚଳରେ ଲାଗୁ

**ଭୁବନେଶ୍ୱର, ୧୯।୪ (ବ୍ୟୁରୋ)**

**ଦ୍ୱିତୀୟ କୋଭିଡ୍ ଲହରକୁ ମୁକାବିଲା**

- ଅତ୍ୟାବଶ୍ୟକ ସେବା ଜାରି ରହିବ
- ଯାତ୍ରା, ଖୋଲାମଞ୍ଚ, ଅଙ୍ଗନୱାଡ଼ି କେନ୍ଦ୍ର ବନ୍ଦ

ସମଗ୍ର ଦେଶରେ କୋଭିଡ୍-୧୯ର ଦ୍ୱିତୀୟ ଲହର ଦ୍ରୁତ ସଂକ୍ରାମକ ହୋଇଛି। ଓଡ଼ିଶାରେ ମଧ୍ୟ ଏହି ମହାମାରୀ କାୟା ବିସ୍ତାର କରିଚାଲିଛି। ପ୍ରତିଦିନ ସଂକ୍ରମଣ ସଂଖ୍ୟା ରେକର୍ଡ ଭାଙ୍ଗି ଚାଲିଛି। ଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟରେ ୪୪୪୫ ଜଣ ସଂକ୍ରମିତ ହୋଇଛନ୍ତି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ସପ୍ତାହାନ୍ତ ଶଟ୍‌ଡାଉନ୍ ଭଳି କଠୋର ପଦକ୍ଷେପ ନେବାକୁ ବାଧ୍ୟ ହୋଇଛନ୍ତି। ଆସନ୍ତା ୨୪ ତାରିଖଠାରୁ ରାଜ୍ୟର ସମସ୍ତ ସହରାଞ୍ଚଳ ଶନିବାର ଓ ରବିବାର ଶଟ୍‌ଡାଉନ୍ ରହିବ। ଏହି ସମୟରେ ସହର ଓ ଆଖପାଖ ଅଞ୍ଚଳରେ ଦୋକାନ ବଜାର, ଅଫିସ, ଜନସାଧାରଣଙ୍କ ଯିବା ଆସିବା ଉପରେ କଟକଣା ରହିବ। କିନ୍ତୁ ଅତ୍ୟାବଶ୍ୟକ ସେବା ଜାରି ରହିବ। ସୋମବାର ସ୍ୱତନ୍ତ୍ର ରିଲିଫ କମିଶନର ପ୍ରଦୀପ କୁମାର ଜେନା ଏହି ସ୍ୱତନ୍ତ୍ର କୋଭିଡ୍ ନିର୍ଦ୍ଦେଶନାମା ସମ୍ପର୍କରେ ସୂଚନା ଦେଇଛନ୍ତି।

ସେ କହିଛନ୍ତି ଯେ, ଛତିଶଗଡ଼କୁ ଲାଗି ରହିଥିବା ସୁନ୍ଦରଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ବରଗଡ଼, ନୂଆପଡ଼ା, ☞ପୃଷ୍ଠା-୪

**କଟକଣାରୁ ମୁକ୍ତ**

- ହସ୍ପିଟାଲ, କ୍ଲିନିକ, ଔଷଧ ଦୋକାନ, ଆମ୍ବୁଲାନ୍ସ ସେବା
- ଜିଲା ଏବଂ ମ୍ୟୁନିସିପାଲିଟି ଅଫିସ, ପୋଲିସ, ଅଗ୍ନିଶମ ବିଭାଗ
- ଟେଲିକମ ସେବା, ପେଟ୍ରୋଲ ପମ୍ପ, ଏଲ୍‌ପିଜି ବଣ୍ଟନ
- ସମସ୍ତ ଛାପା ଓ ବୈଦ୍ୟୁତିକ ଗଣମାଧ୍ୟମ କାର୍ଯ୍ୟାଳୟ
- ବିଦ୍ୟୁତ୍, ପାନୀୟ ଜଳ ଯୋଗାଣ, ପରିମଳ
- ସମସ୍ତ ମାଲବାହୀ ଯାନ ଚଳାଚଳ
- ଶିଳ୍ପ, କାରଖାନା ଓ ନିର୍ମାଣ କାର୍ଯ୍ୟ
- କୃଷି, ଉଦ୍ୟାନ କୃଷି, ମତ୍ସ୍ୟ, ପ୍ରାଣୀ ସମ୍ପଦ, ମଣ୍ଡି
- ରେଳ ଓ ବିମାନ ସେବା, ରାଜପଥ ଉପରେ ପରିବହନ
- ସାଧାରଣ ଯାତ୍ରୀ ପରିବହନ ଯାନ ଓଲା, ଉବେର
- ଏଟିଏମ୍, ବ୍ୟାଙ୍କ, ତେଜରାତି, ପନିପରିବା ଦୋକାନ
- ଜାତୀୟ ଓ ରାଜ୍ୟ ରାଜପଥ ପାର୍ଶ୍ୱ ଢାବା
- ସକାଳ ୫ଟାରୁ ୮ଟା ମଧ୍ୟରେ ଖବରକାଗଜ ହକରଙ୍କ ଯାତାୟାତ

# ୧୮ରୁ ଊର୍ଦ୍ଧ୍ୱଙ୍କୁ ଟିକା

**ନୂଆଦିଲ୍ଲୀ, ୧୯।୪**

**ମେ' ୧ରୁ ଆରମ୍ଭ ହେବ**

- ୫୦% ଟିକା ରାଜ୍ୟ ସରକାର, ଖୋଲାବଜାରକୁ ବିକିବେ କମ୍ପାନୀ
- ସରକାରୀ ଟିକା କେନ୍ଦ୍ରରେ ସ୍ୱାସ୍ଥ୍ୟକର୍ମୀ, ଆଗଧାଡ଼ିର କର୍ମଚାରୀ, ୪୫ ବର୍ଷରୁ ଊର୍ଦ୍ଧ୍ୱଙ୍କୁ ମାଗଣା ମିଳିବ



ମେ' ୧ ତାରିଖଠାରୁ ୧୮ ବର୍ଷରୁ ଊର୍ଦ୍ଧ୍ୱ ସମସ୍ତଙ୍କ ପାଇଁ କୋଭିଡ୍ ଟିକା ଉପଲବ୍ଧ ହେବ। ଦେଶରେ ଦ୍ରୁତ ବୃଦ୍ଧି ପାଉଥିବା ସଂକ୍ରମଣର ମୁକାବିଲା ପାଇଁ ସୋମବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୀର୍ଷ ହସ୍ପିଟାଲଗୁଡ଼ିକର ଡାକ୍ତରମାନଙ୍କ ସହ ବୈଠକ କରିବା ପରେ ଏହି ଘୋଷଣା କରାଯାଇଛି।

ଟିକାକରଣର ତୃତୀୟ ପର୍ଯ୍ୟାୟରେ ୧୮ ବର୍ଷରୁ ଊର୍ଦ୍ଧ୍ୱ ସମସ୍ତେ ଟିକା ନେବା ପାଇଁ ଯୋଗ୍ୟ ବିବେଚିତ ହେବେ। ସରକାର ଟିକା ରଣନୀତିରେ କୋହଳ କରିଛନ୍ତି। ଏଣିକି ରାଜ୍ୟ ସରକାର ସିଧାସଳଖ ଉତ୍ପାଦନକାରୀ କମ୍ପାନୀଠାରୁ ଟିକା କିଣିପାରିବେ। ନୂଆ ନୀତି ଅନୁଯାୟୀ କମ୍ପାନୀଗୁଡ଼ିକ ମାସିକ ଉତ୍ପାଦିତ ଟିକାର ୫୦ ପ୍ରତିଶତ କେନ୍ଦ୍ରୀୟ ଡ୍ରଗ୍ସ ଲାବରେଟୋରି (ସିଡିଏଲ୍)କୁ ଯୋଗାଇବେ, ଯାହାକୁ କେନ୍ଦ୍ର ସରକାର ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକୁ ମାଗଣାରେ ଯୋଗାଇଦେବେ। ଅବଶିଷ୍ଟ ୫୦ ପ୍ରତିଶତକୁ କମ୍ପାନୀ ରାଜ୍ୟ ସରକାର ଏବଂ ଖୋଲା ବଜାରକୁ ଯୋଗାଇ ପାରିବେ। ଦେଶର ସମସ୍ତ ଟିକା କମ୍ପାନୀ ପାଇଁ ଏହି ନିୟମ ଲାଗୁ ହେବ।

ରାଜ୍ୟ ସରକାର ଏବଂ ଖୋଲା ବଜାରକୁ ଯୋଗାଣ ହେବାକୁ ଥିବା ଟିକାର ମୂଲ୍ୟ କମ୍ପାନୀଗୁଡ଼ିକ ମେ'୧ ପୂର୍ବରୁ ଘୋଷଣା କରିବେ। ସେହି ମୂଲ୍ୟ ଆଧାରରେ ରାଜ୍ୟ ସରକାର, ଘରୋଇ ହସ୍ପିଟାଲ, ଶିଳ୍ପ ସଂସ୍ଥା କମ୍ପାନୀଠାରୁ ଟିକା କିଣିବେ। ସରକାରୀ ଟିକାକରଣ କେନ୍ଦ୍ରଗୁଡ଼ିକରେ ସ୍ୱାସ୍ଥ୍ୟସେବା କର୍ମଚାରୀ, ଆଗଧାଡ଼ିର ଯୋଦ୍ଧା ଏବଂ ୪୫ ବର୍ଷରୁ ଊର୍ଦ୍ଧ୍ୱ ଲୋକମାନଙ୍କ ପାଇଁ ପୂର୍ବଭଳି ମାଗଣାରେ ଟିକା ଉପଲବ୍ଧ ହେବ। ସଂକ୍ରମିତଙ୍କ ସଂଖ୍ୟା ଆଧାରରେ କେନ୍ଦ୍ର ସରକାର ନିଜ ଭାଗରୁ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକୁ ଟିକା ଯୋଗାଇଦେବେ।

ଟିକାର ଅପଚୟ କଲେ ରାଜ୍ୟ କୋଟା ପ୍ରଭାବିତ ହୋଇପାରେ। ପୂର୍ବରୁ ପ୍ରଥମ ଡୋଜ୍ ଟିକା ନେଇଥିବା ହିତାଧିକାରୀଙ୍କୁ ଦ୍ୱିତୀୟ ଡୋଜ୍ ପ୍ରଦାନରେ ପ୍ରାଥମିକତା ପ୍ରଦାନ କରାଯିବ ବୋଲି କେନ୍ଦ୍ର ସରକାରଙ୍କ ପକ୍ଷରୁ କୁହାଯାଇଛି। ସରକାରୀ ଓ ଘରୋଇ କେନ୍ଦ୍ର ଯେଉଁଠୁ ଟିକା ନେଲେ ମଧ୍ୟ ତାହା ଜାତୀୟ ଟିକାକରଣ କାର୍ଯ୍ୟକ୍ରମର ଅଂଶବିଶେଷ ହେବ। ତେଣୁ ସମସ୍ତ ଟିକାକରଣକୁ କୋୱିନ୍ ପ୍ଲାଟଫର୍ମରେ ☞ପୃଷ୍ଠା-୪

## ମନମୋହନ କରୋନା ସଂକ୍ରମିତ, ଏମ୍ସରେ ଭର୍ତ୍ତି



**ନୂଆଦିଲ୍ଲୀ, ୧୯।୪**

ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂ ସୋମବାର କରୋନାରେ ଆକ୍ରାନ୍ତ ହୋଇଛନ୍ତି। ଟେଷ୍ଟ ରିପୋର୍ଟ ପଜିଟିଭ୍ ଆସିବା ପରେ ବରିଷ୍ଠ କଂଗ୍ରେସ ନେତାଙ୍କୁ ଦିଲ୍ଲୀ ଏମ୍ସରେ ଭର୍ତ୍ତି କରାଯାଇଛି। କଂଗ୍ରେସ ନେତା ରାହୁଲ ଗାନ୍ଧୀ ତାଙ୍କ ଦ୍ରୁତ ଆରୋଗ୍ୟ କାମନା କରି ଏକ ଟୁଇଟ୍ କରିଛନ୍ତି। ଏଭଳି କଠିନ ସମୟରେ ଦେଶ ଆପଣଙ୍କ ମାର୍ଗଦର୍ଶନ ଓ ପରାମର୍ଶ ଆବଶ୍ୟକ କରେ ବୋଲି ରାହୁଲ କହିଛନ୍ତି। ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ମଧ୍ୟ ତାଙ୍କ ଆରୋଗ୍ୟ କାମନା କରିଛନ୍ତି। ରବିବାର ମନମୋହନ ସିଂ କରୋନା ସଂକ୍ରମଣ ସଙ୍କଟର ମୁକାବିଲା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ୫ ସୂତ୍ରୀ ପ୍ରସ୍ତାବ ଦେଇ ଚିଠି ଲେଖିଥିଲେ।

**ଆଜିର ସମ୍ପାଦକୀୟ**

ଗୋଟିଏ ବର୍ଷ ବ୍ୟର୍ଥ

# ସର୍ବକାଳୀନ ଦୈନିକ ସଂକ୍ରମଣ

**ଭୁବନେଶ୍ୱର, ୧୯।୪ (ବ୍ୟୁରୋ)**

**୪,୪୪୫ ପଜିଟିଭ୍ ଚିହ୍ନଟ, ୪ ମୃତ**

- ମେ'ରେ ପିକ୍‌କୁ ଯାଇ କମିବ କରୋନା
- ଟିକା ନେଲେ ବି ସଂକ୍ରମଣ ସମ୍ଭାବନା
- ସତର୍କ କଲେ ସ୍ୱାସ୍ଥ୍ୟ ବିଶେଷଜ୍ଞ
- ଟୋଲ୍ ଫ୍ରି ନମ୍ବରକୁ ଆକ୍ଟିଭ କରାଯିବ



ରାଜ୍ୟରେ ବିସ୍ଫୋରକ ରୂପ ନେବାରେ ଲାଗିଛି କରୋନାର ଦ୍ୱିତୀୟ ଲହର। ଦିନକରେ ୨୦% ବୃଦ୍ଧି ପାଇ ରାଜ୍ୟର ସର୍ବକାଳୀନ ରେକର୍ଡ ଭାଙ୍ଗିଛି ସଂକ୍ରମଣ। ଗତବର୍ଷ କରୋନାର ପ୍ରଥମ ପର୍ଯ୍ୟାୟରେ ସେପ୍ଟେମ୍ବର ୨୫ରେ ସଂକ୍ରମଣ ଗ୍ରାଫ୍ ଶୀର୍ଷରେ ପହଞ୍ଚିଥିଲା। ରାଜ୍ୟରେ ସର୍ବାଧିକ ୪,୩୫୬ଜଣ ଆକ୍ରାନ୍ତ ଚିହ୍ନଟ ହୋଇଥିଲେ। ଏବେ ଦ୍ୱିତୀୟ ଲହର ଏହି ରେକର୍ଡକୁ ଭାଙ୍ଗି ଦେଇଛି। ଶନିବାର ୩,୬୭୪ ଆକ୍ରାନ୍ତ ହୋଇଥିବାବେଳେ ଶେଷ ୨୪ ଘଣ୍ଟା ଅର୍ଥାତ୍ ରବିବାର ରାଜ୍ୟରେ ୪,୪୪୫ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ଦୈନିକ ସଂକ୍ରମଣ ୧୦ହଜାର ଟପିବା ନେଇ ଯେଉଁ ଆକଳନ କରୁଥିଲେ, ତାହା ଏବେ ଧୀରେ ଧୀରେ ସତ ହେବାକୁ ଲାଗିଛି।

ପଶ୍ଚିମ ଓଡ଼ିଶାର ସ୍ଥିତି ସଙ୍ଗିନ ରହିଥିବାବେଳେ ଏବେ ଉତ୍ତର ଓ ପୂର୍ବାଞ୍ଚଳ ଜିଲାରେ ସଂକ୍ରମଣ ହୁହୁ ହୋଇ ମାଡ଼ି ଚାଲିଛି। ଚିହ୍ନଟ ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ୨ ଜିଲାରେ ୫୦୦ ଉପରେ ସଂକ୍ରମିତ ରହିଥିବାବେଳେ ୨୦୦ ଉପରେ ୬ଟି ଓ ୧୦୦ ଉପରେ ୫ଟି ଜିଲା ରହିଛି। ସୁନ୍ଦରଗଡ଼ରେ ସର୍ବାଧିକ ୭୨୨ଜଣ ପଜିଟିଭ୍ ଚିହ୍ନଟ ହୋଇଥିବାବେଳେ ଖୋର୍ଦ୍ଧା ୫୮୭, ନୂଆପଡ଼ା ୪୩୭, କଳାହାଣ୍ଡି ୨୭୩, କଟକ ୨୫୧, ସମ୍ବଲପୁର ୨୪୧, ଝାରସୁଗୁଡ଼ା ୨୩୧, ପୁରୀ ୨୧୯, ବରଗଡ଼ ୧୭୮, ବଲାଙ୍ଗୀର ୧୬୮, ନବରଙ୍ଗପୁର ୧୨୭, ବାଲେଶ୍ୱର ୧୨୩, ମୟୂରଭଞ୍ଜରେ ୧୦୦ଜଣ ରହିଛନ୍ତି। ତେବେ ଅନ୍ୟସବୁ ଜିଲାରେ ନୂଆ ପଜିଟିଭ୍ ସଂଖ୍ୟା ଶହେ ତଳକୁ ଥିବାବେଳେ ମାଲକାନଗିରିରେ ସର୍ବନିମ୍ନ ୯ଜଣ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ରାଜ୍ୟରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୩,୭୨,୭୦୩କୁ ବୃଦ୍ଧି ପାଇଛି। ସେହିପରି ୭ଟି ଜିଲା ଏବେ କୋଭିଡ୍ ହଟ୍‌ସ୍ପଟ୍‌ରେ ରହିଛି ଯେଉଁଠାରେ ୧,୦୦୦ ଉପରେ ସକ୍ରିୟ ରୋଗୀ ରହିଛନ୍ତି। ଅନ୍ୟପଟେ ରାଜ୍ୟରେ ଆଉ ୪ଜଣଙ୍କ ଜୀବନ ନେଇଛି କରୋନା। ମୃତକଙ୍କ ମଧ୍ୟରେ ସୁନ୍ଦରଗଡ଼ର ୨ଜଣ ଥିବାବେଳେ କେନ୍ଦୁଝର ଓ ଝାରସୁଗୁଡ଼ାରୁ ଜଣେ ଲେଖାଏ ରହିଛନ୍ତି। ଫଳରେ କରୋନାଜନିତ ମୃତ୍ୟୁ ସଂଖ୍ୟା ୧,୯୪୮ରେ ପହଞ୍ଚିଛି।

ଏପଟେ ସଂକ୍ରମଣ ଆଗାମୀ ସ୍ଥିତିକୁ ନେଇ ସତର୍କ କରିଛନ୍ତି ଡିମ୍‌ଏଇଟି ସିବିକେ ମହାନ୍ତି। ସେ କହିଛନ୍ତି, ଗୋଷ୍ଠୀ ସଂକ୍ରମଣ ଭଳି ଦ୍ୱିତୀୟ ଲହର ଦ୍ରୁତ ଗତିରେ ବଢ଼ୁଛି। ଏହା ମେ' ମାସରେ ପିକ୍‌କୁ ଯାଇ କମିପାରେ। ତେବେ ଅନ୍ୟରାଜ୍ୟ ତୁଳନାରେ ଆମ ରାଜ୍ୟର ବର୍ତ୍ତମାନ ସ୍ଥିତି ବହୁତ ଭଲ ଅଛି। କିନ୍ତୁ ଢିଲା ଛାଡ଼ିଦେବା ଠିକ୍ ନୁହେଁ। ଆଗକୁ ଆକ୍ରାନ୍ତଙ୍କ ସଂଖ୍ୟା ଆହୁରି ବଢ଼ିବ, ସେଥିପାଇଁ ଆମେ ପ୍ରସ୍ତୁତ ରହିବା ☞ପୃଷ୍ଠା-୪

# ପୋଲିସ ଇନ୍‌ଫର୍ମର ସନ୍ଦେହରେ ୨ ଛାତ୍ରଙ୍କୁ ହତ୍ୟା

**ମାଲକାନଗିରି, ୧୯।୪ (ଡି.ଏନ୍.ଏ.)**

**ବର୍ବରତା ସୀମା ଲଂଘିଲେ ମାଓବାଦୀ**

ବର୍ବରତାର ସବୁ ସୀମା ଲଂଘିଛନ୍ତି ମାଓବାଦୀ। ପୂର୍ବରୁ ସେମାନେ ଗ୍ରାମବାସୀ, ଯବାନଙ୍କୁ ହତ୍ୟା ପାଇଁ ଟାର୍ଗେଟ୍ କରୁଥିବା ବେଳେ ଏବେ ୨ଜଣ ନିରୀହ ଛାତ୍ରଙ୍କୁ ପୋଲିସ ଇନ୍‌ଫର୍ମର ସନ୍ଦେହରେ ହତ୍ୟା କରିଛନ୍ତି। ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ର ସୁକ୍‌ମା ଜିଲାରେ ସୋମବାର ଏପରି ଦୁଃଖଦ ଘଟଣା ଘଟିଛି। ମୃତ ଦୁଇ ଛାତ୍ର ହେଲେ ସାଥୀ ହିଡମା ଓ ମାଡକାମି ଅର୍ଜୁନ। ଖବରରୁ ଜଣାପଡ଼ିଛି ଦଶମ ଶ୍ରେଣୀରେ ପଢୁଥିବା ଅର୍ଜୁନ ଏବଂ ଷଷ୍ଠ ଶ୍ରେଣୀରୁ ପାଠ ଛାଡ଼ିଥିବା ହିଡମାଙ୍କୁ ମାଓବାଦୀମାନେ ସୁକ୍‌ମା ଜିଲା ଜଗରଗୁଣ୍ଡା ଥାନା ଅଧୀନ ନିଲମପାଲି ଗ୍ରାମରୁ ରବିବାର ରାତିରେ ☞ପୃଷ୍ଠା-୪

# ଆଜି ବିନା ଭକ୍ତରେ ଗଡ଼ିବ ରୁକୁଣା ରଥ

**ଭୁବନେଶ୍ୱର, ୧୯।୪ (ବ୍ୟୁରୋ)**

ଏବର୍ଷ ଅଶୋକାଷ୍ଟମୀରେ ପ୍ରଭୁ ଶ୍ରୀ ଲିଙ୍ଗରାଜଙ୍କ ରୁକୁଣା ରଥ ମାଉସୀ ମା' ଘରକୁ ଗଡ଼ିବ। କୋଭିଡ୍ କଟକଣା ମଧ୍ୟରେ ସମସ୍ତ ସୁରକ୍ଷା ବ୍ୟବସ୍ଥାକୁ ନଜରରେ ରଖି ବିନା ଭକ୍ତରେ ମଙ୍ଗଳବାର ଅପରାହ୍ନ ସାଢ଼େ ୩ଟାରେ ରଥ ଟଣା ହେବ। ଏଥିପାଇଁ ବିଏମ୍‌ସି ପକ୍ଷରୁ ସ୍ୱତନ୍ତ୍ର ଗାଇଡ୍‌ଲାଇନ ଜାରି କରାଯାଇଥିବାବେଳେ କମିଶନରେଟ ପୋଲିସ ତରଫରୁ ସୁରକ୍ଷା ବ୍ୟବସ୍ଥାକୁ ମଧ୍ୟ କଡ଼ାକଡ଼ି କରାଯାଇଛି। ମଙ୍ଗଳବାର ମଧ୍ୟାହ୍ନରୁ ସନ୍ଧ୍ୟା ପର୍ଯ୍ୟନ୍ତ ରଥ ଦାଣ୍ଡରେ ୧୪୪ ଧାରା ଲାଗୁ କରାଯାଇଛି। ରଥଯାତ୍ରା ପାଇଁ ୧୫ ପ୍ଲାଟୁନ ଫୋର୍ସ ଓ ୫୦ ଅଫିସରଙ୍କୁ ନିଯୁକ୍ତ କରାଯାଇଛି। ରଥଦାଣ୍ଡରେ ଯେପରି ଭକ୍ତଙ୍କ ପ୍ରବେଶକୁ ବାରଣ କରାଯାଇପାରିବ ସେଥିପାଇଁ ସମସ୍ତ ବ୍ୟବସ୍ଥା ଗ୍ରହଣ କରାଯାଇଛି ବୋଲି ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ କହିଛନ୍ତି।

(ସବିଶେଷ ରିପୋର୍ଟ: ପୃଷ୍ଠା-୧୦)

# କଳାବଜାର ବିରୋଧରେ ୨୨ ସ୍କ୍ୱାଡ୍

## କଡ଼ା କାର୍ଯ୍ୟାନୁଷ୍ଠାନ ହେବ: କ୍ରାଇମବ୍ରାଞ୍ଚ ଏଡିଜି

**ଭୁବନେଶ୍ୱର, ୧୯।୪ (ବ୍ୟୁରୋ)**

ସାରା ଦେଶରେ ଏବେ କରୋନାର ଦ୍ୱିତୀୟ ଲହର ସଂକ୍ରମଣ ଭୟଙ୍କର ରୂପ ନେଇଛି। ଏପରି ଘଡିସନ୍ଧି ମୁହୂର୍ତ୍ତରେ କୋଭିଡ୍ ଔଷଧ ଓ ଚିକିତ୍ସା ଉପକରଣର ବେଆଇନ୍ ଗଚ୍ଛିତ ସହ କଳାବଜାର ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ରାଜ୍ୟ ପୋଲିସ। ସୋମବାର ଭୁବନେଶ୍ୱରସ୍ଥିତ ଡିଜିପିଙ୍କ କ୍ୟାମ୍ପ ଅଫିସ୍‌ରେ କ୍ରାଇମବ୍ରାଞ୍ଚର ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଏଡିଜି) ଯଶୋବନ୍ତ ଜେଠୱାଙ୍କ ଅଧ୍ୟକ୍ଷତାରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ବସିଥିଲା। ଏସ୍‌ଟିଏଫ୍ ଡିଆଇଜି ଜୟନାରାୟଣ ପଙ୍କଜଙ୍କ ସମେତ ରାଜ୍ୟ ଡ୍ରଗ୍ସ କଣ୍ଟ୍ରୋଲର୍, ଏସ୍‌ଟିଏଫ୍ ଓ କ୍ରାଇମବ୍ରାଞ୍ଚର ଅଧିକାରୀ ଏବଂ ଡ୍ରଗ୍ସ ଇନ୍ସପେକ୍ଟରଙ୍କ ସହ କୋଭିଡ୍ ସାମଗ୍ରୀ କଳାବଜାର ସଂକ୍ରାନ୍ତରେ ଜେଠ୍‌ୱା ଆଲୋଚନା କରିଥିଲେ। ସଂକ୍ରମଣ ବୃଦ୍ଧି ପାଉଥିବାରୁ ବ୍ୟବସାୟୀମାନେ କଳାବଜାର କରିବା ଆଶଙ୍କା ରହିଛି। ଏପରି ବେଆଇନ କାର୍ଯ୍ୟରେ ଲିପ୍ତ ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଏଡିଜି ଜେଠୱା ଚେତାବନୀ ଦେଇଛନ୍ତି। ଏଥିସହ କଳାବଜାର ରୋକିବାକୁ ଡ୍ରଗ୍ସ ଇନ୍ସପେକ୍ଟର, କ୍ରାଇମବ୍ରାଞ୍ଚ ଓ ସ୍ଥାନୀୟ ପୋଲିସକୁ ନେଇ ୨୨ଟି ସ୍ପେଶାଲ ଫ୍ଲାଇଙ୍ଗ୍ ସ୍କ୍ୱାଡ୍ ଗଠନ କରାଯାଇଛି। କଟକ ଓ ଭୁବନେଶ୍ୱରରେ ୭ଟି ସ୍କ୍ୱାଡ୍ ଓ ରାଜ୍ୟର ବିଭିନ୍ନ ସ୍ଥାନରେ ୧୫ଟି ସ୍କ୍ୱାଡ୍ କାର୍ଯ୍ୟ କରିବ ☞ପୃଷ୍ଠା-୪



## ସଂକ୍ଷେପରେ

### ସିଭିଲ୍ ସର୍ଭିସ୍ ସାକ୍ଷାତ୍କାର, ଇପିଏଫଓ ପରୀକ୍ଷା ସ୍ଥଗିତ

**ନୂଆଦିଲ୍ଲୀ, ୧୯।୪:** ଦେଶର କରୋନା ସ୍ଥିତିକୁ ଦୃଷ୍ଟିରେ ରଖି କେନ୍ଦ୍ରୀୟ ଲୋକସେବା ଆୟୋଗ (ୟୁପିଏସ୍‌ସି) ମଙ୍ଗଳବାର ଓ ଏହା ପରେ ପ୍ରତ୍ୟକ୍ଷ ନିଯୁକ୍ତି ପାଇଁ ହେବାକୁ ଥିବା ସାକ୍ଷାତ୍କାରକୁ ସ୍ଥଗିତ ରଖିଛନ୍ତି। ସାକ୍ଷାତ୍କାରର ପରବର୍ତ୍ତୀ ତାରିଖ ସମ୍ପର୍କରେ ଆୟୋଗ ପକ୍ଷରୁ ପରେ ଜଣାଇ ଦିଆଯିବ ବୋଲି କୁହାଯାଇଛି। ସେହିପରି ଏପ୍ରିଲ ୨୬ରୁ ଜୁନ୍ ୧୮ ମଧ୍ୟରେ ହେବାକୁ ଥିବା ସିଭିଲ୍ ସର୍ଭିସ ପରୀକ୍ଷାର ବ୍ୟକ୍ତିତ୍ୱ ପରୀକ୍ଷା (ସାକ୍ଷାତ୍କାର)କୁ ମଧ୍ୟ ସ୍ଥଗିତ ରଖାଯାଇଛି। ଏନେଇ ଆୟୋଗ ୱେବ୍‌ସାଇଟରେ ବିଜ୍ଞପ୍ତି ପ୍ରକାଶ ପାଇଛି। ସେହିପରି ଇପିଏଫଓରେ ନିଯୁକ୍ତି ପାଇଁ ମେ' ୯ରେ ହେବାକୁ ଥିବା ପରୀକ୍ଷାକୁ ମଧ୍ୟ ଘୁଞ୍ଚାଇ ଦିଆଯାଇଛି। ପରୀକ୍ଷାର ପରବର୍ତ୍ତୀ ତାରିଖ ସମ୍ପର୍କରେ ଉପଯୁକ୍ତ ସମୟରେ ପ୍ରାର୍ଥୀମାନଙ୍କୁ ଜଣାଇ ଦିଆଯିବ।

### କରୋନାରେ ବିଚାରପତିଙ୍କ ମୃତ୍ୟୁ



**ନୂଆଦିଲ୍ଲୀ, ୧୯।୪:** କରୋନାରେ ସଂକ୍ରମିତ ହୋଇଥିବା ଦିଲ୍ଲୀର ଜଣେ ଜିଲା ଜଜ୍ କୋବଇ ବେଣୁଗୋପାଳ(୪୭)ଙ୍କ ସୋମବାର ଏକ ସରକାର ହସ୍ପିଟାଲରେ ମୃତ୍ୟୁ ଘଟିଛି। ସପ୍ତାହେ ପୂର୍ବରୁ କରୋନାରେ ଆକ୍ରାନ୍ତ ହୋଇଥିବା ବେଣୁଗୋପାଳଙ୍କ ସ୍ୱାସ୍ଥ୍ୟାବସ୍ଥା ଜଟିଳ ହେବାରୁ ରବିବାର ତାଙ୍କୁ ଆଇସିୟୁରେ ଭର୍ତ୍ତି କରାଯାଇଥିଲା।

### ବାଂଲାଦେଶରେ ପ୍ରତି ୧୪ ମିନିଟରେ ଜଣେ ମୃତ

**ଢାକା, ୧୯।୪(ଆଇଏଏନ୍‌ଏସ୍):** ବାଂଲାଦେଶରେ କରୋନା ଭୟଙ୍କର ସ୍ଥିତି ସୃଷ୍ଟି କରିଛି। ସେଠାରେ ୩ ଦିନ ହେଲା ପ୍ରତି ୧୪ ମିନିଟରେ ଜଣେ କରୋନାରେ ପ୍ରାଣ ହରାଉଛନ୍ତି। ରବିବାର ୧୦୨ ଜଣଙ୍କ ମୃତ୍ୟୁକୁ ମିଶାଇ ମୋଟ ମୃତ୍ୟୁସଂଖ୍ୟା ୧୦,୩୮୫ରେ ପହଞ୍ଚିଛି। ଶୁକ୍ରବାର ଓ ଶନିବାର ମଧ୍ୟ ଶତାଧିକ ଲୋକଙ୍କର କରୋନାରେ ମୃତ୍ୟୁ ହୋଇଛି।

### ଫିଲ୍ମ ନିର୍ମାତା ସୁମିତ୍ରା ଭାବେଙ୍କ ପରଲୋକ



**ପୁଣେ, ୧୯।୪:** ଲୋକପ୍ରିୟ ମରାଠୀ ଫିଲ୍ମ ନିର୍ମାତା ସୁମିତ୍ରା ଭାବେଙ୍କ ମହାରାଷ୍ଟ୍ରର ଏକ ହସ୍ପିଟାଲରେ ସୋମବାର ପରଲୋକ ଘଟିଛି। ତାଙ୍କୁ ୭୮ ବର୍ଷ ହୋଇଥିଲା। ପ୍ରାୟ ୨ ମାସ ହେଲା ସେ ଫୁସ୍‌ଫୁସ୍ ଜନିତ ରୋଗରେ ପୀଡ଼ିତ ଥିଲେ। ଫିଲ୍ମ ଜଗତରେ ଉଲ୍ଲେଖନୀୟ ଅବଦାନ ପାଇଁ ସେ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ପୁରସ୍କୃତ ହୋଇଛନ୍ତି। ୧୯୮୫ରେ ତାଙ୍କ ଫିଲ୍ମ 'ବାଇ' ଏକାଧିକ ଜାତୀୟ ପୁରସ୍କାର ହାତେଇଥିଲା। ପରେ ସୁମିତ୍ରା ଏବଂ ସୁନୀଲ ସୁକ୍‌ଥାନକରଙ୍କ 'ଦୋଘି' ଜାତୀୟ ଫିଲ୍ମ ପୁରସ୍କାର ପାଇଥିଲା। ସେ ଜଣେ ନ୍ୟୁଜରିଡର ମଧ୍ୟ ଥିଲେ।

### ସଂକ୍ରମିତ ବୃଦ୍ଧଙ୍କୁ ଏକା ଛାଡ଼ିଦେଲେ ପରିବାର

**ନୂଆଦିଲ୍ଲୀ, ୧୯।୪:** କରୋନାରେ ସଂକ୍ରମିତ ହୋଇଥିବା ଜଣେ ୮୦ ବର୍ଷୀୟ ବ୍ୟକ୍ତିଙ୍କୁ ପରିବାର ଲୋକେ ଛାଡ଼ି ପଳାଇବା ପରେ ଦିଲ୍ଲୀ ପୋଲିସ ତାଙ୍କୁ ଉଦ୍ଧାର କରିଛି। ପୁରୁଣା ରାଜେନ୍ଦ୍ର ନଗର ଅଞ୍ଚଳର ମୁରଲୀଧରଙ୍କୁ କରୋନା ହେବା ପରେ ସଂକ୍ରମଣ ଭୟରେ ପରିବାର ଲୋକେ ତାଙ୍କୁ ଘରେ ଏକୁଟିଆ ଛାଡ଼ି ଦେଇଥିଲେ। ଖବରପାଇ ଦିଲ୍ଲୀ ପୋଲିସର ଜଣେ କନଷ୍ଟେବଲ ସେଠାରେ ପହଞ୍ଚିବା ପରେ ମୁରଲୀଧର ଜଣେ ଅବସରପ୍ରାପ୍ତ ସିଆଇଡି ଅଫିସର ବୋଲି ଜାଣିବାକୁ ପାଇଥିଲେ। ସେ ତାଙ୍କ ଘର ଆଗରେ ଏକ ପୋଷ୍ଟର ମାରିଥିଲେ ଯେଉଁଥିରେ ଲେଖା ଯାଇଥିଲା, 'ଯଦି ମୁଁ ମରିଯାଏ ତେବେ ମୋ ମୃତଦେହ ପୋଲିସକୁ ହସ୍ତାନ୍ତର କରିଦେବା' ଉଦ୍ଧାର ପରେ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

## ମଙ୍ଗଳରେ ଉଡ଼ିଲା ହେଲିକପ୍ଟର



ପୃଥିବୀ ବାହାରେ କୌଣସି ଦ୍ୱିତୀୟ ଗ୍ରହରେ ହେଲିକପ୍ଟର ଉଡ଼ାଇବାରେ ସଫଳ ହୋଇଛି ଆମେରିକା ମହାକାଶ ଗବେଷଣା ସଂସ୍ଥା ନାସା। ସୋମବାର ମଙ୍ଗଳ ମାଟିରେ ଇନ୍‌ଜେନ୍ୟୁଟି ମାର୍ସ ହେଲିକପ୍ଟର ସଫଳତାର ସହ ଉଡ଼ାଣ ଭରିଛି। ଲୋହିତ ଗ୍ରହରେ ଜୀବସତ୍ତା ସନ୍ଧାନ ପାଇଁ ଫେବୃୟାରୀ ୧୮ରେ ନାସା ପର୍ସିଭରେନ୍ସ ରୋଭର ସହ ଲୋହିତ ଗ୍ରହକୁ ଏହି ହେଲିକପ୍ଟର ପଠାଇଥିଲା। ପ୍ରାୟ ୬ ବର୍ଷର ଉଦ୍ୟମ ପରେ ମଙ୍ଗଳର ଧୂଳିଭର୍ତ୍ତି ମାଟିରେ ଫ୍ଲାଇଟ୍ ଟେଷ୍ଟିଂର ଲାଇଭ୍ ଟେଲିକାଷ୍ଟ କରାଯାଇଥିଲା। ଏହି ହେଲିକପ୍ଟରର ଓଜନ ୪ ପାଉଣ୍ଡ ବା ୧.୮ କେଜି, ଲମ୍ବ ୧.୬ ଫୁଟ। ଏଥିରେ ବ୍ୟାଟେରି, ହିଟର ସହ ସେନ୍ସର ମଧ୍ୟ ଲଗାଯାଇଛି। ଏହାର ଉପରେ ସୋଲାର ପ୍ୟାନେଲ ରହିଛି, ଯାହା ସୂର୍ଯ୍ୟାଲୋକ ଦ୍ୱାରା ଚାର୍ଜ ହୋଇଥାଏ। ରୋଟରକ୍ରାଫ୍ଟର ଉଡ଼ାଣ ପାଇଁ ନାସା ଏକ ସମତଳ ଭୂମି ବାଛିଥିଲା।

## ବୋରିସ୍‌ଙ୍କ ଭାରତ ଗସ୍ତ ବାତିଲ



ବ୍ରିଟେନ ପ୍ରଧାନମନ୍ତ୍ରୀ ବୋରିସ୍ ଜନ୍‌ସନ୍‌ଙ୍କ ଭାରତ ଗସ୍ତ ବାତିଲ ହୋଇଛି। ଆସନ୍ତା ୨୫ ତାରିଖରେ ବୋରିସ୍ ଭାରତ ଆସିବାର କାର୍ଯ୍ୟକ୍ରମ ଥିବାବେଳେ କରୋନା ସଂକ୍ରମଣ ବୃଦ୍ଧିକୁ ଦୃଷ୍ଟିରେ ରଖି ଏହି ନିଷ୍ପତ୍ତି ନିଆଯାଇଥିବା ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଭାରତ-ବ୍ରିଟେନ୍ ମଧ୍ୟରେ ବିଭିନ୍ନ କ୍ଷେତ୍ରରେ ସହଭାଗିତା ଉପରେ ଯୋଜନା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ବୋରିସ୍ ଭର୍ଚୁଆଲ ବୈଠକରେ ଆଲୋଚନା କରିବେ। ଏହା ପୂର୍ବରୁ ଜାନୁୟାରୀ ୨୬ ସାଧାରଣତନ୍ତ୍ର ଦିବସରେ ବୋରିସ୍ ମୁଖ୍ୟ ଅତିଥି ଭାବେ ଯୋଗଦେବାର କାର୍ଯ୍ୟକ୍ରମ ଥିଲେ ହେଁ କୋଭିଡ୍ ସଂକ୍ରମଣ କାରଣରୁ ତାହା ମଧ୍ୟ ବାତିଲ ହୋଇଥିଲା।

# ଦିଲ୍ଲୀ, ରାଜସ୍ଥାନରେ ଲକ୍‌ଡାଉନ

ନୂଆଦିଲ୍ଲୀ/ଜୟପୁର, ୧୯।୪

ଦିଲ୍ଲୀ ଓ ରାଜସ୍ଥାନରେ କରୋନା ସ୍ଥିତି ଅଣାୟତ୍ତ ହୋଇପଡ଼ିଥିବାରୁ ସୋମବାର ଉଭୟ ରାଜ୍ୟରେ ଲକ୍‌ଡାଉନ ଘୋଷଣା କରାଯାଇଛି। ଦିଲ୍ଲୀରେ ସୋମବାର ରାତି ୧୦ଟାରୁ ଆସନ୍ତା ସୋମବାର ସକାଳ ୫ଟା ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ଲକ୍‌ଡାଉନ ଘୋଷଣା ହୋଇଛି। ସେହିପରି ରାଜସ୍ଥାନରେ ୧୫ ଦିନ ଲକ୍‌ଡାଉନ କରାଯାଇଛି। ବଢ଼ିଚାଲିଥିବା କରୋନା ସଙ୍କଟର ମୁକାବିଲା କରିବାରେ ସମ୍ଭଳ ଚିନ୍ତାଜନକ ସ୍ଥିତିରେ ଥିବାରୁ ଲକ୍‌ଡାଉନ ଘୋଷଣା କରିବା ଜରୁରୀ ହୋଇପଡିଛି ବୋଲି ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ କହିଛନ୍ତି। ଲକ୍‌ଡାଉନ ସମୟରେ କେବଳ ଅତ୍ୟାବଶ୍ୟକ ସେବା ଉପଲବ୍ଧ ହେବ। ଏବେ ଲକ୍‌ଡାଉନ ଲାଗୁ ନ କଲେ ଆହୁରି ବଡ଼ ବିପର୍ଯ୍ୟୟର ସାମ୍ନା କରିବାକୁ ପଡ଼ିବ। ସ୍ଥିତିକୁ ବିଚାରକୁ ନେଇ ଆମେ ଏଭଳି କଠୋର ନିଷ୍ପତ୍ତି ନେବାକୁ ବାଧ୍ୟ ହେଲୁ ବୋଲି କେଜ୍‌ରିୱାଲ କହିଛନ୍ତି।

ଦିଲ୍ଲୀରେ ଦୈନିକ ୨୫ ହଜାର ଲୋକ ସଂକ୍ରମିତ ହେଉଥିବାବେଳେ ଆଇସିୟୁ ବେଡ୍ ସମ୍ପୂର୍ଣ୍ଣ ଶେଷ ହୋଇଗଲାଣି। ସହରରେ ଅକ୍ସିଜେନ୍ ସଙ୍କଟ ଗମ୍ଭୀର ସ୍ଥିତିରେ। ଶନିବାର ରାତିରେ ଗୋଟିଏ ଘରୋଇ ହସ୍ପିଟାଲରେ ଅକ୍ସିଜେନ ଶେଷ ହୋଇଯାଇଛି। ୬ ଦିନ ଲକ୍‌ଡାଉନ ସମୟରେ ବେଡ୍ ଓ ଯୋଗାଣ ବଢ଼ାଇବା ପାଇଁ ଉଦ୍ୟମ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଅଳ୍ପଦିନ ପାଇଁ ଲକ୍‌ଡାଉନ ହେଉଥିବାରୁ ପ୍ରବାସୀ ଶ୍ରମିକମାନେ ଦିଲ୍ଲୀ ଛାଡ଼ି ନ ଯିବା ପାଇଁ କେଜ୍‌ରିୱାଲ ଅନୁରୋଧ କରିଛନ୍ତି। ଲକ୍‌ଡାଉନ ସମୟରେ ସବୁ ଘରୋଇ ଅଫିସ କର୍ମଚାରୀ ଘରେ ରହି କାମ କରିବେ। କେବଳ ସରକାରୀ ଅଫିସ ତଥା ଜରୁରୀ ସେବା ଖୋଲା ରହିବ। ତେଜରାତି, ପରିବା, ଖାଦ୍ୟ ଓ ମେଡିସିନ ଦୋକାନ ଖୋଲା ରହିବ। ସେହିପରି ବ୍ୟାଙ୍କ, ଏଟିଏମ୍ ଏବଂ ବୀମା ଅଫିସ ଖୋଲା ରହିବା ସହ ହୋମ୍ ଡେଲିଭରି ସେବା ଜାରି କରିବ।

ଦିଲ୍ଲୀରେ ଗତ ୩ ଦିନରେ ପାଖାପାଖି ୭୦ ହଜାର ସଂକ୍ରମିତ ହେଲେଣି। କୋଭିଡ୍ ପରୀକ୍ଷା କରୁଥିବା ପ୍ରତି ୩ ଜଣରେ ଜଣେ ପଜିଟିଭ୍ ଚିହ୍ନଟ ହେଉଛନ୍ତି। ସଂକ୍ରମଣ ଶୃଙ୍ଖଳ ଭାଙ୍ଗିବା ପାଇଁ ପୂର୍ବରୁ ଦିଲ୍ଲୀରେ ସପ୍ତାହାନ୍ତ କର୍ଫ୍ୟୁ ଜାରି ହୋଇଥିଲା। ଲକ୍‌ଡାଉନ ଘୋଷଣା କରିବା ପୂର୍ବରୁ କେଜ୍‌ରିୱାଲ ଉପରାଜ୍ୟପାଳ ଅନିଲ ବୈଜାଲଙ୍କୁ ଭେଟିଥିଲେ।



ଅରବିନ୍ଦ କେଜ୍‌ରିୱାଲ

କରୋନା ସଂକ୍ରମଣ ଅତ୍ୟଧିକ ବଢୁଥିବାରୁ ରାଜସ୍ଥାନ ସରକାର ସୋମବାରଠାରୁ ମେ' ୩ ପର୍ଯ୍ୟନ୍ତ ୧୫ ଦିନିଆ ଲକ୍‌ଡାଉନ ଘୋଷଣା କରିଛନ୍ତି। ଏଥିପାଇଁ ଗୃହ ବିଭାଗ ପକ୍ଷରୁ ନୂଆ ଗାଇଡ୍ ଲାଇନ ଜାରି କରାଯାଇଛି। ଜନଶୃଙ୍ଖଳା ପକ୍ଷ ନାମରେ ଏହି ଲକ୍‌ଡାଉନ ବେଳେ ଅତ୍ୟାବଶ୍ୟକ ସେବାକୁ ବାଦ୍ ଦେଲେ ଅନ୍ୟ ସମସ୍ତ ଅଫିସ ବନ୍ଦ ରହିବ। ତେଜରାତି, ପନିପରିବା ଦୋକାନ, ପେଟ୍ରୋଲ ପମ୍ପ ପ୍ରତ୍ୟହ ନିର୍ଦ୍ଦିଷ୍ଟ ସମୟ ପାଇଁ ଖୋଲାରହିବ। ସାଧାରଣ ପରିବହନ ଏବଂ କଳାକାରଖାନା ଚାଲୁ ରହିବ ବୋଲି କୁହାଯାଇଛି। ତେବେ ବଜାର, ମଲ୍, ଶପିଂ କମ୍ପ୍ଲେକ୍ସ, ସିନେମା ହଲ୍, ଉପସନା ସ୍ଥଳ, ଶିକ୍ଷାନୁଷ୍ଠାନ ଆଦି ବନ୍ଦ ରହିବ।

### ଅତ୍ୟାବଶ୍ୟକ ସେବା ଜାରି ରହିବ

## ଦିନକରେ ୨.୭୩ ଲକ୍ଷ ସଂକ୍ରମିତ

ନୂଆଦିଲ୍ଲୀ, ୧୯।୪(ପି.ଟି.)

ଭାରତରେ ଗୋଟିଏ ଦିନରେ ୨,୭୩,୮୧୦ ଜଣ ସଂକ୍ରମିତ ହୋଇଛନ୍ତି। ଏହାକୁ ମିଶାଇ ମୋଟ ସଂକ୍ରମିତଙ୍କ ସଂଖ୍ୟା ୧.୫୦ କୋଟି ଅତିକ୍ରମ କରିଛି। ସେହିପରି ସକ୍ରିୟ ମାମଲା ସଂଖ୍ୟା ୧୯ ଲକ୍ଷ ଟପିଥିବା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ତଥ୍ୟରୁ ଜଣାପଡ଼ିଛି।

ସୋମବାର ସକାଳ ସୁଦ୍ଧା ଦେଶରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧,୫୦,୬୧,୯୧୯ରେ ପହଞ୍ଚିଥିବାବେଳେ ମୋଟ ମୃତ୍ୟୁସଂଖ୍ୟା ୧,୭୮,୭୬୯ ହୋଇଛି। ଗତ ୨୪ ଘଣ୍ଟାରେ କରୋନା ୧,୬୧୯ ଜଣଙ୍କ ଜୀବନ ନେଇଛି। କ୍ରମାଗତ ୪୦ ଦିନ ହେଲା ଦେଶରେ ସଂକ୍ରମଣ ଦ୍ରୁତ ବେଗରେ ବଢ଼ିଚାଲିଥିବାବେଳେ ସକ୍ରିୟ ମାମଲା ସଂଖ୍ୟା ୧୯,୨୯,୩୨୯ରେ ପହଞ୍ଚିଲାଣି, ଯାହା କି ମୋଟ ସଂକ୍ରମଣର୧୨.୮୧ ପ୍ରତିଶତ। ବର୍ତ୍ତମାନ ସୁଦ୍ଧା ମୋଟ ସଂକ୍ରମିତଙ୍କ ମଧ୍ୟରୁ ୮୬ ପ୍ରତିଶତ ସୁସ୍ଥ ହୋଇଛନ୍ତି।

## ମଦଦୋକାନରେ ଅସମ୍ଭାଳ ଭିଡ଼

ନୂଆଦିଲ୍ଲୀ, ୧୯।୪

ଦ୍ରୁତ ସଂକ୍ରମଣ ରୋକିବାକୁ ଦିଲ୍ଲୀ ସରକାର ସୋମବାର ରାତିରୁ ଏପ୍ରିଲ ୨୬ ପର୍ଯ୍ୟନ୍ତ ଲକ୍‌ଡାଉନ ଘୋଷଣା କରିବା ପରେ ହଜାର ହଜାର ସଂଖ୍ୟାରେ ପ୍ରବାସୀ ନିଜ ରାଜ୍ୟକୁ ଫେରିବା ଲାଗି ବସ୍‌ଷ୍ଟାଣ୍ଡ ଓ ରେଳ ଷ୍ଟେଶନରେ ଭିଡ଼ ଲଗାଇଥିଲେ। ବିଭିନ୍ନ ମଦ ଦୋକାନରେ ମଧ୍ୟ ଅସମ୍ଭାଳ ଭିଡ଼ ଦେଖିବାକୁ ମିଳିଥିଲା। ଲକ୍‌ଡାଉନବେଳେ ଜରୁରୀସେବା ବ୍ୟତୀତ ସମସ୍ତ ବଜାର ସମେତ ମଦ କାଉଣ୍ଟର ମଧ୍ୟ ବନ୍ଦ ରହିବ ବୋଲି ଘୋଷଣା କରାଯାଇଛି। ଏହି ନିର୍ଦ୍ଦେଶନାମାର କିଛି ସମୟ ପରେ ହଠାତ୍ ବିଭିନ୍ନ ମଦ କାଉଣ୍ଟରରେ ଲୋକେ ଜମା ହୋଇଯାଇଥିଲେ। ଦିଲ୍ଲୀର ଦରିଆଗଞ୍ଜ, କାରୋଲବାଗ୍, ଗୋଲ ମାର୍କେଟ, ଖାନ ମାର୍କେଟ ଆଦିଠାରେ ଲୋକେ ମଦ ଦୋକାନ ଆଗରେ ଭିଡ଼ ଲଗାଇଥିଲେ। କରୋନା କଟକଣା ନ ମାନି କାଉଣ୍ଟର ସାମ୍ନାରେ ଗହଳି କରିବା ସହ ସାମାଜିକ ଦୂରତା ରକ୍ଷା ସମ୍ପୂର୍ଣ୍ଣ ଭୁଲି ଯାଇଥିଲେ। ଏପରିକି ଅନେକେ ଠିକ୍ ଭାବେ ମାସ୍କ ମଧ୍ୟ ପିନ୍ଧି ନ ଥିବା ଦେଖିବାକୁ ମିଳିଥିଲା। କେତେକ ପୂରା କାର୍ଟୁନ ମଦ ବୋହି ନେଉଥିବା ଦେଖିବାକୁ ମିଳିଥିଲା। ପୋଲିସ ପହଞ୍ଚି ଗହଳି ହଟାଇବାକୁ ଉଦ୍ୟମ କରିଥିଲା।






ଲକ୍ଷ୍ନୌରେ ଦ୍ୱିତୀୟ ପର୍ଯ୍ୟାୟ ପଞ୍ଚାୟତ ନିର୍ବାଚନ ଚାଲିଥିବାବେଳେ ଭୋଟରମାନେ ମତଦାନ ପାଇଁ ଧାଡ଼ିରେ ଛିଡା ହୋଇଛନ୍ତି।

## ବଡ଼ ରାଲି ବାତିଲ କଲେ ମମତା

କୋଲକାତା, ୧୯।୪(ଆଇଏଏନ୍‌ଏସ୍)

କରୋନା ସଂକ୍ରମଣ ବଢୁଥିବାରୁ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ତଥା ତୃଣମୂଳ କଂଗ୍ରେସ ନେତ୍ରୀ ମମତା ବାନାର୍ଜୀ କୋଲକାତାରେ କରିବାକୁ ଥିବା ସମସ୍ତ ବଡ଼ ରାଲିକୁ ବାତିଲ କରିଦେଇଛନ୍ତି। ସେହିପରି ବିଭିନ୍ନ ଜିଲାରେ ରାଲି ସମୟକୁ ମଧ୍ୟ କାଟଛାଣ୍ଟ କରିଛନ୍ତି ଟିଏମ୍‌ସି ଅଧକ୍ଷା। ସେ ପ୍ରତିଦିନ ଗୋଟିଏ ସଭାରେ ଯୋଗଦେବେ। କୋଲକାତାରେ ଦଳୀୟ ସହକର୍ମୀମାନଙ୍କୁ ମଧ୍ୟ ପ୍ରଚାର କାଟଛାଣ୍ଟ କରିବା ଲାଗି ସେ ଅନୁରୋଧ କରିଛନ୍ତି। ସେଠାରେ ଏପ୍ରିଲ ୨୬ ଓ ୨୯ରେ ଭୋଟଗ୍ରହଣ ହେବ।

## ଭୂତାଣୁ କବଳରେ ସ୍ୱାସ୍ଥ୍ୟକର୍ମୀ

ଲକ୍ଷ୍ନୌ, ୧୯।୪

କରୋନା ସହ ଲଢ଼େଇରେ ଡାକ୍ତର, ସ୍ୱାସ୍ଥ୍ୟକର୍ମୀ ପ୍ରମୁଖ ଯୋଦ୍ଧା ହୋଇଥିଲେ ହେଁ ସେମାନେ ମଧ୍ୟ ଭୂତାଣୁ କବଳରୁ ବାଦ୍ ପଡ଼ିନାହାନ୍ତି। ଆକ୍ରାନ୍ତଙ୍କୁ ଚିକିତ୍ସା ଯୋଗାଉଥିବା ଡାକ୍ତର, ହସ୍ପିଟାଲ ଷ୍ଟାଫ୍, ନର୍ସ, ଟେକ୍ନିସିଆନ, ୱାର୍ଡ ବଏଙ୍କ ସମେତ ଅନେକ ସ୍ୱାସ୍ଥ୍ୟକର୍ମୀ କରୋନାରେ ସଂକ୍ରମିତ ହେବା ସଙ୍କଟ ଆହୁରି ବଢ଼ାଇଛି। ଉତ୍ତରପ୍ରଦେଶର ଲକ୍ଷ୍ନୌସ୍ଥିତ କେଜିଏମ୍‌ୟୁ ହସ୍ପିଟାଲର ୩୦ ପ୍ରତିଶତରୁ ଅଧିକ କର୍ମଚାରୀ ଆକ୍ରାନ୍ତ ହୋଇଛନ୍ତି। ୧୪ ଦିନିଆ କୋଭିଡ୍ ଡ୍ୟୁଟିରେ ଯାଉଥିବା ସ୍ୱାସ୍ଥ୍ୟକର୍ମୀଙ୍କ ମଧ୍ୟରୁ ଏକ ଚତୁର୍ଥାଂଶ ସଂକ୍ରମିତ ହୋଇ ଫେରୁଥିବା ହସ୍ପିଟାଲ ପକ୍ଷରୁ କୁହାଯାଇଛି। ସେହିପରି ରାମ ମନୋହର ଲୋହିଆ ମେଡିକାଲରେ ୨ ହଜାର ଷ୍ଟାଫ୍‌ଙ୍କ ମଧ୍ୟରୁ ୬୦୦ ଜଣ ସଂକ୍ରମିତ ହେଲେଣି। ବଳରାମପୁର ହସ୍ପିଟାଲରେ ପ୍ରତି ୭୨ ଘଣ୍ଟାରେ ୨୪ ସ୍ୱାସ୍ଥ୍ୟକର୍ମୀ କରୋନା ପଜିଟିଭ୍ ବାହାରୁଥିବା ଡାକ୍ତରଖାନା କର୍ତ୍ତୃପକ୍ଷ କହିଛନ୍ତି। ସର୍ବାଧିକ ସଂକ୍ରମିତ ରାଜ୍ୟ ମଧ୍ୟରେ ଉତ୍ତରପ୍ରଦେଶ ରହିଛି। ଫଳରେ ଆଗାମୀ ଦିନରେ ସ୍ୱାସ୍ଥ୍ୟକର୍ମୀଙ୍କ ଅଭାବ ରୋଗୀଙ୍କୁ ଚିକିତ୍ସା ଯୋଗାଇବାରେ ଆଉ ଏକ ବଡ଼ ସମସ୍ୟା ହୋଇ ଉଭା ହେବ ବୋଲି ହସ୍ପିଟାଲଗୁଡ଼ିକ ଆଶଙ୍କା କରିଛନ୍ତି।



## ପାର୍ଲାମେଣ୍ଟର ସ୍ୱତନ୍ତ୍ର ଅଧିବେଶନ ଡକାଯାଉ: ସଞ୍ଜୟ ରାଉତ

ମୁମ୍ବାଇ, ୧୯।୪

ସାରା ଦେଶରେ କରୋନା ସଂକ୍ରମଣ ଦ୍ରୁତ ବେଗରେ ବଢ଼ିଚାଲିଛି। କୋଭିଡ୍ ସ୍ଥିତି ଉପରେ ଆଲୋଚନା ଲାଗି କେନ୍ଦ୍ର ସରକାର ପାର୍ଲାମେଣ୍ଟର ଦୁଇଦିନିଆ ସ୍ୱତନ୍ତ୍ର ଅଧିବେଶନ ଡାକିବାକୁ ଶିବସେନା ନେତା ସଞ୍ଜୟ ରାଉତ୍ ସୋମବାର ଦାବି କରିଛନ୍ତି। ଏନେଇ ସେ ରବିବାରଠାରୁ ବିଭିନ୍ନ ଦଳର ପ୍ରମୁଖ ନେତାମାନଙ୍କ ସହ ଆଲୋଚନା କରିଥିବା କହିଛନ୍ତି। ବିଭିନ୍ନ ଦେଶରେ ସ୍ଥିତି ନିୟନ୍ତ୍ରଣ ବାହାରକୁ ଚାଲିଗଲାଣି। ସବୁଠି ଜୁଇ ଜଳୁଛି। ଶବ ପୋଡ଼ିବାକୁ ଜାଗା ମିଳୁନାହିଁ। ଦେଶରେ ଭୟଙ୍କର ସ୍ଥିତି ଉପୁଜିଲାଣି। ଏଭଳି ସ୍ଥିତିରେ କେନ୍ଦ୍ର ସରକାର ଅନ୍ୟୂନ ୨ ଦିନ ପାଇଁ ପାର୍ଲାମେଣ୍ଟର ସ୍ୱତନ୍ତ୍ର ଅଧିବେଶନ ଡାକି ଆଲୋଚନା କରନ୍ତୁ। ଏଥିରେ ପ୍ରଧାନମନ୍ତ୍ରୀ, ସ୍ୱାସ୍ଥ୍ୟମନ୍ତ୍ରୀ, ସ୍ୱରାଷ୍ଟ୍ରମନ୍ତ୍ରୀ ସେମାନଙ୍କ ମତାମତ ରଖିବା ସହ ସବୁ ରାଜ୍ୟର ଏମ୍‌ପିମାନେ ସେମାନଙ୍କ ନିର୍ବାଚନମଣ୍ଡଳୀର ସ୍ଥିତି ସମ୍ପର୍କରେ ଆଲୋଚନା କରନ୍ତୁ ବୋଲି ଶିବସେନା ନେତା କହିଛନ୍ତି।



## ଦ୍ୱିତୀୟ ଲହରରେ ବୟସ୍କ ଅଧିକ ଅସୁରକ୍ଷିତ

ନୂଆଦିଲ୍ଲୀ, ୧୯।୪(ପି.ଟି.)

- ୭୦% ସଂକ୍ରମିତଙ୍କ ବୟସ ୪୦ବର୍ଷରୁ ଅଧିକ
- ଶ୍ୱାସକ୍ରିୟାରେ କଷ୍ଟ ଯୋଗୁ ଦ୍ୱିତୀୟ ଲହରରେ ଅକ୍ସିଜେନ୍ ଅଧିକ ଲାଗୁଛି



କରୋନାର ପ୍ରଥମ ଲହର ଭଳି ଦ୍ୱିତୀୟ ଲହର ମଧ୍ୟ ବୟସ୍କଙ୍କ ପାଇଁ ଅଧିକ ବିପଜ୍ଜନକ ସାବ୍ୟସ୍ତ ହୋଇଛି। କାରଣ ୭୦ ପ୍ରତିଶତରୁ ଊର୍ଦ୍ଧ୍ୱ କୋଭିଡ୍ ରୋଗୀଙ୍କ ବୟସ ୪୦ ବର୍ଷରୁ ଅଧିକ ବୋଲି ଜଣାପଡ଼ିଥିବା ସ୍ୱାସ୍ଥ୍ୟ ବିଶେଷଜ୍ଞ କହିଛନ୍ତି। ଏ ସମ୍ପର୍କରେ ଗଣମାଧ୍ୟମକୁ ସୂଚନା ଦେଇ ଆଇସିଏମ୍‌ଆର ମହାନିର୍ଦ୍ଦେଶକ ବଳରାମ ଭାର୍ଗବ କହିଛନ୍ତି, ହସ୍ପିଟାଲରେ ଭର୍ତ୍ତି ହେଉଥିବା କରୋନା ରୋଗୀଙ୍କ ମୃତ୍ୟୁକୁ ନେଇ ପ୍ରଥମ ଓ ଦ୍ୱିତୀୟ ଲହର ମଧ୍ୟରେ କୌଣସି ପାର୍ଥକ୍ୟ ନାହିଁ। ତେବେ ଦ୍ୱିତୀୟ ଲହରର କରୋନା ରୋଗୀଙ୍କ ପାଇଁ ଅଧିକ ଅକ୍ସିଜେନ ଆବଶ୍ୟକତା ପଡୁଥିବାବେଳେ ଭେଣ୍ଟିଲେଟର ଆବଶ୍ୟକତା ସେତେ ଅଧିକ ପଡୁନାହିଁ। ମେଡିକାଲ ଅକ୍ସିଜେନ୍ ଆବଶ୍ୟକତା ବଢ଼ିଥିବାରୁ କେତେକ ରାଜ୍ୟରେ ଅଭାବ ଦେଖାଦେଇଥିବା ସରକାର କହିଛନ୍ତି।

ଦ୍ୱିତୀୟ ଲହରର ରୋଗୀଙ୍କ କ୍ଷେତ୍ରରେ ନିଃଶ୍ୱାସ ନେବାରେ କଷ୍ଟ ଅନୁଭବ କରିବା ଘଟଣା ଅଧିକ ଦେଖାଯାଉଛି। କିନ୍ତୁ ଗଳା ଦରଜ ହେବା, ଶୁଖିଲା କାଶ ଏବଂ ଅନ୍ୟ ଲକ୍ଷଣ ପ୍ରଥମ ଲହରରେ ଅଧିକ ଥିଲା ବୋଲି ଭାର୍ଗବ କହିଛନ୍ତି। ପ୍ରଥମ ଲହରରେ ୪୧.୫ ପ୍ରତିଶତ ରୋଗୀ ଅକ୍ସିଜେନ୍ ଆବଶ୍ୟକ କରୁଥିଲାବେଳେ ଦ୍ୱିତୀୟ ଲହରରେ ୫୪.୫ ପ୍ରତିଶତ ରୋଗୀଙ୍କୁ ଅକ୍ସିଜେନ ଦେବାକୁ ପଡୁଛି। ପ୍ରଥମ ଲହରର ୭,୬୦୦ ରୋଗୀ ଏବଂ ଦ୍ୱିତୀୟ ଲହରର ୧,୮୮୫ ରୋଗୀଙ୍କୁ ନେଇ କରାଯାଇଥିବା ଅଧ୍ୟୟନରୁ ଉପରୋକ୍ତ ସୂଚନା ମିଳିଥିବା ଆଇସିଏମ୍‌ଆର ପକ୍ଷରୁ କୁହାଯାଇଛି। ପ୍ରଥମ ଲହରରେ ୩୧ ପ୍ରତିଶତ ରୋଗୀଙ୍କ ବୟସ ୩୦ ବର୍ଷରୁ କମ୍ ଥିଲା। ଦ୍ୱିତୀୟ ଲହରରେ ୩୨ ପ୍ରତିଶତଙ୍କ ବୟସ ୩୦ ବର୍ଷରୁ କମ୍ ଥିବା ଜଣାଯାଇଛି ବୋଲି ନୀତି ଆୟୋଗ ସଦସ୍ୟ (ସ୍ୱାସ୍ଥ୍ୟ) ଭି.କେ. ପଲ୍ କହିଛନ୍ତି। କେବଳ ହସ୍ପିଟାଲରେ ଭର୍ତ୍ତି ହୋଇଥିବା ଓ ମଧ୍ୟମ ଅସୁସ୍ଥ ଥିବା ରୋଗୀଙ୍କୁ ରେମ୍‌ଡେସିଭିର ଦେବା ପାଇଁ ପଲ୍ କହିଛନ୍ତି। ଘରେ ଥିବା ରୋଗୀଙ୍କୁ ଏହି ଇଞ୍ଜେକ୍ସନ ନ ଦେବା ଲାଗି ସେ ପରାମର୍ଶ ଦେଇଛନ୍ତି।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୧୪,୨୪,୫୨,୬୨୮ | ୩୦,୩୭,୮୩୫ | ୧୨,୦୯,୦୩,୯୩୧ |
| ଭାରତ | ୧,୫୨,୬୯,୬୬୬ | ୧,୮୦,୦୬୯ | ୧,୩୦,୬୬,୬୬୬ |
| ଓଡ଼ିଶା | ୩,୭୨,୭୦୩ | ୧୯୪୮(+୫୩) | ୩,୪୭,୬୩୭ |

ସୋମବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

**ସଂକ୍ଷେପରେ**

## ପିପିଲି ଉପନିର୍ବାଚନ: ରାଲି, ସଭାସମିତି କରିବନି ବିଜେଡି



ଭୁବନେଶ୍ୱର,୧୯।୪(ବ୍ୟୁରୋ): ରାଜ୍ୟରେ କୋଭିଡ୍-୧୯ ସଂକ୍ରମଣ ବଢ଼ିଚାଲିଛି। ଏହାକୁ ଦୃଷ୍ଟିରେ ରଖି ବିଜୁ ଜନତା ଦଳ(ବିଜେଡି) ଆସନ୍ତା ପିପିଲି ଉପନିର୍ବାଚନ ପାଇଁ ରାଜନୈତିକ ଶୋଭାଯାତ୍ରା ଓ ସଭାସମିତି ନ କରିବାକୁ ନିଷ୍ପତ୍ତି ନେଇଛି। ସୋମବାର ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକ ଟୁଇଟ୍ କରି ଏହି ସୂଚନା ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ଟୁଇଟ୍‌ରେ କହିଛନ୍ତି, ବିଜେଡି ଏକ ଦାୟିତ୍ୱସମ୍ପନ୍ନ ରାଜନୈତିକ ଦଳ। ଲୋକମାନଙ୍କ ଜୀବନକୁ କେବେ ବି ବିପଦରେ ପକାଇବ ନାହିଁ। ଜନସାଧାରଣଙ୍କ ସେବା କରିବା ପାଇଁ ଆମେ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଛୁ। ଯଦି ପ୍ରଚାର ଲୋକମାନଙ୍କ ଜୀବନକୁ ବିପଦଗ୍ରସ୍ତ କରୁଛି ତେବେ ସମସ୍ତ ନିର୍ବାଚନ ପ୍ରଚାରର ପଦ୍ଧତି ଓ ସମୟକୁ ପରିବର୍ତ୍ତନ କରିବା ପାଇଁ ମୁଖ୍ୟମନ୍ତ୍ରୀ ଉଭୟ ରାଜନୈତିକ ଦଳ ଓ ଭାରତର ନିର୍ବାଚନ କମିଶନଙ୍କୁ ନିବେଦନ କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, ପ୍ରତ୍ୟେକ ଜୀବନ ମୂଲ୍ୟବାନ। ଓଡ଼ିଶାବାସୀଙ୍କୁ ମୁଁ ସବୁବେଳେ ମୋ ପରିବାର ଭାବେ ଚିନ୍ତା କରିଆସିଛି। ଦେଶରେ ବୃଦ୍ଧି ପାଉଥିବା କୋଭିଡ୍-୧୯ ମହାମାରୀକୁ ଦୃଷ୍ଟିରେ ରଖି ବିଜେଡି ଆସନ୍ତା ପିପିଲି ଉପନିର୍ବାଚନରେ କୌଣସି ପ୍ରକାର ରାଜନୈତିକ ସଭାସମିତି କିମ୍ବା ରାଲି ନ କରିବାକୁ ନିଷ୍ପତ୍ତି ନେଇଛି।

## ବିରୋଧୀ ଦଳ ନେତାଙ୍କୁ କରୋନା

**ଆଶୁ ଆରୋଗ୍ୟ କାମନା କଲେ ମୁଖ୍ୟମନ୍ତ୍ରୀ**



ଭୁବନେଶ୍ୱର, ୧୯।୪(ବ୍ୟୁରୋ): ବିରୋଧୀ ଦଳ ନେତା ତଥା ବରିଷ୍ଠ ଭାଜପା ନେତା ପ୍ରଦୀପ୍ତ କୁମାର ନାଏକ ଦ୍ୱିତୀୟ ଥର ଲାଗି କରୋନାରେ ସଂକ୍ରମିତ ହୋଇଛନ୍ତି। ତାଙ୍କ କୋଭିଡ୍ ରିପୋର୍ଟ ପଜିଟିଭ ଆସିଥିବା ନିଜ ଟୁଇଟର୍ ପେଜ୍‌ରେ ପ୍ରଦୀପ୍ତ ସୂଚନା ଦେଇଛନ୍ତି। ଏହାସହ ଗତ ୫ ଦିନ ମଧ୍ୟରେ ଯେଉଁମାନେ ତାଙ୍କ ସଂସ୍ପର୍ଶରେ ଆସିଛନ୍ତି ସେମାନେ ନିଜର କରୋନା ଟେଷ୍ଟ କରାଇନେବା ସହିତ ଆବଶ୍ୟକ ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରିବାକୁ ପ୍ରଦୀପ୍ତ କହିଛନ୍ତି। ଏହା ଜଣାପଡ଼ିବା ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଟୁଇଟ୍ କରି ବିରୋଧୀ ଦଳ ନେତାଙ୍କ ଆଶୁ ଆରୋଗ୍ୟ ଏବଂ ଉତ୍ତମସ୍ୱାସ୍ଥ୍ୟ କାମନା କରିଛନ୍ତି।

# ରାଜ୍ୟରେ ୯,୦୦୮ କୋଭିଡ୍ ବେଡ୍

ଭୁବନେଶ୍ୱର, ୧୯।୪(ବ୍ୟୁରୋ)



ରାଜ୍ୟରେ ସଂକ୍ରମଣ ହୁହୁ ବଢ଼ୁଛି। ଅନୁରୂପ ଭାବେ କୋଭିଡ୍ ହସ୍ପିଟାଲରେ ରୋଗୀଙ୍କ ସଂଖ୍ୟା ମଧ୍ୟ ବଢ଼ିବାରେ ଲାଗିଛି। ଅନେକ ସ୍ଥାନରେ ବେଡ୍ ଅଭାବ ହେଲାଣି ବୋଲି ଖବର ଆସୁଛି। ବେଡ୍ ନ ପାଇଁ ମୃତ୍ୟୁ ହେଉଥିବା ମଧ୍ୟ ଖବର ପ୍ରକାଶ ପାଉଛି। ଆଗକୁ ଏହି ସଂକ୍ରମଣ ଆହୁରି ବୃଦ୍ଧି ପାଇବାକୁ ଥିବାବେଳେ ସ୍ୱାସ୍ଥ୍ୟ ଭିତ୍ତିଭୂମି ପ୍ରଭାବିତ ହେବ ବୋଲି କୁହାଯାଉଛି। ଏପରିସ୍ଥିତିରେ ସୋମବାର ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କରୋନା ଚିକିତ୍ସାର ସ୍ଥିତି ନେଇ ସ୍ପଷ୍ଟ କରାଯାଇଛି। ଏ ସଂକ୍ରାନ୍ତରେ ସୂଚନା ଦେଇ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନିରଞ୍ଜନ ମିଶ୍ର କହିଛନ୍ତି, ବର୍ତ୍ତମାନ ସୁଦ୍ଧା ରାଜ୍ୟରେ କରୋନା ରୋଗୀଙ୍କ ପାଇଁ ୯,୦୦୮ଟି ବେଡ୍ ପ୍ରସ୍ତୁତ ରହିଛି। ଘରୋଇ ହସ୍ପିଟାଲରେ ୪,୬୪୦ ବେଡ୍ ଓ ସରକାରୀ ହସ୍ପିଟାଲରେ ୪,୩୬୮ ବେଡ୍ ରହିଛି। ୧୭.୫୦% ବେଡ୍‌ରେ ସମୁଦାୟ ୧,୫୭୬ଜଣ ରୋଗୀ ଅଛନ୍ତି। ଘରୋଇ ହସ୍ପିଟାଲରେ ୭୫୩ ରୋଗୀ ରହିଥିବାବେଳେ ସରକାରୀ ହସ୍ପିଟାଲରେ ୮୨୩ ରୋଗୀ ରହିଛନ୍ତି। ସେହିପରି ରାଜ୍ୟରେ ମୋଟ ଆଇସିୟୁ ବେଡ୍ ସଂଖ୍ୟା ୨୦୧୮ ଥିବାବେଳେ ରୋଗୀ ଅଛନ୍ତି ୪୨୪। ଘରୋଇ ହସ୍ପିଟାଲରେ ୧,୪୯୪ ଆଇସିୟୁ ରହିଥିବା ବେଳେ ରୋଗୀ ଅଛନ୍ତି ୩୨୦। ସରକାରୀ ହସ୍ପିଟାଲରେ ୫୨୪ ଆଇସିୟୁ ଥିବାବେଳେ ରୋଗୀ ଅଛନ୍ତି ୧୦୪ଜଣ ଅର୍ଥାତ୍ ସମୁଦାୟ ବେଡ୍‌ର ୨୧.୧ ପ୍ରତିଶତ। ମୋଟ ୭୮୨ଟି ଭେଣ୍ଟିଲେଟର ରହିଥିବାବେଳେ ସେଥିରେ ୫୯ଜଣ ରୋଗୀ ରହି ଚିକିତ୍ସିତ ହେଉଛନ୍ତି। ରାଜ୍ୟର ଭେଣ୍ଟିଲେଟର ତୁଳନାରେ ରୋଗୀଙ୍କ ସଂଖ୍ୟା ମାତ୍ର ୭.୫୪ ପ୍ରତିଶତ ରହିଛି। ଏଥିମଧ୍ୟରେ ଘରୋଇ ହସ୍ପିଟାଲରେ ୬୦୩ ଭେଣ୍ଟିଲେଟର ରହିଥିବାବେଳେ ୪୧ଜଣ ରୋଗୀ ଅଛନ୍ତି। ସରକାରୀ ହସ୍ପିଟାଲରେ ୧୭୯ ଭେଣ୍ଟିଲେଟର ରହିଥିବାବେଳେ ୧୮ଜଣ ରୋଗୀ ଅଛନ୍ତି। ସେପଟେ କେତେକ ଜିଲାରେ ଟିଏମ୍‌ସି ଖୋଲିଛି। ଛତିଶଗଡ଼ ସୀମାନ୍ତ ଜିଲାରେ ଆବଶ୍ୟକତା ଅନୁସାରେ ଟିଏମ୍‌ସି ଖୋଲିବାକୁ ନିର୍ଦ୍ଦେଶ ଦିଆଯାଇଛି। ଆଗକୁ ଦୈନିକ ୫୦ହଜାର ଟେଷ୍ଟ କରାଯିବାକୁ ଲକ୍ଷ୍ୟ ରଖାଯାଇଥିବା ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ କହିଛନ୍ତି।

- ୧୭.୫୦% ବେଡ୍‌ରେ ରୋଗୀ ଅଛନ୍ତି
- ୧୫୯୪ ଆଇସିୟୁ ବେଡ୍ ଫାଙ୍କା ରହିଛି
- ସ୍ଥିତିକୁ ଦେଖି ଟିଏମ୍‌ସି ଖୋଲିବାକୁ ନିର୍ଦ୍ଦେଶ



ଶନିବାର ଓ ରବିବାର ଶ୍ରୀମନ୍ଦିରରେ ବନ୍ଦ ରହିଥିଲା। ସୋମବାର ଖୋଲିବା ପରେ ଶ୍ରଦ୍ଧାଳୁମାନେ କୋଭିଡ୍ ନେଗେଟିଭ ରିପୋର୍ଟ ଦେଖାଇ ମହାପ୍ରଭୁଙ୍କ ଦର୍ଶନ ପାଇଁ ଧାଡ଼ିରେ ଯାଉଛନ୍ତି।

# ବାହାର କାଠରୁ ଦର୍ଶନ କଲେ ଶ୍ରଦ୍ଧାଳୁ

ପୁରୀ ଅଫିସ,୧୯।୪

ନୂତନ ଏସ୍‌ଓପି (ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଜିଓର) ଅନୁଯାୟୀ ସୋମବାର ଶ୍ରଦ୍ଧାଳୁମାନେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନ କରିଛନ୍ତି। ଶ୍ରୀମନ୍ଦିର ଭିତରେ ଓ ବାହାରେ କଟକଣାକୁ କଡ଼ାକଡ଼ି କରାଯାଇଛି। ଭିତରକାଠ ଦର୍ଶନ ବନ୍ଦ ରହିଛି। ତେଣୁ ବାହାର କାଠ ନିକଟରୁ ଭକ୍ତମାନେ ଦାରୁଦିଅଁଙ୍କ ଦର୍ଶନ କରିଛନ୍ତି। ବାହାର ରାଜ୍ୟରୁ ଆସିଥିବା ଶ୍ରଦ୍ଧାଳୁମାନେ ୯୬ ଘଣ୍ଟା ପୂର୍ବରୁ କୋଭିଡ୍ ଆର୍‌ଟି-ପିସିଆର୍ ନେଗେଟିଭ୍ ରିପୋର୍ଟ କିମ୍ବା ଭାକ୍ସିନେଶନ୍ ରିପୋର୍ଟ ଦେଖାଇ ଶ୍ରୀମନ୍ଦିରରେ ପ୍ରବେଶ କରିଥିଲେ। କିଓସ୍କୋ ବ୍ୟବସ୍ଥାକୁ ପୁଣି ଥରେ ଲାଗୁ କରାଯାଇଛି। ଓଡ଼ିଶାର ଯେକୌଣସି ସ୍ଥାନରୁ ଆସିଥିବା ଲୋକେ ପରିଚୟପତ୍ର ଦେଖାଇ ଦର୍ଶନ ସୁବିଧା ପାଇଛନ୍ତି। ସାମାଜିକ ଦୂରତା, ସାନିଟାଇଜେଶନ୍ ଓ ମାସ୍କ ପରିଧାନକୁ ଶ୍ରୀମନ୍ଦିର ପ୍ରଶାସନ କଡ଼ାକଡ଼ି କରିଛି। ସୋମବାର ରାଜ୍ୟ ବାହାରୁ ଆସିଥିବା କେତେଜଣ ଶ୍ରଦ୍ଧାଳୁ ଆଣ୍ଟିଜେନ୍ ରିପୋର୍ଟ କାର୍ଡ ଆଣିଥିଲେ। ତେବେ ପ୍ରଶାସନ ଆର୍‌ଟି-ପିସିଆର୍ ଟେଷ୍ଟ ରିପୋର୍ଟକୁ ବାଧ୍ୟତାମୂଳକ କରିଥିବାରୁ ସେମାନଙ୍କୁ ମନ୍ଦିର ଭିତରକୁ ଛଡ଼ାଯାଇ ନ ଥିଲା। ଫଳରେ ସେମାନେ ମହାପ୍ରଭୁଙ୍କ ଦର୍ଶନରୁ ବଞ୍ଚିତ ହୋଇ ନିରାଶରେ ଫେରିଥିଲେ। ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ ଅଜୟ କୁମାର ଜେନା କହିଛନ୍ତି, ରାଜ୍ୟ ବାହାରୁ ଆସୁଥିବା ଶ୍ରଦ୍ଧାଳୁଙ୍କ ପାଇଁ ଆର୍‌ଟି-ପିସିଆର୍ ରିପୋର୍ଟ ବାଧ୍ୟତାମୂଳକ। ସେହିପରି ଭାକ୍ସିନେସନ୍ ସରିଥିଲେ ଦର୍ଶନ ସୁଯୋଗ ମିଳିବ। ନଚେତ୍ ଦର୍ଶନ ପାଇଁ ଅନୁମତି ଦିଆଯିବ ନାହିଁ। ଶ୍ରୀମନ୍ଦିର ସହ ସମ୍ପୃକ୍ତ ବ୍ୟକ୍ତିମାନଙ୍କ ମଧ୍ୟରେ କରୋନା ସଂକ୍ରମଣ ବ୍ୟାପୁଥିବାରୁ ଶ୍ରୀମନ୍ଦିର ପ୍ରଶାସନ କଟକଣାକୁ କୋହଳ କରିବାକୁ ଚାହୁଁନାହିଁ ବୋଲି ଜେନା କହିଛନ୍ତି।

**କ୍ରଶରରେ ବିସ୍ଫୋରଣ, ଉଡ଼ିଲା ଟିଣ ଛପର**

# ୨ ଶ୍ରମିକ ମୃତ, ୩ ଗୁରୁତର

ବ୍ରହ୍ମପୁର ଅଫିସ,୧୯।୪

ଗଞ୍ଜାମ ଜିଲା କୁକୁଡ଼ାଖଣ୍ଡି ବ୍ଲକ କୁକୁଡ଼ାଖଣ୍ଡି ଫାଡ୍ରୀପଲ୍ଲୀ ନିକଟରେ ଥିବା ଏକ କ୍ରଶର ପାର୍ଶ୍ୱ ଟିଣଘରେ ସୋମବାର ଭୟଙ୍କର ବିସ୍ଫୋରଣ ଘଟିଛି। ସେଠାରେ କାମ କରୁଥିବା ୨ ଜଣ ଶ୍ରମିକଙ୍କ ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ତିନି ଗୁରୁତର ହୋଇଛନ୍ତି। ମୃତକ ହେଲେ କୁକୁଡ଼ାଖଣ୍ଡିର ଏ.ସନ୍ତୋଷ କୁମାର ଓ ଫାଡ୍ରୀପଲ୍ଲୀର ସୁରେଶ ପାତ୍ର। ଆହତମାନେ ହେଲେ କୁକୁଡ଼ାଖଣ୍ଡିର ପି.ସାଇଗୋପାଳ, ହିଞ୍ଜିଳିକାଟୁ ଥାନା ବେଲଗାଁର ସୁଶାନ୍ତ ପଣ୍ଡା ଓ ଫାଡ୍ରୀପଲ୍ଲୀର ଦୀପୁ ଓରଫ ଦୀପକ ପାତ୍ର। ତହସିଲଦାର ଇପ୍‌ସିତା ପ୍ରୟଦର୍ଶିନୀ ମିଶ୍ରଙ୍କ ଏତଲାକୁ ଭିତ୍ତିକରି କ୍ରଶର ମାଲିକ ଅନୁପମା ରାଉତଙ୍କ ବିରୋଧରେ ପୋଲିସ ନଂ.୧୦୭/୨୧ରେ ଏକ ମାମଲା ରୁଜୁ କରିଛି। କ୍ରଶର ମାଲିକଙ୍କ ସ୍ୱାମୀଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଛି। କ୍ରଶର ସିଲ୍ କରାଯାଇଥିବା ବ୍ରହ୍ମପୁର ଉପଜିଲାପାଳ ଭି. କୀର୍ତ୍ତି ଭାସନ ସୂଚନା ଦେଇଛନ୍ତି। ମୃତକଙ୍କ ପରିବାରକୁ ସହାୟତା ଭାବେ ରେଡକ୍ରସ୍ ପାଣ୍ଠିରୁ ୨୦ ହଜାର ଓ ଆହତଙ୍କ ପରିବାରକୁ ୧୦ ହଜାର ଟଙ୍କା ପ୍ରଦାନ କରାଯାଇଛି ବୋଲି ତହସିଲଦାର ମିଶ୍ର କହିଛନ୍ତି। ବିସ୍ଫୋରକ କେଉଁଠାରୁ ଆସିଲା ତା'ର ତଦନ୍ତ କରାଯାଇ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ବ୍ରହ୍ମପୁର ଏସ୍‌ପି ପିନାକ ମିଶ୍ର ସୂଚନା ଦେଇଛନ୍ତି।

ପ୍ରକାଶ ଯେ, କୁକୁଡାଖଣ୍ଡି ଫାଡ୍ରୀପଲୀ ନିକଟରେ ଥିବା ଏକ କ୍ରଶରରେ ସୋମବାର ପୂର୍ବାହ୍ନ ପ୍ରାୟ ସାଢ଼େ ୧୧ଟାରେ ବିସ୍ଫୋରଣ ହୋଇଥିଲା। ସେଠାରେ ଥିବା ଏକ ଟିଣଘରେ ଗଚ୍ଛିତ ଥିବା ଜିଲୋଟିନ ଓ କେମିକାଲ ଗ୍ୟାସ୍ ବିସ୍ଫୋରଣରୁ ଏଭଳି ଘଟିଥିବା ପୋଲିସ କହୁଥିବା ବେଳେ, ଘର ଉତ୍ତାପ ବୃଦ୍ଧି ଯୋଗୁ ଏଭଳି ଦୁର୍ଘଟଣା ଘଟିଥାଇ ପାରେ ବୋଲି ସାଇଣ୍ଟିଫିକ୍ ଟିମ୍ ସନ୍ଦେହ କରୁଛି। ମାଲିକ ଅନୁପମାଙ୍କୁ କ୍ରଶର ପାଇଁ ସରକାରୀ ଅନୁମତି ମିଳିଥିଲା। କିନ୍ତୁ ସେ ବେଆଇନ ଭାବେ ସେଠାରେ ଡିନାମାଇଟ ଓ ଅନ୍ୟାନ୍ୟ ବିସ୍ଫୋରକ ସାମଗ୍ରୀ ଗଚ୍ଛିତ ରଖିଥିଲେ ବୋଲି ତହସିଲଦାର ମିଶ୍ର ସୂଚନା ଦେଇଛନ୍ତି। ଏନେଇ ସବିଶେଷ ତଥ୍ୟ ଜିଲାପାଳଙ୍କୁ ଲିଖିତ ଭାବେ ଜଣାଇ ଦିଆଯାଇଥିବା ବେଳେ ପୋଲିସକୁ ଏହା ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ମଧ୍ୟ ଲିଖିତ ଭାବେ ଜଣାଇଥିବା ସେ କହିଛନ୍ତି। ବିସ୍ଫୋରଣ ଖବର ଜଣାପଡିବା ପରେ ପ୍ରଶାସନିକ ଅଧିକାରୀ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ।

- ସାଇଣ୍ଟିଫିକ୍ ଟିମ୍‌ର ଅନୁସନ୍ଧାନ
- ମାଲିକଙ୍କ ନାଁରେ ମାମଲା, ଜଣେ ଅଟକ

# ୫୦% କର୍ମଚାରୀରେ ଚାଲିବ ସ୍କୁଲ

ଭୁବନେଶ୍ୱର, ୧୯।୪(ବ୍ୟୁରୋ)

କରୋନା ସଂକ୍ରମଣ ବୃଦ୍ଧିକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ପୂର୍ବରୁ ସୋମବାରଠାରୁ ସମସ୍ତ ଶିକ୍ଷାନୁଷ୍ଠାନ ବନ୍ଦ ରହିବାକୁ ଘୋଷଣା କରିଥିଲେ। ଏଥିସହ ପିଲାଙ୍କ ଶ୍ରେଣୀ ପାଠପଢ଼ା ବନ୍ଦ ହେବ ବୋଲି କହିଥିଲେ। ଶିକ୍ଷାନୁଷ୍ଠାନ ଖୋଲିବ କି ନାହିଁ ଓ କିପରି ପରିଚାଳନା ହେବ ସେ ନେଇ ବିଭାଗ ଉପରେ ନିଷ୍ପତ୍ତି ଛାଡ଼ି ଦିଆଯାଇଥିଲା। ଏହି ପରିପ୍ରେକ୍ଷୀରେ ଉଚ୍ଚ ଶିକ୍ଷାନୁଷ୍ଠାନ କିପରି ଚାଲିବ ସେ ନେଇ ଉଚ୍ଚଶିକ୍ଷା ବିଭାଗ ବିଜ୍ଞପ୍ତି ପ୍ରକାଶ କରିଥିଲା। କିନ୍ତୁ ସ୍କୁଲ କିପରି ଚାଲିବ ସେ ନେଇ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ କୌଣସି ସ୍ପଷ୍ଟ କରି ନ ଥିଲା। ଏହାକୁ ନେଇ ଶିକ୍ଷକମାନେ ଦ୍ୱନ୍ଦ୍ୱରେ ଥିବାବେଳେ ଏହା ଦୂର ହୋଇଛି। ନାମଲେଖା, ପୁସ୍ତକ ବଣ୍ଟନ ଏବଂ ଏମ୍‌ଡିଏମ୍ କାର୍ଯ୍ୟକ୍ରମର ମନିଟରିଂ ଭଳି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକଳାପ କରିବା ପାଇଁ ୫୦% ଶିକ୍ଷକ ଏବଂ ଅଣଶିକ୍ଷକ କର୍ମଚାରୀ ବିଦ୍ୟାଳୟରେ ଉପସ୍ଥିତ ରହିବେ ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ଏ ନେଇ ସୋମବାର ବିଭାଗର ଅତିରିକ୍ତ ସଚିବ ଆଲୋକ କୁମାର କର ବିଭାଗୀୟ ସମସ୍ତ ନିର୍ଦ୍ଦେଶକଙ୍କୁ ଚିଠି ଲେଖି ଜଣାଇଛନ୍ତି। ସେହିପରି ସବୁ କର୍ମଚାରୀ ନିଜ ମୁଖ୍ୟାଳୟରେ ରହିବେ। ମୁଖ୍ୟାଳୟ ଛାଡ଼ିବାକୁ ଚାହୁଁଥିବା ବ୍ୟକ୍ତି ସମ୍ପୃକ୍ତ ଶିକ୍ଷାନୁଷ୍ଠାନର ମୁଖ୍ୟ/ଜିଲା ଶିକ୍ଷାଧିକାରୀ/ବ୍ଲକ ଶିକ୍ଷାଧିକାରୀ ମାଧ୍ୟମରେ ଜିଲାପାଳଙ୍କ ଅନୁମତି ନେବା ଉଚିତ୍। ପରବର୍ତ୍ତୀ ଆଦେଶ ପର୍ଯ୍ୟନ୍ତ ଏହା ଲାଗୁ ହେବ ବୋଲି ଚିଠିରେ ଉଲ୍ଲେଖ ରହିଛି।

# ଆଖି ବୁଜିଲେ ଦୁଇମୁଣ୍ଡିଆ ଶିଶୁକନ୍ୟା

 କଟକ ଅଫିସ,୧୯।୪

**୧୧ରେ ଚିକିତ୍ସା ପାଇଁ ଶିଶୁଭବନ ଆସିଥିଲେ**



କଟକ ଶିଶୁଭବନର ପେଡିଆଟ୍ରିକ୍ ନ୍ୟୁବର୍ନ ୱାର୍ଡ ଆଇସିୟୁ କ୍ୟାବିନ୍‌ରେ ରହି ୮ ଦିନ ଧରି ଚିକିତ୍ସିତ ହେଉଥିବା କେନ୍ଦ୍ରାପଡାର ଦୁଇମୁଣ୍ଡିଆ ଶିଶୁକନ୍ୟାଙ୍କ ରବିବାର ମୃତ୍ୟୁ ଘଟିଛି। ଶିଶୁକନ୍ୟାର ଦୁଇଟି ହୃତ୍‌ପିଣ୍ଡ, ଗୋଟିଏ ରକ୍ତନଳୀ, ଦୁଇଟି ଫୁସ୍‌ଫୁସ୍, ଦୁଇଟି କିଡ୍‌ନୀ, ଦୁଇଟି ଗୋଡ, ତିନୋଟି ହାତ, ଗୋଟିଏ ବ୍ଲାଡର, ଗୋଟିଏ ପରିସ୍ରା ଦ୍ୱାର ରହିଥିଲା। ତେଣୁ ଏଭଳି ଶିଶୁମାନଙ୍କର ବଞ୍ଚିବା ଆଶା ବହୁତ କମ୍। ଶିଶୁକନ୍ୟାକୁ ନିଃଶ୍ୱାସ ନେବାରେ ଅସୁବିଧା ହେବା ସହ ଦୁଇଟି ହୃତ୍‌ପିଣ୍ଡ ଠିକ୍ ଭାବରେ କାମ କରୁ ନ ଥିଲା। ଏଥିସହ ଶରୀରରେ ଅନେକ ସମସ୍ୟା ରହିଥିବାରୁ ତାହାର ମୃତ୍ୟୁ ଘଟିଛି ବୋଲି ଶିଶୁଭବନ ସୁପରିଣ୍ଟେଣ୍ଡେଣ୍ଟ ଜ୍ଞାନେନ୍ଦ୍ର ବେହେରା କହିଛନ୍ତି। ଅପରପକ୍ଷେ ଶିଶୁକନ୍ୟାଙ୍କ ବାପା ଉମାକାନ୍ତ ପରିଡା କହିଛନ୍ତି, ମେଡିକାଲ କର୍ତ୍ତୃପକ୍ଷ ସମସ୍ତ ଚିକିତ୍ସା ସୁବିଧା ଯୋଗାଇ ଦେଉଛନ୍ତି ବୋଲି କହୁଥିଲେ। କିନ୍ତୁ ଝିଅକୁ ଉନ୍ନତ ଚିକିତ୍ସା ସେବା ଯୋଗାଇଲେ ନାହିଁ। ଶିଶୁଭବନର ଚିକିତ୍ସା ବ୍ୟବସ୍ଥା ଠିକ୍ ନ ଲାଗିବାରୁ ଝିଅକୁ ଅନ୍ୟତ୍ର ଚିକିତ୍ସା କରିବା ପାଇଁ ଚାହୁଁଥିଲି। ହେଲେ ସେମାନେ ମତେ ଏଠାରୁ ଯିବାକୁ ଦେଲେ ନାହିଁ। ଏତେଦିନ ମେଡିକାଲରେ ରଖିବା ପରେ ଶେଷରେ ଝିଅର ମୃତ୍ୟୁ ଘଟିଛି।

ସୂଚନାଥାଉ କି, କେନ୍ଦ୍ରାପଡ଼ା ସହରର ଏକ ଘରୋଇ ନର୍ସିଂହୋମରେ ଗତ ୧୧ ତାରିଖରେ ଏକ ଶିଶୁକନ୍ୟା ଜନ୍ମ ହୋଇଥିଲେ। ରାଜନଗର ବ୍ଲକ କଣି ଗ୍ରାମର ଉମାକାନ୍ତ ପରିଡ଼ାଙ୍କ ସ୍ତ୍ରୀ ଅମ୍ବିକା ପୂର୍ବାହ୍ନ ୧୧ଟାରେ ଏହି ଶିଶୁକନ୍ୟାକୁ ଜନ୍ମ ଦେଇଥିଲେ। ଏହାପରେ ଶିଶୁକୁ ତୁରନ୍ତ ନିକଟସ୍ଥ ଜିଲା ମୁଖ୍ୟ ଚିକିତ୍ସାଳୟର ଏସ୍‌ଏନ୍‌ସିୟୁ ଏବଂ ପରେ କଟକ ଶିଶୁଭବନକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ତାଙ୍କ ଚିକିତ୍ସା ପାଇଁ ୪ ଜଣ ଡାକ୍ତରଙ୍କୁ ନେଇ ଏକ କମିଟି ଗଠନ କରାଯାଇଥିଲା। ଏଥିସହ ପେଡିଆଟିକ୍ ସର୍ଜନ, ନ୍ୟୁରୋ ସର୍ଜନ ଡାକ୍ତରମାନେ ଆସି ଶିଶୁକନ୍ୟାର ସ୍ୱାସ୍ଥ୍ୟାବସ୍ଥା ଦେଖୁଥିଲେ।

# ନିଜଆଡୁ ମାମଲା ରୁଜୁ କଲେ ହାଇକୋର୍ଟ

**ସ୍ୱେରେଜ ସଫେଇବେଳେ ୪ ଶ୍ରମିକଙ୍କ ମୃତ୍ୟୁ ମାମଲା**

କଟକ ଅଫିସ, ୧୯।୪: କଟକ ଓ ଭୁବନେଶ୍ୱରରେ ସ୍ୱେରେଜ ସଫେଇବେଳେ ଶ୍ୱାସରୁଦ୍ଧ ହୋଇ ୪ ଜଣ ଶ୍ରମିକଙ୍କ ମୃତ୍ୟୁ ଘଟିଥିଲା। ଏହି ଘଟଣାରେ ସୋମବାର ହାଇକୋର୍ଟ ନିଜ ପକ୍ଷରୁ ଏକ ମାମଲା ରୁଜୁ କରିଛନ୍ତି। ମୃତକଙ୍କ ପରିବାରକୁ କ୍ଷତିପୂରଣ ବାବଦ ୧୦ ଲକ୍ଷ ଟଙ୍କା ଲେଖାଏ ଦିଆଯାଇଛି କି ନାହିଁ ଓ ଯେଉଁମାନେ ଏଥିପାଇଁ ଦାୟୀ ସେମାନଙ୍କ ବିରୋଧରେ କି ପଦକ୍ଷେପ ରାଜ୍ୟ ସରକାର ନେଇଛନ୍ତି ତାହା ହାଇକୋର୍ଟ ଜାଣିବାକୁ ଚାହିଁଛନ୍ତି। ମୃତ ଶ୍ରମିକମାନେ ଯଦି ଅନୁସୂଚିତ ଜାତି/ଜନଜାତିର ହୋଇଥାନ୍ତି ତେବେ ଦୋଷୀଙ୍କ ବିରୋଧରେ ଫୌଜଦାରୀ ମାମଲା ଦାୟର କରିବା ପାଇଁ ହାଇକୋର୍ଟ ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ଓ ବିଚାରପତି ବି. ପି. ରାଉତରାୟଙ୍କୁ ନେଇ ଗଠିତ ଖଣ୍ଡପୀଠ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଗତ ମାର୍ଚ୍ଚ ୧୯ରେ ଭୁବନେଶ୍ୱର ବଡ଼ଗଡ ଥାନା ଅଧୀନ ବ୍ରହ୍ମେଶ୍ୱରବାଗ ଅଞ୍ଚଳରେ ସ୍ୱେରେଜ ସଫେଇବେଳେ ଶ୍ୱାସରୁଦ୍ଧ ହୋଇ ୨ ଜଣ ଶ୍ରମିକଙ୍କ ମୃତ୍ୟୁ ଘଟିଥିଲା। ସେହିପରି ଗତ ୧୫ ତାରିଖରେ ସିଡିଏ ସେକ୍ଟର-୧୦ ଗଡ଼ା ଛକ ରାସ୍ତାପାର୍ଶ୍ୱରେ ସ୍ୱେରେଜ ସଫେଇବେଳେ ଶ୍ୱାସରୁଦ୍ଧ ହୋଇ ୨ ଜଣ ଶ୍ରମିକଙ୍କ ମୃତ୍ୟୁ ଘଟିଥିଲା। କଟକ, ଖୋର୍ଦ୍ଧା ଜିଲାପାଳ, କଟକ ମହାନଗର ନିଗମ ଓ ଭୁବନେଶ୍ୱର ମହାନଗର ନିଗମ କମିଶନରଙ୍କୁ ଏହି ମାମଲାରେ ସତ୍ୟପାଠ ଜରିଆରେ ନିଜ ପକ୍ଷ ରଖିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ରାଜ୍ୟ ଆଇନ ସେବା ପ୍ରାଧିକରଣ କର୍ତ୍ତୃପକ୍ଷଙ୍କୁ ମୃତ ପରିବାର ଲୋକଙ୍କୁ ଭେଟିବା ପାଇଁ ହାଇକୋର୍ଟ ତାଙ୍କ ନିର୍ଦ୍ଦେଶରେ ସ୍ପଷ୍ଟ କରିଛନ୍ତି। ଏହି ମାମଲାର ପରବର୍ତ୍ତୀ ଶୁଣାଣି ମେ' ୧୦କୁ ଧାର୍ଯ୍ୟ କରାଯାଇଛି।

# ମା' ହିଙ୍ଗୁଳାଙ୍କ ଉଭାସ୍ଥଳୀ ଚିହ୍ନଟ

ତାଳଚେର,୧୯।୪(ନି.ପ୍ର.)



ଚିହ୍ନଟ ହୋଇଥିବା ମା' ହିଙ୍ଗୁଳାଙ୍କ ଉଭାସ୍ଥଳୀ।

ତାଳଚେରର ଅଧିଷ୍ଠାତ୍ରୀ ଦେବୀ ଅଗ୍ନିରୂପା ମା' ହିଙ୍ଗୁଳାଙ୍କ ଉଭାସ୍ଥଳୀ ରବିବାର ରାତିରେ ଚିହ୍ନଟ ହୋଇଛି। ଗୋପାଳପ୍ରସାଦସ୍ଥିତ ହିଙ୍ଗୁଳା ମନ୍ଦିର ପଶ୍ଚିମ ଦିଗରେ ପ୍ରାୟ ଏକ କିଲୋମିଟର ଦୂର ଉଚ୍ଚ ବିଦ୍ୟାଳୟ ପାଚେରି ନିକଟସ୍ଥ ପଡିଆରେ ମା' ଅଗ୍ନିରୂପା ଆବିର୍ଭାବ ହୋଇଛନ୍ତି। ରବିବାର ମଧ୍ୟ ରାତ୍ରିରେ ଦେହୁରୀ ମା'ଙ୍କୁ ଶାବରୀ ମନ୍ତ୍ରରେ ଆରାଧନା କରି ବଶୀଭୂତ କରିବା ସହ କୋଇଲା ସଂଯୋଗ କରି ଉଭାସ୍ଥଳୀ ଚିହ୍ନଟ କରିଥିଲେ। ତେବେ କୋରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ଚଳିତ ବର୍ଷ ମା'ଙ୍କ ଉଭାସ୍ଥଳୀ ନିକଟକୁ ଶ୍ରଦ୍ଧାଳୁମାନଙ୍କୁ ବାରଣ କରାଯାଇଛି। ତେଣୁ ଆବିର୍ଭାବସ୍ଥଳୀରେ ପୋଲିସ ମୁତୟନ କରାଯାଇଛି। ମା' ହିଙ୍ଗୁଳାଙ୍କ ପ୍ରସିଦ୍ଧ ଯାତ୍ରା ଆସନ୍ତା ୨୬ ତାରିଖ ଠାରୁ ଆରମ୍ଭ ହେଉଥିଲେ ମଧ୍ୟ ସେଥିରେ କୌଣସି ଭକ୍ତ ଯୋଗଦେଇ ପାରିବେ ନାହିଁ ବୋଲି ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଜାରି ହୋଇଛି। ମା'ଙ୍କ ଏହି ବାର୍ଷିକ ଯାତ୍ରା କେବଳ ପାରମ୍ପରିକ ରୀତିନୀତି ଅନୁଯାୟୀ ସମ୍ପନ୍ନ କରାଯିବ ବୋଲି ମନ୍ଦିର ପ୍ରଶାସନ ପକ୍ଷରୁ ସ୍ଥିର କରାଯାଇଛି।

# ୧୯ ଦଳର ଆୟ ୬୧୯.୨୮ କୋଟି

ନୂଆଦିଲ୍ଲୀ, ୧୯।୪(ପି.ଟି.)

୨୦୧୯-୨୦ରେ ୨ ଜାତୀୟ ଦଳ ଓ ୧୭ ଆଞ୍ଚଳିକ ଦଳ ମୋଟ ୬୧୯.୨୮ କୋଟି ଟଙ୍କା ଆୟ କରିଥିବା ଘୋଷଣା କରିଥିବା ଏଡିଆର୍ (ଆସୋସିଏଶନ ଫର୍ ଡେମୋକ୍ରାଟିକ୍ ରିଫର୍ମସ୍) ରିପୋର୍ଟରେ ପ୍ରକାଶ ପାଇଛି। ସେଥିରୁ ଅଲ୍ ଇଣ୍ଡିଆ ତୃଣମୂଳ କଂଗ୍ରେସ (ଏଆଇଟିସି)ର ଆୟ ସର୍ବାଧିକ ୧୪୩.୬୭୬ କୋଟି, ଯାହା କି ସବୁ ଦଳର ମୋଟ ଆୟର ୨୩.୨୦ ପ୍ରତିଶତ। ଏହା ପଛକୁ ଟିଡିପିର ଆୟ ୯୧.୫୩ କୋଟି ହୋଇଥିବାବେଳେ ବିଜେଡିର ଆୟ ୯୦.୩୫ କୋଟି ବୋଲି ଦର୍ଶାଯାଇଛି। ୨୦୧୮-୧୯ ବର୍ଷ ଅପେକ୍ଷା ୨୦୧୯-୨୦ ଆର୍ଥିକ ବର୍ଷରେ ବିଜେଡିର ଆୟ ସର୍ବାଧିକ ୧୫୮.୯୬ କୋଟି ଟଙ୍କା ହ୍ରାସ ପାଇଛି। ୨୦୧୮-୧୯ ବର୍ଷରେ ବିଜେଡିର ଆୟ ଥିଲା ୨୪୯.୩୧ କୋଟି ଟଙ୍କା, ଯାହାକି ସବୁ ଆଞ୍ଚଳିକ ଦଳ ମଧ୍ୟରେ ସର୍ବାଧିକ।

ADR Association for Democratic Reforms

୧୯ ଦଳ ମଧ୍ୟରୁ ୯ଟି ଦଳର ଆୟ ପୂର୍ବବର୍ଷ ତୁଳନାରେ ବୃଦ୍ଧି ପାଇଥିବାବେଳେ ୧୦ଟି ଦଳର ଆୟ କମିଥିବା ଜଣାପଡିଛି। ୨୦୧୮-୧୯ ବର୍ଷରେ ୧୯ ଦଳର ଆୟ ୭୭୨.୧୪ କୋଟି ଟଙ୍କା ଥିବାବେଳେ ୨୦୧୯-୨୦ରେ ୬୧୯.୨୮ କୋଟି ଟଙ୍କାକୁ ହ୍ରାସ ପାଇଛି। ଏଡିଆର୍ ରିପୋର୍ଟ ଅନୁଯାୟୀ ଏଆଇଏଡିଏମ୍‌କେ, ଡିଏମ୍‌କେ ଏବଂ ଏସ୍‌ଏଡିର ଆୟ ଯଥାକ୍ରମେ ୬୧.୫୦୬ କୋଟି, ୩୮.୫୫୭ କୋଟି ଏବଂ ୧୧.୫୯ କୋଟି ବୃଦ୍ଧି ପାଇଛି। ଅନ୍ୟପକ୍ଷରେ ବିଜେଡି ଆୟ ସର୍ବାଧିକ ୧୫୮.୯୬ କୋଟି ଟଙ୍କା କମିଥିବାବେଳେ ଏଆଇଟିସିର ୪୮.୯୭୪ କୋଟି ଏବଂ ଟିଡିପିର ୨୩.୪୩ କୋଟି ଟଙ୍କା ହ୍ରାସ ପାଇଥିବା ରିପୋର୍ଟରେ କୁହାଯାଇଛି।

**ଏଡିଆର୍ ରିପୋର୍ଟ**

- ବିଜେଡି ଆୟ ସର୍ବାଧିକ ୬୦%ରୁ ଊର୍ଦ୍ଧ୍ୱ ହ୍ରାସ
- ଚାନ୍ଦା ଦେଇଥିବା ସଂସ୍ଥା ନାଁ ପ୍ରକାଶ କଲା ଜେଏମ୍‌ଏମ୍

ଦେଶର ପ୍ରଥମ ରାଜନୈତିକ ଦଳ ଭାବେ ଝାଡ଼ଖଣ୍ଡମୁକ୍ତିମୋର୍ଚ୍ଚା(ଜେଏମ୍‌ଏମ୍) ଇଲେକ୍ଟୋରାଲ ବଣ୍ଡ୍ ଜରିଆରେ ଚାନ୍ଦା ସଂଗ୍ରହ କରିଥିବା ସଂସ୍ଥାର ନାଁ ଘୋଷଣା କରିଛି। ୨୦୧୯-୨୦ରେ ଏହି ଦଳକୁ ୧ କୋଟି ଟଙ୍କା ଚାନ୍ଦା ଦେଇଥିବା ସଂସ୍ଥାର ନାଁ ପ୍ରକାଶ କରିଛି। ଝାଡ଼ଖଣ୍ଡ ଶାସକ ଦଳର ଚାନ୍ଦା ରିପୋର୍ଟ ଅନୁଯାୟୀ, ଆଲୁମିନିୟମ ଓ ତମ୍ବା ଉତ୍ପାଦନକାରୀ କମ୍ପାନୀ ହିଣ୍ଡାଲ୍‌କୋ ଜେଏମ୍‌ଏମ୍‌କୁ ଏହି ଚାନ୍ଦା ଦେଇଛି।

ଗତ ଦୁଇବର୍ଷ ହେବ ରାଜନୈତିକ ଦଳକୁ ଚାନ୍ଦା ପ୍ରଦାନ କରିବାର ସବୁଠୁ ଲୋକପ୍ରିୟ ମାଧ୍ୟମ ପାଲଟିଛି ଇଲେକ୍ଟ୍ରୋରାଲ ବଣ୍ଡ୍। ଏଡିଆର୍ ରିପୋର୍ଟ ଅନୁଯାୟୀ ୨୦୧୯-୨୦ ଆର୍ଥିକ ବର୍ଷରେ ୧୯ ରାଜନୈତିକ ଦଳକୁ ମିଳିଥିବା ଚାନ୍ଦାର ୫୦ ପ୍ରତିଶତରୁ ଊର୍ଦ୍ଧ୍ୱ (୩୧୨.୩୭ କୋଟି ଟଙ୍କା) ଇଲେକ୍ଟୋରାଲ ବଣ୍ଡ୍ ମାଧ୍ୟମରେ ସଂଗୃହୀତ ହୋଇଥିଲା, ଯେଉଁଠି ଦାତାମାନେ ସେମାନଙ୍କ ପରିଚୟ ସର୍ବସାଧାରଣରେ ପ୍ରକାଶ କରିବାକୁ ଚାହିଁ ନ ଥିଲେ। ବାସ୍ତବରେ ଉକ୍ତ ଆର୍ଥିକ ବର୍ଷରେ ଇଲେକ୍ଟୋରାଲ ବଣ୍ଡ ମାଧ୍ୟମରେ ୩,୪୨୯.୫୬ କୋଟି ଟଙ୍କା ସଂଗୃହୀତ ହୋଇଥିଲେ ହେଁ ଅବଶିଷ୍ଟ ୩,୧୧୭.୧୯ କୋଟି ଟଙ୍କା ବା ମୋଟ ଇଲେକ୍ଟୋରାଲ ବଣ୍ଡର ପାଖାପାଖି ୯୧ ପ୍ରତିଶତକୁ ଦଳଗୁଡ଼ିକ ଏନ୍‌କ୍ୟାଶ୍ କରିଛନ୍ତ, ଯାହାର ଅଡିଟ୍ ରିପୋର୍ଟ ଏପର୍ଯ୍ୟନ୍ତ ନିର୍ବାଚନ କମିଶନଙ୍କ ୱେବ୍‌ସାଇଟରେ ଉପଲବ୍ଧ ହୋଇନାହିଁ।

**ଆଜିର ମନ୍ତବ୍ୟ**

"କରୋନା ମୁକାବିଲାରେ ସମ୍ବଳ ସମସ୍ୟା ଚିନ୍ତାଜନକ ସ୍ଥିତିରେ ଥିବାରୁ ଲକ୍‌ଡାଉନ ଘୋଷଣା କରିବାକୁ ବାଧ ହେଲୁ।"
–ଅରବିନ୍ଦ କେଜ୍‌ରିୱାଲ, ଦିଲ୍ଲୀ ମୁଖ୍ୟମନ୍ତ୍ରୀ



## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ..............................



ରିଙ୍କି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି–୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ୩ ହଜାର କୋଟିର ଡ୍ରଗ୍ସ ଜବତ କଲା ନୌସେନା

**ନୂଆଦିଲ୍ଲୀ, ୧୯।୪**

ଭାରତୀୟ ନୌସେନା ସୋମବାର ଆରବ ସାଗରରେ ଏକ ମାଛ ମରା ବୋଟ୍‌ରୁ ୩ ଶହ କେଜିର ଡ୍ରଗ୍ସ ଜବତ କରିଛି। ଏହାର ଆନୁମାନିକ ମୂଲ୍ୟ ୩ ହଜାର କୋଟି ଟଙ୍କା ହେବ। ନୌସେନା ପକ୍ଷରୁ ଜାରି ବିବୃତ୍ତି ଅନୁସାରେ, ଜାହାଜ 'ସୁବର୍ଣ୍ଣା'ରେ ନୌସେନା କର୍ମଚାରୀ ଆରବ ସାଗରରେ ପାଟ୍ରୋଲିଂ କରୁଥିଲେ। ଏକ ବୋଟ୍ ଉପରେ ସନ୍ଦେହ ହେବାରୁ ସେନା କର୍ମଚାରୀ ସେଠାରେ ସର୍ଚ୍ଚ ଅପରେଶନ କରିଥିଲେ। ସେଥିରୁ ୩ ଶହ କେଜିରୁ ଊର୍ଦ୍ଧ୍ୱ ଡ୍ରଗ୍ସ ଜବତ ହୋଇଥିଲା। ବୋଟ୍ ଚାଳକଙ୍କ ସମେତ କ୍ରିଓ ସଦସ୍ୟଙ୍କୁ କେରଳର କୋଚି ବନ୍ଦରକୁ ନିଆଯାଇ ପଚରାଉଚରା କରାଯାଉଛି। ମକରନ୍ ବନ୍ଦ ଦେଇ ଭାରତ, ମାଳଦ୍ୱୀପ, ଶ୍ରୀଲଙ୍କାକୁ ବେଆଇନ ନିଶା କାରବାରର ଚେର ଲମ୍ବିଥିବା ନୌସେନା ପକ୍ଷରୁ କୁହାଯାଇଛି।

# ବଜ୍ରପାତ ନେଲା ୪ ଜୀବନ

**ଜଗନ୍ନାଥପ୍ରସାଦ/ଖଲ୍ଲିକୋଟ/ତେନ୍ତୁଲିଖୁଣ୍ଟି/ପଦ୍ମପୁର,୧୯।୪(ଡି.ଏନ.ଏ.)**

କାଳବୈଶାଖୀ ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ରବିବାର ଓ ସୋମବାର ବର୍ଷାପବନ ସହ ବଜ୍ରପାତ ହୋଇଛି। ବଜ୍ରପାତରେ ୪ ଜଣଙ୍କ ଜୀବନ ଯାଇଛି। ସୋମବାର ଅପରାହ୍ନରେ ବଜ୍ରପାତରେ ଗଞ୍ଜାମ ଜିଲା ଜଗନ୍ନାଥପ୍ରସାଦ ଓ ଖଲ୍ଲିକୋଟ ଥାନା ଅଞ୍ଚଳରେ ୨ ଜଣଙ୍କ ମୃତ୍ୟୁ ହୋଇଛି। ଜଗନ୍ନାଥପ୍ରସାଦ ଥାନା ଗଣ୍ଡାଧର ଗ୍ରାମର ଭୃଗୁ ପାତ୍ର ଗୋଛାବାଡ଼ି ଛକରେ ନିଜ ପରିବା ଦୋକାନରେ ବସିଥିବା ବେଳେ ବଜ୍ରପାତ ହେବାରୁ ସେଠାରେ ଟଳି ପଡିଥିଲେ। ତାଙ୍କୁ ପ୍ରଥମେ ଜଗନ୍ନାଥପ୍ରସାଦ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଭଞ୍ଜନଗର ମେଡିକାଲକୁ ନିଆଯାଇଥିଲେ ମଧ୍ୟ ଡାକ୍ତର ମୃତ ଘୋଷଣା କରିଥିଲେ। ଜଗନ୍ନାଥପ୍ରସାଦ ପୋଲିସ ମୃତଦେହ ଜବତ କରିଛି। ମଙ୍ଗଳବାର ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି ଥାନାଧିକାରୀ ଦିଲୀପ କୁମାର ସ୍ୱାଇଁ କହିଛନ୍ତି। ସେହିପରି ଖଲ୍ଲିକୋଟ ଥାନା ଅନ୍ତର୍ଗତ କଞ୍ଚଣା ଗ୍ରାମର ରାମଚନ୍ଦ୍ର ଭୂୟାଁ ପରିବା ବିକ୍ରି କରୁଥିବା ବେଳେ ବଜ୍ରପାତର ଶିକାର ହୋଇଛନ୍ତି। ମଙ୍ଗଳବାର ତାଙ୍କ ମୃତଦେହ ବ୍ୟବଚ୍ଛେଦ କରାଯିବ। ସେହିପରି ନିର୍ମଳଝରର ତଳ ନୂଆ ସାହି ନିକଟରେ ପୋଖରୀ କାମ ଚାଲିଥିବା ବେଳେ ବଜ୍ରପାତରେ ମହିଳା ଶ୍ରମିକ କବିତା ନାହାକ ଗୁରୁତର ହୋଇଥିଲେ। ତାଙ୍କୁ ପ୍ରଥମେ ଖଲ୍ଲିକୋଟ ଡାକ୍ତରଖାନା ଓ ପରେ ବ୍ରହ୍ମପୁର ବଡ଼ ମେଡିକାଲକୁ ପଠାଯାଇଛି। ନବରଙ୍ଗପୁର ଜିଲା ତେନ୍ତୁଲିଖୁଣ୍ଟି ବ୍ଲକ ଉଦୟପୁର ଗ୍ରାମର କେଶବ ପାତ୍ରଙ୍କର ସୋମବାର ବଜ୍ରପାତରେ ମୃତ୍ୟୁ ଘଟିଛି। ସେ ସକାଳେ କାର୍ଲିଚୁଆଁସ୍ଥିତ ସରକାରୀ କେନ୍ଦୁପତ୍ର ସଂଗ୍ରହ ଡିପୋକୁ ଯାଇଥିଲେ। ସେହି ସମୟରେ ବଜ୍ରପାତ ହେବାରୁ କେଶବ ଓ ଅନ୍ୟ ୩ଜଣ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ସମସ୍ତଙ୍କୁ ଉଦ୍ଧାରକରି ତେନ୍ତୁଲିଖୁଣ୍ଟି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଡାକ୍ତର ସେଠାରେ କେଶବଙ୍କୁ ମୃତ ଘୋଷଣା କରିଥିଲେ। ବ୍ୟବଚ୍ଛେଦ ପାଇଁ ମୃତଦେହ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି। ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ଅଧୀନ କରଣପଲ୍ଲୀ ପଞ୍ଚାୟତ ବିଞ୍ଝପାଟଣା ଗ୍ରାମର ଜଗନ୍ନାଥ ଗିରି ନାମକ ଜଣେ ଯୁବକଙ୍କର ବଜ୍ରପାତରେ ମୃତ୍ୟୁ ଘଟିଛି। ରବିବାର ରାତିରେ ସେ ନିଜ ଚିଙ୍ଗୁଡ଼ି ଘେରିରେ ଥିବାବେଳେ ବଜ୍ରପାତରେ ତାଙ୍କ ବେକ ପାଖରେ କ୍ଷତ ହୋଇଯାଇଥିଲା। ପରିବାର ଲୋକେ ତାଙ୍କୁ ଚିକିତ୍ସା ପାଇଁ ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଆପେ ବଣିଜ,**
**ପୁତେ ଚାଷ।**

ବେପାର ବଣିଜରେ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଲୋଡ଼ା, ବ୍ୟବସାୟର ଦାୟିତ୍ୱ ନିଜେ ନ ନେଲେ କ୍ଷତିର ସମ୍ଭାବନା ରହିଥାଏ। ସେହିପରି ଚାଷରୁ ଭଲ ଅମଳ ପାଇବାକୁ ହେଲେ ମାଟି ସହ ମାଟି ହେବାକୁ ପଡ଼ିଥାଏ। ପରଲୋକ ନେଇ ଚାଷ କଲେ ଚାଷରେ ବିଶେଷ ଲାଭ ମିଳୁ ନ ଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ–ପ୍ରାଚୀ ସାହିତ୍ୟ ଅନୁଷ୍ଠାନ

## ପ୍ରଥମ ପୃଷ୍ଠାରୁ...

### ଶନି, ରବି...

କଳାହାଣ୍ଡି, ବଲାଙ୍ଗୀର, ନବରଙ୍ଗପୁର, କୋରାପୁଟ ଏବଂ ମାଲକାନଗିରି ଆଦି ୧୦ ଜିଲାର ସମସ୍ତ ସହରାଞ୍ଚଳରେ ରାତ୍ରି କର୍ଫ୍ୟୁ ପୂର୍ବଭଳି ସନ୍ଧ୍ୟା ୬ଟାରୁ ସକାଳ ୫ଟା ପର୍ଯ୍ୟନ୍ତ ବଳବତ୍ତର ରହିବ। ଏଥିସହିତ ଶନିବାର ଓ ରବିବାର ଶଟ୍‌ଡାଉନ୍ ଲାଗୁ ହେବ। ଏହାଛଡା କଟକ, ଭୁବନେଶ୍ୱର ମହାନଗର ନିଗମ ସମେତ ରାଜ୍ୟର ଅନ୍ୟ ୨୦ ଜିଲାର ସମସ୍ତ ସହରାଞ୍ଚଳରେ ରାତି ୯ଟାରୁ ସକାଳ ୫ଟା ପର୍ଯ୍ୟନ୍ତ ରାତ୍ରି କର୍ଫ୍ୟୁ ସହିତ ଶନିବାର ଓ ରବିବାର ଶଟ୍‌ଡାଉନ୍ ରହିବ। ସମସ୍ତ ଜିଲାପାଳ, ମହାନଗର ନିଗମ କମିଶନର, ଭୁବନେଶ୍ୱର–କଟକ ପୋଲିସ କମିଶନର ନିଜ ନିଜ ଅଞ୍ଚଳରେ ଏହି କଟକଣାକୁ କଡ଼ାକଡ଼ି ଭାବେ ଲାଗୁ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ସମୟରେ ଅତ୍ୟାବଶ୍ୟକ ସେବା ବ୍ୟତୀତ ଅନ୍ୟ ସମସ୍ତ କାର୍ଯ୍ୟ ବନ୍ଦ ରହିବ। ଏହି କଟକଣାରୁ ଅତ୍ୟାବଶ୍ୟକ ସେବା ଯଥା ସ୍ୱାସ୍ଥ୍ୟସେବା, ପାଣି, ବିଜୁଳି, ଗ୍ୟାସ୍, ପରିମଳ, ଗଣମାଧ୍ୟମ, କଳକାରଖାନା, ହୋମ୍ ଡେଲିଭରି ଯୋଗାଉଥିବା ସଂସ୍ଥା ଓ ବ୍ୟକ୍ତିବିଶେଷଙ୍କୁ ମୁକ୍ତ କରାଯାଇଛି। ଯିବା ଆସିବା ବେଳେ ଏହି କର୍ମଚାରୀମାନେ ନିଜ କାର୍ଯ୍ୟାଳୟର ପରିଚୟ ପତ୍ର ଦେଖାଇବେ। ସରକାରଙ୍କ ପକ୍ଷରୁ କୌଣସି ସ୍ୱତନ୍ତ୍ର ପରିଚୟ ପତ୍ର ଜାରି କରାଯିବ ନାହିଁ। ରାତ୍ରି କର୍ଫ୍ୟୁ ଓ ଶଟ୍‌ଡାଉନ୍ ସମୟରେ ରାଜ୍ୟ ଭିତରେ କିମ୍ବା ରାଜ୍ୟ ବାହାରକୁ ଚଳାଚଳ କରୁଥିବା ମାଲବାହୀ ଯାନବାହନ ପୂର୍ବଭଳି ଚଳାଚଳ କରିବ।

ସମସ୍ତ ପ୍ରକାର ସାମାଜିକ, ରାଜନୈତିକ, ଧାର୍ମିକ କାର୍ଯ୍ୟକ୍ରମକୁ ନିଷେଧ କରାଯାଇଛି। ବାହାଘର ପାଇଁ ୫୦ ଏବଂ ଶୁଦ୍ଧିକ୍ରିୟା ପାଇଁ ୨୦ ଜଣଙ୍କୁ ଅନୁମତି ଦିଆଯାଇଛି। ରାଜ୍ୟର ସମସ୍ତ ଅଙ୍ଗନୱାଡି କେନ୍ଦ୍ର ବନ୍ଦ ରହିବ। ମହିଳା ଓ ଶିଶୁ ବିକାଶ ବିଭାଗ ଦ୍ୱାରା ଘରେ ଚାଉଳ କିମ୍ବା ଅନ୍ୟାନ୍ୟ ବିକଳ୍ପ ଖାଦ୍ୟପଦାର୍ଥ ଯୋଗାଇଦେବାକୁ କୁହାଯାଇଛି। କୌଣସି ରାଜନୈତିକ ଦଳକୁ ଶୋଭାଯାତ୍ରା ପାଇଁ ଅନୁମତି ମିଳିବ ନାହିଁ। କୋଭିଡ୍ ଗାଇଡ୍‌ଲାଇନକୁ ସମସ୍ତେ ଅନୁସରଣ କରିବେ। ଜନ୍ମଦିନ, ବ୍ରତଘର, ଏକୋଇଶିଆ ନିଜ ଘରେ କରିବାକୁ କୁହାଯାଇଛି। ହୋଟେଲ, କଲ୍ୟାଣ ମଣ୍ଡପ, ରିସର୍ଟ, କ୍ଲବ ଇତ୍ୟାଦିରେ ସମସ୍ତ ପ୍ରକାର ସାମାଜିକ କାର୍ଯ୍ୟକଳାପକୁ ବାରଣ କରାଯାଇଛି। ହାଟବଜାରରେ ଦୋକାନୀମାନେ ପରସ୍ପରଠାରୁ ୩୦ ଫୁଟ ଦୂରତାରେ ବସିବେ। ଯଥା ସମ୍ଭବ ଭିଡ଼ ଏଡ଼ାଇବାକୁ ମଲ୍‌ଗୁଡିକୁ ନିର୍ଦ୍ଦେଶ ଦିଆଯାଇଛି। ଦୋକାନରେ ଥର୍ମାଲ ସ୍କ୍ରିନିଂ, ସାନିଟାଇଜର ରଖିବାକୁ ପରାମର୍ଶ ଦିଆଯାଇଛି। ଗ୍ରାହକମାନେ ମାସ୍କ ପିନ୍ଧି ଦୂରତା ରକ୍ଷା କରି ଜିନିଷପତ୍ର କିଣିବେ। କେହି ଖୋଲା ମୁହଁରେ କଥାବାର୍ତ୍ତା କରିବେ ନାହିଁ। କଥା ହେବା ବେଳେ ଦୂରତା ରଖିବାକୁ ହେବ। ଦୋକାନୀ ଓ ଗ୍ରାହକମାନେ ମାସ୍କ ପିନ୍ଧିବା ବାଧ୍ୟତାମୂଳକ କରାଯାଇଛି। ଏହାକୁ ଉଲ୍ଲଂଘନ କଲେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ। ସିନେମା ହଲ୍‌ଗୁଡିକ ୫୦% ଦର୍ଶକଙ୍କୁ ନେଇ ଚାଲିବ। ଯାତ୍ରା, ଅପେରା/ ଖୋଲାମଞ୍ଚ ଯାତ୍ରାକୁ ସମ୍ପୂର୍ଣ୍ଣ ନିଷେଧ କରାଯାଇଛି। କୋଭିଡ୍ ଗାଇଡ୍‌ଲାଇନ ଉଲ୍ଲଂଘନ କଲେ ଦୋକାନ ସିଲ୍ ହେବା ସହ ଲାଇସେନ୍ସ ରଦ୍ଦ କରାଯିବ। ଏହି ନିର୍ଦ୍ଦେଶନାମା ୨୧ ଏପ୍ରିଲରୁ ମେ ୧୫ ଯାଏ ବଳବତ୍ତର ରହିବ। ଗତ ୧୯ ତାରିଖରୁ ଆନ୍ତଃ ରାଜ୍ୟ ବସ୍ ଚଳାଚଳ ବନ୍ଦ ରହିଛି। ରାଜ୍ୟ ଭିତରେ ଚଳାଚଳ କରୁଥିବା ବସ୍‌ଗୁଡିକରେ କୌଣସି ଯାତ୍ରୀ ଛିଡ଼ା ହୋଇ ଯାତ୍ରା କରିପାରିବେନାହିଁ।

ଏସ୍‌ଆରସି କହିଛନ୍ତି ଯେ, ଗତ ୩୦ ଘଣ୍ଟା ମଧ୍ୟରେ ଦେଶରେ ୨ ଲକ୍ଷ ୭୦ ହଜାର ଲୋକ ଏହି ମହାମାରୀରେ ସଂକ୍ରମିତ ହୋଇଛନ୍ତି। ମହାରାଷ୍ଟ୍ର, ଦିଲ୍ଲୀ, କର୍ଣ୍ଣାଟକ, ଉତ୍ତରପ୍ରଦେଶ ଭଳି ରାଜ୍ୟରେ ଲକ୍‌ଡାଉନ୍ ଓ ଶଟ୍‌ଡାଉନ୍ ଭଳି ପରିସ୍ଥିତି ସୃଷ୍ଟି ହୋଇଛି। ରାଜ୍ୟ ସରକାର ଏହି ମହାମାରୀର ମୁକାବିଲା ପାଇଁ ବ୍ୟାପକ ପ୍ରସ୍ତୁତି ଜାରି ରଖିଛନ୍ତି। ଗତବର୍ଷ ତୁଳନାରେ ସାଧାରଣ ବେଡ୍, ଆଇସିୟୁ, ଭେଣ୍ଟିଲେଟର ବେଡ୍‌ର ପର୍ଯ୍ୟାପ୍ତ ବ୍ୟବସ୍ଥା କରାଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୩ଟି ବିଷୟ ଉପରେ ଗୁରୁତ୍ୱ ଦେଇଛନ୍ତି। ବିଭିନ୍ନ ସମୟରେ ଗଣମାଧ୍ୟମ ଜରିଆରେ ଜନସାଧାରଣଙ୍କୁ ନିବେଦନ କରିଛନ୍ତି। ସେଗୁଡିକ ହେଲା ମୁହଁକୁ ଭଲ ଭାବେ ଘୋଡାଉଥିବା ମାସ୍କ ପିନ୍ଧିବା, ସାମାଜିକ ଦୂରତା ରକ୍ଷା କରିବା ଏବଂ ହାତକୁ ସାବୁନ କିମ୍ବା ସାନିଟାଇଜରରେ ବାରମ୍ବାର ଧୋଇବା। ଏହାକୁ କଡ଼ାକଡ଼ି ଭାବେ ପାଳନ କରିବାକୁ ଏସ୍‌ଆର୍‌ସି ଲୋକମାନଙ୍କୁ ନିବେଦନ କରିଛନ୍ତି।

### ୧୮ରୁ ଊର୍ଦ୍ଧ୍ୱଙ୍କୁ...

ସାମିଲ କରିବା ସହ ଏଇଏଫଆଇ ରିପୋର୍ଟିଂରେ ଲିଙ୍କ୍ କରାଯିବ। ଯଥାସମ୍ଭବ କମ୍ ସମୟ ମଧ୍ୟରେ ସର୍ବାଧିକ ଭାରତୀୟଙ୍କୁ ଟିକା ଯୋଗାଇ ଦେବା ଲାଗି ସରକାର ବର୍ଷେ ହେଲା ଉଦ୍ୟମ ଚଳାଇ ଆସିଥିବା ପ୍ରଧାନମନ୍ତ୍ରୀ କହିଛନ୍ତି। ବିଶ୍ୱରେ ଭାରତ ସବୁଠୁ ଦ୍ରୁତ ବେଗରେ ଟିକାକରଣ ଅଭିଯାନ ଜାରି ରଖିଛି ଏବଂ ଆଗାମୀ ଦିନରେ ଏହା ଆହୁରି ଦ୍ରୁତ ଗତିରେ ଆଗେଇ ଚାଲିବ ବୋଲି ସେ କହିଥିଲେ। ଦେଶରେ ଦୈନିକ ସଂକ୍ରମଣ ପ୍ରତିଦିନ ନୂଆ ରେକର୍ଡ କରିଚାଲିଥିବାବେଳେ ବିଭିନ୍ନ ରାଜ୍ୟରେ ଅଣାୟତ୍ତ ସ୍ଥିତି ସୃଷ୍ଟି ହୋଇଛି। ବେଡ୍‌ଠାରୁ ଆରମ୍ଭ କରି ଅକ୍ସିଜେନ୍, ଔଷଧ ଓ ଟିକା ସବୁ ଅଭାବ ଦେଖାଦେଇଛି। ଫଳରେ ଅନ୍ୟ ଉପାୟ ନ ପାଇଁ ଦିଲ୍ଲୀ ଓ ରାଜସ୍ଥାନ ସରକାର ସୋମବାର ଲକ୍‌ଡାଉନ ଘୋଷଣା କରିଛନ୍ତି। ଦିଲ୍ଲୀରେ ୬ ଦିନ ଏବଂ ରାଜସ୍ଥାନରେ ୧୫ ଦିନ ଲାଗି ଲକ୍‌ଡାଉନ ଘୋଷଣା କରାଯାଇଛି।

### ସର୍ବକାଳୀନ ଦୈନିକ...

ଦରକାର। ଟ୍ରିପଲ ଲେୟାର ମାସ୍କ ପିନ୍ଧନ୍ତୁ ବୋଲି ସେ କହିଛନ୍ତି। ଏଥିସହ କରୋନା ମୁକାବିଲା ସଂକ୍ରାନ୍ତରେ ସେ କହିଲେ, ସମସ୍ତ ଜିଲାର ଟୋଲ୍ ଫ୍ରି ନମ୍ବରକୁ ଆକ୍ଟିଭ କରାଯିବ। ସେଥିପାଇଁ ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। କେବଳ ସରକାରଙ୍କର ଦାୟିତ୍ୱ ନୁହେଁ ରୋଗୀଙ୍କୁ ଖୋଜିବା, ସାଧାରଣ ଲୋକଙ୍କର ବି କିଛି ଦାୟିତ୍ୱ ରହିବା ଦରକାର। ଲୋକାଲ ସ୍ତରରେ ଯିଏ ବି ସଂକ୍ରମିତ ହେଉଛନ୍ତି ସେମାନେ ଆଶାକର୍ମୀ ଓ ଅଙ୍ଗନୱାଡି କର୍ମୀଙ୍କୁ ବି ଯୋଗାଯୋଗ କରନ୍ତୁ ବୋଲି ଡିଏମ୍‌ଇଟି କହିଛନ୍ତି। ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନିରଞ୍ଜନ ମିଶ୍ର ରାଜ୍ୟବାସୀଙ୍କୁ ମଧ୍ୟ ସତର୍କ ଓ ସଚେତନ କରିବା ଉଦ୍ଦେଶ୍ୟରେ କହିଛନ୍ତି, ଟିକା ନେଲେ ବି ସଂକ୍ରମଣ ହେବ। କିନ୍ତୁ ମୃତ୍ୟୁ ହାର କମିବ। ଜଣେ ଟିକା ନେଇଗଲେ ଯେ, କୋଭିଡ୍‌ରୁ ସମ୍ପୂର୍ଣ୍ଣ ବର୍ତ୍ତିଯିବ ତାହା ନୁହେଁ। ଲୋକେ ନିୟମ ମାନି ଚଳିଲେ କୋଭିଡ୍ ଚେନ୍‌ରେ ବ୍ରେକ୍ ଲାଗିବ। ମାସ୍କ ପିନ୍ଧିବା, ହାତ ଧୋଇବା, ସାମାଜିକ ଦୂରତା ମାନିବାକୁ ପଡ଼ିବ। ତେବେ ଟିକା ନେବା ଦ୍ୱାରା ଭୟାବହତା କମିବ ବୋଲି ଡା. ମିଶ୍ର କହିଛନ୍ତି।

### କଳାବଜାର...

ବୋଲି ସୂଚନା ଦିଆଯାଇଛି। ଅନ୍ୟପକ୍ଷରେ କୋଭିଡ୍ ଔଷଧ ଓ ଇଞ୍ଜେକ୍ସନ ପ୍ରସ୍ତୁତକାରୀ କମ୍ପାନୀଠାରୁ ଆରମ୍ଭ କରି ଷ୍ଟକିଷ୍ଟ, ସପ୍ଲାୟର୍, ବିକ୍ରେତାଙ୍କ ସମସ୍ତ ତଥ୍ୟ ଯାଞ୍ଚ ଚାଲିଛି। ସେମାନଙ୍କ କାର୍ଯ୍ୟକଳାପ ସଂକ୍ରାନ୍ତରେ ତୀକ୍ଷ୍ଣ ନଜର ରଖାଯାଇଛି। ଗୋଇନ୍ଦା ସୂଚନାକୁ ଅଧିକ କ୍ରିୟାଶୀଳ କରାଯାଇଛି। କୌଣସି ସ୍ଥାନରେ କଳାବଜାର ହେଉଥିବା ଖବର ମିଳିଲେ ତତ୍‌କ୍ଷଣାତ ଚଢ଼ାଉ କରାଯିବ। ଏ ସମ୍ପର୍କିତ କୌଣସି ଖବର ନଜରକୁ ଆସିଲେ ଜନସାଧାରଣ ପୋଲିସକୁ ତୁରନ୍ତ ଖବର ଦେବାକୁ କ୍ରାଇମବ୍ରାଞ୍ଚ ଏଡିଜି ଜେଠୱା ନିବେଦନ କରିଛନ୍ତି।

### ପୋଲିସ ଇନ୍‌ଫର୍ମର...

ଉଠାଇ ନେଇଥିଲେ। ନିକଟସ୍ଥ ଜଙ୍ଗଲକୁ ନେଇ ସେମାନେ ଉଭୟଙ୍କୁ ହତ୍ୟା କରିଥିଲେ। ପରେ ସେମାନଙ୍କ ମୃତଦେହ ରାସ୍ତା ଉପରେ ଫୋପାଡ଼ି ଚାଲିଯାଇଥିଲେ। ଘଟଣାସ୍ଥଳରେ ମାଓବାଦୀମାନେ କେତେକ ହାତଲେଖା ପୋଷ୍ଟର ଛାଡ଼ିଯାଇଛନ୍ତି। ପିଏଲ୍‌ଜିଏ ସଙ୍ଗଠନକୁ ଶକ୍ତ ଧକ୍କା ପହଞ୍ଚାଇବା ପାଇଁ ହିଡମା ଓ ଅର୍ଜ୍ଜୁନ ପୋଲିସକୁ ମାଓବାଦୀଙ୍କ ଗତିବିଧି ସମ୍ପର୍କରେ ସୂଚନା ଦେଉଥିବାରୁ ସେମାନଙ୍କୁ ହତ୍ୟା କରାଯାଇଥିବା ଏହି ପୋଷ୍ଟରରେ ଉଲ୍ଲେଖ ରହିଛି। ଜଗରଗୁଣ୍ଡା ପୋଲିସ ପହଞ୍ଚି ମୃତଦେହ ଜବତକରି ଘଟଣାର ତଦନ୍ତ ଆରମ୍ଭ କରିଛି। କୋମ୍ବିଂ ଅପରେଶନକୁ କଡ଼ାକଡ଼ି କରାଯାଇଛି। ତେବେ ସାଧାରଣ ଲୋକଙ୍କ ଅଧିକାର ପାଇଁ ଲଢ଼େଇ କରୁଥିବା କଥା କହୁଥିବା ମାଓବାଦୀଙ୍କ ଏପରି ୨ ଛାତ୍ରଙ୍କୁ ନିର୍ମମ ଭାବେ ହତ୍ୟା କରିବା ସେମାନଙ୍କ ଅସଲ ପରିଚୟକୁ ପଦାରେ ପକାଇଦେଇଛି। ଘଟଣା ପରେ ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି ହୋଇଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ଦ୍ୱିଜାନକ୍ଷତ୍ର ସକାଶେ ବ୍ୟବସାୟ ଓ ପରିବହନ ବାଧାପ୍ରାପ୍ତ ହୋଇପାରେ। ରବିଙ୍କ କାରଣରୁ କେତେକ କ୍ଷେତ୍ରରେ କୌଣସି ବ୍ୟକ୍ତିଙ୍କ ସହ ପ୍ରତିଯୋଗିତା ମନୋଭାବ ସୃଷ୍ଟି ହୋଇପାରେ। ଅର୍ଥ ସମ୍ପର୍କିତ କାମକୁ ବନ୍ଧୁ ଦ୍ୱାରା ହାସଲ କରିପାରିବେ। ବନ୍ଧୁଙ୍କ ପ୍ରତିଶ୍ରୁତି ଶ୍ରବଣକରି କିଛି ଆଶାନେଇ ମନକୁ ସାନ୍ତ୍ୱନା ଦେଇ ପାରନ୍ତି।

**ବୃଷ**
ସମୟ ସ୍ରୋତରେ ଅନ୍ୟମାନଙ୍କ ପ୍ରେରଣାରେ ଆଗକୁ ମାଡ଼ି ଚାଲିବେ। ଆଲୋଚନା କ୍ଷେତ୍ରରେ ଶେଷ ସମୟରେ ନିଷ୍ପତ୍ତି ବଦଳାଇବା ସକାଶେ ମନ ବଳାଇବେ। ରୋହିଣୀ ନକ୍ଷତ୍ରର ବାଣିଜ୍ୟ, ଲେଖାପଢ଼ା ଓ ପ୍ରକାଶନ କ୍ଷେତ୍ରରେ ସମସ୍ୟାର ସମାଧାନ ହୋଇଯିବ। ଯାତ୍ରାରେ ଜିନିଷ ପତ୍ର ପ୍ରତି ସତର୍କ ରହନ୍ତୁ।

**ମିଥୁନ**
ବୁଧଙ୍କ ବଳହୀନତା ଦୈହିକ ଦୁର୍ବଳତା କର୍ମକ୍ଷେତ୍ରକୁ ମନ୍ଥର କରିପାରେ। ଆର୍ଥିକ ପରିସ୍ଥିତି ମନ୍ଦ ନ ଥିବାରୁ ଅସମ୍ପୂର୍ଣ୍ଣ କାର୍ଯ୍ୟ କିଛି ଅଂଶରେ ବଢ଼ିଚାଲିବ। ପରିବାର, ପରିବହନ, ପ୍ରଶାସନ, ପ୍ରକାଶନ, ରାଜନୀତି ଓ ଆନୁଷ୍ଠାନିକ କାମ ସକାଶେ ଭଲ ସମୟ। ପିଲାମାନଙ୍କ ବିଷୟ ଚିନ୍ତା କରି ଅସ୍ଥିର ଅନୁଭବ କରିପାରନ୍ତି।

**କର୍କଟ**
କର୍ମକ୍ଷେତ୍ରରେ ସମସ୍ୟା ସମାଧାନ ହେବ ଓ ପ୍ରଶଂସା ପାଇବେ। ପୁଷ୍ୟାନକ୍ଷତ୍ର ଯେତେଟା ପରିସ୍ଥିତିକୁ ଜଟିଳ ମନେ କରୁଛନ୍ତି ବାସ୍ତବରେ ସେମିତି ହେବନି। ବ୍ୟବସାୟ ଓ ବାଣିଜ୍ୟରେ ପ୍ରତିବନ୍ଧକ ସୃଷ୍ଟି ହୋଇପାରେ। ଆକସ୍ମିକ ଭାବେ କାହା ଉପରେ ରାଗି ଅନର୍ଥ ଓ ଶତ୍ରୁତା ସୃଷ୍ଟି କରିବାକୁ ପଡ଼ିପାରେ।

**ସିଂହ**
ରବିଙ୍କ ପ୍ରସାଦରୁ ଅଟକି ରହିଥିବା କାମଟି ହଠାତ୍ ହୋଇଯିବ। ଅର୍ଥ ଲାଭ ସଙ୍ଗକୁ ଶାରୀରିକ ସୁସ୍ଥତା ଯୋଗୁଁ ମନ ଖୁସି ରହିବ। ଉତ୍ତରାଫାଲଗୁନୀ ନକ୍ଷତ୍ର ସକାଶେ ସାମାଜିକ ସ୍ତରରେ ବିରୋଧୀମାନେ ମୃଦୁ ଗୁଞ୍ଜରଣ ସୃଷ୍ଟି କରିପାରନ୍ତି। ଜମିଜମା, ନିର୍ମାଣ, ଆଇନ, ଅଦାଲତ କ୍ଷେତ୍ର ପାଇଁ ମଧ୍ୟମ ପ୍ରକାରର ସ୍ଥିତି ରହିପାରେ।

**କନ୍ୟା**
କର୍ମକ୍ଷେତ୍ରରେ ଅନ୍ୟର ସାହାଯ୍ୟ ନେବାକୁ ବାଧହେବେ। ଉତ୍ତରାଫାଲ୍‌ଗୁନୀ ନକ୍ଷତ୍ର ଜାତ ବ୍ୟକ୍ତିମାନେ ଯାନବାହନ, ବିବାଦୀୟ ସ୍ଥାନ, ଏକାକୀ ଯାତ୍ରାରୁ ଦୂରେଇ ରହିବା ଭଲ ହେବ। କଳା, କାରିଗରି, ସାହିତ୍ୟ, ସଙ୍ଗୀତ ପ୍ରଭୃତି କ୍ଷେତ୍ରରେ ସୁନାମ ଅର୍ଜନ କରିବେ। ପରିବାରର ସମସ୍ୟା ସଜାଡୁ ସଜାଡୁ ସମୟ ଅତିକ୍ରାନ୍ତ ହୋଇଯିବ।

**ତୁଳା**
ପୂର୍ବ ସ୍ଥିରୀକୃତ ଯୋଜନାନୁଯାୟୀ କାର୍ଯ୍ୟାରମ୍ଭ କଲେ ସଫଳ ହେବେ। ଖର୍ଚ୍ଚଭାର ବୃଦ୍ଧି ପାଇଲେ ମଧ୍ୟ ଆବଶ୍ୟକୀୟ ଅର୍ଥ ବିଭିନ୍ନ ସୂତ୍ରରୁ ପାଇବାରେ ଅସୁବିଧା ହେବ ନାହିଁ। ମକର ରାଶିରେ ଶନି ସ୍ୱଗୃହୀ ହେତୁ ପାରିବାରିକ ସ୍ଥିତି ମଧ୍ୟମ ରହିବ। ଯାତ୍ରା, ପ୍ରତିଦ୍ୱନ୍ଦ୍ୱିତା, କଳା, ସାହିତ୍ୟରେ ସମସ୍ୟା ସମାଧାନ ସକାଶେ ବିଳମ୍ବ ଘଟିପାରେ।

**ବିଛା**
ଆଜି ଆର୍ଥିକ ସ୍ଥିତିର ଦୁରବସ୍ଥା ପ୍ରତିଟି କ୍ଷେତ୍ରରେ ଅଗ୍ରଗତିର ପଥରୋଧ କରିପାରେ। ପାରିବାରିକ ସ୍ଥିତି ପୂର୍ବପରି ରହିବ କିନ୍ତୁ ପାରିପାର୍ଶ୍ୱିକ ପରିସ୍ଥିତି ଶାନ୍ତ ରହି ନ ପାରେ। ଜ୍ୟେଷ୍ଠାନକ୍ଷତ୍ର କ୍ରୀଡ଼ା, କଳା, ସାହିତ୍ୟ ଓ ଚଳଚ୍ଚିତ୍ରରେ ସମସ୍ୟା ସମାଧାନ ହୋଇଯିବ। ପରିବହନରେ ଉନ୍ନତି କରିବେ ଓ ସଭାସମିତିରେ ପ୍ରଶଂସିତ ହେବେ।

**ଧନୁ**
ପାରିବାରିକ ସମସ୍ୟା କ୍ରମଶଃ ଜଟିଳ ହେତୁ ଭାବପ୍ରବଣତା ବୃଦ୍ଧି ପାଇବ। ସହକର୍ମୀଙ୍କଠାରୁ ଭୁଲ୍ ଖବର ପାଇ ବିବ୍ରତ ହୋଇପାରନ୍ତି। ପଡୋଶୀଙ୍କ ଉପରେ ପୂର୍ଣ୍ଣ ଭରସା କରିବା ପୂର୍ବରୁ ପରଖି ନେବା ଭଲ। ମୂଳାନକ୍ଷତ୍ର ବ୍ୟବସାୟ, ସାହିତ୍ୟ, ସାମ୍ବାଦିକତା କ୍ଷେତ୍ର ଉନ୍ନତ ରହିବ। ବିଭିନ୍ନ ପ୍ରତିବନ୍ଧକ ମଧ୍ୟରେ ଗତି କରିବାକୁ ବାଧ ହେବେ।

**ମକର**
କର୍ମକ୍ଷେତ୍ରରେ ଉପର ଅଧିକାରୀଙ୍କ ସହଯୋଗ ଲୋଡ଼ିପାରନ୍ତି। ରପ୍ତାନି, ଏଜେନ୍ସି, ସାହିତ୍ୟ, ସାମ୍ବାଦିକତା ଓ ପ୍ରଶାସନିକ କ୍ଷେତ୍ରରେ ପ୍ରଶଂସିତ ହେବେ। ଉତ୍ତରାଷାଢା ନକ୍ଷତ୍ରଜାତ ବ୍ୟକ୍ତିମାନେ ସଭାସମିତି କିମ୍ବା ଆନୁଷ୍ଠାନିକ କାମରେ ସମ୍ମାନିତ ହୋଇପାରନ୍ତି। ଜମିଜମା, ଯାନବାହନ, ନିର୍ମାଣ, ପରିବହନ ମଧ୍ୟମ ପ୍ରକାରର ରହିବ।

**କୁମ୍ଭ**
ଯେତେ ଭଲ କାମ କଲେ ମଧ୍ୟ ଈର୍ଷାପରାୟଣ ବ୍ୟକ୍ତିଙ୍କ ଦ୍ୱାରା ସମାଲୋଚିତ ହୋଇପାରନ୍ତି। ଶତଭିଷା ନକ୍ଷତ୍ର ହଠାତ୍ ଜଣେ ବନ୍ଧୁଙ୍କୁ ଅନୁରୋଧ କରି ସମସ୍ୟା ସମାଧାନ ଚେଷ୍ଟା କରିବେ। ମାଲିମକଦ୍ଦମା, ଜମିଜମା, ଅର୍ଥନୈତିକ କାର୍ଯ୍ୟ, ଯୋଗାଯୋଗ, ଭ୍ରମଣ ପ୍ରଭୃତି କ୍ଷେତ୍ରରେ ଆଶାଜନକ ଫଳ ପାଇବେ। ଆର୍ଥିକ ଉନ୍ନତି ଘଟିବ।

**ମୀନ**
କୌଣସି ଆନୁଷ୍ଠାନିକ କର୍ମଭିତ୍ତିରେ ଗୁରୁ ଦାୟିତ୍ୱ ବହନ କରିବାକୁ ପଡିପାରେ। ରେବତୀ ନକ୍ଷତ୍ରର ଖର୍ଚ୍ଚ ପରିମାଣ ବୃଦ୍ଧିହେତୁ ମନରେ ସରସତା ରହିବ ନାହିଁ। ଆଲୋଚନା, ସାହିତ୍ୟ, ସଙ୍ଗୀତ ଓ ଚଳଚ୍ଚିତ୍ର କ୍ଷେତ୍ରରେ ଆଶାତୀତ ସଫଳତା ପାଇବେ। ସନ୍ତାନଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବାରୁ ସାମୟିକ ଆଶ୍ୱସ୍ତି ଅନୁଭବ କରିପାରନ୍ତି।

ଆଜି ଚୈତ୍ର ଶୁକ୍ଳପକ୍ଷର ଅଶୋକାଷ୍ଟମୀ ମଙ୍ଗଳବାର, ଶ୍ରୀମନ୍ଦିରରେ ଜେଉଡଭୋଗ, ଶ୍ରୀଲିଙ୍ଗରାଜଦେବଙ୍କ ରୁକୁଣା ରଥଯାତ୍ରା, ବାସନ୍ତିକ ମହାଷ୍ଟମୀ ମଣ୍ଡଳ ବା ଫଳଥୁଆ ପୂଜା, (ରାତ୍ରି ଘ.୧୨.୨୯.୪୫ ସନ୍ଧିପୂଜାରମ୍ଭ, ଘ.୧୨.୪୩.୪୫ ସନ୍ଧିବଳିପ୍ରୋକ୍ଷଣ, ଘ.୦୧.୦୭.୪୫. ସନ୍ଧିପୂଜା ସମାପ୍ତ), ଚୈତ୍ର ମଙ୍ଗଳବାର ଓଷା ଚତୁର୍ଥପାଳି, ଏପ୍ରିଲ ୨୦ ତାରିଖ, ରାଶିନକ୍ଷତ୍ର–ପୁଷ୍ୟା/କର୍କଟ, ମକର ରାଶିର ଘାତବାର, ଅଷ୍ଟମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୬.୫୯ମି. ଗତେ ଘ.୧୦.୩୦ମି. ମଧ୍ୟେ, ଘ.୦୧.୦୧ମି. ଗତେ ଘ.୦୨.୪୧ମି. ମଧ୍ୟେ ଅମୃତ ବେଳା। ଦିବା ଘ.୦୮.୩୭ମି. ଗତେ ଘ.୧୦.୪୦ମି. ମଧ୍ୟେ ମାହେନ୍ଦ୍ର ବେଳା। ଦିବା ଘ.୦୨.୫୪ମି.ଗତେ ଘ.୦୪.୨୮ମି. ମଧ୍ୟେ ରାହୁକାଳ।


# classifieds Everyday
**0674-2580101, 2549302**



real estate

**SALE**

1550sqft. plot for sale near Sai Mandir, Tankapani road, Bhubaneswar. 9861037729, 9040337729. D-20554

**Plot for Sale, 2000sqft (10nos) per sqft-1800 Yellowzone infront of Tata ariana, Vipul Garden Backside Ghatikia Mouza-sankarpur, BBSR. Water & Electricity available 30' Road NH-5 to 1km Contact: 7381564227.** D-20497

ଭୁବନେଶ୍ୱର ଯାଆଁଳା NHରୁ ½km ଦୂରତାରେ 30' ରାସ୍ତାଥାଇ plot ଏବଂ AIIMS ପାଖରେ sqft. 650/- କିଣନ୍ତୁ। 9348767829. D-70837

**2/3BHK flat at Bhubaneswar booking open, Discount offer, limited period upto 5,00,000/-. 9040744989.** D-70836

ଭୁବନେଶ୍ୱର ଜଟଣୀଗେଟ୍‌ରୁ କିଛି ଦୂରତାରେ 1200sqft. 2,80,000/-, ପିତାପଲ୍ଲୀ bypass ପାଖରେ 4,80,000/- (outright). 9348232008, 9776974912. D-70842

**ଭୁବନେଶ୍ୱର ଖୋର୍ଦ୍ଧା NH side ପିତାପଲ୍ଲୀ ଛକ ନିକଟରେ plot ମିଳୁଛି। owner 9090963952.** D-70831

ଭୁବନେଶ୍ୱର ଜଟଣୀଗେଟ୍ Jupiter College ଲାଗି sqft.-399/-, 230/-, ନଖରା ତ୍ରିନାଥ ବଜାର ପାଖରେ ଘରବାରି ପ୍ଲଟ୍ sqft.- 460/- ବିକ୍ରିହେବ। 9658891108, 7894433357. D-70835

**1200sqft. gharabari boundary plot 30ft. road Gudiapokhari 8,00,000/-Rangabazar 10,00,000/-, 8455094875.** D-70828

Schedulecaste gharabari plot sale 6k.m. from Nakhara, Brahmanjharilo mainroad side 1200sqft. 9,60,000/-, Anantapur 2k.m. from main road 1500sqft. 9,75,000/-, 9439006524. D-70840

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:– classifieddharitri@gmail.com

**Gharabari BDA yellowzone plot near Gandhi College sqft. 1250/- Jatani Niser 650/-. 7978230118, 8249477254.** D-70825

**ଭୁବନେଶ୍ୱର ନଖରା East Engineering College backside ଘରବାରି developed plot with electricity available. ଯୋଗାଯୋଗ – 9937111658, 7381029351 (limited plots).** D-70816

Shree Krishna developer 55acres township plotting project near Sum Hospital for enquiry. 8337900881. D-70582

**Plot for Sale Near Pipili Toll Gate, Just 16 K.M. from Bhubaneswar, Kalpana Square. Contact: 9937446498.** D-70581

**Demarcated ପ୍ଲଟ୍ KEC, ଗୁଡ଼ିଆପୋଖରୀ ପାଖରେ immediate registration & possession ଅଗ୍ରିମ boundarywall, electricity with 30ft. road sqft.650/-ରେ ମିଳୁଛି। Contact: 7008045582, 7749800648.** D-20490




to-let

Shoproom (10'x10') opposite BijuPatnaik College, Jayadev Vihar main road. Contact: 9938511622. D-20540



healthcare

Newly open full body massage ladies and gents. 9040900385. D-69547

Refreshing your mind body with best expert therapist. 8144219731, 7749040472. D-70590

New opening Saikrupa Panchakarma and Spa jointpain, fullbody massage, 8984068077. D-65915

Swarna SPA newly open positively health benefits with expert therapist. 9556978408. D-70588

Zen SPA positively health benefits with experts therapeutic genuinely massage. 7205084157. D-70589

**LOST**

ମୁଁ କାର୍ତ୍ତିକ ପଣ୍ଡା, ପିତା– ଗୋବିନ୍ଦ ପଣ୍ଡା, ସା/ପୋ– ନାନ୍ଦପୁର, ଥାନା– ଧୁଷୁରୀ, ଜିଲ୍ଲା– ଭଦ୍ରକ ଜଣାଉଅଛି ଯେ ମୋର ଦଲିଲ ନଂ.– 497/1993 କବଲାଟି ଗତ ୧୫।୧୨।୨୦୨୦ରିଖରେ ତିନିତର ଘାଟ ନିକଟରେ ହଜିଯାଇଛି। କେହି ଯଦି ଏହି କବଲାର ବେନିୟମ ବ୍ୟବହାର କରନ୍ତି ନିୟମାନୁଯାୟୀ ଦଣ୍ଡିତ ହେବେ। ଯଦି କେହି ସହୃଦୟ ବ୍ୟକ୍ତି ଏହି କବଲାଟି ପାଇଥାନ୍ତି ନିମ୍ନ ଫୋନ୍ ନମ୍ବରରେ ଜଣାଇବାକୁ ଅନୁରୋଧ। ଫୋନ୍ ନଂ. - 9178135860. D-20555

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**AFFIDAVIT**

By an affidavit before Notary Public, Jharsuguda, I Jyoti Ranjan Sahoo, At/PO. Sarbahal, Dist. Jharsuguda declare that in passport (No.J5638299) issued by Indian Passport Authority, Surat (Gujrat), my name is mentioned as Jyotiranjan Bhagaban instead of Jyoti Ranjan Sahoo, S/o. Bhagaban Sahoo. The above names relates to one and same person. D-20556

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in

## କରୋନା ଟିକା ନେଇ ମହିଳାଙ୍କ ମୃତ୍ୟୁ ଅଭିଯୋଗ

କେନ୍ଦୁଝର,(ସ୍ୱ.ପ୍ର./ଡି.ଏନ.ଏ.): କେନ୍ଦୁଝର ଜିଲା ମୁଖ୍ୟ ଡାକ୍ତରଖାନାରେ କୋଭିଡ୍ ଟିକା ନେଇଥିବା ଜଣେ ମହିଳାଙ୍କ ମୃତ୍ୟୁ ହେବା ନେଇ ଅଭିଯୋଗ ହୋଇଛି। ମୃତକ ହେଲେ ଟାଉନ ଥାନା ବଡ଼ହଲ ଅଞ୍ଚଳର ନିଶାମଣୀ ତରେଇ (୫୨)। ପରିବାର ଲୋକେଙ୍କ ଅଭିଯୋଗ ପରେ ସାଧାରଣରେ ଭୟ ସୃଷ୍ଟି ହୋଇଛି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ତଦନ୍ତ ଆରମ୍ଭ କରିଛି। ପୋଲିସ ସୂଚନା ଅନୁଯାୟୀ, ସେ ଗତ ରବିବାର ଅପରାହ୍ନରେ ଟିକା ନେଇଥିଲେ। ରାତିରେ ହଠାତ ଅସୁସ୍ଥ ହୋଇ ପଡ଼ିବାରୁ ପରିବାର ଲୋକେ ତାଙ୍କୁ କେନ୍ଦୁଝର ଜିଲା ମୁଖ୍ୟ ଡାକ୍ତରଖାନାକୁ ନେଇଥିଲେ। ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା।

## ୧୮ ବର୍ଷରୁ ଉର୍ଦ୍ଧ୍ୱଙ୍କୁ ଟିକା ନିଷ୍ପତ୍ତିକୁ ଧର୍ମେନ୍ଦ୍ରଙ୍କ ସ୍ୱାଗତ

**ଭୁବନେଶ୍ୱର, ୧୯।୪(ବ୍ୟୁରୋ):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଭାରତ ସରକାର ଆସନ୍ତା ମେ ୧ରୁ ୧୮ ବର୍ଷରୁ ଉର୍ଦ୍ଧ୍ୱ ସମସ୍ତଙ୍କୁ ଟିକା ଦେବାର ନିଷ୍ପତି ନେଇଛନ୍ତି। କୋଭିଡ୍-୧୯ ବିରୋଧରେ ସରକାରଙ୍କ ପ୍ରସ୍ତୁତିକୁ ମଜବୁତ୍ କରିବ ଏବଂ ଏହି କଠିନ ସମୟରେ ଭାରତବର୍ଷର ସମସ୍ତ ନାଗରିକଙ୍କ ସୁରକ୍ଷା ଓ ସ୍ୱାସ୍ଥ୍ୟକୁ ସୁନିଶ୍ଚିତ କରିବ ବୋଲି ଟୁଇଟ୍ କରି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ଦେଶର ସର୍ବବୃହତ ଟିକା ଅଭିଯାନକୁ ତ୍ୱରାନ୍ୱିତ କରିବାର ନିର୍ଣ୍ଣାୟକ ପଦକ୍ଷେପ ନେଇଥିବାରୁ ପ୍ରଧାନମନ୍ତ୍ରୀଙ୍କୁ ସେ ଧନ୍ୟବାଦ ଜଣାଇଛନ୍ତି। ଏହାସହ ଟିକା ଉତ୍ପାଦନକାରୀ କମ୍ପାନୀମାନେ ୫୦ ପ୍ରତିଶତ କୋଭିଡ଼-୧୯ ଟିକା ଡୋଜ୍ ରାଜ୍ୟ, କେନ୍ଦ୍ରଶାସିତ ଅଞ୍ଚଳ ଓ ଖୋଲା ବଜାରକୁ ଦେବାର ନିଷ୍ପତି ସ୍ୱାଗତଯୋଗ୍ୟ। ଏହି ନିଷ୍ପତି ଅଧିକ ନାଗରିକମାନଙ୍କୁ ଟିକା ନେବାରେ ସହାୟକ ହେବା ସହ ସର୍ବବୃହତ ଅଭିଯାନକୁ ତ୍ୱରାନ୍ୱିତ କରିବ ବୋଲି ଧର୍ମେନ୍ଦ୍ର କହିଛନ୍ତି।

# ଡିସିସିବି ଆର୍ଥିକ ଅନିୟମିତତାକୁ ଚାପି ଦିଆଯାଉଛି

ଯାଜପୁର ଅଫିସ,୧୯।୪

- ଷ୍ଟାଣ୍ଡିଂ କମିଟି ସୁପାରିସକୁ ଅଣଦେଖା
- ସରଚାର୍ଜ ପ୍ରୋସିଡିଂରେ ସୀମିତ
- ଦୁର୍ନୀତିଗ୍ରସ୍ତ ଅଧିକାରୀ, କର୍ମଚାରୀଙ୍କୁ ସୁରକ୍ଷା

ବଲାଙ୍ଗୀର ଓ କେନ୍ଦୁଝର ଜିଲା କେନ୍ଦ୍ରୀୟ ସମବାୟ ବ୍ୟାଙ୍କ(ଡିସିସିବି)ର ଆନନ୍ଦପୁର ଶାଖାରେ ହୋଇଥିବା ଅର୍ଥ ଆତ୍ମସାତ୍ ମାମଲାକୁ ଚାପି ଦିଆଯାଇଛି। ଏଥିରେ ସମ୍ପୃକ୍ତ ପରିଚାଳନା ନିର୍ଦ୍ଦେଶକ ଓ କର୍ମଚାରୀଙ୍କୁ ଦାୟୀ କରି ସେମାନଙ୍କଠାରୁ ଉକ୍ତ ଅର୍ଥକୁ ଆଦାୟଯୋଗ୍ୟ ଦର୍ଶାଯାଇଛି। ସେମାନଙ୍କ ବିରୋଧରେ କେବଳ ସରଚାର୍ଜ ପ୍ରୋସିଡିଂ ମାମଲା ରୁଜୁ କରି ରଫାଦଫା କରିବାକୁ ଉଦ୍ୟମ ହୋଇଛି। ଏହି ମାମଲାର ଭିଜିଲାନ୍ସ କିମ୍ବା ଲୋକପାଳ ତଦନ୍ତ ନିମନ୍ତେ ବିଭାଗୀୟ ଷ୍ଟାଣ୍ଡିଂ କମିଟି ସୁପାରିସ କରିଥିଲେ ହେଁ ତାକୁ ଅଣଦେଖା କରାଯାଇଛି। କେବଳ ଆଇନ ବିଭାଗକୁ ଅଡିଟ୍ ରିପୋର୍ଟ ପଠାଇ ଦେଇ ଦୁର୍ନୀତିଗ୍ରସ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ସୁରକ୍ଷା ଯୋଗାଇ ଦିଆଯାଇଛି ବୋଲି ଅଭିଯୋଗ ହୋଇଛି। ଏଥିପାଇଁ ବିଭାଗୀୟ ଅଧିକାରୀ ଓ ଦୁର୍ନୀତିଗ୍ରସ୍ତ କର୍ମଚାରୀଙ୍କ ମଧ୍ୟରେ ଏକ ବଡ଼ଧରଣର ମୂଲଚାଲ ହୋଇଥିବା ମତପ୍ରକାଶ ପାଇଛି।

ବଲାଙ୍ଗୀର ଜିଲା କେନ୍ଦ୍ରୀୟ ସମବାୟ ବ୍ୟାଙ୍କର ୨୦୧୫-୧୬ଠାରୁ ୨୦୧୮-୧୯ ମଧ୍ୟରେ ଘଟିଥିବା ବିଭିନ୍ନ ଆର୍ଥିକ ଅନିୟମିତତା ଏବଂ ୧।୧୨।୨୦୧୮ଠାରୁ ୩୧।୧୦।୨୦୧୯ ମଧ୍ୟରେ ଏଟିଏମ୍ ମାଧ୍ୟମରେ ଜାଲିଆତି କରି ଅର୍ଥ ଉଠାଣ ଉପରେ ୨ଟି ସ୍ୱତନ୍ତ୍ର ଅଡିଟ୍ କରାଯାଇଥିଲା। ଏହି ସ୍ୱତନ୍ତ୍ର ଅଡିଟ୍‌ର ବିବରଣୀ ଅନୁଯାୟୀ ୨୦୧୫-୧୬ ଠାରୁ ୨୦୧୮-୧୯ ମଧ୍ୟରେ ୧ କୋଟି ୪୭ ଲକ୍ଷ ୫୯ ହଜାର ୩୨ ଟଙ୍କାର ଆର୍ଥିକ ଅନିୟମିତତା ଦୃଷ୍ଟିଗୋଚର ହୋଇଥିଲା। ଏଥିପାଇଁ ୧୫ ଜଣ ପରିଚାଳନା ପରିଷଦ ନିର୍ଦ୍ଦେଶକ ଏବଂ ୨୩ ଜଣ କର୍ମଚାରୀଙ୍କୁ ଦାୟୀ କରି ସେମାନଙ୍କଠାରୁ ଉକ୍ତ ଅର୍ଥକୁ ଆଦାୟଯୋଗ୍ୟ ଦର୍ଶାଯାଇଛି। ଏଥିପାଇଁ ଉକ୍ତ ଅଧିକାରୀ ଓ କର୍ମଚାରୀଙ୍କ ବିରୋଧରେ ସରଚାର୍ଜ ପ୍ରୋସିଡିଂ ମାମଲା ରୁଜୁ କରାଯାଇଛି। ଏଟିଏମ ମାଧ୍ୟମରେ ଅର୍ଥ ଉଠାଣ ବିଷୟରେ ହୋଇଥିବା ସ୍ୱତନ୍ତ୍ର ସମୀକ୍ଷା ବିବରଣୀ ଅନୁଯାୟୀ ୧୦ ଲକ୍ଷ ୩୪ ହଜାର ୬୩୨ ଟଙ୍କାର ଜାଲିଆତି ହୋଇଥିଲା। ଅଡିଟରଙ୍କ ଦ୍ୱାରା ଏହି ଜାଲିଆତିରେ ସମ୍ପୃକ୍ତ ୧୦ ଜଣ କର୍ମଚାରୀଙ୍କ ନାମ ଦର୍ଶାଯାଇଥିବାବେଳେ ୮ ଜଣଙ୍କ ବିରୋଧରେ ସରଚାର୍ଜ ପ୍ରୋସିଡିଂ ମାମଲା ରୁଜୁ କରାଯାଇଛି। ଏହାବ୍ୟତୀତ ୧୦ କର୍ମଚାରୀଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ବଲାଙ୍ଗୀର ଟାଉନ ଥାନାରେ ୨ଟି ଏଫଆଇଆର ରୁଜୁ ହୋଇଛି।

କେନ୍ଦୁଝର ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ ଅଧୀନ ଆନନ୍ଦପୁର ଶାଖାର ୨୦୧୭-୧୮ଠାରୁ ୨୦୧୯-୨୦ ମଧ୍ୟରେ ସ୍ୱତନ୍ତ୍ର ଅଡିଟ୍ ହୋଇଥିଲା। ବ୍ରାଞ୍ଚରେ ବିଭିନ୍ନ ଋଣ ପ୍ରକ୍ରିୟା ଏବଂ ଏ ସଂକ୍ରାନ୍ତୀୟ ରାଜିନାମାରେ ତ୍ରୁଟି ପାଇଁ ସମ୍ପୃକ୍ତ କର୍ମଚାରୀଙ୍କ ବିରୋଧରେ ୧୦ ଲକ୍ଷ ୧୫ ହଜାର ୬୧୩ ଟଙ୍କା ଆଦାୟଯୁକ୍ତ ଅର୍ଥ ଦର୍ଶାଯାଇଅଛି। ଉକ୍ତ ଅର୍ଥକୁ ଆଦାୟ କରିବା ପାଇଁ ଇତିମଧ୍ୟରେ ଆସିଷ୍ଟାଣ୍ଟ ଅଡିଟର ଜେନେରାଲ ଅଫ୍ କୋଅପରେଟିଭ ସୋସାଇଟିଜ୍ (ଏଏଜିସିଏସ୍)ଠାରେ ସରଚାର୍ଜ ପ୍ରୋସିଡିଂ ମାମଲା ଦାୟର ହୋଇ ଶୁଣାଣି ଜାରି ରହିଛି। ଉପରୋକ୍ତ ଅନିୟମିତତା ଅର୍ଥ ଆତ୍ମସାତ୍ କିମ୍ବା ଜାଲିଆତି ଜନିତ ହୋଇ ନ ଥିବାରୁ ସମ୍ପୃକ୍ତ କର୍ମଚାରୀମାନଙ୍କ ବିରୋଧରେ କୌଣସି ଫୌଜଦାରୀ ମାମଲା ନ ହୋଇ ସମବାୟ ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ବୋଲି ରାଜ୍ୟ ସମବାୟ ସମିତି(ମାର୍କେଟିଂ)ର ଡେପୁଟି ରେଜିଷ୍ଟ୍ରାର ୨୬।୩।୨୦୨୧ରେ ସମବାୟ ସମିତିର ଅଣ୍ଡର ସେକ୍ରେଟାରିଙ୍କୁ ଦେଇଥିବା ପତ୍ରରେ ଦର୍ଶାଇଛନ୍ତି।

## କାଠରେ କ୍ଷୁଦ୍ରତମ ରାମମନ୍ଦିର ମଡେଲ

ବ୍ରହ୍ମପୁର ଅଫିସ୍,୧୯।୪

- ପୁଣି ରେକର୍ଡ ଆଶାରେ ଦିଲୀପ
- ପ୍ରଧାନମନ୍ତ୍ରୀଙ୍କୁ ଉପହାର ଲକ୍ଷ୍ୟ


ଦିଲୀପ ନିର୍ମାଣ କରିଥିବା ରାମମନ୍ଦିର ମଡେଲ୍।

ଅଯୋଧ୍ୟା ରାମ ମନ୍ଦିର ମଡ଼େଲ ନିର୍ମାଣ କରି ଚର୍ଚ୍ଚାକୁ ଆସିଛନ୍ତି ବ୍ରହ୍ମପୁରର କାଠ ଶିଳ୍ପୀ ଦିଲୀପ କୁମାର ମହାରଣା। ଆଗାମୀ ରାମ ନବମୀ ଅବସରରେ ଦିଲୀପ ଏହି କ୍ଷୁଦ୍ରତମ ମଡ଼େଲଟିକୁ ପ୍ରସ୍ତୁତ କରିଥିବା କହିଛନ୍ତି। ସେ ନିର୍ମାଣ କରିଥିବା ମଡ଼େଲର ଉଚ୍ଚତା ୪ ଇଞ୍ଚ ରହିଛି। ଏହାକୁ ତିଆରି କରିବା ପାଇଁ ତାଙ୍କୁ ଏକ ସପ୍ତାହରୁ ଅଧିକ ସମୟ ଲାଗିଛି। ଏଥିରେ ୮୪ ଖମ୍ବ ଓ ମୁଖ୍ୟ ମନ୍ଦିର ବେଢ଼ା ପାର୍ଶ୍ୱ ମନ୍ଦିରର ୪ ଗମ୍ବୁଜ ରହିଛି। ଏହାକୁ ସେ ଏସିଆ ବୁକ୍ ଅଫ୍ ରେକର୍ଡ଼ ଓ ଗିନିଜ୍ ବୁକ୍ ଅଫ୍ ରେକର୍ଡ଼ ପାଇଁ ଆବେଦନ କରିଛନ୍ତି। ସେ ଏହି ମଡ଼େଲ୍‌ଟିକୁ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ମାଧ୍ୟମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଉପହାର ଆକାରରେ ପ୍ରଦାନ କରିବାକୁ ଆଶା ରଖିଛନ୍ତି। ଏଥିପୂର୍ବରୁ ଦିଲୀପ ଦଶହରା ସମୟରେ କାଠରେ ଏକ ଇଞ୍ଚ ବିଶିଷ୍ଟ ମା’ ଦୁର୍ଗାଙ୍କର କ୍ଷୁଦ୍ରତମ ପ୍ରତିମୂର୍ତ୍ତି ନିର୍ମାଣ କରି ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ଼ ଓ ଏସିଆ ବୁକ୍ ଅଫ୍ ରେକର୍ଡ଼ରେ ସ୍ଥାନ ପାଇଥିଲେ। ଦିଲୀପଙ୍କ ରାମ ମନ୍ଦିର ମଡ଼େଲ ନିର୍ମାଣ କରିବା କ୍ଷେତ୍ରରେ ତାଙ୍କ ବାପା ଓ ଭାଇ ସହଯୋଗ କରିଛନ୍ତି।


ଭୁବନେଶ୍ୱର ଏଜି ଛକରୁ ରାଜଭବନ ମଧ୍ୟରେ ସୋମବାର ଏକ ଦମ୍ପତି ଘୋଡ଼ାଗାଡ଼ିରେ ଯାଉଛନ୍ତି।

## ପିପିଲି ଉପନିର୍ବାଚନ ପାଇଁ ସାନି ବିଜ୍ଞପ୍ତି

**ମେ ୧୩ରେ ଭୋଟ, ୨୬ରେ ନାମାଙ୍କନ**

**ଭୁବନେଶ୍ୱର,୧୯।୪(ବ୍ୟୁରୋ):** ପିପିଲି ଉପ ନିର୍ବାଚନ ପାଇଁ ସୋମବାର ନିର୍ବାଚନ କମିଶନଙ୍କ ପକ୍ଷରୁ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ଆସନ୍ତା ମେ ୧୩ ତାରିଖରେ ଭୋଟ ଗ୍ରହଣ ହେବ। ଏପ୍ରିଲ ୨୬ ତାରିଖରେ ନାମାଙ୍କନ ପତ୍ର ଦାଖଲ ହେବ। ୨୭ ତାରିଖରେ ପ୍ରାର୍ଥୀପତ୍ର ଯାଞ୍ଚ କରାଯିବ। ୨୯ ତାରିଖରେ ପ୍ରାର୍ଥୀପତ୍ର ପ୍ରତ୍ୟାହାର ପାଇଁ ଶେଷ ସମୟ ଧାର୍ଯ୍ୟ କରାଯାଇଛି। ମେ ୧୮ ତାରିଖ ସୁଦ୍ଧା ନିର୍ବାଚନ ପ୍ରକ୍ରିୟା ଶେଷ ହେବ। ତେବେ ଭୋଟ ଗଣିତି ନେଇ କୌଣସି ତାରିଖ ଘୋଷଣା କରାଯାଇ ନାହିଁ। ଏଠାରେ ସୂଚନା ଯୋଗ୍ୟ ଯେ କଂଗ୍ରେସ ପ୍ରାର୍ଥୀ ଅଜିତ ମଙ୍ଗରାଜଙ୍କର ଏପ୍ରିଲ ୧୪ ତାରିଖରେ କୋଭିଡରେ ମୃତ୍ୟୁ ହୋଇଥିଲା। ସେଥିପାଇଁ ଏପ୍ରିଲ ୧୭ ତାରିଖରେ ହେବାକୁ ଥିବା ପିପିଲି ଉପ ନିର୍ବାଚନକୁ ସ୍ଥଗିତ ରଖାଯାଇଥିଲା। କଂଗ୍ରେସ ପ୍ରାର୍ଥୀଙ୍କ ମୃତ୍ୟୁ ଯୋଗୁ ଉପ ନିର୍ବାଚନ ପାଇଁ ଦ୍ୱିତୀୟ ଥର ଲାଗି ତାରିଖ ଘୋଷଣା କରାଯାଇଛି। ଏହି ନିର୍ବାଚନ ପାଇଁ ବିଜେଡି ଓ ଭାଜପା ପ୍ରାର୍ଥୀ ପୂର୍ବରୁ ନାମାଙ୍କନ ପତ୍ର ଦାଖଲ କରିଥିବାରୁ କେବଳ କଂଗ୍ରେସ ପ୍ରାର୍ଥୀ ପ୍ରାର୍ଥୀପତ୍ର ଦାଖଲ କରିବେ। ତେବେ କଂଗ୍ରେସ ସ୍ୱର୍ଗତ ମଙ୍ଗରାଜଙ୍କ ପରିବାରରୁ କିମ୍ବା ବାହାରୁ କାହାକୁ ପ୍ରାର୍ଥୀ କରିବ ସେ ନେଇ ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇ ନାହିଁ।


**ନୋଟିସ**

ପ୍ରକାଶ ଥାଉକି ଖଣ୍ଡଗିରି ସବ୍ ରେଜିଷ୍ଟ୍ରାର କାର୍ଯ୍ୟାଳୟରେ ଅନୁବନ୍ଧିତ ରେଜିଷ୍ଟ୍ରି ବିକ୍ରୟ କବଲା ନଂ. ୩୭୬୭, ତା୦୩।୦୫।୨୦୦୭ରିଖ, ଯାହାକି ଅମୀୟ କୁମାର ସାହୁଙ୍କ ଅନୁବନ୍ଧିତ ହୋଇଛି ତାହା ମୋ ହେପାଜତରେ ଥିବା ବେଳେ କୌଣସି କାରଣବଶତଃ ହଜିଯାଇଛି। ଶତଚେଷ୍ଟା ସତ୍ତ୍ୱେ ତାହା ହସ୍ତଗତ ହୋଇପାରୁନାହିଁ। ତେଣୁ ସର୍ବସାଧାରଣଙ୍କୁ ଅନୁରୋଧ ଯଦି କୌଣସି ସହୃଦୟ ବ୍ୟକ୍ତିଙ୍କର ହସ୍ତଗତ ହୁଏ, ତେବେ ନିମ୍ନୋକ୍ତ ଅଧିକାରୀଙ୍କୁ ହସ୍ତାନ୍ତର କରିବା ବିଧେୟ। ଯଦି ଉକ୍ତ ଦଲିଲ ଅପବ୍ୟବହାର କରାଯାଏ, ତାହାହେଲେ ଆଇନ ଅନୁଯାୟୀ ଦଣ୍ଡିତ ହେବେ ଏବଂ ମୁଁ ଦାୟୀ ରହିବି ନାହିଁ।

ଭୁବନେଶ୍ୱର
ତାରିଖ: ୨୦।୦୪।୨୦୨୧

ଶୁଭ୍ରା ପ୍ରବଳ ନାଗ
ଏରିଆ ଅପରେସନ ମ୍ୟାନେଜର, ଆକ୍ସିସ୍ ବ୍ୟାଙ୍କ ଲିଃ.
ଆକ୍ସିସ୍ ବ୍ୟାଙ୍କ ଲୋନ ସେଣ୍ଟର
ପ୍ଲଟ୍ ନଂ.– ୫୦୧, ସେଣ୍ଟର ପଏଣ୍ଟ
୧ମ ଓ ୨ୟ ମହଲା, ଖାରବେଳ ନଗର, ଭୁବନେଶ୍ୱର


## ଟିକାକରଣ ସହ ମାସ୍କ ବାଣ୍ଟିବାକୁ ଭାଜପାର ଆହ୍ୱାନ

**ଭୁବନେଶ୍ୱର, ୧୯।୪(ବ୍ୟୁରୋ):** ରାଜ୍ୟରେ କୋଭିଡ-୧୯ର ସ୍ଥିତି ସମ୍ପର୍କରେ ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତି ସୋମବାର ଭିଡିଓ କନଫରେନ୍ସ ମାଧ୍ୟମରେ ସମୀକ୍ଷା କରିଛନ୍ତି। ଏହି ଅବସରରେ ସମୀର କହିଛନ୍ତି, ବିଶେଷ କରି ସୁନ୍ଦରଗଡ, ଝାରସୁଗୁଡା, ସମ୍ବଲପୁର, ନୂଆପଡା, ବରଗଡ, କଳାହାଣ୍ଡି, ବଲାଙ୍ଗୀର, ନବରଙ୍ଗପୁର, କୋରାପୁଟ ଓ ମାଲକାନଗିରିରେ କରୋନାର ଭୟାବହ ପରିସ୍ଥିତି ସୃଷ୍ଟି ହୋଇଛି। ଏହି ସବୁ ଜିଲାରେ ରାଜ୍ୟ ସରକାରଙ୍କ ଚିକିତ୍ସା ବ୍ୟବସ୍ଥା ସମ୍ପୂର୍ଣ୍ଣ ଫେଲ୍ ମାରିଛି। ଉନ୍ନତମାନର ଚିକିତ୍ସା ଅଭାବରୁ ଅନେକ ଲୋକ କରୋନାରେ ମୃତ୍ୟୁ ବରଣ କରୁଛନ୍ତି। ଏ ସମସ୍ତ ଜିଲାକୁ ରାଜ୍ୟ ସରକାର ପ୍ରାଧାନ୍ୟ ଦେଇ କରୋନା ମହାମାରୀ ବିରୋଧରେ ଦୃଢ଼ ପଦକ୍ଷେପ ନେବାକୁ ସେ ପରାମର୍ଶ ଦେଇଛନ୍ତି। ସେହିପରି ଭାଜପା କାର୍ଯ୍ୟକର୍ତ୍ତାମାନେ ଏଭଳି ଘଡିସନ୍ଧି ମୂହୁର୍ତ୍ତରେ ଟିକାକରଣ କାର୍ଯ୍ୟରେ ଜନସାଧାରଣଙ୍କୁ ସହଯୋଗ କରିବା, ମାସ୍କ ଓ ସାନିଟାଇଜର ବଣ୍ଟନ କରିବା, ପ୍ଲାଜମା ଡୋନେଟ କରିବା, ହସ୍ପିଟାଲରେ ଅସହାୟ ରୋଗୀଙ୍କୁ ସାହାଯ୍ୟ ସହଯୋଗ କରିବା ପାଇଁ ଦଳର ସମସ୍ତ କାର୍ଯ୍ୟକର୍ତ୍ତାଙ୍କୁ ସେ ଆହ୍ୱାନ ଦେଇଛନ୍ତି।

## ଖୁଡ଼ୀଙ୍କ ହତ୍ୟା ପରେ ପୁତୁରାଙ୍କ ଆତ୍ମହତ୍ୟା

ଜଗତ୍‌ସିଂହପୁର ଅଫିସ, ୧୯।୪

- ବଳାତ୍କାର ପାଇଁ ଉଦ୍ୟମ କରିଥିଲେ
- ଜମିଜମା ବିବାଦ ଲାଗି ରହିଥିଲା
- ଗାଁ ମଶାଣିରେ ଅଭିଯୁକ୍ତଙ୍କ ମୃତଦେହ ସତ୍କାର ହୋଇପାରିଲାନି

ଜଗତ୍‌ସିଂହପୁର ଥାନା ଅନ୍ତର୍ଗତ ଏକସୁଧା ଅଞ୍ଚଳରେ ସୋମବାର ଖୁଡ଼ୀଙ୍କୁ କୁରାଢ଼ିରେ ହାଣି ହତ୍ୟା କରିବା ପରେ ପୁତୁରା ଏକ ଗଛରେ ଝୁଲି ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ଜଗତ୍‌ସିଂହପୁର ଥାନାରେ ମୃତ ମହିଳା ରାଧା(ଛଦ୍ମନାମ)ଙ୍କ ସ୍ୱାମୀ ଗୋବିନ୍ଦ(ଛଦ୍ମନାମ)ଙ୍କ ଅଭିଯୋଗ କ୍ରମେ ପୋଲିସ ଏକ ମାମଲା (ନଂ.୨୦୪/୨୧) ରୁଜୁ କରିବା ସହ ତଦନ୍ତ ଜାରି ରଖିଛି। ଏ ସମ୍ପର୍କରେ ଜଗତ୍‌ସିଂହପୁର ଆଇଆଇସି ରଜନୀକାନ୍ତ ମିଶ୍ର କହିଛନ୍ତି, ଗୋବିନ୍ଦ ଓ ତାଙ୍କ ବଡ଼ଭାଇଙ୍କ ପରିବାର ଅଲଗା ହୋଇଯାଇଥିଲେ ସୁଦ୍ଧା ଗୋଟିଏ କୋଠାରେ ରୁହନ୍ତି। ଗୋବିନ୍ଦ କଟକରେ ଏକ ଅଟୋମୋବାଇଲ ଦୋକାନ କରିଛନ୍ତି। ସେ ସବୁଦିନ ସକାଳେ କଟକ ଯାଇଥାନ୍ତି। ଘରେ ରାଧା ଓ ତାଙ୍କର ୯ ବର୍ଷର ପୁଅ ରୁହନ୍ତି। ଅନେକ ସମୟରେ ଅଭିଯୁକ୍ତ ପୁତୁରା ନିଶା ସେବନ କରି ରାଧାଙ୍କ ଉପରେ ଖରାପ ନଜର ରଖୁଥିଲେ। ଏପରି କି ଅଶାଳୀନ ବ୍ୟବହାର କରିବା ସହ ବଳାତ୍କାର କରିବାକୁ ଉଦ୍ୟମ କରିଥିଲେ। ଉଭୟ ପରିବାର ମଧ୍ୟରେ ଜମିଜମାକୁ ନେଇ ବିବାଦ ଲାଗି ରହିଥିଲା। ଅଭିଯୁକ୍ତଙ୍କ ପରିବାରର ନିର୍ଯାତନା ସହି ନ ପାରି ୪/୫ ମାସ ପୂର୍ବେ ଗୋବିନ୍ଦ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଉଭୟଙ୍କୁ ବୁଝାଶୁଝା କରି ଛାଡ଼ି ଦେଇଥିଲା। କିନ୍ତୁ ଏଥିରେ ବିବାଦ ଥମି ନ ଥିଲା। ସୋମବାର ସକାଳେ ରାଧା ବାରିପଟେ ଅଳିଆ ପକାଇବାକୁ ଯାଇଥିଲେ। ଏହି ସମୟରେ ପୂର୍ବ ପ୍ରସ୍ତୁତି ମୁତାବକ ଅଭିଯୁକ୍ତ ପୁତୁରା ରାଧାଙ୍କ ପଛପଟୁ କାନମୁଣ୍ଡାକୁ କୁରାଢ଼ିରେ ଆକ୍ରମଣ କରିଥିଲେ। ଫଳରେ ଘଟଣାସ୍ଥଳରେ ରାଧାଙ୍କ ମୃତ୍ୟୁ ଘଟିଥିଲା। ତା’ ପରେ ଅଭିଯୁକ୍ତ ପୁତୁରା ଗାଁଠାରୁ କିଛି ଦୂର ଏକ ଗଛରେ ରଶି ଲଗାଇ ଆତ୍ମହତ୍ୟା କରିଥିଲେ। ଏ ସମ୍ପର୍କରେ କେତେଜଣ ଗ୍ରାମବାସୀଙ୍କ କହିବାନୁଯାୟୀ, ଅଭିଯୁକ୍ତଙ୍କ ପରିବାରର କାର୍ଯ୍ୟକଳାପ ଅସହ୍ୟ ଥିଲା। ଯେଉଁଥିପାଇଁ ଗ୍ରାମବାସୀ ସେମାନଙ୍କୁ ଭଲ ପାଉ ନ ଥିଲେ। ଅନ୍ୟପକ୍ଷରେ ଜଗତ୍‌ସିଂହପୁର ଏସ୍‌ଡିପିଓ ପ୍ରିୟରଞ୍ଜନ ଶତପଥୀ, ଆଇଆଇସି ମିଶ୍ର ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ଅଭିଯୁକ୍ତଙ୍କ ମୃତଦେହକୁ ଗ୍ରାମର କେହି ଛୁଇଁବାକୁ ରାଜି ହୋଇ ନ ଥିଲେ। ଏପରି କି ଗାଁ ମଶାଣିରେ ପୋଡ଼ିବାକୁ ମଧ୍ୟ ଗ୍ରାମବାସୀ ବିରୋଧ କରିଥିଲେ। ଶେଷରେ ପୋଲିସ ଅଭିଯୁକ୍ତଙ୍କ ମୃତଦେହ ଜଗତ୍‌ସିଂହପୁର ଆଣିବାକୁ ବାଧ୍ୟ ହୋଇଥିଲା। ଜଗତ୍‌ସିଂହପୁର ପୌର ପରିଷଦ କର୍ମଚାରୀଙ୍କ ସହାୟତାରେ ମୃତଦେହ ସତ୍କାର କରିଥିଲା। ଏଥିସହ ଅଭିଯୁକ୍ତଙ୍କ ମା’, ବାପାଙ୍କ ଉପରେ ଗ୍ରାମବାସୀଙ୍କ କ୍ରୋଧ ଥିବାରୁ ସମ୍ଭାବ୍ୟ ପରିସ୍ଥିତିକୁ ଏଡ଼ାଇବା ପାଇଁ ପୋଲିସ ସେମାନଙ୍କୁ ଥାନାକୁ ନେଇଯାଇଥିବା ଆଇଆଇସି ମିଶ୍ର ସୂଚନା ଦେଇଛନ୍ତି।

## ଅଶ୍ଳୀଳ ଭିଡିଓ ଭାଇରାଲ, ଶିକ୍ଷକ ନିଲମ୍ବିତ

**ପଦ୍ମପୁର,୧୯।୪(ଡି.ଏନ.ଏ.):** ଅଶ୍ଳୀଳ ଭିଡିଓ ଭାଇରାଲ କରିବା ଓ ସରକାରୀ କାର୍ଯ୍ୟରେ ଅବହେଳା ଅଭିଯୋଗରେ ଭଦ୍ରକ ଜିଲା ସଦର ବ୍ଲକ ଅଞ୍ଚଳର ଏକ ୟୁଜିଏମ୍‌ଇ ସ୍କୁଲର ଏକ୍ସ କ୍ୟାଡ଼ର ଶିକ୍ଷକ ସପନ କୁମାର ମିଶ୍ରଙ୍କୁ ନିଲମ୍ବିତ କରାଯାଇଛି। ବ୍ଲକ ଶିକ୍ଷାଧିକାରୀ ଶମ୍ଭୁନାଥ ପାଣିଗ୍ରାହୀ ଚିଠି ନଂ. ୧୪୦୬ ତା ୧୯।୪।୨୧ ରିଖ ସୋମବାର ତାଙ୍କୁ ନିଲମ୍ବନ କରିଛନ୍ତି।

ପ୍ରକାଶ ଯେ, ଶିକ୍ଷକ ମିଶ୍ର ଜଣେ ଯୁବତୀଙ୍କ ସହ ଯୌନ ସମ୍ପର୍କ ସ୍ଥାପନ ବେଳର ଭିଡିଓ ଗତ କିଛିଦିନ ହେବ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଥିଲା। ପୂର୍ବରୁ ମଧ୍ୟ ସେ ଅନ୍ୟ ଏକ ବିଦ୍ୟାଳୟରେ ଶିକ୍ଷକତା କରୁଥିବା ବେଳେ ଜଣେ ଛାତ୍ରୀଙ୍କୁ ଅଶ୍ଳୀଳ ଇଙ୍ଗିତ କରିଥିବାର ଅଭିଯୋଗ କରାଯାଇଥିଲା। ତାଙ୍କ ଘର ସାବରଙ୍ଗ ଥାନା ଅଧୀନ ସାବରଙ୍ଗ ଶାସନରେ ହୋଇଥିବା ବେଳେ ତାଙ୍କର ଏକ ଲେଡିଜ କର୍ଣ୍ଣର ବଜାରରେ ଅଛି। ତାଙ୍କ ଦୋକାନକୁ ଆସୁଥିବା ମହିଳା ଓ ଯୁବତୀ ଗ୍ରାହକମାନଙ୍କୁ ବିଭିନ୍ନ ସମୟରେ ସେ ଅର୍ଥ ପ୍ରଲୋଭନ ଦେଖାଇ ଯୌନ ନିର୍ଯାତନା ଦେଉଥିବା ଅଭିଯୋଗ ହୋଇଆସୁଥିଲା। ବିଭିନ୍ନ ସମୟରେ ଏ ନେଇ ବୈଠକ ବସି ତାଙ୍କୁ ଅର୍ଥ ଦଣ୍ଡରେ ଦଣ୍ଡିତ କରାଯାଇଥିବା ନଜିର ରହିଛି। ଅଶ୍ଳୀଳ ଭିଡିଓ ଭାଇରାଲ ହେବା ନେଇ ବିଭାଗୀୟ ଅଧିକାରୀଙ୍କ ନିକଟରେ ଅଭିଯୋଗ ପରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି।


**LIFE INSURANCE CORPORATION OF INDIA**
**Divisional Office, “Jeevan Prakash”**
**Ainthapali, Sambalpur- 768004**
**E-mail: os.sambalpur@licindia.com, Phone No: 0663-2541093**

**NOTICE**

**INVITATION OF APPLICATIONS FOR EMPANELMENT TO VARIOUS SERVICES**

Life Insurance Corporation of Inida, Divisional Office, Sambalpur intends to invite applications for **Empanelment for various services as detailed below** in sealed envelopes from reputed Firms/ Manufacturers/ Suppliers/ Agencies/ Individuals or their dealers having sound financial capacity and proven track record of at least 3 years in the field to Government/PSU/Reputed organisations etc.

1. Printing & Stationery such as Forms, Paper, Envelops etc.
2. Computer Continuous Stationery- Printed/ Blank
3. Supply of IT consumables

The Applications meeting the criteria specified in the application format shall only be considered for further evaluation.

**Existing vendors also need to apply afresh**

Application format containing Terms & Conditions for Empanelment to various services is available on our website“www.licindia.in/Tenders” from 20.4.2021 to 11.05.2021. Last date for submission of filled in application format to our office will be on 11.05.2021 before 05.00 p.m. Applicants will have to send a DD for Rs.590/- (Rupees five hundred ninety only) including GST towards application fee (non refundable) along with the completed application.

The Sr. Divisional Manager, Divisional Office, LIC of India, Sambalpur, reserves the right to reject the application of any/all applicant(s) at his sole discretion without assigning any reason whatsoever.

Date: 20.04.2021 — Sr. Divisional Manager


## ୨ ନାବାଳିକା ବଳାତ୍କାର ମାମଲା

### ଅଭିଯୁକ୍ତଙ୍କୁ ୧୫ ବର୍ଷ ଜେଲ

ବ୍ରହ୍ମପୁର ଅଫିସ,୧୯।୪

**ପୀଡ଼ିତାଙ୍କୁ ୪ ଲକ୍ଷ ଟଙ୍କା ସହାୟତା ରାଶି ନିର୍ଦ୍ଦେଶ**

ଗଞ୍ଜାମ ଜିଲା ସ୍ୱତନ୍ତ୍ର ପୋକ୍‌ସୋ ବିଚାରପତି ଜଗଦୀଶ ପ୍ରସାଦ ମହାନ୍ତି ସୋମବାର ଏକ ବଳାତ୍କାର ମାମଲାର ରାୟ ପ୍ରକାଶ କରିଛନ୍ତି। ବଳିଷ୍ଠ ପ୍ରମାଣକୁ ଭିତ୍ତିକରି ଅଭିଯୁକ୍ତ ପୋଲସରାର ଗଗନୀ ପାତ୍ର(୨୫)ଙ୍କୁ ୧୫ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରକାଶ କରିଛନ୍ତି। ଏଥିସହିତ ୧୦ ହଜାର ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ରହିଛି। ଜରିମାନା ଅନାଦାୟ ଅଧିକ ୧ ବର୍ଷ ଜେଲ ଦଣ୍ଡର ନିର୍ଦ୍ଦେଶ ମଧ୍ୟ ରହିଛି। ସେହିଭଳି ପୀଡ଼ିତାଙ୍କୁ ୪ ଲକ୍ଷ ଟଙ୍କା ସହାୟତା ରାଶି ପ୍ରଦାନ ପାଇଁ ବିଚାରପତି ଆଇନସେବା ପ୍ରାଧିକରଣ ସଚିବଙ୍କୁ ନିର୍ଦ୍ଦେଶ ଦେଇଥିବା ସ୍ୱତନ୍ତ୍ର ସରକାରୀ ଓକିଲ ନାରାୟଣ ପଣ୍ଡା ସୂଚନା ଦେଇଛନ୍ତି।

ଘଟଣାରୁ ପ୍ରକାଶ, ୨୦୧୭ ଜୁଲାଇ ୨୭ ସନ୍ଧ୍ୟା ୭ଟାରେ ଜଣେ ଚତୁର୍ଥ ଶ୍ରେଣୀ ଛାତ୍ରୀଙ୍କୁ ଅଭିଯୁକ୍ତ ଗଗନୀ ଚକୋଲେଟ୍ ଦେବାକୁ କହି ଡାକି ନେଇ ତାଙ୍କୁ ବଳାତ୍କାର କରିଥିଲେ। ଏ ନେଇ ପୀଡ଼ିତାଙ୍କ ମା’ ପୋଲସରା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.୧୨୫/୧୭ରେ ଏକ ମାମଲା ରୁଜୁ କରିଥିଲା। ସେହିବର୍ଷ ଅଗଷ୍ଟ ୨ ତାରିଖରେ ପୋଲିସ ଅଭିଯୁକ୍ତ ଗଗନୀଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ପରେ ପୋଲିସ ଏ ନେଇ କୋର୍ଟରେ ଚାର୍ଜଶିଟ୍ ଦାଖଲ କରିଥିଲା। ଘଟଣା ପରଠାରୁ ଅଭିଯୁକ୍ତ ଗଗନୀ ବ୍ରହ୍ମପୁର ମଣ୍ଡଳ କାରାଗାରରେ ବିଚାରାଧୀନ ବନ୍ଦୀ ଭାବେ ଥିଲେ। ୬ ଜଣ ସାକ୍ଷୀଙ୍କ ବୟାନ୍‌କୁ ଆଧାର କରି ବିଚାରପତି ମହାନ୍ତି ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି।

### ବଳାତ୍କାରୀଙ୍କୁ ୧୦ବର୍ଷ କାରାଦଣ୍ଡ

କେନ୍ଦୁଝର, ୧୯।୪ (ସ୍ୱ.ପ୍ର./ଡି.ଏନ୍.ଏ.)

**୨୧ ବର୍ଷ ଯାଏ ରିମାଣ୍ଡ ହୋମ୍‌ରେ ରହିବେ ନାବାଳକ**

କେନ୍ଦୁଝର ଅତିରିକ୍ତ ଜିଲା ଓ ସ୍ପେଶାଲ ଜଜ୍ ଲୋକନାଥ ସାହୁ ସୋମବାର ଏକ ନାବାଳିକା ବଳାତ୍କାର ମାମଲାର ଶୁଣାଣି କରି ଦୋଷୀ ନାବାଳକଙ୍କୁ ୧୦ ବର୍ଷ ଜେଲ ସହ ୧୧ ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ଏହି ଘଟଣାରେ ସମୁଦାୟ ୧୩ ଜଣ ସାକ୍ଷୀଙ୍କ ବୟାନ ଓ ପ୍ରମାଣପତ୍ରକୁ ଭିତ୍ତି କରି ରାୟ ପ୍ରକାଶ କରିଛନ୍ତି। ୨୧ବର୍ଷ ହେବା ପର୍ଯ୍ୟନ୍ତ ଦୋଷୀ ନାବାଳକ ରାଉରକେଲା ରିମାଣ୍ଡ ହୋମ୍‌ରେ ରହିବେ ଏବଂ ପରେ ଜେଲ୍‌କୁ ସ୍ଥାନାନ୍ତର ହେବେ। ଏହାବ୍ୟତୀତ ପୀଡିତା ନାବାଳିକାଙ୍କୁ ସେ ୧ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ କୋର୍ଟ ନିର୍ଦ୍ଦେଶ ଦେଇଥିବା ସ୍ପେଶାଲ ପବ୍ଲିକ ପ୍ରସିକ୍ୟୁଟର ଗଣେଶ ପ୍ରସାଦ ମହାପାତ୍ର କହିଛନ୍ତି।

୨୦୧୭ ମାର୍ଚ୍ଚ ୧୯ ରାତିରେ ୧୫ ବର୍ଷୀୟା ନାବାଳିକା ଜଣଙ୍କ ଅନ୍ୟ ଜଣେ ସାଙ୍ଗଙ୍କ ସହିତ ତଳବାରଡ଼ା ନାଳକୁ ଶୌଚ ପାଇଁ ଯାଇଥିବାବେଳେ ବର୍ଷା ହେବାରୁ ସେଠାରେ ଅଟକି ଯାଇଥିଲେ। ଏହି ସମୟରେ ସମ୍ପୃକ୍ତ ନାବାଳକ(୧୭) ବାଇକ୍‌ରେ ଆସି ସେମାନଙ୍କୁ ଘରେ ଛାଡ଼ି ଦେବାକୁ କହି ସାଥିରେ ନେଇ ଯାଇଥିଲେ। କିନ୍ତୁ ସେମାନଙ୍କୁ ଘରକୁ ନ ନେଇ ଦୁଆରଶୁଣୀ ଗ୍ରାମରେ ଜଣେ ସମ୍ପର୍କୀୟଙ୍କ ଘରକୁ ନେଇଯାଇଥିଲେ। ବର୍ଷା ଛାଡ଼ିବା ପରେ ସେମାନଙ୍କୁ ଘରେ ଛାଡ଼ି ଦେବେ ବୋଲି କହିଥିଲେ। ହେଲେ ବର୍ଷା ନ ଛାଡିବାରୁ ସେମାନେ ସେଠାରେ ରହିଥିବାବେଳେ ରାତିରେ ନାବାଳକ ଜଣଙ୍କ ପୀଡିତାଙ୍କୁ ଅନ୍ୟ ବଳାତ୍କାର କରିଥିଲେ।


**ODISHA PUBLIC SERVICE COMMISSION**
**19, DR. P.K. PARIJA ROAD, CUTTACK - 753001**
No. 2644/PSC, Dt 19.4.21
(DR-IV)(2PH-04-2020-21)

**PROGRAMME OF COMPUTER BASED RECRUITMENT EXAMINATION (CBRE) FOR RECRUITMENT TO THE POST OF MEDICAL OFFICER**

**No. D-08:-** This is for information of the candidates that, it has been decided by the Commission to hold the **Computer Based Recruitment Examination (CBRE),** for recruitment to the posts of Medical Officer in Group-A (Junior Branch) of Odisha Medical & Health Services under Health & Family Welfare Department, pursuant to Advertisement No. 09 of 2020-21 on **25.04.2021** from 10.00 A.M. to 01.00 P.M. (upto 02.00 P.M. for PWD candidates) at the following institutions:-

| SL | Centre (Venue) Name | Complete Address with Landmark | No. of Candidates allotted with Roll Nos. |
|---|---|---|---|
| 1 | Radha Raman Assessment Services Private Limited | Plot No. S-3/79, Sector- A ZONE, Mancheswar Industrial Estate, Bhubaneswar, Odisha, 751010, Near Ford Showroom | Roll No.1001 to 1085 = 85 Candidates |
| 2 | Isha Infotech | E-51, Infocity, Patia, Besides Vodafone Office, Infocity, Bhubaneswar, Odisha, 751024 | Roll No. 1086 to 1195 = 110 Candidates |
| 3 | Regional College of Management (RCM) | Plot No. GD 2/12 & 13, Chakadola Vihar, Chandrasekharpur, Bhubaneswar, Odisha, 751023 | Roll No. 1196 to 1305 = 110 Candidates |
| 4 | INNOVINC Tech Lab | Indhira Gandhi Memorial Ayurvedic Medical College & Hospital Campus, Infront of Madhusudan Park, Pokhariput, Bhubaneswar, Odisha, 751030 | Roll No. 1306 to 1390 = 85 Candidates |
| 5 | Suddhananda Engineering & Research Centre | Nachhipur, Bhattapatana, Via- Balianta, Bhubaneswar, Balipatana-Bhingarpur Rd, Nachhipur, Odisha, 752115 | Roll No. 1391 to 1635 = 245 Candidates |
| 6 | SSB Edutech | SSB Edutech N6/07 (1st & 2nd floor) above HOTEL PAKWAAN, IRC Village, Nayapally, Bhubaneswar, PIN 751015 | Roll No. 1636 to 1685 = 50 Candidates |
| 7 | Gurukrupa College of Management | GET Tower, Plot No.: 1742, Sub Plot: 3136, Kalarahanga, KIIT Square, Khurda, Bhubaneswar, Odisha, 751031 | Roll No. 1686 to 1885 = 200 Candidates |
| 8 | Utkal Institute of Engineering and Technology (UIET) | Utkal Institute of Engineering and Technology (UIET), Rathipur, Kantia, Jatni, Near Food Corporation of India (FCI), Jatni, Khorda, Pin - 752050 | Roll No. 1886 to 2010 = 125 Candidates |
| 9 | St. Xavier International School | St. Xavier International School, Nandankanan, Raghunathpur, Bhubaneswar, Odisha, 754005 | Roll No. 2011 to 2200 = 190 Candidates |
| 10 | Srusti Academy of Management | 38/1, Chandaka Industrial Estate, near Infocity, Patia, Bhubaneswar, Odisha - 751024 | Roll No. 2201 to 2260 = 60 Candidates |
| 11 | Silicon Institute of Technology | Chandaka Industrial Estate, Infocity Chandrasekharpur, Bhubaneswar, Odisha - 751024 | Roll No. 2261 to 2410 = 150 Candidates |
| 12 | Azimetry | Plot 124, 3rd & 4th Floor, Jayadev Vihar, Near Shreekunj Restaurant, Bhubaneswar, Odisha - 751013 | Roll No. 2411 to 2475 = 65 Candidates |
| 13 | Alkananda Infotech Pvt Ltd [GIET City Campus] | Plot No.: 561/562, Ekamravihar, IRC Village, Salia Sahi, Bhubaneswar - 751015 | Roll No. 2476 to 2625 = 150 Candidates |
| 14 | Apex Institute of Technology & Management (APEX) | Pahala, On Bhubaneswar-Cuttack NH 16, Opposite Utkal Hyundai Show Room, Bhubaneswar, Odisha, Pin - 752101 | Roll No. 2626 to 2775 = 150 Candidates |
| 15 | Jagannath Institute of Engineering & Technology (JIET) | Jagannath Institute Of Engineering & Technology, Jagatpur Industrial Estate, Phase-II, Jagatpur, Cuttack - 754021, Orissa, India | Roll No. 2776 to 2904 = 129 Candidates |

For facilitation of candidates, a Mock Test link is available in the website of the Commission for practice of the candidates before appearing at the examination.

The admitted candidates are required to download their **“Admission Certificates” and “Instructions to candidates”** to be uploaded in the Website of the Commission at (**www.opsc.gov.in**) with effect from 19.04.2021 onwards.

OIPR-12002/11/0005/2122 — Sd./- Secretary

ହତାଶା କେବେ ବି ଅଗ୍ରଗତି ଲାଗି ଆବଶ୍ୟକ ନୁହେଁ। ଏହା ସର୍ବଦା ଏକ ଦୁର୍ବଳତା ଓ ତାମସିକତାର ଲକ୍ଷଣ। ଏହା ଜଣାଇଦିଏ ଯେ, ଏକ ବିରୋଧୀ ଶକ୍ତି ତୁମ ଭିତରେ ପ୍ରବେଶ କରିଛି। ଏହି ବିରୋଧୀ ଶକ୍ତି ତୁମ ସାଧନା ବିରୋଧରେ କାର୍ଯ୍ୟ କରେ। –ଶ୍ରୀମା

# ଗୋଟିଏ ବର୍ଷ ବ୍ୟର୍ଥ

କରୋନା ଭୂତାଣୁ ଯୋଗୁ ସଂକ୍ରମଣ ବ୍ୟାପକ ହେଉଥିବାରୁ ମୁଖ୍ୟମନ୍ତ୍ରୀ ଦିଲ୍ଲୀରେ ୧୯ ଏପ୍ରିଲରେ ୬ ଦିନ ପାଇଁ ଲକ୍‌ଡାଉନ ବା ତାଲାବନ୍ଦ ଘୋଷଣା କରାଯାଇଛି। ସେଠାରେ ୩ ଜଣଙ୍କର କରୋନା ପରୀକ୍ଷା କରାଗଲେ ସେଥିରୁ ଏକତୃତୀୟାଂଶଙ୍କଠାରେ ପଜିଟିଭ୍ ବାହାରୁଛି। ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ କହିଛନ୍ତି ଯେ, ଲକ୍‌ଡାଉନର ସେ ଘୋର ବିରୋଧୀ ଥିଲେ। କିନ୍ତୁ ସ୍ଥିତି ଆୟତ୍ତ ବାହାରକୁ ଯାଉଥିବାରୁ ପ୍ରତିଷେଧମୂଳକ ବ୍ୟବସ୍ଥା ସ୍ୱରୂପ ଏଭଳି ସାମୟିକ ପଦକ୍ଷେପ ନିଆଯାଇଛି। ଗତବର୍ଷ ଯେତେବେଳେ କୋଭିଡ଼ର ପ୍ରଥମ ଲହର ଦେଖାଦେଇଥିଲା ବିଶେଷଜ୍ଞମାନେ ମତ ଦେଇଥିଲେ ଯେ, କୌଣସି ସ୍ଥାନରେ ଭୂତାଣୁ ସଂକ୍ରମଣର ଶୃଙ୍ଖଳ ଭାଙ୍ଗିବା ସକାଶେ ସର୍ବନିମ୍ନ ୨୧ ଦିନ ଦରକାର। ଆଜିର ସ୍ଥିତିରେ 'ଡବଲ ମ୍ୟୁଟେସନ' ଅତ୍ୟନ୍ତ ମାରାତ୍ମକ ବୋଲି କୁହାଗଲାଣି। ଏଥିରେ ସଂକ୍ରମଣ ଦ୍ରୁତ ଗତିରେ ବୃଦ୍ଧି ପାଉଛି ଏବଂ ଟିକା ନେଇଥିଲେ ମଧ୍ୟ ତାହା କାମ ଦେଉନି ବୋଲି ବୈଜ୍ଞାନିକଙ୍କ ଦ୍ୱାରା ଚିହ୍ନଟ କରାଯାଇଥିବା କରୋନା ଭାଇରସ୍‌ର ଏହି ନୂଆ ରୂପ ହେଉଛି 'ବି.୧.୬୧୭'। ଏହାର ଦୁଇ ଆକାରର ଗାଣିତିକ ସଙ୍କେତ ହେଉଛି 'ଇ୪୮୪କ୍ୟୁ' ଏବଂ 'ଏଲ୪୫୨ଆର'। କିଛିଦିନ ତଳେ ଏ ସଂକ୍ରାନ୍ତ ବିସ୍ତୃତ ତଥ୍ୟ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ଡବ୍ଲ୍ୟୁଏଚ୍‌ଓ)କୁ ପ୍ରଦାନ କରାଯାଇଛି। ବୈଜ୍ଞାନିକଙ୍କ ଗବେଷଣା ନିର୍ଭୁଲ ଥିଲେ ଏହି ଭାଇରସ୍ ଦ୍ୱାରା ଆକ୍ରାନ୍ତ ହେଉଥିବା ରୋଗୀଙ୍କ ଲାଗି ଦେଶ ପାଇଁ ଅଧିକ ବିପଦ ସୃଷ୍ଟି କରିବ।

ଦେଶର ପ୍ରତି ପ୍ରାନ୍ତକୁ ଦେଖିଲେ ଡାକ୍ତରଖାନାରେ ଶଯ୍ୟା ସଂଖ୍ୟା କମ୍, ଅମ୍ଳଜାନ ସିଲିଣ୍ଡରର ଘୋର ଅଭାବ, ଅତ୍ୟନ୍ତ ଜଟିଳ ରୋଗୀଙ୍କ ପାଇଁ ସ୍ୱତନ୍ତ୍ର ଯତ୍ନ କେନ୍ଦ୍ର କମ୍ ଥିବାରୁ ସ୍ଥିତି ଗମ୍ଭୀର ଆଡ଼କୁ ଗତି କରୁଛି। ଦିଲ୍ଲୀରେ କୋଭିଡ୍ ରୋଗୀଙ୍କୁ ଚିକିତ୍ସା ଯୋଗାଉଥିବା ଜଣେ ଡାକ୍ତର ନିଜ ପାଇଁ ଶଯ୍ୟାଟିଏ ଯୋଗାଡ଼ କରିପାରିଲେ ନାହିଁ। ଏଭଳି ସ୍ଥଳରେ ଯାହା ସବୁଠାରୁ ଅତ୍ୟନ୍ତ ଜରୁରୀ ତାହା ହେଲା ସ୍ୱାସ୍ଥ୍ୟସେବାକୁ ତୁରନ୍ତ ତ୍ୱରାନ୍ୱିତ କରାଯାଉ। କାର୍ଯ୍ୟକ୍ଷମ ଥିବା ସରକାରୀ, ଘରୋଇ ହସ୍‌ପିଟାଲ ପର୍ଯ୍ୟାପ୍ତ ହେଉ ନ ଥିବାରୁ ଦେଶର ସେନାରେ ଥିବା ମେଡିକାଲ ଶାଖାକୁ ନିୟୋଜିତ କରାଯାଇ ତୁରନ୍ତ ନୂଆ ହସ୍ପିଟାଲର ବ୍ୟବସ୍ଥା କରାଯିବା ଦରକାର। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ସେନାର ଏକ ବିରାଟକାୟ ମେଡିକାଲ ଶାଖା ରହିଛି। ତାହା ସାଧାରଣତଃ ଯୁଦ୍ଧବେଳେ ବ୍ୟବହୃତ ହୋଇଥାଏ। ଶାନ୍ତି ସମୟରେ ତାହାର ସର୍ବନିମ୍ନ ଉପଯୋଗ ହୁଏ। ଆଜି ଦେଶ ଏକ ଯୁଦ୍ଧକାଳୀନ ସ୍ଥିତିର ସମ୍ମୁଖୀନ ହୋଇଛି। ଚାଇନା ଯାହା ନେବା କଥା ନେଇସାରିଲାଣି। ଏବେ ଭାରତୀୟ ସେନାର ଦାୟିତ୍ୱ ଦେଶର ଆଭ୍ୟନ୍ତରୀଣ ମଙ୍ଗଳ ବୁଝିବାର। ସେଥିପାଇଁ ସେନାର ମେଡିକାଲ ଶାଖାକୁ କୋଭିଡର ମାରାତ୍ମକ ସ୍ଥିତିକୁ ସାମ୍ନା କରିବାରେ ମୁତୟନ କରାଯିବା ଦରକାର। ଏଥିସହିତ ଡାକ୍ତରୀ ଉପକରଣ ହେଉ ବା ଔଷଧ ପ୍ରସ୍ତୁତ କରୁଥିବା କମ୍ପାନୀଗୁଡ଼ିକୁ ଅଧିକ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ଲାଗି ଭିତ୍ତିଭୂମି ସୃଷ୍ଟି କରିବା ସକାଶେ ସରକାରୀ ସ୍ତରରେ ପ୍ରୋତ୍ସାହନ ଦିଆଯିବା ଆବଶ୍ୟକ ହୋଇପଡ଼ିଲାଣି। କରୋନା ଗୋଟିଏ ବର୍ଷ ସମୟ ଦେଇଥିଲା। ସେହି ଦୀର୍ଘ ସମୟକୁ ଭାରତ ସରକାରଙ୍କ ସମେତ ରାଜ୍ୟ ସରକାରଗୁଡ଼ିକ ବ୍ୟର୍ଥ କରିଦେଲେ। ଯଦି ୨୦୨୦ ମସିହାକୁ ସଦ୍‌ଉପଯୋଗ କରି କରୋନା ଭାଇରସ୍‌ର ପାଣ୍ଡାମିକ ବା ମହାମାରୀକୁ ସାମ୍ନା କରିବା ପାଇଁ ବ୍ୟବସ୍ଥା ସୁଦୃଢ଼ କରାଯାଇଥାଆନ୍ତା, ତେବେ ଆଜିର ଏହି ଭୟାନକ ପରିସ୍ଥିତି ଉପୁଜିଥିଲେ ମଧ୍ୟ ଅନେକ ଦିଗରୁ ମୁକାବିଲା କରାଯାଇପାରିଥାଆନ୍ତା। ହେଲେ ସେଥିରେ ପ୍ରଶାସନିକ ବ୍ୟବସ୍ଥା ଆଖିଦୃଶିଆ ପଦକ୍ଷେପ ନେଇପାରିଲା ନାହିଁ। ଏ ଦେଶରେ ଦୀର୍ଘମିଆଦୀ ଚିନ୍ତାଧାରା କରାଯାଏ ନାହିଁ। ତାଳିପକା ଭଳି ଅସ୍ଥାୟୀ କାମ କରି ଚଳେଇ ନେବାର ମାନସିକତା ପ୍ରତ୍ୟେକଙ୍କ ମନରେ ବସା ବାନ୍ଧି ରହିଥିବାରୁ ବିପଦ ଆସିଲା ବେଳକୁ ହଡ଼ବଡ଼େଇ ଯାଉଛନ୍ତି। ଗତବର୍ଷ ସେପ୍ଟେମ୍ବରରେ ଭୂତାଣୁର ପ୍ରାଦୁର୍ଭାବ ଶୀଘ୍ର ଛୁଇଁଥିଲା। ଡିସେମ୍ବର ବେଳକୁ ତାହାର ପ୍ରକୋପ ହ୍ରାସ ପାଇବାରୁ ସବୁକିଛି ଖୋଲାମେଲା କରିଦିଆଗଲା। ଫଳରେ ସ୍ଥିତି ଆଜି ସଙ୍ଗିନ ଅବସ୍ଥାରେ ପହଞ୍ଚିଛି। ଭୂତାଣୁର ଡବଲ୍ ମ୍ୟୁଟେଶନ ଦେଖାଦେଇଥିବାରୁ ତାହା ପିଲା ଓ ଯୁବବର୍ଗଙ୍କୁ ଅଧିକ ଆକ୍ରାନ୍ତ କରୁଛି ବୋଲି ଗବେଷକମାନେ ମତ ଦେଉଛନ୍ତି। ଏଥିସହିତ କୁହାଗଲାଣି କରୋନାର ପ୍ରଥମ ଲହରରେ ଆକ୍ରାନ୍ତ ହେଉଥିବା ବ୍ୟକ୍ତିଙ୍କୁ ଜ୍ୱର, କାଶ, ଛିଙ୍କ ଭଳି ପ୍ରାରମ୍ଭିକ ଲକ୍ଷଣ ଦେଖାଦେଉଥିଲା। ଫଳରେ ଜଣେ ଶାରୀରିକ ପରୀକ୍ଷା କଲା ପରେ ପଜିଟିଭ୍ ଚିହ୍ନଟ ହୋଇପାରୁଥିଲେ ଓ ସୁସ୍ଥ ହେବା ପାଇଁ ଔଷଧ ସେବନ କରୁଥିଲେ। ହେଲେ ଦ୍ୱିତୀୟ ଲହରରେ ପ୍ରାୟ ସେଭଳି ଲକ୍ଷଣ ଦେଖା ଦେଉନାହିଁ। ତେଣୁ ଜଣଙ୍କ ଦେହ ଭିତରେ ଭୂତାଣୁ ସକ୍ରିୟ ରହୁଥିଲେ ତାଙ୍କଠାରୁ ସହଜରେ ଅନ୍ୟମାନଙ୍କୁ ସଂକ୍ରମଣ ବ୍ୟାପି ଯାଉଛି।

ଓଡ଼ିଶାରେ ମଧ୍ୟ ସ୍ଥିତି ଭୟଙ୍କର ହେଉଛି। ଏକ ପରିସଂଖ୍ୟାନ ଦେଖିଲେ ଚଳିତ ବର୍ଷ ଏପ୍ରିଲ ପହିଲାରେ ରାଜ୍ୟରେ କୋଭିଡ୍ ଆକ୍ରାନ୍ତଙ୍କ ସଂଖ୍ୟା ୩୯୪ ଥିଲା। ଏପ୍ରିଲ ୯ରେ ଏହା ୧ ହଜାର ଅତିକ୍ରମ କରିଥିବା ବେଳେ ଏପ୍ରିଲ ୧୪ରେ ୨ ହଜାର, ଏପ୍ରିଲ ୧୬ରେ ୩ ହଜାର ଏବଂ ୧୯ ଏପ୍ରିଲରେ ୪,୪୪୫ ନୂଆ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଏଥିରୁ ବୁଝିହେଉଛି କେଉଁ ହାରରେ ଭୂତାଣୁ ତା'ର କାୟାବିସ୍ତାର କରିଚାଲିଛି। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଏହି ସଂଖ୍ୟା କେବଳ କରୋନା ପରୀକ୍ଷା କରୁଥିବା ଲୋକଙ୍କ ମଧ୍ୟରୁ ସଂଗ୍ରହ କରାଯାଇଛି। ସମ୍ଭବତଃ ଅଧିକ ସଂଖ୍ୟକ ପରୀକ୍ଷା କରାଗଲେ ଏହା ଏବକାର ସଂଖ୍ୟାଠାରୁ ଅନେକ ଅଧିକ ରହିବ।

ସ୍ଥିତି ଗମ୍ଭୀର ହେଉଥିବାରୁ ଓଡ଼ିଶା ସରକାର ୧୯ ଏପ୍ରିଲରେ ସମଗ୍ର ରାଜ୍ୟରେ ଶନିବାର ଓ ରବିବାର ଶଟ୍‌ଡାଉନ୍ ଘୋଷଣା କରିଛନ୍ତି। ଏଥିସହିତ କେନ୍ଦ୍ର ସରକାର ମେ ୧ରୁ ୧୮ ବର୍ଷରୁ ଊର୍ଦ୍ଧ୍ୱ ସମସ୍ତଙ୍କୁ ଟିକା ଦିଆଯିବ ବୋଲି କହିଲେଣି। ଉତ୍ପାଦନକାରୀଙ୍କଠାରୁ କେନ୍ଦ୍ର ସରକାର ୫୦ ପ୍ରତିଶତ ଟିକା କିଣିବେ। ସେହିପରି ରାଜ୍ୟ ସରକାର ଓ ଶିଳ୍ପସଂସ୍ଥାଗୁଡ଼ିକ ନିର୍ଦ୍ଧାରିତ ମୂଲ୍ୟରେ ନିଜ ଚାହିଦା ଅନୁଯାୟୀ ଉତ୍ପାଦକଙ୍କଠାରୁ ଟିକା କିଣିପାରିବେ। କେନ୍ଦ୍ର ସରକାର କିଣିଥିବା ଟିକାକୁ ରାଜ୍ୟଗୁଡ଼ିକର ସ୍ଥିତି ଅନୁଯାୟୀ ସ୍ଥିରୀକୃତ ମାପକାଠିରେ ଦେବାର ବ୍ୟବସ୍ଥା କରାଯାଇଛି। ଏଠାରେ କୁହାଯାଇପାରେ ନିକଟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଖୋଲା ବଜାରରୁ ରାଜ୍ୟ ସରକାରଗୁଡ଼ିକ ଚାହିଦା ଅନୁଯାୟୀ ଟିକା କିଣିବା ଲାଗି ୧୭ ଏପ୍ରିଲରେ ପ୍ରସ୍ତାବ ଦେଇଥିଲେ । ଏବେ ତାହା କେନ୍ଦ୍ର ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହୋଇଛି। ତଥାପି ଟିକା ଯେ ଲୋକଙ୍କ ଜୀବନ ରକ୍ଷା କରିବ ତାହା ସୁନିଶ୍ଚିତ କରାଯାଇପାରୁ ନାହିଁ। କାରଣ ଏହି ଟିକାର ଉଚିତ ସମୟ ଧରି ପରୀକ୍ଷା କରାଯାଇନାହିଁ। ଦ୍ୱିତୀୟ କରୋନା ଭାଇରସ୍‌ର ଚରିତ୍ର ବଦଳୁଛି, ଯେଉଁଥିପାଇଁ ଏହି ପୁରୁଣା ଟିକାର ପ୍ରଭାବ ଉପରେ ସ୍ୱାଭାବିକ ସନ୍ଦେହ ସୃଷ୍ଟି ହେଉଛି। ତୃତୀୟରେ ଭାରତରେ ନିର୍ମିତ କୋଭାକ୍ସିନ୍‌ର କୌଣସି ଉପାୟରେ ପରୀକ୍ଷା ହୋଇ ନଥିବାବେଳେ ଆଷ୍ଟ୍ରାଜେନିକାର ଭାରତୀୟ ସଂସ୍କରଣ 'କୋଭିଶିଲ୍ଡ' ୟୁରୋପର ଅଧିକାଂଶ ଦେଶରେ ନିଷିଦ୍ଧ କରାଯାଇସାରିଲାଣି। ଅର୍ଥାତ୍ ଭାରତରେ ମିଳୁଥିବା ଦୁଇଟି ଟିକା ଭରସାଯୋଗ୍ୟ ହେଉନାହିଁ। ସେଥିପାଇଁ କୁହାଯାଇପାରିବ ଯେ, ଟିକା ନେଇଥିବା ନାଗରିକମାନେ ମଧ୍ୟ ଅତ୍ୟନ୍ତ ସଜାଗ ରହିବା ଦରକାର। ସେମାନେ ମଧ୍ୟ ମାସ୍କ ପିନ୍ଧିବା, ସାମାଜିକ ଦୂରତା ବଜାୟ ରଖିବା ଓ ବାରମ୍ବାର ହାତ ଧୋଇବା ନିୟମକୁ କଡ଼ାକଡ଼ି ପାଳନ କରିବା ଆବଶ୍ୟକ।

## su | do | ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | | | | |
| 5 | | | 7 | | | | 1 | |
| | 4 | 2 | 8 | | | | | |
| | | | | | | | | 9 |
| | 2 | 9 | | 7 | | 3 | | 4 |
| | | | | | 4 | 1 | 2 | |
| 7 | | | | | 2 | | 9 | |
| | | | | 4 | | 5 | | 1 |
| 6 | | | | 3 | | | | 2 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 8 | 7 | 4 | 3 | 5 | 1 | 6 | 9 | 2 |
| 5 | 9 | 2 | 7 | 4 | 6 | 1 | 8 | 3 |
| 3 | 1 | 6 | 8 | 9 | 2 | 4 | 7 | 5 |
| 7 | 5 | 3 | 6 | 8 | 4 | 9 | 2 | 1 |
| 2 | 4 | 9 | 1 | 7 | 5 | 8 | 3 | 6 |
| 1 | 6 | 8 | 2 | 3 | 9 | 7 | 5 | 4 |
| 9 | 2 | 7 | 4 | 6 | 3 | 5 | 1 | 8 |
| 4 | 8 | 1 | 5 | 2 | 7 | 3 | 6 | 9 |
| 6 | 3 | 5 | 9 | 1 | 8 | 2 | 4 | 7 |

ଗତକାଲିର ଉତ୍ତର

# ଚାଲ ସାଇକେଲ ଚଢ଼ିବା



ପ୍ରଫେସର ରମେଶ ଚନ୍ଦ୍ର ପରିଡ଼ା

ପରିବେଶ ଓ ସ୍ୱାସ୍ଥ୍ୟ ଉପରେ ସାଇକେଲ ଚଢ଼ାର ଅନୁକୂଳ ପ୍ରଭାବ ବିଚାରକୁ ନେଇ କିଛି ମାସ ତଳେ ଜନସାଧାରଣଙ୍କୁ ସେଥି ପ୍ରତି ଆକୃଷ୍ଟ କରିବା ଲାଗି ଭୁବନେଶ୍ୱର ସ୍ମାର୍ଟ ସିଟି ଲିମିଟେଡ ଏବଂ ଭୁବନେଶ୍ୱର ନଗର ନିଗମ ପକ୍ଷରୁ ଆରମ୍ଭ ହୋଇଛି 'ସାଇକେଲ ଗିରି' ପରିକଳ୍ପନା। ଗମନାଗମନ ପାଇଁ ଯଥାସମ୍ଭବ ସାଇକେଲର ଅଧିକ ବ୍ୟବହାର କରିବା ଲାଗି ଏଥିରେ ଆହ୍ୱାନ ଦିଆଯାଇଛି। ଏଥି ପୂର୍ବରୁ ଏଠାରେ ଆରମ୍ଭ ହୋଇଥିଲା 'ମୋ ସାଇକେଲ' କାର୍ଯ୍ୟକ୍ରମ। ତେବେ ଜନସାଧାରଣଙ୍କ ସହଯୋଗ ଅଭାବରୁ ଏବଂ ପରିଚାଳନାଗତ ତ୍ରୁଟି ଯୋଗୁ ତାହା ସଫଳ ହୋଇପାରିନାହିଁ। ଏପରିସ୍ଥଳେ ଏହି ନୂତନ କାର୍ଯ୍ୟକ୍ରମ ତାହାକୁ ପୁନଃଜୀବନ୍ୟାସ ଦେବ ବୋଲି ଆଶା କରାଯାଏ। ଏହା ଯାନବାହନ ଯୋଗୁ ଘଟୁଥିବା ବାୟୁ ପ୍ରଦୂଷଣକୁ ଅନେକାଂଶରେ ପ୍ରତିହତ କରିବା ସଙ୍ଗେ ସଙ୍ଗେ ଜନସାଧାରଣଙ୍କ ସ୍ୱାସ୍ଥ୍ୟ ପାଇଁ ଉପଯୋଗୀ ହେବ। ଅତଏବ ଏହାକୁ ସମଗ୍ର ଦେଶର ସମସ୍ତ ସହର ଓ ନଗରଗୁଡ଼ିକରେ କାର୍ଯ୍ୟକାରୀ କରାଯିବା ଉଚିତ।

ଏବେ ସାରା ପୃଥିବୀରେ ପେଟ୍ରୋଲ ଏବଂ ଡିଜେଲ ଚାଳିତ ଯାନବାହନ ସଂଖ୍ୟା ବଢ଼ି ବଢ଼ି ଚାଲିଛି। ପ୍ରାୟ ପ୍ରତି ୫ ବର୍ଷରେ ଏହା ପ୍ରାୟ ଦ୍ୱିଗୁଣିତ ହେଉଛି। ଆମ ଦେଶରେ ଏହି ଦୃଶ୍ୟପଟ ଆଦୌ ଭିନ୍ନ ନୁହଁ। ଖଣିଜ ତୈଳର ବାରମ୍ବାର ମୂଲ୍ୟବୃଦ୍ଧି ଏହାକୁ ନିରୁତ୍ସାହିତ କରିବାର ଆଦୌ ମନେ ହେଉନାହିଁ। ଏହାର ପରିଣାମ ପ୍ରତିଫଳିତ ହେଉଛି ପରିବେଶ, ଜନସ୍ୱାସ୍ଥ୍ୟ ଏବଂ ରାସ୍ତା ଦୁର୍ଘଟଣା ଉପରେ। ଏଣେ ଖଣିଜ ତୈଳର ଉତ୍ସ ମଧ୍ୟ ଦ୍ରୁତ ନିଃଶେଷ ହେବାରେ ଲାଗିଛି। ଆଗାମୀ ଗୋଟିଏ ଦୁଇଟି ଦଶକ ମଧ୍ୟରେ ଏହା ହୁଏତ ଦୁଷ୍ପ୍ରାପ୍ୟ ହୋଇପଡ଼ିବ। ବିଦ୍ୟୁତ୍‌ଚାଳିତ ଯାନ ଏହାର ସମାଧାନ ନୁହେଁ। କାରଣ ସେଥିପାଇଁ ମଧ୍ୟ ଆବଶ୍ୟକ ଶକ୍ତିର ଉପଯୋଗ। ଏପରିସ୍ଥଳେ ଏହି ଯାନଗୁଡ଼ିକର ବ୍ୟବହାର ଯଥାସମ୍ଭବ ହ୍ରାସ କରି, ଆଗରୁ ଆମ ଗମନାଗମନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିବା ସାଇକେଲକୁ ଅଧିକରୁ ଅଧିକ ଉପଯୋଗ କରିବାରେ ମତ ଦେଲେଣି ବହୁ ପରିବେଶବିତ୍ ଏବଂ ସ୍ୱାସ୍ଥ୍ୟବିଜ୍ଞାନୀ। ବିଶେଷ କରି ବିଗତ କିଛି ମାସ ଧରି କୋଭିଡ୍-୧୯ ମହାମାରୀ ଯୋଗୁ ବନ୍ଦ ରହୁଛି ଅଧିକାଂଶ ଜିମ୍ ଓ ଯୋଗ କେନ୍ଦ୍ର। ସାଧାରଣ ଲୋକେ ବି ଅଧିକ ସମୟ ଘର ଭିତରେ ରହିବାକୁ ପସନ୍ଦ କରୁଛନ୍ତି। ସର୍ବସାଧାରଣ ଯାନବାହନରେ ଯାତାୟାତ ଏ ସଂକ୍ରମଣକୁ ବଢ଼ାଇବାର ସମ୍ଭାବନା ରହୁଛି।

ଏ ପରିପ୍ରେକ୍ଷୀରେ ସାଇକେଲର ବ୍ୟବହାର ଅଧିକ ପରିବେଶ ସହାୟକ, ସ୍ୱାସ୍ଥ୍ୟକର ଓ ନିରାପଦ ମନେ ହେଉଛି। ଏହାକୁ ଦୃଷ୍ଟିରେ ରଖି ଚାଇନା, ଫ୍ରାନ୍ସ, ଇଟାଲୀ, ଇଂଲଣ୍ଡ, ସ୍ପେନ, ଆମେରିକା ଆଦି ଦେଶ ଏହି ମାଂସପେଶୀଚାଳିତ ଯାନର ବ୍ୟବହାରକୁ ପ୍ରୋତ୍ସାହନ ଦେଲେଣି। ସେସବୁ ଦେଶରେ ଏହାର ପ୍ରସାର ବଢ଼ିବାରେ ଲାଗିଛି। ଆମ ଦେଶରେ ମଧ୍ୟ ନଗର ଉନ୍ନୟନ ମନ୍ତ୍ରଣାଳୟ ପ୍ରଥମ ପର୍ଯ୍ୟାୟରେ ୧୦ଟି ନଗରୀରେ ଏହାକୁ ଉତ୍ସାହିତ କରିବା ଲାଗି ସର୍ବସାଧାରଣ ସାଇକେଲ କାର୍ଯ୍ୟକ୍ରମ ଆରମ୍ଭ କଲେଣି। ସଚେତନ ନାଗରିକ ଏବଂ ସ୍ୱେଚ୍ଛାସେବୀ ଅନୁଷ୍ଠାନମାନେ ଏ ଦିଗରେ ଯତ୍ନବାନ ହେଲେ ତୈଳଚାଳିତ ଯାନବାହନର ସଂଖ୍ୟା ବୃଦ୍ଧି ହେତୁ ଉପୁଜିଥିବା ସମସ୍ୟାଗୁଡ଼ିକ ଅନେକାଂଶରେ ଲାଘବ ହୁଅନ୍ତା।

ଏହାର ପ୍ରଥମ ପ୍ରଭାବ ପରିଲକ୍ଷିତ ହୁଅନ୍ତା ପରିବେଶ ଉପରେ। ବ୍ରାସିଲୋନା ନଗରୀରେ ହୋଇଥିବା ଏକ ଆକଳନ ଅନୁସାରେ ସେଠାରେ ୧୫ ମିନିଟ୍ ସାଇକେଲ ଚାଳନା କରି ପହଞ୍ଚି ହେଲା ଭଳି କର୍ମକ୍ଷେତ୍ରରେ କାର୍ଯ୍ୟରତ କର୍ମଚାରୀଙ୍କ ମଧ୍ୟରୁ ଯଦି ଏକ ଚତୁର୍ଥାଂଶ ଏହାକୁ ଆପଣାଇପାରନ୍ତେ ତା' ହେଲେ ବାର୍ଷିକ ୯୦୦୦ ଟନ୍ ଜାଗତିକ ଉଷ୍ଣତା ବୃଦ୍ଧିକାରୀ ବାଷ୍ପ ଅଙ୍ଗାରକାମ୍ଳର ନିର୍ଗମନ ହ୍ରାସ ପାଆନ୍ତା। ତତ୍ ସଙ୍ଗେ ସଙ୍ଗେ ବାୟୁ ପ୍ରଦୂଷକ ରୂପେ କୁଖ୍ୟାତି ଅର୍ଜନ କରିଥିବା ଗନ୍ଧକ ଓ ଯବକ୍ଷାରଜାନ ଅକ୍ସାଇଡ ସମୂହ, କାର୍ବନ ମନୋକ୍ସାଇଡ, ଆଲ୍ ଡିହାଇଡ ସମୂହ ବିବିଧ ହାଇଡ୍ରୋକାର୍ବନ ଇତ୍ୟାଦି ମଧ୍ୟ କମ୍ ନିର୍ଗତ ହୁଅନ୍ତା। ପରିବେଶ, କୃଷି ଓ ଜନସ୍ୱାସ୍ଥ୍ୟ ଉପରେ ଏହାର କୁପ୍ରଭାବର ମୂଲ୍ୟ କୋଟି କୋଟି ଟଙ୍କା ହେବ। ପୁନଶ୍ଚ ଏଥି ସହିତ ଯୋଗକରିବାକୁ ପଡ଼ିବ ଯାନବାହନଗୁଡ଼ିକ ଦ୍ୱାରା ଘଟୁଥିବା ଧ୍ୱନି ପ୍ରଦୂଷଣର ଦାମ୍; ଯାହା କି ସାଇକେଲ ଚଢ଼ିବା ଦ୍ୱାରା ଏଡ଼ାଇ ଦିଆଯାଇପାରନ୍ତା।

ବେଗବାନ ତୈଳଚାଳିତ ଯାନ ସାଧାରଣତଃ ଦୁର୍ଘଟଣା ବଢ଼ାଇଥାନ୍ତି। ଏହା ବଦଳରେ ସାଇକେଲର ବ୍ୟବହାର ଏ ସମ୍ଭାବନାକୁ ୨୫ରୁ ୩୦ ପ୍ରତିଶତ ହ୍ରାସ କରିପାରିବ ବୋଲି ଆକଳନ କରାଯାଇଛି। ଦୁର୍ଘଟଣାଜନିତ ମୃତ୍ୟୁ ଓ ଅକର୍ମଣ୍ୟତା କଥା ବିଚାରକୁ ନେଇ ତାହାର ମୂଲ୍ୟାୟନ କରି ବସିଲେ ତାହା ଅନେକ କୋଟି ଟଙ୍କାରେ ପହଞ୍ଚିବ।

ବିଶ୍ୱ ସ୍ୱାସ୍ଥ୍ୟ ସଂସ୍ଥାର ଗଣନାନୁସାରେ ୨୦୧୮ ଦୁନିଆରେ ୮୫ ପ୍ରତିଶତ ଲୋକ ପ୍ରାୟତଃ ଶ୍ରମବିହୀନ ଜୀବନ ବିତାଇଥାନ୍ତି। ଆମ ଦେଶରେ ଏହା ପ୍ରାୟ ୬୩ ପ୍ରତିଶତ। ବର୍ତ୍ତମାନ କୋଭିଡ୍-୧୯ ମହାମାରୀ କାଳରେ ତାହା ଆହୁରି ଅଧିକ ହୋଇସାରିଲାଣି। ପରିଣାମରେ ପୃଥୁଳତା ସମସ୍ୟା ଦିନକୁ ଦିନ କାୟାବିସ୍ତାର କରି ଚାଲିଛି। ଏହି ଧାରା ଅବ୍ୟାହତ ରହିଲେ ଆଗାମୀ ୨୦୩୦ ମସିହା ବେଳକୁ ୟୁରୋପୀୟ ଦେଶ ସମୂହ, ଅଷ୍ଟ୍ରେଲିଆ ଏବଂ ଆମେରିକାର ଅର୍ଦ୍ଧାଧିକ ଲୋକଙ୍କ 'ବଡିମାସ୍ ଇଣ୍ଡେକ୍ସ' ୩୦ରୁ ଅଧିକ ହେବ, ଅର୍ଥାତ୍ ସେମାନେ ପୃଥୁଳକାୟ ହୋଇଯିବେ ବୋଲି ଆଶଙ୍କା କରାଯାଏ। ଆମ ଦେଶରେ ଏହା ପ୍ରାୟ ୪୦ଶତାଂଶ ପାର ହୋଇଯାଇପାରେ। ଅତଏବ ହୃଦ୍‌ରୋଗ, କର୍କଟରୋଗ, ଅସ୍ଥି ପୋରିହା, ମଧୁମେହ ଭଳି ଅଣ ସଂକ୍ରମଣ ରୋଗଠାରୁ ଆରମ୍ଭ କରି ଅସୁସ୍ଥତାଜନିତ ସମସ୍ୟା ଗୁରୁତର ହେବାକୁ ଲାଗିବ। ଏପରି କି ଖାଦ୍ୟ ଗ୍ରହଣ କମ୍ କରିବା ମାଧ୍ୟମରେ କ୍ୟାଲୋରି ହ୍ରାସ ଏହା ଦୂର କରିପାରିବ ନାହିଁ। ବରଂ ଉପଯୁକ୍ତ ପରିମାଣରେ ସୁଷମଖାଦ୍ୟ ଖାଇ ଆବଶ୍ୟକ ଶ୍ରମ କରିବା ଏହାର ଉଚିତ ସମାଧାନ ହୋଇପାରିବ। ଗଣନାରୁ ଜଣାପଡ଼ିଛି ଯେ, ଏକଘଣ୍ଟା ଧରି ସାଇକେଲ ଚଳାଇଲେ ପ୍ରାୟ ୩୦୦ କ୍ୟାଲୋରି ଖର୍ଚ୍ଚ ହୋଇଥାଏ। ଅନ୍ୟପକ୍ଷରେ ଦିନକୁ ଅନ୍ତତଃ ୩୦ ମିନିଟ୍ ଶରୀର ଚାଳନା ଏହାର ସ୍ୱାସ୍ଥ୍ୟ ପାଇଁ ଏକାନ୍ତ ପ୍ରୟୋଜନ ବୋଲି ମତ ଦେଇଛି ବିଶ୍ୱ ସ୍ୱାସ୍ଥ୍ୟ ସଂସ୍ଥା। ଏପରିସ୍ଥଳେ, ଖଣିଜ ତୈଳ ଚାଳିତଯାନ ବଦଳରେ ସାଇକେଲର ବ୍ୟବହାର ଏ ଦିଗରେ ବେଶ୍ ସହାୟକ ହୋଇପାରନ୍ତା। ଅତଏବ ଅଣସଂକ୍ରମଣ ରୋଗ ଏବଂ ଶାରୀରିକ ଅସୁସ୍ଥତା ହେତୁ ନଷ୍ଟ ହେଉଥିବା କୋଟି କୋଟି ଟଙ୍କାର ମାନବସମ୍ବଳ ବଞ୍ଚାଇବା ସମ୍ଭବ ହୁଅନ୍ତା। ଏଥି ସଙ୍ଗେ ସଙ୍ଗେ ପ୍ରତିବର୍ଷ ସରକାର ପେଟ୍ରୋଲିୟମ ସାମଗ୍ରୀ ଉପରେ ହେଉଥିବା ସବ୍‌ସିଡି ମଧ୍ୟ ହ୍ରାସ ପାଆନ୍ତା।

ଏହି ସତ୍ୟ ଉପଲବ୍ଧି କରି ବହୁ ୟୁରୋପୀୟ ଦେଶ, ଚାଇନା ଏବଂ ଆମେରିକାରେ ସାଇକେଲର ପ୍ରଚଳନ ବ୍ୟାପକ କରିବା ପାଇଁ ଯୋଜନାମାନ ପ୍ରସ୍ତୁତ କରାଗଲାଣି। ଉଦାହରଣ ସ୍ୱରୂପ, ବ୍ରାସିଲୋନାରେ ଆରମ୍ଭ ହୋଇଥିବା 'ବାଇସିଂ' କାର୍ଯ୍ୟକ୍ରମରେ ବର୍ତ୍ତମାନ ସୁଦ୍ଧା ପ୍ରାୟ ୩ଲକ୍ଷ ଲୋକ ଏହି ଯାନକୁ ଆଦରି ନେଇଛନ୍ତି। ସେହିପରି ଲଣ୍ଡନରେ ଚାଲିଛି "ବୋରିଶ ବାଇକସ" କାର୍ଯ୍ୟକ୍ରମ। ଆମ ଦେଶରେ ଜାତୀୟ ନଗର ଗମନାଗମନ ନୀତିରେ ପାଦଚଲା ଲୋକ ଏବଂ ସାଇକେଲ ଆରୋହୀଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ଲାଗି ସର୍ତ୍ତ ରଖାଯାଇଛି। ଏଣୁ ବିଭିନ୍ନ ରାଜ୍ୟ ସରକାରମାନେ ସେଥିପାଇଁ ରାସ୍ତା ତଥା ଟ୍ରାଫିକ ବ୍ୟବସ୍ଥାର ଆବଶ୍ୟକ ନବୀକରଣ ଦିଗରେ ଧ୍ୟାନ ଦେବାକୁ ଆରମ୍ଭ କଲେଣି। ଇତି ମଧ୍ୟରେ ଉଚ୍ଚତମ ନ୍ୟାୟାଳୟର ବାୟୁପ୍ରଦୂଷଣ ବିରୋଧରେ ସଂଗ୍ରାମର ଏକ ଅସ୍ତ୍ରରୂପେ ସାଇକେଲ ଉପରେ ଅଧିକ ନିର୍ଭରଶୀଳ ହେବାକୁ ପରାମର୍ଶ ଦେଇଛନ୍ତି। ପୁନଶ୍ଚ ଭୁବନେଶ୍ୱର ସମେତ ଦେଶର ୯୫ଟି ସହର ଓ ନଗର ଆରମ୍ଭ କରିଛନ୍ତି "ଇଣ୍ଡିଆ ସାଇକେଲ ଫର ଚେଞ୍ଜ" କାର୍ଯ୍ୟକ୍ରମ। ଅତଏବ ଚାଲନ୍ତୁ ଆମେ ସାଇକେଲ ଚଢ଼ିବା ଏବଂ ଏସବୁରେ ସହଯୋଗ କରିବା। ନିଜର ଏବଂ ସମାଜର ହିତଦୃଷ୍ଟିରୁ ଏହା ଏକାନ୍ତ କରଣୀୟ।

ଉଷାନିବାସ, ୧୨୪/୨୪୪୫, ଖଣ୍ଡଗିରି
ବିହାର, ଭୁବନେଶ୍ୱର
ମୋ–୯୯୩୭୯୮୫୭୬୭

# ଚପଲ ଚର୍ଚ୍ଚା



ଡ. କୁଳାଙ୍ଗାର

ଚପଲ ସହିତ ତାଆର ସମ୍ପର୍କ ବେଶ୍ ନିବିଡ଼। ମାନେ ଏମିତିରେ ତ ସମସ୍ତଙ୍କ ପାଦରେ ଲାଗୁଥିବାରୁ ଏହା ନିବିଡ଼ ହେବା ସ୍ୱାଭାବିକ। ତେବେ ଚପଲ ସହିତ ତାଆର ସମ୍ପର୍କ ନିଆରା। ପିଲାଦିନେ ଚପଲ ପିନ୍ଧିବାର ଅଭ୍ୟାସ ନ ଥିବାରୁ ସିଏ ବାରମ୍ବାର ଚପଲ ହଜେଇ ଦେଉଥିଲା। ଅତଏବ ଆଉ ହଳେ ଚପଲ କିଣା ହେବାଯାଏଁ ସିଏ ଖୋଲା ପାଦରେ ଚାଲୁଥିଲା। ଛାତ୍ରାବସ୍ଥାରେ ଉପନୀତ ହେବା ପରେ ପ୍ରେମ ନିବେଦନର ଫଳ ସ୍ୱରୂପ ଅନେକ ତରୁଣୀଙ୍କର ଚପଲ ତାଆର ଗାଲ ସ୍ପର୍ଶ କରିଥିଲା। ଏବଂ ପାଠସାରି ଯୁବାବସ୍ଥାରେ ଚାକିରି ଖଣ୍ଡେ ପାଇଁ ଏଠୁ ସେଠିକୁ ଦୌଡ଼ି ଦୌଡ଼ି ତାଆର ଚପଲ ଘୋରି ହୋଇଥିଲା। ଶେଷରେ ଜଣେ ଅଧିକାରୀଙ୍କର ଚପଲ ବୋହିବା ପରେ ତାକୁ ଚପରାସୀ ଚାକିରିଟିଏ ମିଳିଲା।

ଅତଏବ ସିଏ ଚପଲକୁ କେମିତି ଭୁଲିପାରନ୍ତା? ତେବେ ତା' ସ୍ତ୍ରୀ କୋଉ ଏତେ କଥା ଜାଣେ! ସିଏ ସେଦିନ ସକାଳୁ ସକାଳୁ ସଜବାଜ ହୋଇ ଯେବେ ଖାଲିପାଦରେ ବାହାରକୁ ବାହାରିଲା, ତା' ସ୍ତ୍ରୀ ପଚାରିଲା – ହେଁଏ, ଏବେ ତ ଏମିତି କିଛି ଓଷାବ୍ରତ ନାହିଁ! ତମେ ଖାଲିପାଦରେ କୁଆଡ଼େ ବାହାରିଛ? ସିଏ କହିଲା– ଚପଲ ପାଇଁ! ଘରଣୀ କହିଲା– ଚପଲ ପାଇଁ ଯାଉଛ ଯଦି ଯାଅ, ହେଲେ ଚପଲ ପିନ୍ଧି ଯାଉନ! ସିଏ କହିଲା– ଦୋକାନକୁ ଯାଉଥିଲେ ସିନା ପିନ୍ଧିକରି ଯାଆନ୍ତି। କିନ୍ତୁ ମୁଁ ଯାହା ପାହାକୁ ଯାଉଛି, ସିଏ ଥିଲା ଲୋକଙ୍କୁ ଦିଅନ୍ତିନି! ତମ ପାଖରେ ଥିଲେ ବି ଦେଖେଇବାକୁ ପଡ଼ିବ କି ନାହିଁ! ତା'ପରେ ଯାଇ ସିଏ ଦେବେ!! ଘରଣୀ କହିଲା– କ'ଣ ସବୁ ୟାଡୁସ୍ୟାଡୁ ଗପୁଛ ମୁଁ କିଛି ବୁଝିପାରୁନି! ତମେ କୋଉଠିକୁ ଯିବ ଯେ ତମକୁ କିଏ ଚପଲ ଦେବ? ସିଏ କହିଲା – ସବୁବେଳେ ତ ଧାରାବାହିକ ଦେଖାରେ ମାତିଲୁ, କେବେ ଟିକେ ସମାଚାର ଦେଖିଲେ ସିନା ଜାଣନ୍ତୁ! ଆଲୋ ଆମ ବିଧାନସଭାରେ ଚପଲ ଫୋପଡ଼ା ହେଉଛି। ମୋର ଚପଲ ହଳକ ପାକୁଆ ହେଲାଣି। ସେଥିରୁ ହଳେ ନେଇ ଆସିବି। ଆଉ କିଣିବି କାହିଁକି। ଘରଣୀ ଏଥର ଆଖି ହଳକୁ କ୍ରିକେଟ ବଲ୍ ପରି ବାହାରକୁ କାଢ଼ି ପଚାରିଲା– ସେଠି କିଏ କାହିଁକି ଚପଲ ଫୋଡ଼ିଲେ ବା? ସିଏ କହିଲା– ତୁ ଜାଣିନୁ କି, ସେଠିକି ଆମେ ଭୋଟ ଦେଇ ପଠେଇଥିବା ଏମେଲେମାନେ ଯାଆନ୍ତି। ବଡ଼ଲୋକ ସେମାନେ। କ'ଣ ଗୋଟେ ମନକୁ ପାଇଥିବ ତେଣୁ ଖୁସିରେ ଯାହା ପାଇଲେ ତାହା ଫୋପାଡ଼ିଥିବେ! ଘରଣୀ ସନ୍ଦେହ ସ୍ୱରରେ କଥା ଫେରାଇଲା – ଖୁସି ନା ଆଉ କିଛି! ସିଏ କହିଲା– ଆଉ ବିଧାୟକ ଭଳିଆ ଲୋକ। ସିଏ କଣ କାହାକୁ ଅପମାନିତ କରିବା ପାଇଁ ଚପଲ ଫୋପାଡ଼ିଥିବେ ନା କାହାକୁ ଆଘାତ ଦେବା ପାଇଁ ଫୋପାଡ଼ିଥିବେ। ଅଧିକ ଥିବ ବୋଲି ଫୋପାଡ଼ିଥିବେ ନା! ନଚେତ ଦିଲ୍‌ଦାର ଲୋକ ହୋଇଥିବେ! ନାଟ ତାମସାରେ ଦିଲ୍‌ବାଲା ଲୋକେ ନୋଟ୍ ଉଡ଼େଇଲା ପରି କ'ଣ ଗୋଟେ ମନକୁ ପାଇଥିବ, ତେଣୁ ସିଏ ପୋପାଡ଼ିଥିବେ!

ଘରଣୀ ତା' କଥାକୁ ଆଦୌ ଗ୍ରହଣ କଲାନାଇଁ। ଓଲଟି କହିଲା – ଖୁସିରେ ଲୋକେ ଟଙ୍କା ପଇସା, ଫୁଲ ଆଦି ସିନା ଫିଙ୍ଗନ୍ତି। ଚପଲ କିଏ କ'ଣ ଖୁସିରେ ଫୋପାଡ଼େ? ତମେ ଭଲ କି ବୁଝ, କିଛି ଗୋଟେ ଅଘଟଣ କି ହିଂସା ହୋଇଥିବ। ସିଏ କାହାକୁ ଆଘାତ ଦେବାକୁ ଫୋପାଡ଼ିଥିବେ! ସିଏ ଟିଙ୍ଗିଟିଙ୍ଗି ହୋଇ କହିଲା– ତୁ ତ ମହାପଣ୍ଡିତ! ଆଘାତ ଫାଘାତ କଥା ହୋଇଥିଲେ ଏତେଲା ହୋଇନଥାନ୍ତା? ଆଗରୁ ପରା ଜଣେ ନେତାଙ୍କ ଗାଡ଼ିକୁ ଟୋକାଟାଏ ଅଣ୍ଡା ମାରି ଦେଇଥିଲା ବୋଲି ତାକୁ ଜେଲ୍ ହୋଇଯାଇଥିଲା। ତୁ କଣ କହୁଛୁ? ପୁଲିସି ଜାଣିକି ଚୁପ୍ ରହିଥାଆନ୍ତା?? ଘରଣୀ କହିଲା – ହଉ ତମେ ତାହେଲେ ଯାଅ! ପୁଣି ତାକୁ ପଛରୁ ଡାକି ଘରଣୀ କହିଲା– ହେଇଟି ଶୁଣ ଶୁଣ! ଟିକେ ରହ, ମୁଁ ବି ତମ ସାଥିରେ ଯିବି। ମୋ ଚପଲ ହଳକ ବି ବହୁ ଦିନ ପିନ୍ଧିପିନ୍ଧି ବିରକ୍ତ ହେଲିଣି। ମୁଁ ବି ମାଗଣାରେ ହଳେ ଚପଲ ଆଣିବି। ସିଏ ଘରଣୀ କଥା ଶୁଣି ହସିଲା ଏବଂ କହିଲା– ଆଲୋ ହୁଣ୍ଡି। ମୁଁ ସିନା ଅନେକ ଚପଲ ଭିତରୁ ମୋ ମାପର ହଳେ ନେଇଆସିବି, ହେଲେ ସେଠି ତ ମାଡାମ ମାତ୍ର ହାତଗଣତି। ତୋ' ମାପର ମିଳିବା କଷ୍ଟ! ତେଣୁ ତୁ ଯିବୁ କାହିଁକି, ମନ ଦୁଃଖ କରି ଫେରିବୁ କାହିଁକି?

ସିଏ ଘରଣୀକୁ ଘରେ ଛାଡ଼ି ଅଟୋ ଭଡ଼ା କରି ସଭାଗୃହ ଦରଜାରେ ପ୍ରବେଶ କଲାବେଳକୁ ମାଟିଆ ପୋଷାକପିନ୍ଧା ମାମୁ ପାଟିକଲେ– ହାଁ ହାଁ କୁଆଡ଼େ କୁଆଡ଼େ? ସିଏ ତାଙ୍କ ପାଖକୁ ଯାଇ କହିଲା– ଭିତରକୁ ଆଉ କୁଆଡ଼େ? ମାମୁ କହିଲେ– ଭିତରକୁ ଯିବାପାଇଁ ପାସ୍ ଲୋଡ଼ା। ପାସ୍ କାହିଁ? ସଭାକୁ ପାଇଁ ସିନା ପାସ୍, ମୁଁ ତ ଚପଲ ପାଇଁ ଆସିଛି। ସୁରକ୍ଷା କର୍ମୀ ତା' କଥା ଶୁଣିଲାନି। ତାକୁ ରାସ୍ତା କଡ଼ରେ ଥିବା ଟେଣ୍ଟ ତଳକୁ ଟାଣିନେଲା। ବାଟରେ ତାକୁ ଜଣେ ପୋଲିସ ସନ୍ଦେହ ଦୃଷ୍ଟିରେ ଆପାଦମସ୍ତକ ଚାହିଁ ପଚାରିଲେ– ହେଇରେ ତୋ' ପାଦରୁ ଚପଲ କୁଆଡ଼େ ଗଲା?

କ'ଣ ଉତ୍ତରଦେବ ଭାବି ତାଆର ପାଟି ଥଙ୍ଗଥଙ୍ଗ ହୁଅନ୍ତେ ପୋଲିସ ବାବୁ ତାଆର ଡେଣାଧରି ମାଡ଼ି ବସିଲେ। ପେଁ ପେଁ ସ୍ୱର କରି ପୋଲିସ ଭ୍ୟାନ୍ ମାଡ଼ିଆସିଲା। ତାକୁ ଗାଡ଼ିରେ ବସେଇ ଗୋଟେ ଥାନାକୁ ନେଇଗଲେ। ଥାନାରେ ତାକୁ ମାମୁଘର ଚର୍ଚ୍ଚା ସହ ନାନା ପ୍ରଶ୍ନ ହେଲା;

– ତୁ କ'ଣ କାହାକୁ ଚପଲ ଫିଙ୍ଗିବାକୁ ଆସିଥିଲୁ? ତା'ହେଲେ କାହାକୁ ଚପଲ ଫିଙ୍ଗିଚୁ କହ? ତୁ କ'ଣ ସେ ଚପଲଫିଙ୍ଗା ବିଧାୟକଙ୍କର ନା ତାଙ୍କ ଦଳର ସମର୍ଥକ? ତୁ କ'ଣ ତୋ ଚପଲ ତାଙ୍କୁ ଫିଙ୍ଗିବାକୁ ଦେଇଥିଲୁ କି? ସିଏ ଚୁପ୍ ରହିବାରୁ ତାକୁ ଅନେକ ସମୟ ଧରି ମାମୁଘର ଚର୍ଚ୍ଚା କଲେ। ସିଏ ଯେବେ ସତକଥା ଖୋଲି କହିଲା, ଥାନାରେ ଉପସ୍ଥିତ ସମସ୍ତେ ଠୋ ଠୋ ହସିଲେ। ଥାନାବାବୁ କନଷ୍ଟେବଲକୁ କହିଲେ– ଯା' ୟାକୁ ଘରେ ଛାଡିଆସିବୁ! ହଁ, ଗଲାବେଳେ ରାସ୍ତାରେ ତାକୁ ଭଲ ଚପଲ ହଳେ କିଣି ଦେବୁ!

ନରସିଂହପୁର, କଟକ
ମୋ: ୮୮୯୫୮୨୫୮୬୩

## ଏଇ ଭାରତରେ

ପିଲାଦିନ ଭଲରେ କଟିଗଲା ମିନାଲ ସିଂଘଭୀଙ୍କର। ତାଙ୍କୁ ଯେତେବେଳେ ବୟସ ୨୮ ସେତେବେଳେ ତାଙ୍କ ଜୀବନରେ ସବୁ କିଛି ଓଲଟପାଲଟ ହୋଇଗଲା। ସେ ଦୃଷ୍ଟିଶକ୍ତି ହରାଇ ବସିଲେ। ତା'ପରେ ଆରମ୍ଭ କଲେ ରେଡିଓ ଉଡ଼ାନ। ଏହି ଅନ୍‌ଲାଇନ ରେଡିଓର ଏବେ ୪୫,୦୦୦ ଭିନ୍ନକ୍ଷମ ଶ୍ରୋତା ରହିଛନ୍ତି। କେବଳ ଭାରତ ନୁହେଁ, ସାରା ବିଶ୍ୱର ୧୧୯ଟି ଦେଶରେ ଏହି ଶ୍ରୋତାମାନେ ମିନାଲଙ୍କ ଦ୍ୱାରା ପରିଚାଳିତ କମ୍ୟୁନିଟି ପ୍ରୋଗ୍ରାମଗୁଡ଼ିକରେ ଅଂଶଗ୍ରହଣ କରୁଛନ୍ତି ଓ ପରସ୍ପରକୁ ସହଯୋଗର ହାତ ବଢ଼ାଉଛନ୍ତି। ଏହି ପ୍ରୋଗ୍ରାମଗୁଡ଼ିକ ୱେବ୍‌ସାଇଟ୍, ମୋବାଇଲ ଆପ୍, ଆଲେକ୍ସ ଏବଂ ଗୁଗଲ ହୋମ୍‌ରେ ଉପଲବ୍ଧ ହେଉଛି। ଏହାର ବିଷୟବସ୍ତୁ ହିନ୍ଦୀ, ଇଂଲିଶ, ତେଲୁଗୁ ଏବଂ କନ୍ନଡ ଭାଷାରେ କରାଯାଉଛି। ହାଇଦ୍ରାବାଦ ବାସିନ୍ଦା ମିନାଲ ଦୃଷ୍ଟିଶକ୍ତି ହରାଇବା ପରେ ୨୦୧୩ରେ ନିଜ ପ୍ରଚେଷ୍ଟାରେ ଡେପୁଟି କମିଶନର ଅଫିସରେ ଜୁନିୟର ଆସିଷ୍ଟାଣ୍ଟ ଭାବେ ଚାକିରି ପାଇବାକୁ ସକ୍ଷମ ହେଲେ। ୨୦୧୭ରେ ଫେସ୍‌ବୁକରୁ ଅନ୍‌ଲାଇନ ରେଡିଓ ସମ୍ପର୍କରେ ଜାଣିବା ପରେ ସେ ରେଡିଓ ଉଡ଼ାନ ଆରମ୍ଭ କରିଥିଲେ । ତାଙ୍କ ସହ ଯୋଡ଼ି ହୋଇଥିବା ଭିନ୍ନକ୍ଷମମାନଙ୍କ ମଧ୍ୟରୁ ୧୦,୦୦୦ ବିବାହ କରିସାରିଛନ୍ତି , ଅନେକେ ଚାକିରି ପାଇଛନ୍ତି, ଅନେକେ କମ୍ପ୍ୟୁଟର ସ୍କିଲ୍ ଶିକ୍ଷା କରିଛନ୍ତି । କିଏ ଗାୟକ ତ କିଏ ଚିତ୍ରକର ହେବା ଲାଗି ରେଡିଓ ଉଡ଼ାନରୁ ବିଭିନ୍ନ କୌଶଳ ଶିକ୍ଷା କରିପାରିଛନ୍ତି। ୪୩ ବର୍ଷୀୟା ମିନାଲ ତାଙ୍କ ଡ୍ୟୁଟି ପରେ ସମୟ ବାହାର କରି ଏହି କାର୍ଯ୍ୟ କରୁଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୨୦ ଏପ୍ରିଲ ୧୯୯୬

- କାଏରୋର ୟୁରୋପ ହୋଟେଲ ସମ୍ମୁଖରେ ଗୀଜା ପିରାମିଡ ଅଭିମୁଖେ ଯିବାକୁ ଅପେକ୍ଷା କରିଥିବା ପର୍ଯ୍ୟଟକମାନଙ୍କ ଉପରକୁ ଅଜ୍ଞାତ ବନ୍ଧୁକଧାରୀମାନେ ଆଖିବୁଜା ଗୁଳିବର୍ଷଣ କରିବାରୁ ୧୯ ନିହତ।
- ସାନ୍‌ଫ୍ରାନ୍ସିସ୍କୋର ୨ଟି ବିଶ୍ୱବିଦ୍ୟାଳୟର ଜ୍ୟୋତିର୍ବିଜ୍ଞାନୀମାନେ ପୃଥିବୀଠାରୁ ୫୦ ଆଲୋକବର୍ଷ ଦୂରରେ ସୌରମଣ୍ଡଳ ବାହାରେ ଥିବା ଏକ ଗ୍ରହକୁ ଚିହ୍ନଟ କରିଛନ୍ତି।
- ବାଂଲାଦେଶରେ ବେଆଇନ ଅସ୍ତ୍ରଶସ୍ତ୍ର ତଥା ବିସ୍ଫୋରକ ସମ୍ପର୍କରେ ସୂଚନା ଦେବା ପାଇଁ ୧୦୦ ଟାକାରୁ ୧୫,୦୦୦ ଟାକା ପର୍ଯ୍ୟନ୍ତ ଆର୍ଥିକ ପୁରସ୍କାର ଘୋଷଣା।

## ପାଠକ ଶ୍ରେଷ୍ଠ ବିଚାରକ

### ପ୍ରକୃତିକୁ ଭଲପାଅ

ମହାଶୟ,

ସାରା ଜୀବଜଗତ ପ୍ରକୃତିର ଅଧୀନ। ହେ ମାନବ? ଆମେ ପରା ପ୍ରକୃତିର ସନ୍ତାନ ସନ୍ତତି। ପ୍ରକୃତି ଜନ୍ମଦେଇ ଆମକୁ କୋଳରେ ଧରି ଲାଳନ ପାଳନ କରୁଛି। ଆମ ମନକୁ ବିମୋହିତ କରିବା ପାଇଁ ନଦୀ, ସମୁଦ୍ର, ହ୍ରଦ, ଝାଉଁବଣ, ଚନ୍ଦ୍ରର ଶୋଭା, ପଦ୍ମ ଓ କୁମୁଦ ଫୁଲ ମନକୁ ଶାନ୍ତି ପ୍ରଦାନ କରୁଛି। ଧାନ, ଗହମ, ମାଣ୍ଡିଆ ଓ ନାନା ରକମର ଫଳଗୁଡିକୁ ଖାଦ୍ୟ ଓ ଔଷଧ ରୂପେ ବଣର ଚେରମୂଳ ସୃଷ୍ଟି କରିଛି। ହେଲେ ମଣିଷ ପ୍ରକୃତିକୁ ଚିହ୍ନି ପାରୁନାହିଁ। ନିଜର ସୁଖ ପାଇଁ ଔଦ୍ଧତ୍ୟ ପଣିଆରେ ପ୍ରକୃତିକୁ ନଷ୍ଟ କରିବାକୁ ପଛଘୁଞ୍ଚା ଦେଉନାହିଁ। ପାହାଡ ଖନନ, ଛେଦନ ଓ ପଶୁପକ୍ଷୀ ଶିକାର ଇତ୍ୟାଦି କରିବା ଫଳରେ ପ୍ରାକୃତିକ ସମ୍ପଦ ବହୁଳ ପରିମାଣରେ ନଷ୍ଟଭ୍ରଷ୍ଟ ହେବାରେ ଲାଗିଛି। ଯେଉଁଥି ପାଇଁ କି ଆଜି ଜଳବାୟୁ ପ୍ରଦୂଷଣ ହେବା ଦୈବଦୁର୍ବିପାକ ସଂଗଠିତ ହେଉଛି। ଏଥିରେ ମଣିଷ ଜୀବନ ଯନ୍ତ୍ରଣାରେ ଛଟପଟ ହୋଇ ମୃତ୍ୟୁମୁଖରେ ପଡିଛି। ହେଲେ ଏବେ ସୁଦ୍ଧା ମଣିଷ ଏ କଥାକୁ ସହଜରେ ଗ୍ରହଣ କରୁନାହିଁ। ଏତେ ସବୁ ବିପଦରେ ଛନ୍ଦିହୋଇ ପଡିଥିବା ମଣିଷର ଜ୍ଞାନ ଉଦୟ ହେଉନାହିଁ। ଏବେ ବି ସମୟ ଅଛି। ଏଥିପାଇଁ ମଣିଷଙ୍କ ମଧ୍ୟରେ ସଚେତନତା ଜାଗ୍ରତ ହେବା ଜରୁରୀ । ପ୍ରଥମେ ପ୍ରକୃତିକୁ ଭଲ ପାଇବା ଶିଖିବା ଉଚିତ । ନିୟମ ଅନୁଯାୟୀ ଖାଦ୍ୟ ପେୟ ଓ ବସ୍ତ୍ର ଇତ୍ୟାଦି ବ୍ୟବହାର କରିବାକୁ ହେବ। ଘଞ୍ଚ ଜଙ୍ଗଲ ଓ ସବୁଜ ବନାନୀ ସୃଷ୍ଟି କରିବା ପାଇଁ ପ୍ରଚେଷ୍ଟା ଜାରି ରଖିବାକୁ ପଡିବ। ତେବେ ଯାଇ ପ୍ରକୃତି, ବାୟୁ ପ୍ରଦୂଷଣ, ଜଳ ପ୍ରଦୂଷଣ ଓ ମୃତ୍ତିକା କ୍ଷୟ ରୋକାଯାଇପାରିବ। ମଣିଷ ଜୀବନରେ ସୁଖଶାନ୍ତି ଭରି ଉଠିବ।

–ମହେଶ୍ୱର ନାୟକ, ଦୋବନ୍ଧା, ଗୋଗୁଆ, କେନ୍ଦ୍ରାପଡା

### ସ୍ୱଚ୍ଛତା କେବେ ଆସିବ

ଭାରତ ସରକାର 'ସ୍ୱଚ୍ଛ ଭାରତ' କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରିଛନ୍ତି। ବାହ୍ୟ ମଳମୂତ୍ର ମୁକ୍ତ ଯୋଜନା ଦ୍ୱାରା ପାଇଖାନା ଯୋଗାଇ ଦିଆଯାଇଛି। ସହର, ନଗରମାନଙ୍କର ଆବର୍ଜନା ପରିଷ୍କାର କରାଯାଉଛି। କିନ୍ତୁ ପ୍ରତ୍ୟେକ କାର୍ଯ୍ୟରେ ତଳୁ ଉପରଯାଏଁ ସ୍ୱଚ୍ଛତା ଆସିବ କେବେ? ସମାଜର ପ୍ରତ୍ୟେକ କ୍ଷେତ୍ରରେ, ଏପରି କି ସରକାରୀ କାର୍ଯ୍ୟାଳୟରେ ଦୁର୍ନୀତି, ଲାଞ୍ଚ କାରବାର ଚାଲିଛି। ଉପରିସ୍ଥ ଅଧିକାରୀ ଟଙ୍କାଟିଏ ଦେଲେ ଶହେ ଟଙ୍କା ଆଦାୟ କରାଯାଉଛି। ଅର୍ଥଲୋଭ ମଣିଷକୁ ଅସାମାଜିକ କରିଦେଉଛି। ଲୋଭ ମଣିଷର ଶତ୍ରୁ। ଏକଥା ଜାଣି ମଧ୍ୟ ଦୁର୍ନୀତିକୁ ପ୍ରୋତ୍ସାହନ ଦେଉଛନ୍ତି ଅନେକ ସରକାରୀ ଚାକିରିଆ। ଯେତିକି ପରିମାଣର ଉନ୍ନତି ହେବା କଥା ହେଉନାହିଁ।

–ସୁକାନ୍ତ କୁମାର ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସାକ୍ଷୀଗୋପାଳ, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଖେଳାଇଲ ହାସ୍ୟ କେତେ ବୁହାଇଲ
ଲୋତକ ଯମୁନା
ଭୁବନ ବାଞ୍ଛିତ ଚିର ହେ ବିଜୟୀ
ହେ ମହାନ୍ ସୁନା !
(ସୁନା)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ତେଲଙ୍ଗାନା ମୁଖ୍ୟମନ୍ତ୍ରୀଙ୍କୁ କରୋନା



**ହାଇଦ୍ରାବାଦ:** ତେଲଙ୍ଗାନା ମୁଖ୍ୟମନ୍ତ୍ରୀ କେ ଚନ୍ଦ୍ରଶେଖର ରାଓ ସୋମବାର କରୋନାରେ ସଂକ୍ରମିତ ହୋଇଛନ୍ତି। ସେ ନିଜକୁ ଆଇସୋଲେଶନରେ ରଖିଛନ୍ତି। ଏକ ଡାକ୍ତରୀ ଟିମ୍ ତାଙ୍କ ଚିକିତ୍ସା କରୁଥିବା ନେଇ ସୂଚନା ଦିଆଯାଇଛି। ଗତ ୧୪ ତାରିଖରେ ସେ ନାଲଗୋଣ୍ଡା ଜିଲାରେ ଏକ ନାଗାର୍ଜୁନ ସାଗର ବିଧାନସଭା ଉପନିର୍ବାଚନ ପାଇଁ ସାଧାରଣ ସଭାରେ ଯୋଗ ଦେଇଥିଲେ।



## ସଂକ୍ଷେପରେ

### କୋଭିଡ୍‌ରେ ଜନପ୍ରତିନିଧିଙ୍କ ଭୂମିକା ବୁଝିଲା ଲୋକସଭା ସଚିବାଳୟ

**ଭୁବନେଶ୍ୱର, ୧୯।୪(ବ୍ୟୁରୋ):** ଦେଶରେ କୋଭିଡ ସଂକ୍ରମଣ ସ୍ଥିତି ଏବଂ ଏହାକୁ ରୋକିବାଲାଗି ଜନପ୍ରତିନିଧିଙ୍କ ଭୂମିକା ଏବଂ ଦାୟିତ୍ୱ ଉପରେ ଭର୍ଚୁଆଲ ବୈଠକ ଲୋକ ସଭା ସଚିବାଳୟ ପକ୍ଷରୁ ସୋମବାର ଅନୁଷ୍ଠିତ ହୋଇଛି। ଏଥିରେ ସବୁ ରାଜ୍ୟର ବାଚସ୍ପତି ଉପସ୍ଥିତ ରହି ନିଜ ରାଜ୍ୟରେ ଏ ସଂକ୍ରାନ୍ତରେ ଜନପ୍ରତିନିଧିମାନଙ୍କୁ ସଚେତନ କରିବା ଦିଗରେ ଗ୍ରହଣ କରାଯାଉଥିବା ପଦକ୍ଷେପ ଉପରେ ଆଲୋଚନା କରିଛନ୍ତି। ଏଥିରେ ଓଡିଶା ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ସମ୍ପ୍ରତି ଦେଖା ଦେଇଥିବା କୋଭିଡର ଦ୍ୱିତୀୟ ଲହରୀକୁ ରୋକିବାକୁ ଗ୍ରହଣ କରାଯାଉଥିବା ପଦକ୍ଷେପ ନେଇ ସୂଚନା ଦେଇଛନ୍ତି। ଏହାକୁ ରୋକିବାକୁ ଜନପ୍ରତିନିଧିମାନେ ଏକ ଫଳପ୍ରଦ ଭୂମିକା ଗ୍ରହଣ କରିବେ ବୋଲି ସେ ଆଶା ପ୍ରକାଶ କରିଛନ୍ତି।

### ବ୍ୟାଙ୍କ ଶାଖା ପରିଚାଳକଙ୍କୁ ଉଠାଇନେଲା କମିଶନରେଟ୍ ପୋଲିସ

**ମାଲକାନଗିରି, ୧୯।୪ (ଡି.ଏନ୍.ଏ.):** ମାଲକାନଗିରି ଜିଲା ସଦର ମହକୁମାସ୍ଥିତ ଆକ୍ସିସ ବ୍ୟାଙ୍କର ଶାଖା ପରିଚାଳକ ଦିଲୀପ କୁମାର ରଥଙ୍କୁ ସୋମବାର କମିଶନରେଟ୍ ପୋଲିସ ଉଠାଇନେଇଛି। ଦିଲୀପଙ୍କ ସ୍ତ୍ରୀ ସଙ୍ଗୀତା ପଣ୍ଡା ଯୌତୁକ ନିର୍ଯାତନା ସହ ବାରମ୍ବାର ତାଙ୍କ ସହ ଝଗଡ଼ା ଲଗାଉଥିବା ନେଇ ଭୁବନେଶ୍ୱର କମିଶନରେଟ୍ ପୋଲିସର ମହିଳା ଥାନାରେ ଦିଲୀପଙ୍କ ନାମରେ ଅଭିଯୋଗ କରିଥିଲେ। ଏହାର ତଦନ୍ତ କରି କମିଶନରେଟ୍ ପୋଲିସ ମାଲକାନଗିରିରେ ପହଞ୍ଚି ବ୍ୟାଙ୍କରେ କାର୍ଯ୍ୟରତ ଥିବା ଦିଲୀପଙ୍କୁ ଉଠାଇ ଆଣିଥିଲା। ଏ ସମ୍ପର୍କରେ ମାଲକାନଗିରି ଆଇଆଇସି ରାମପ୍ରସାଦ ନାଗଙ୍କୁ ପଚାରିବାରୁ ମାଲକାନଗିରି ଥାନାରେ ଏନେଇ କୌଣସି ମାମଲା ହୋଇନାହିଁ। ଭୁବନେଶ୍ୱରରେ ମାମଲା ରୁଜୁ ହୋଇଛି। ତେବେ କମିଶନରେଟ ପୋଲିସକୁ ମାଲକାନଗିରି ପୋଲିସ ସମସ୍ତ ପ୍ରକାର ସହାୟତା କରିଥିବା ସେ କହିଛନ୍ତି।

### ଆଇପିଏଲ୍ ବେଟିଂରେ ଜଣେ ଗିରଫ

**ନବରଙ୍ଗପୁର, ୧୯।୪(ବି.ପ୍ର.):** ନବରଙ୍ଗପୁର ପୋଲିସ ସୋମବାର ଭଗବତୀ ସାହିରେ ଚାଲିଥିବା ଏକ ବଡ଼ ଧରଣର ଆଇପିଏଲ୍ ବେଟିଂ ଆଡ୍ଡାରେ ଚଢ଼ାଉ କରି ମିର୍ଗାନଗୁଡ଼ାର ଜି. ଲୋକେଶଙ୍କୁ ଗିରଫ କରିଛି। ଘଟଣାସ୍ଥଳରୁ ୩ ଲକ୍ଷ ୮୮ ହଜାର ଟଙ୍କା, ୩ ସୁନା ଚେନ୍ ଏବଂ ୩ ମୋବାଇଲ୍ ଜବତ କରାଯାଇଛି।

# ପରିବା ବିକାଳିଙ୍କୁ ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍‌ର ମାଡ଼

## ରାସ୍ତାକଡ଼ ବେପାରୀଙ୍କୁ ସ୍ଥାନାନ୍ତର ବେଳେ ଉତ୍ତେଜନା

- ଥାନା ସମ୍ମୁଖରେ ବିକ୍ଷୋଭ, ଏତଲା ଦେଲେ ପରିବା ବିକାଳି
- ଅଭିଯୋଗକୁ ମ୍ୟୁନିସିପାଲିଟି ଅଧିକାରୀଙ୍କ ଖଣ୍ଡନ

**ବଲାଙ୍ଗୀର ଅଫିସ, ୧୯।୪**

କରୋନା ସଂକ୍ରମଣ ଦ୍ରୁତଗତିରେ ବୃଦ୍ଧି ପାଉଥିବାରୁ ସହରରେ ଭିଡ଼ ପରିଚାଳନାକୁ ଗୁରୁତ୍ୱ ଦିଆଯାଉଛି। ଏଥିଯୋଗୁ ସୋମବାର ବଲାଙ୍ଗୀର ମ୍ୟୁନିସିପାଲିଟି ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ ରାସ୍ତାକଡ଼ ପରିବା ବିକାଳିଙ୍କୁ ସ୍ଥାନାନ୍ତର କରିବାବେଳେ ଅଭାବନୀୟ ଘଟଣ ଘଟିଛି। ମ୍ୟୁନିସିପାଲିଟି ଅଧିକାରୀଙ୍କ ମାଡରେ ଜଣେ ପରିବା ବିକାଳି ବେହୋସ୍ ହୋଇଯିବା ପରେ ବ୍ୟବସାୟୀମାନେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ବଲାଙ୍ଗୀର ଡେଲିମାର୍କେଟରୁ ବିକ୍ରମ ଛକ ଓ ପିପି ଏକାଡେମୀ ଛକ ରାସ୍ତାକଡ଼ରେ ପରିବା ବିକାଳିମାନେ ପରିବା ବିକ୍ରି ପାଇଁ ବସିଥିଲେ। ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ ସଦସ୍ୟମାନେ ରାସ୍ତାକଡରୁ ହଟି ବିଭୂତିପଡା ସାପ୍ତାହିକ ପ୍ରାଙ୍ଗଣ ଓ ପ୍ୟାଲେସଲାଇନ୍ ବିଦ୍ୟୁତ୍ ଅଫିସ ପଡିଆକୁ ଯିବାକୁ ବୁଝାଉଥିଲେ। ଏହି ସମୟରେ ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍ ଓ ପରିବା ବିକାଳିଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା । ଏଥିରେ ଉତ୍ୟକ୍ତ ହୋଇ ସ୍କ୍ୱାଡ୍‌ର ଜଣେ ଅଧିକାରୀ ଚନ୍ଦନଭାଟି ଗ୍ରାମର ଜଣେ ପରିବା ବିକାଳି ରାକେଶ ମେହେରଙ୍କୁ ମାଡ ମାରିଥିଲେ । ଏଥିରେ ସେ ବେହୋସ ହୋଇଯାଇଥିଲେ । ଏହାକୁ ଅନ୍ୟ ପରିବା ବିକାଳିମାନେ ବିରୋଧ କରିବାରୁ ଅନ୍ୟ ୪ ବିକାଳି ମହେନ୍ଦ୍ର ମେହେର, ତୁଳସୀ ମେହେର, ଫକୀର ମେହେର ଓ ଅନ୍ୟ ଜଣେ ବୃଦ୍ଧ ପରିବା ବିକାଳିଙ୍କୁ ସମ୍ପୃକ୍ତ ଅଧିକାରୀ ଜଣକ ମାଡ ମାରିଥିଲେ । ବେହୋସ ରାକେଶଙ୍କୁ ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲକୁ ନିଆଯାଇଥିଲା। ପରେ ଉତ୍ୟକ୍ତ ପରିବା ବିକାଳିମାନେ ଟାଉନ୍ ଥାନାକୁ ଆସି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ବଡବଡିଆଙ୍କୁ ଛାଡି ଅଧିକାରୀ ଓ କର୍ମଚାରୀମାନେ ଛୋଟ ବେପାରୀଙ୍କ ଉପରେ ଦାଉ ସାଧୁଛନ୍ତି ବୋଲି ସେମାନେ ଅଭିଯୋଗ କରିଥିଲେ। ତୁରନ୍ତ ମାଡ ମାରିଥିବା ଅଧିକାରୀଙ୍କୁ ଗିରଫ କରିବାକୁ ସେମାନେ ଦାବି କରିଥିଲେ। ଘଟଣାକୁ ନେଇ ଉତ୍ତେଜନା ପ୍ରକାଶ ପାଇବାରୁ ବିଧାୟକ ନରସିଂହ ମିଶ୍ର ଥାନା ସମ୍ମୁଖକୁ ଆସି ବିକ୍ଷୋଭକାରୀ ପରିବା ବିକାଳିଙ୍କୁ ବୁଝାଇଥିଲେ । ପରେ ଏ ନେଇ ଥାନାରେ ଲିଖିତ ଅଭିଯୋଗ କରାଯାଇଥିଲା। ଏ ନେଇ ମ୍ୟୁନିସିପାଲିଟି ଅଧିକାରୀ ବିପିନ ବିହାରୀ ଦୀପଙ୍କୁ ପଚରାଯିବାରୁ ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ ପରିବା ବିକାଳିଙ୍କୁ ବୁଝାଇଥିଲେ। କୌଣସି ପରିବା ବିକାଳିଙ୍କୁ ମାଡ ହୋଇନାହିଁ ବୋଲି ସେ କହିଛନ୍ତି ।



ବେହୋସ ପରିବା ବିକାଳି ରାକେଶ ମେହେରଙ୍କୁ ହସ୍ପିଟାଲ ନିଆଯାଉଛି ।

# ଲକ୍‌ଡାଉନ ପାଇଁ କୋର୍ଟଙ୍କ ନିର୍ଦ୍ଦେଶ

## ମନାକଲେ ଯୋଗୀ ସରକାର

**ଲକ୍ଷ୍ନୌ, ୧୯।୪**

ଉତ୍ତରପ୍ରଦେଶର ଲକ୍ଷ୍ନୌ, ପ୍ରୟାଗରାଜ, ବାରାଣସୀ, କାନପୁର, ଗୋରଖପୁର ସହରରେ ସୋମବାର ରାତିରୁ ଏପ୍ରିଲ ୨୬ ପର୍ଯ୍ୟନ୍ତ ଲକଡାଉନ୍ ଘୋଷଣା ପାଇଁ ଆଲ୍ଲାହାବାଦ୍ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିବାବେଳେ ଏହାକୁ ଲାଗୁ କରିବାକୁ ମନା କରିଦେଇଛନ୍ତି ଯୋଗୀ ଆଦିତ୍ୟନାଥ ସରକାର। କୋର୍ଟଙ୍କୁ ଯୋଗୀ ସରକାର କହିଛନ୍ତି, କରୋନା ସଂକ୍ରମଣର ମୁକାବିଲା ପାଇଁ ଅନେକ ପଦକ୍ଷେପ ନିଆଯାଉଛି। ଆଗକୁ ଆହୁରି କଡ଼ା ପଦକ୍ଷେପ ନିଆଯିବ। କିନ୍ତୁ ଲୋକଙ୍କ ଜୀବନ ସହ ଜୀବିକା ମଧ୍ୟ ବଞ୍ଚାଇବାକୁ ହେବ। ତେଣୁ ସହରଗୁଡ଼ିକରେ ସମ୍ପୂର୍ଣ୍ଣ ଲକ୍‌ଡାଉନ କରିହେବ ନାହିଁ ବୋଲି ଉତ୍ତରପ୍ରଦେଶର ଭାଜପା ସରକାର କୋର୍ଟକୁ କହିଛନ୍ତି। ଦେଶର ସର୍ବାଧିକ ସଂକ୍ରମିତ ରାଜ୍ୟଗୁଡ଼ିକ ମଧ୍ୟରେ ଉତ୍ତରପ୍ରଦେଶ ରହିଥିବାବେଳେ ଗତ ୨୪ ଘଣ୍ଟାରେ ୩୦ ହଜାରରୁ ଊର୍ଦ୍ଧ୍ୱ କରୋନାରେ ଆକ୍ରାନ୍ତ ହୋଇଛନ୍ତି। ଉକ୍ତ ୫ ସହରରେ ଦ୍ରୁତ ସଂକ୍ରମଣ ରୋକିବାକୁ ଲକଡାଉନ୍ ଲାଗୁ କରିବା ସହ ରାଜ୍ୟରେ ଧାର୍ମିକ ସମାବେଶ, ଜନସମାଗମ ହେବା ଭଳି କାର୍ଯ୍ୟକ୍ରମ, ଶିକ୍ଷାନୁଷ୍ଠାନ, ସପିଂ ମଲ୍ ଆଦି ବନ୍ଦ କରିବାକୁ କୋର୍ଟ ପର୍ଯ୍ୟାୟ କ୍ରମେ ନିର୍ଦ୍ଦେଶ ଦେଇଥିଲେ।

# କୋଭାକ୍ସ କାର୍ଯ୍ୟକ୍ରମକୁ ଗ୍ରେଟାଙ୍କ ସହାୟତା

**ଜେନେଭା, ୧୯।୪**

ଗରିବ ଦେଶଗୁଡ଼ିକୁ କୋଭିଡ୍ ଟିକା ଯୋଗାଣରେ ପାତରଅନ୍ତରକୁ ନେଇ ସ୍ୱିଡେନର ଜଳବାୟୁ କର୍ମୀ ଗ୍ରେଟା ଥନ୍‌ବର୍ଗ ସମାଲୋଚନା କରିଛନ୍ତି। ଗରିବ ଦେଶଗୁଡ଼ିକୁ କରୋନା ଟିକା ଯୋଗାଣ ଲାଗି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ)ର କୋଭାକ୍ସ କାର୍ଯ୍ୟକ୍ରମକୁ ଗ୍ରେଟା ତାଙ୍କ ଫାଉଣ୍ଡେଶନ ତରଫରୁ ୧,୨୦,୦୦୦ ଡଲାର ସହାୟତା ଯୋଗାଇ ଦେଇଛନ୍ତି। ବିଶ୍ୱର ଗରିବ ଦେଶଗୁଡ଼ିକର ସବୁଠୁ ଅସୁରକ୍ଷିତ ଲୋକଙ୍କ ପାଇଁ କୋଭିଡ୍ ଟିକା କିଣିବାରେ ଏହି ଅର୍ଥ ବିନିଯୋଗ ହେବ। ଟିକାକରଣରେ ରହିଥିବା ଅସମାନତା ଦୂର ପାଇଁ ଅନ୍ତର୍ଜାତୀୟ ସମୁଦାୟ ହସ୍ତକ୍ଷେପ କରିବା ଆବଶ୍ୟକ ବୋଲି ୧୮ ବର୍ଷୀୟା ଗ୍ରେଟା କହିଛନ୍ତି। ସବୁଠୁ ଅସୁରକ୍ଷିତଙ୍କୁ ପ୍ରଥମେ କୋଭିଡ୍ ଟିକା ମିଳିବା ଆବଶ୍ୟକ ବୋଲି ସେ ମତ ଦେଇଛନ୍ତି।



ଗ୍ରେଟା ଥନ୍‌ବର୍ଗ

# ଓଡ଼ିଶାରେ କାମ କରିବାକୁ ଦକ୍ଷିଣ କୋରିଆ କମ୍ପାନୀ ପୋସ୍କୋ ଆଗ୍ରହୀ

**ଭୁବନେଶ୍ୱର, ୧୯।୪(ବ୍ୟୁରୋ)**

ଦକ୍ଷିଣ କୋରିଆ ଓ ଓଡ଼ିଶା ମଧ୍ୟରେ ଦ୍ୱି-ପାକ୍ଷିକ ବାଣିଜ୍ୟ ସୁଯୋଗ ସୃଷ୍ଟି ଉପରେ ରାଜ୍ୟ ସରକାରଙ୍କ ସହିତ ଇଣ୍ଡିଆନ୍ ଚାମ୍ବର୍ସ ଅଫ୍ କମର୍ସ ଏକ ଗୋଲଟେବୁଲ ବୈଠକର ଆୟୋଜନ କରିଛି । ବୈଠକରେ ଶିଳ୍ପ ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଛନ୍ତି, ଓଡ଼ିଶା ଓ ଦକ୍ଷିଣ କୋରିଆ ମଧ୍ୟରେ ଚିହ୍ନଟ କେତେକ ସେକ୍ଟର ଉପରେ ଅନେକ ସମ୍ଭାବନା ରହିଛି । ଓଡ଼ିଶା ତା'ର ଭିଜନ-୨୦୩୦କୁ ନେଇ ପ୍ରସ୍ତୁତ ରଣନୀତି କାର୍ଯ୍ୟକାରୀ କରୁଛି। ଓଡ଼ିଶାରେ ନିର୍ମିତ ୫୦ ପ୍ରତିଶତ ପ୍ରାଥମିକ ମେଟାଲ ଉତ୍ପାଦର ମୂଲ୍ୟଯୁକ୍ତ ରାଜ୍ୟରେ କରିବାକୁ ପ୍ରାବଧାନ ରଖାଯାଇଛି । ଅନ୍ୟତମ ଅତିଥି ଭାବେ ଯୋଗଦେଇ ଭାରତରେ ଅବସ୍ଥାପିତ ଦକ୍ଷିଣ କୋରିଆର ରାଷ୍ଟ୍ରଦୂତ ସିନ୍ ବୋଙ୍ଗକିଲ୍ କହିଛନ୍ତି, ଗତବର୍ଷେ ମଧ୍ୟରେ ଦକ୍ଷିଣ କୋରିଆର ୬୬ଟି ନୂତନ କମ୍ପାନୀ ଭାରତରେ କାରବାର ଆରମ୍ଭ କରିଛନ୍ତି। ଏହି କମ୍ପାନୀଗୁଡ଼ିକ ୨୦୨୦ରେ ୧୭ ମିଲିୟନ୍ ୟୁଏସ୍ ଡଲାର ପୁଞ୍ଜି ବିନିଯୋଗ କରିଛି। କୋରିଆର ବୃହତ୍ ଷ୍ଟିଲ ଉତ୍ପାଦନକାରୀ ସଂସ୍ଥା 'ପୋସ୍କୋ' ଭାରତ ଇତିହାସରେ ପ୍ରଥମ ଏକକ ବିଦେଶୀ ପୁଞ୍ଜି ବିନିଯୋଗକାରୀ କମ୍ପାନୀ ଭାବେ ରେକର୍ଡ ପରିମାଣର ପ୍ରାୟ ୧୨ ବିଲିୟନ୍ ୟୁଏସ୍ ଡଲାର ବିନିଯୋଗ କରି ଓଡ଼ିଶାରେ ସମନ୍ୱିତ ଷ୍ଟିଲ ପ୍ଲାଣ୍ଟ ପ୍ରତିଷ୍ଠା କରିବାକୁ ଯାଉଛି । ଅକ୍ଷୟ ଶକ୍ତି, ଜଳ ବିଶୋଧନ ଏବଂ ସ୍ମାର୍ଟ ସିଟି ପ୍ରକଳ୍ପ କ୍ଷେତ୍ରରେ କାମ କରିବାକୁ କୋରିଆନ୍ କମ୍ପାନୀଗୁଡ଼ିକ ଉତ୍ସାହିତ ଥିବା କୋଟ୍ରାର ନିର୍ଦ୍ଦେଶକ ୟଙ୍ଗ ସେଓନ୍ ପାର୍କ ପ୍ରକାଶ କରିଛନ୍ତି।

# ମିଗୁଏଲ୍ କ୍ୟୁବା କମ୍ୟୁନିଷ୍ଟ ପାର୍ଟିର ନୂଆ ନେତା

**ହାଭାନା, ୧୯।୪**

କ୍ୟୁବା କମ୍ୟୁନିଷ୍ଟ ପାର୍ଟି ନେତା ପଦରୁ ରାଉଲ କାଷ୍ଟ୍ରୋଙ୍କ ଅବସର ପରେ ସୋମବାର ଦଳ ମିଗୁଏଲ୍ ଡିଆଜ୍-କାନେଲଙ୍କୁ ନୂଆ ନେତା ବାଛିଛି। କମ୍ୟୁନିଷ୍ଟ ପାର୍ଟି କଂଗ୍ରେସର ଶେଷ ଦିନରେ ଏହି ନିଷ୍ପତ୍ତି ନିଆଯାଇଛି। ୬୧ ବର୍ଷୀୟ ମିଗୁଏଲ୍ ୨୦୧୯ରୁ କ୍ୟୁବାର ରାଷ୍ଟ୍ରପତି ରହିବା ସହ ୨୦୧୮ରୁ କ୍ୟୁବା କାଉନସିଲ୍ ଅଫ୍ ଷ୍ଟେଟ୍‌ର ଅଧ୍ୟକ୍ଷ ଥିଲେ। ଏହା ପୂର୍ବରୁ ସେ ୨୦୧୩ରୁ ୨୦୧୮ ଉପରାଷ୍ଟ୍ରପତି ଥିଲେ। ୨୦୦୩ରୁ ସେ କମ୍ୟୁନିଷ୍ଟ ପାର୍ଟିର ପଲିଟବ୍ୟୁରୋ ସଦସ୍ୟ ରହିଛନ୍ତି। ୨୦୦୯ରୁ ୨୦୧୨ ମିଗୁଏଲ୍ କ୍ୟୁବାର ଉଚ୍ଚଶିକ୍ଷା ମନ୍ତ୍ରୀ ଭାବେ କାର୍ଯ୍ୟ କରିଥିଲେ। ୧୯୫୯ରୁ କ୍ୟୁବାକୁ କାଷ୍ଟ୍ରୋ ଭ୍ରାତା ଶାସନ କରି ଆସୁଥିଲେ। ଗତ ଶନିବାର ରାଉଲଙ୍କ ଅବସର ପରେ ସେଠାରେ କାଷ୍ଟ୍ରୋ ଯୁଗର ଅବସାନ ଘଟିଛି।



ମିଗୁଏଲ୍ ଡିଆଜ୍-କାନେଲ


**OFFICE OF THE NOTIFIED AREA COUNCIL, KHARIAR**

AT/PO- KHARIAR, Dist.- NUAPADA, PIN-766107
OFFICE PH. NO.-06671-224294, e-mail: khariarn.hud@ori.nic.in

Letter No. 1012/ Dated 19.04.2021

**CORRIGENDUM**

No. C-123:- In response to this Office Tender Call Notice No.933 dtd.07.04.2021, the dates are extended due to COVID-19 lockdown as detailed below:-

| | | |
|---|---|---|
| 1. | The last date of availability of the document is extended upto | 30.04.2021 |
| 2. | Last date/time for receipt of Bids in the portal. | Upto 5.30 PM of dt.30.04.2021 |
| 3. | Offline submission of Bid | 07.00 AM of dt.03.05.2021 to 1.00 PM of 05.05.2021 |
| 4. | Date of Opening of Bid | 11.00 AM of Dt.06.05.2021 |

Sd./- Executive Officer, Notified Area Council, Khariar
OIPR-13136/11/0004/2122



**ODISHA ADARSHA VIDYALAYA SANGATHAN**
N-1/9, NAYAPALLI, PO.- SAINIK SCHOOL, BHUBANESWAR - 751005

No. 1369, Date: 19.04.2021

**NOTICE FOR POSTPONEMENT OF THE INTERVIEW**

**No. n-08:-** The Interview for the post of Principals & Teachers in OAVs scheduled to be held from 23.04.2021 to 30.04.2021 is postponed until further Notification in view of the surging COVID-19 situation. The date of interview will be intimated subsequently in the OAVS website.
For latest updates, please visit OAVS website regularly i.e. **http://www.oav.edu.in**

Sd./- State Project Director
OIPR-27029/11/0002/2122



**OFFICE OF THE ENGINEER-IN-CHIEF, RURAL WATER SUPPLY & SANITATION**

JAL "O" PARIMAL BHAWAN, UNIT-V, BHUBANESWAR-751001, ODISHA
Tel: 0674-2395734, FAX: 0674-2394946, e-mail: cerwssodisha@gmail.com

No. O-51 **INVITATION FOR BIDS (IFB)**
**BID IDENTIFICATION NO. EIC/RWSS/ 06 /2021-22**

No. 3373 Date: 12.04.2021

| | | | |
|---|---|---|---|
| 1 | The Engineer-In-Chief, RWSS, Odisha, Bhubaneswar, on behalf of Panchayati Raj & Drinking Water Department, Governor of Odisha invite tenders in double cover system in ONLINE MODE only for implementation of LED Street lighting system in one village of each Gramapanchayat district wise in 29 districts of Odisha on turn-key basis including AMC for 5 years after one year guarantee period throughout the state. | | |
| 2 | Nature of Work | : | Implementation of LED Street lighting system in one village of each Gramapanchayat district wise in 29 districts of Odisha on turnkey basis including AMC for 5 years after one year guarantee period throughout the state. |
| 3 | Number of works | : | 29 Nos. individual works (01 No. per each district) |
| 4 | Estimated Cost | : | Ranging from Rs. 1.86 Crore to Rs. 13.56 Crore |
| 5 | Cost of Bid Document | : | Rs.10,000/- each district (Non-refundable) |
| 6 | Class of Contractor | : | Sole Proprietor/Partnership firms/ company having electrical contract license (MV & above) or HT license registered with the State Government/ Central Government/ MES/Railway or other Licensing Authority and OEM (LED Bulb) or its authorized dealer in Odisha in consortium with electrical contractors having license (MV & above or HT license). |
| 7 | Availability of Bid Documents in the portal for Online Bidding | : | From 5 PM of 23.04.2021 to 5 PM of 24.05.2021 |
| 8 | Date of Opening of Bid in Online | : | 26.05.2021 at 11.30 A.M. |
| 9 | Instructions to Bidder | : | One bidder can participate upto a Maximum of 5 districts. |
| 10 | The bidders have to participate in ONLINE bidding only for which the bidder must possess compatible Digital Signature Certificate (DSC) of Class II or Class III. Further details can be seen from the e-procurement portal **http://tendersorissa.gov.in**. | | |

Sd./-12.04.2021
Engineer-in-Chief, RWSS
OIPR-25040/11/0003/2122



**SAMAGRA SHIKSHA**
**GANJAM, CHATRAPUR**
Ph.: 06811-260833 (DPO) / 262799 (MIS)
eMail ID: dpcganjamssa.opepa@nic.in

Letter No. 1491/Plg/2021 Date: 16.04.2021

**ସରକାରୀ ଓ ବେସରକାରୀ ବିଦ୍ୟାଳୟଗୁଡ଼ିକରେ ନାମଲେଖା ବିଜ୍ଞାପନ**

- ସମଗ୍ର ଶିକ୍ଷା ପକ୍ଷରୁ ୨୦୨୧-୨୨ ବର୍ଷ ନିମନ୍ତେ ଗଞ୍ଜାମ ଜିଲ୍ଲାର ସମସ୍ତ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟମାନଙ୍କରେ ନାମଲେଖା କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ଶିକ୍ଷା ଅଧିକାର ନିୟମ (୨୦୦୯) ଅନୁସାରେ ୬ରୁ ୧୪ ବର୍ଷର ସମସ୍ତ ଶିଶୁ ମାଗଣା ଓ ବାଧ୍ୟତାମୂଳକ ପ୍ରାଥମିକ ଶିକ୍ଷା ପାଇବେ। ଏହି ପରିପ୍ରେକ୍ଷୀରେ ଜିଲ୍ଲାର ସମସ୍ତ ୬ରୁ ୧୪ବର୍ଷ ପିଲାର ଅଭିଭାବକମାନେ ନିଜ ନିଜ ପିଲାଙ୍କର ନାମ ନିକଟସ୍ଥ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଲେଖାଇବା ପାଇଁ ଅନୁରୋଧ କରାଯାଉଛି।
- ବିଦ୍ୟାଳୟ ବାହାରେ ଥିବା ପିଲା ଏବଂ ଅଧାରୁ ପାଠ ଛାଡ଼ିଥିବା ପିଲାଙ୍କ ନାମ ବିଦ୍ୟାଳୟ ପରିସରଭୁକ୍ତ କରାଇବା ପାଇଁ ଅନୁରୋଧ କରାଯାଉଛି।
- ସମସ୍ତ ଅଙ୍ଗନୱାଡ଼ି କେନ୍ଦ୍ରରେ ପାଠ ପଢୁଥିବା ୫ବର୍ଷରୁ ଊର୍ଦ୍ଧ୍ୱ ସମସ୍ତ ପିଲାମାନଙ୍କୁ ନିକଟସ୍ଥ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ନାମ ଲେଖାଇବାକୁ ଅନୁରୋଧ।
- ଏତଦ୍‌ବ୍ୟତୀତ ଗଞ୍ଜାମର ସର୍ବସାଧାରଣ ଓ ବେସରକାରୀ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଚଳିତ ଶିକ୍ଷାବର୍ଷଠାରୁ ଶିକ୍ଷା ଅଧିକାର ଆଇନ ୨୦୦୯ ଧାରା ୧୨ (୧)(C) ଅନୁଯାୟୀ ଓଡ଼ିଆ/ଇଂରାଜୀ ମାଧ୍ୟମ ବେସରକାରୀ ବିଦ୍ୟାଳୟଗୁଡ଼ିକରେ ମଧ୍ୟ ନାମଲେଖା ପାଇଁ **www.rteparadarshi.odisha.gov.in** ପୋର୍ଟାଲ ମାଧ୍ୟମରେ ଆବେଦନ ଗ୍ରହଣ କରାଯାଉଛି।
- ସାମାଜିକ ଓ ଆର୍ଥିକ ଅନଗ୍ରସର ଶ୍ରେଣୀର ପିଲାମାନଙ୍କ ପାଇଁ ପ୍ରତ୍ୟେକ ବେସରକାରୀ ବିଦ୍ୟାଳୟରେ ୨୫% ସ୍ଥାନ ସଂରକ୍ଷଣ ରହିଛି। ଅନୁସୂଚିତ ଜାତି, ଜନଜାତି, ସାମାଜିକ ଓ ଶୈକ୍ଷିକ ଅନଗ୍ରସର, ଭିନ୍ନକ୍ଷମ, H.I.V. ଆକ୍ରାନ୍ତ ପିତାମାତାଙ୍କ ଶିଶୁ, ଶିଶୁ ଶ୍ରମିକ, ପଥପ୍ରାନ୍ତ ଶିଶୁ ତଥା ନିର୍ମାଣ ଶ୍ରମିକଙ୍କ ଶିଶୁମାନଙ୍କ ପାଇଁ ଆବଶ୍ୟକୀୟ ଦସ୍ତାବିଜ ସହିତ ପୋର୍ଟାଲରେ ଆବେଦନ କରିପାରିବେ। ଆବେଦନ ଗ୍ରହଣ କରିବାର ଶେଷ ତାରିଖ ୩୦।୦୪।୨୦୨୧। ବିସ୍ତୃତ ବିବରଣୀ ପାଇଁ ଲଗ୍‌ଅନ୍ କରନ୍ତୁ **www.rteparadarshi.odisha.gov.in**.
- ଏହି ପରିପ୍ରେକ୍ଷୀରେ ଜିଲ୍ଲାର ସମସ୍ତ ୬ରୁ ୧୪ବର୍ଷ ପିଲାମାନଙ୍କ ଅଭିଭାବକମାନେ/ପିତାମାତାମାନେ ଉପରୋକ୍ତ ପୋର୍ଟାଲ ମାଧ୍ୟମରେ ବେସରକାରୀ ବିଦ୍ୟାଳୟରେ ଆବେଦନ କରିପାରିବେ ଏବଂ ପ୍ରାଥମିକ ଶିକ୍ଷା ଶେଷ ହେବା ପର୍ଯ୍ୟନ୍ତ ପିଲାମାନେ ମାଗଣାରେ ଓ ବାଧ୍ୟତାମୂଳକ ଶିକ୍ଷା ପାଇପାରିବେ।
- ଏହି ନାମଲେଖା ପ୍ରକ୍ରିୟାର ସଫଳତାକୁ ଦୃଷ୍ଟି ଆଗରେ ରଖି ଜିଲ୍ଲାର ସମସ୍ତ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ, C.R.C.C., ବ୍ଲକ ଶିକ୍ଷା ଅଧିକାରୀମାନଙ୍କୁ ନିଜ ନିଜ ଅଞ୍ଚଳର ଗ୍ରାମ ଓ ପଡ଼ାରେ ରହୁଥିବା ୬ରୁ ୧୪ବର୍ଷର ପିଲାଙ୍କୁ ଆଣି ନିକଟସ୍ଥ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ନାମ ଲେଖାଇବା ପାଇଁ ନିଶ୍ଚିତ ଉଦ୍ୟମ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ବେସରକାରୀ ବିଦ୍ୟାଳୟରେ ମଧ୍ୟ ୨୫ ପ୍ରତିଶତ ସଂରକ୍ଷିତ ସ୍ଥାନ/ସିଟ୍‌ରେ (25% Reservation Quota) ନାମଲେଖା ପ୍ରକ୍ରିୟାକୁ ନିଶ୍ଚିତ ରୂପେ ଅବଲମ୍ବନ କରିବା ପାଇଁ କଡ଼ାକଡ଼ି ଭାବେ ନିର୍ଦ୍ଦେଶ ଦିଆଯାଉଛି।
- ୬-୧୪ବର୍ଷ ବୟସର ଛାତ୍ରଛାତ୍ରୀମାନଙ୍କର ୨୦୨୧-୨୨ ଶିକ୍ଷାବର୍ଷରୁ ମାଗଣା ପୋଷାକ, ବହି, ବୃତ୍ତି ଇତ୍ୟାଦି ସହାୟତା ପାଇବା ପାଇଁ ନିଜ ନାମକୁ ଆଧାର କାର୍ଡ଼ ଅନ୍ତର୍ଭୁକ୍ତ କରିବା ପାଇଁ ଅଭିଭାବକମାନଙ୍କୁ ଅନୁରୋଧ।

ସ୍ୱା./- ଜିଲ୍ଲାପାଳ-ତଥା-ଅଧ୍ୟକ୍ଷ, ସମଗ୍ର ଶିକ୍ଷା, ଗଞ୍ଜାମ



**OFFICE OF THE DIRECTOR OF HANDICRAFTS & COTTAGE INDUSTRIES, ODISHA**

1st FLOOR, HOD BUILDING, UNIT – V, BHUBANESWAR-1
Telephone: 0674-2396745 Fax: 0674-2396740
E-mail ID: dhciori@gmail.com, dhciori@nic.in

No.2174/ DH&CI, Bhubaneswar Dated, the16.04.2021

**Advertisement for re-engagement of**

(1) **Retired IPOs/ HPOs/ Block Level Extension Officers and other field executive in similar rank for the post of Handicrafts Promotion Officer (43 Nos.) as OSD.**

(2) **Retired Sr. Assistants/ Jr. Assistants/ Section Officers for the post of Sr. Assistant (15 Nos.) / Jr. Assistant (30 Nos.) as OSD.**

No. PP-04: Applications are invited from the Retired IPOs/ HPOs/ Block Level Extension Officers and other field executive in similar rank for the post of Handicrafts Promotion Officer (43 Nos. of posts) and Retired Sr. Assistants/ Jr. Assistants/ Section Officers for the post of Sr. Assistant (15 Nos. of posts) / Jr. Assistant (30 Nos. of posts) for re-engagement on contractual basis as OSD in the office of the Assistant Director of Handicrafts of the districts. The re-engagement will be made for a period of two years or till the vacancies are filled up by regular recruitment process, whichever is earlier. The last date of application is 17.05.2021. The application in the prescribed format is to be submitted to the Director of Handicrafts & Cottage Industries, Odisha, 1st Floor, Heads of Department Building, Unit-V, Bhubaneswar-751001 by Registered post/ Speed post only. Candidates are requested to refer to the official website **https://crafts.odisha.gov.in/** for detailed guidelines of GA&PG Department, remuneration admissible as per OMFD and the prescribed format.

**Sd./- Director**
OIPR-43002/11/0001/2122



**ODISHA MINING CORPORATION LIMITED**
OMC House, Bhubaneswar-751001,Odisha
CIN: U13100OR1956SGC000313, www.omcltd.in

**E-procurement Notice**

**Bid document No.: OMC/E-PROC/CMC/32/2021** **dated 19.04.2021**

No. CAD-143

| | | |
|---|---|---|
| 1. | Work name | Carrying out Hydro-geological Study for Kurmitar Iron Ore Mines (through e-tendering) |
| 2. | Availability of tender documents on the e-tendering portal of Government of Odisha | Date: 20.04.2021; Time: 11.00AM |
| 3. | Last date for sending queries to OMC | Date: 26.04.2021; Time: [•]; queries may be sent by email to cmc@odishamining.in; smishra@odishamining.in |
| 4. | Pre-bid meeting | Date: 28.04.2021; Time: 11.30 AM; Venue: Virtual Meeting MS Team |
| 5. | Issue of responses to pre-bid queries, addendum/ corrigendum, if required | Date: 30.04.2021 |
| 6. | Bid Due Date | Date: 10.05.2021; Time: 5.00PM |
| 7. | Opening of Techno-Commercial Bid | Date: 11.05.2021; Time: 11.00AM |
| 8. | Opening of Price Bid | To be informed to the Technically Qualified Bidders |
| 9. | Tender Paper Fee (Nonrefundable) including GST | Amount: INR 2,360 (Rupees Two Thousand Three Hundred and Sixty only) including GST @18% payable online on the e-tender portal of Government of Odisha (www.tendersodisha.gov.in) |
| 10. | Earnest Money Deposit (EMD) | Amount: INR 24,000 (Rupees Twenty-Four Thousand only) payable online on the e-tender portal of Government of Odisha (www.tendersodisha.gov.in) / Bid Security Declaration |

All other details can be seen from the Tender Document available on the e-procurement portal of the Government of Odisha (**www.tendersodisha.gov.in**) and on the website of OMC (**www.omcltd.in**). OMC reserves the right to reject any or all bids without assigning any reason thereof.

OIPR-30005/11/0008/2122 Sd./- Advisor (C&P)

## କଟକ ବରିଷ୍ଠ ମହିଳା ଶାଖା ଗଠିତ

କଟକ ଅଫିସ:କଟକ ବରିଷ୍ଠ ନାଗରିକ ମହାସଭାର କେଶରପୁରସ୍ଥିତ କାର୍ଯ୍ୟାଳୟରେ ରବିବାର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ୫୦ ଜଣ ବରିଷ୍ଠ ମହିଳାଙ୍କୁ ନେଇ କମିଟିର ସ୍ୱତନ୍ତ୍ର ମହିଳା ଶାଖା ଗଠନ କରାଯାଇଥିଲା। ଏଥିସହ ସର୍ବସମ୍ମତିକ୍ରମେ ମହିଳା ଶାଖାର ନୂତନ କର୍ମକର୍ତ୍ତା ମନୋନୟନ କରାଯାଇଥିଲା। କଟକ ସହରର ସମସ୍ତ ମହିଳାଙ୍କ ସମସ୍ୟାର ସମାଧାନ କରିବା ସହ ସେମାନଙ୍କୁ ସ୍ୱତନ୍ତ୍ର ପରିଚୟ ଦେବା ଏହି ଶାଖାର ମୂଳ ଲକ୍ଷ୍ୟ ବୋଲି କଟକ ବରିଷ୍ଠ ନାଗରିକ ମହାସଭାର ସଭାପତି ଡା. କୃପାସିନ୍ଧୁ ପଣ୍ଡା କହିଛନ୍ତି। ମହିଳା ଶାଖାର ଅଧକ୍ଷା ଭାବେ ନମିତା ପଣ୍ଡା, ଉପାଧକ୍ଷା ସୁଦୀପ୍ତା ଦାଶ ଓ କନକଲତା ପରିଡା, ସମ୍ପାଦିକା ସନ୍ଧ୍ୟା ମହାପାତ୍ର, ସହ ସମ୍ପାଦିକା ଭାରତୀ ଦାସ ଏବଂ ପରାମର୍ଶଦାତା ଭାବେ ଡ. ଅନ୍ନପୂର୍ଣ୍ଣା ଦେବୀ ମନୋନୀତ ହୋଇଛନ୍ତି।

## ଆଜି କ'ଣ କେଉଁଠି

ଭୁବନେଶ୍ୱର

- କେଦାରନାଥ ମହାପାତ୍ରଙ୍କ ୪୦ତମ ଶ୍ରାଦ୍ଧଉତ୍ସବ, କେଦାରନାଥ ଗବେଷଣା ପ୍ରତିଷ୍ଠାନ, ଅପରାହ୍ଣ ୫ଟା।
- ଗୋପୀନାଥ ମହାନ୍ତି ସ୍ମାରକୀ ବକ୍ତୃତା, ସଂସ୍କୃତି ଭବନ, ସନ୍ଧ୍ୟା ୬ଟା।

# ରାତି ୧୦ ଯାଏ ରହୁଛି ଭିଡ଼

- ରାଜଧାନୀରେ କଡ଼ାକଡ଼ି କର୍ଫ୍ୟୁ ଯାଞ୍ଚ
- ଲକ୍ଷାଧିକ ଟଙ୍କାର ଜରିମାନା ଆଦାୟ

ଭୁବନେଶ୍ୱର,୧୯।୪(ବ୍ୟୁରୋ)

କରୋନା ସଂକ୍ରମଣ ବୃଦ୍ଧିକୁ ଦୃଷ୍ଟିରେ ରଖି ସାରା ରାଜ୍ୟରେ କୋଭିଡ୍ ରାତ୍ରିକାଳୀନ କର୍ଫ୍ୟୁ ଜାରି କରାଯାଇଛି। ଏହାସହ ଆସନ୍ତା ଶନିବାର, ରବିବାର ସପ୍ତାହାନ୍ତ ଶଟଡାଉନ ଜାରି କରିବାକୁ ମଧ ନିର୍ଦ୍ଦେଶ ଦିଆଯାଇଛି। ଏପରି ସ୍ଥଳେ କମିଶନରେଟ ପୋଲିସ ପକ୍ଷରୁ ରାତି ୮ଟା ପରେ କଡ଼ାକଡ଼ି ଯାଞ୍ଚ କରାଯାଇଛି। ରାଜଧାନୀରେ ପ୍ରମୁଖ ଛକଗୁଡିକରେ ରାସ୍ତା ବ୍ଲକିଂ କରି ପୋଲିସ କର୍ମଚାରୀମାନେ ଯାଞ୍ଚ କରୁଛନ୍ତି। ତେବେ କେତେଜଣ ଅମାନିଆ ନିୟମ ମାନୁ ନ ଥିବାବେଳେ ବିଭିନ୍ନ ବଜାର ଛକ, ରାସ୍ତାଗୁଡ଼ିକରେ ରାତି ୧୦ଟା ପର୍ଯ୍ୟନ୍ତ ଭିଡ଼ ଜମୁଥିବା ଦେଖିବାକୁ ମିଳୁଛି। ଲୋକମାନଙ୍କୁ ବାରମ୍ବାର ସଚେତନ କରିବା ସତ୍ତ୍ୱେ କେତେଜଣ ନିୟମ ଉଲ୍ଲଂଘନ କରୁଥିବାରୁ ପୋଲିସ ଜୋରସୋର ଜରିମାନା ଆଦାୟ କରୁଛି। ସୋମବାର ରାଜଧାନୀରେ ଲକ୍ଷାଧିକ ଟଙ୍କା ଜରିମାନା ଆଦାୟ କରାଯାଇଥିବା ଅତିରିକ୍ତ ଡିସିପି ରାଜକିଶୋର ପାଇକରାୟ ସୂଚନା ଦେଇଛନ୍ତି। ମୋଟ ୮୨୯ ଜଣଙ୍କଠାରୁ ଏହି ଜରିମାନା ଆଦାୟ କରାଯାଇଥିବା ସେ ସୂଚନା ଦେଇଛନ୍ତି।

ତେବେ କର୍ଫ୍ୟୁ କଡ଼ାକଡ଼ି ହୋଇଥିଲେ ମଧ ରାତି ଯାଏଁ କିଛି ଜାଗାରେ ଭିଡ଼ ରହୁଛି। ସେମାନଙ୍କ ମଧ୍ୟରୁ ଅଧିକାଂଶ ସାଧାରଣ ଲୋକ ଥିବାବେଳେ ଅତ୍ୟାବଶ୍ୟକ ବା ଜରୁରିକାଳୀନ ସେବା ଯୋଗାଉଥିବା ଲୋକେ ରାତିରେ ଯାତାୟତ କରୁଛନ୍ତି। ରାଜଧାନୀରେ ଅଧିକାଂଶ ଲୋକ ନିୟମ ମାନୁଥିବା ବେଳେ କା ଭାଁ କେତେଜଣ ନିୟମ ଉଲ୍ଲଂଘନ କରୁଛନ୍ତି ବୋଲି ଅତିରିକ୍ତ ଡିସିପି ପାଇକରାୟ କହିଛନ୍ତି। ରାଜଧାନୀରେ ପ୍ରମୁଖ ମାର୍କେଟଗୁଡ଼ିକରେ ସନ୍ଧ୍ୟା ସମୟରେ ଅଧିକ ଭିଡ଼ ରହୁଛି। ଛୋଟ ଛୋଟ ମାର୍କେଟରେ ଲୋକେ ମାସ୍କ ପିନ୍ଧୁ ନ ଥିବାବେଳେ ସାମାଜିକ ଦୂରତ୍ୱ ମଧ ବଜାୟ ରଖୁ ନାହାନ୍ତି। ରାତି ୮ଟା ପରେ ଦୋକାନ ବଜାର ବନ୍ଦ କରିବାକୁ ନିର୍ଦ୍ଦେଶ ରହିଥିବାରୁ ଏହା ପୂର୍ବରୁ ଲୋକେ ଜିନିଷପତ୍ର କିଣିବା ପାଇଁ ଦୋକାନରେ ଭିଡ଼ ଜମାଉଛନ୍ତି। ପୋଲିସ ଏବଂ ବିଏମ୍‌ସି ପକ୍ଷରୁ ଯାଞ୍ଚ କଡ଼ାକଡ଼ି କରାଯାଉ ନ ଥିବାରୁ ଏଭଳି ଦୃଶ୍ୟ ଦେଖିବାକୁ ମିଳୁଛି। ରାତିରେ ରାଜଧାନୀରେ ଅନେକ ନାକାବନ୍ଦି କରି ଯାଞ୍ଚ କରାଯାଉଥିବା ବେଳେ ବରିଷ୍ଠ ପୋଲିସ ଅଧିକାରୀମାନେ ମଧ ଯାଞ୍ଚ କରୁଥିବା ଦେଖିବାକୁ ମିଳୁଛି।



କଟକ ବାଲୁବଜାର ବିନୋଦ ବିହାରୀ ପୂଜା ମଣ୍ଡପ ଓ ଚାନ୍ଦିନୀଚୌକ ପୂଜା ମଣ୍ଡପରେ ସୋମବାର ଅନୁଷ୍ଠିତ ମା' ବାସନ୍ତୀଦୁର୍ଗାଙ୍କ ମହାସପ୍ତମୀ ପୂଜା।

## ୩ ଘଟଣାରେ ୫ ଗିରଫ

ଚୌଦ୍ୱାର,୧୯।୪(ଡି.ଏନ.ଏ.): ଚୌଦ୍ୱାର ପୋଲିସ ୩ଟି ଆପରାଧିକ ଘଟଣାରେ ୫ ଜଣଙ୍କୁ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି। ପୋଷ୍ଟାଲ ଟଙ୍କା ହଡ଼ପ କରିବା ଅଭିଯୋଗରେ ଚୌଦ୍ୱାର ପୋଲିସ ଜଣେ ପୂର୍ବତନ ପୋଷ୍ଟମାଷ୍ଟରଙ୍କୁ ଗିରଫ କରିଛି। ସେ ହେଲେ ଆଠଗଡ଼ ବ୍ଲକ ଅଧୀନ ଗୋପୀନାଥପୁରର ପ୍ରମୋଦ ମହାପାତ୍ର। ଚୌଦ୍ୱାର ଥାନା ଅଧୀନ ନଖରା ପଞ୍ଚାୟତ ପୋଷ୍ଟ ଅଫିସରେ ପ୍ରମୋଦ କାର୍ଯ୍ୟ କରୁଥିବାବେଳେ ଲୋକଙ୍କ ଜମା ରାଶି ଆଦାୟ କରୁଥିଲେ। ହେଲେ ଉକ୍ତ ଟଙ୍କା ପୋଷ୍ଟ ଅଫିସରେ ଜମା ନ କରି ହଡପ କରିନେଇଥିଲେ। ଏ ନେଇ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା(ନଂ.୧୦୩/୨୧) ରୁଜୁ କରିଥିଲା । ବେଆଇନ ପଥର ଚାଲାଣ ଅଭିଯୋଗରେ ବ୍ରହ୍ମପୁର ଗ୍ରାମର ସଂଗ୍ରାମ କେଶରୀ ସ୍ୱାଇଁଙ୍କୁ ପୋଲିସ ଗିରଫ କରିଛି। ଏ ନେଇ ଥାନାରେ ଏକ ମାମଲା(ନଂ. ୧୭୧/୨୧) ରୁଜୁ ହୋଇଥିଲା। ଚୌଦ୍ୱାରଠାରେ ଥିବା ବନ୍ଦ ଓଟିଏମ୍ ପରିସରରୁ ସ୍ଥାନୀୟ ଅଞ୍ଚଳର ସୁଶାନ୍ତ ନାୟକ, ରଞ୍ଜନ କୁମାର ବେହେରା ଓ ଇସ୍‌ମାଇଲ ଅଲ୍ଲୀ ଯନ୍ତ୍ରାଂଶ ଚୋରିକରି ବିକ୍ରି କରିବା ପାଇଁ ଏକ ସ୍ଥାନରେ ରଖିଥିବାବେଳେ ଖବରପାଇ ପୋଲିସ ୨ଦିନ ତଳେ ଚଢାଉ କରିଥିଲା। ପରେ ଦୁଇଟି ଗାଡି ସହିତ ଲକ୍ଷାଧିକ ଟଙ୍କାର ଯନ୍ତ୍ରାଂଶ ଜବତ କରିଥିଲା। ଏନେଇ ଥାନାରେ ଏକ ମାମଲା(ନଂ.୧୭୨/୨୧) ରୁଜୁ ହୋଇଛି।

## କରୋନା ସଚେତନତା କାର୍ଯ୍ୟକ୍ରମ

ବାଙ୍କୀ,୧୯।୪(ସ୍ୱ.ପ୍ର.): ଡମପଡ଼ା ବ୍ଲକରେ ସୋମବାର ବ୍ଲକ ଅଧକ୍ଷ ସୂର୍ଯ୍ୟନାରାୟଣ ପାତ୍ରଙ୍କ ତତ୍ତ୍ୱାବଧାନରେ କରୋନା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବ୍ଲକକୁ ବିଭିନ୍ନ କାର୍ଯ୍ୟରେ ଆସୁଥିବା ଜନସାଧାରଣଙ୍କୁ ଏହି ଅବସରରେ ମାସ୍କ ପିନ୍ଧିବା, ସାମାଜିକ ଦୂରତା ରକ୍ଷା କରିବା ଓ ହାତକୁ ବାରମ୍ବାର ସଫା କରିବା ଉପରେ ସଚେତନ କରାଯାଇଛି। କାର୍ଯ୍ୟକ୍ରମରେ ଅତିରିକ୍ତ ବ୍ଲକ ଉନ୍ନୟନ ଅଧିକାରୀ ପଲ୍ଲବୀ ରାଉତ ଯୋଗଦେଇ ମାସ୍କ ବଣ୍ଟନ କରିଥିଲେ ।

## ଖବରକାଗଜ ବିକ୍ରେତାଙ୍କ ବିୟୋଗରେ ଶୋକସଭା

କଟକ ଅଫିସ, ୧୯।୪: ଖବରକାଗଜ ବିକ୍ରେତା କ୍ଷୀରୋଦ ସାହୁଙ୍କ ବିୟୋଗରେ ସଂଘ ପକ୍ଷରୁ କଟକ ବାରବାଟୀ ଷ୍ଟାଡିୟମସ୍ଥିତ ଇସ୍‌କଫ କାର୍ଯ୍ୟାଳୟରେ ସୋମବାର ଶୋକସଭା ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ବିଜୟ କୁମାର ପଢିହାରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଦୁର୍ଗାପ୍ରସାଦ ଛାଟୋଇ, ଶ୍ରୀନିବାସ ରେଡ୍ଡୀ, ରତ୍ନାକର ପ୍ରଧାନ, ଅକ୍ଷୟ ମହାନ୍ତି, ପ୍ରଶାନ୍ତ ସାହୁ, ହିମାଂଶୁ ମହାପାତ୍ର, ସନ୍ତୋଷ ମହାନ୍ତି, ମନୋଜ ପାଲ୍, ହାଡ଼ିବନ୍ଧୁ ବେହେରା, ପ୍ରଭାସ ପ୍ରଧାନ, ସୁବାସ ପ୍ରଧାନ, ହେମନ୍ତ ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ।

## ସାରେଗାମାପାର ଗାଲା ରାଉଣ୍ଡକୁ ୧୨ ମନୋନୀତ

ଭୁବନେଶ୍ୱର,୧୯।୪

ଓଡ଼ିଶାର ଲୋକପ୍ରିୟ ସଙ୍ଗୀତଭିତ୍ତିକ ରିୟାଲିଟି ଶୋ' ଜି ସାର୍ଥକର 'ସା ରେ ଗା ମା ପା ସ୍ୱରର ମହାମଞ୍ଚ' ଗାଲା ରାଉଣ୍ଡରେ ପ୍ରବେଶ କରିଛି। ଏହି ରାଉଣ୍ଡ ପାଇଁ ୧୨ କୃତୀ ପ୍ରତିଯୋଗୀ ପ୍ରବେଶ କରିଛନ୍ତି। ପ୍ରତିଯୋଗିତା କ୍ରମଶଃ ଉଚ୍ଚତର ହେବା ସହ ୧୨ ପ୍ରତିଯୋଗୀଙ୍କ ମଧ୍ୟରେ ସେମିଫାଇନାଲରେ ସ୍ଥାନ ପାଇବାକୁ କଡ଼ା ମୁକାବିଲା ହେବ ବୋଲି ସଂସ୍ଥା ପକ୍ଷରୁ ଆକଳନ କରାଯାଇଛି। ସେହିପରି ଖୁବଶୀଘ୍ର ଏହାର ଗ୍ରାଣ୍ଡ ଫିନାଲେ ମଧ ହେବ। ଏହି ଗାଲା ରାଉଣ୍ଡ ସମ୍ପର୍କରେ ଜି ସାର୍ଥକର ବାଣିଜ୍ୟିକ ମୁଖ୍ୟ ଅର୍ଘ୍ୟ ରୟ ଚୌଧୁରୀ କହିଛନ୍ତି, ''ସପ୍ତାହାନ୍ତ ପ୍ରାଇମ ଟାଇମ ଦର୍ଶକମାନଙ୍କ ମଧ୍ୟରେ ସାରେଗାମାପା ସ୍ୱରର ମହାମଞ୍ଚ ଇତିମଧ୍ୟରେ ବେଶ ଲୋକପ୍ରିୟ ହୋଇସାରିଛି। ଏହା ଟିଆର୍‌ପି ସାରଣୀରେ ମଧ ବେଶ ଉତ୍ତମ ସ୍ଥାନ ହାସଲ କରିଛି। ସେହିଭଳି ଏହି ଶୋ' ସମ୍ପର୍କରେ ସଙ୍ଗୀତ ନିର୍ଦ୍ଦେଶକ ଗୁଡ଼୍‌ଲି ରଥ, ଗାୟିକା ଦୀପ୍ତିରେଖା, ଗାୟକ କ୍ରିଷ୍ଣା ବେଉରା ଏବଂ ଅସୀମା ପଣ୍ଡା କହିଛନ୍ତି, ''ଏହି ଯୁବ ପ୍ରତିଭାଗଣ ଗାଲା ରାଉଣ୍ଡରେ ପ୍ରବେଶ କରିଥିବାବେଳେ ଆଗକୁ କଡ଼ା ମୁକାବିଲା ହେବ। ସେଥିମଧ୍ୟରୁ ଶ୍ରେଷ୍ଠ ପ୍ରତିଯୋଗୀ ବାଛିବା ଆମ ପାଇଁ ଆଗକୁ ଏକ ଗୁରୁଦାୟିତ୍ୱ ହେବ ବୋଲି ସେମାନେ ମତବ୍ୟକ୍ତ କରିଛନ୍ତି। ପ୍ରତିଯୋଗୀମାନଙ୍କ ଦ୍ୱାରା ହେଉଥିବା ଚମତ୍କାର ପ୍ରଦର୍ଶନ ପାଇଁ 'ଗୋଲଡେନ ଗିଟାର ପରଫରମାନ୍ସ' ସ୍ୱୀକୃତି ମିଳିବା ସହ ପ୍ରତି ଅଧ୍ୟାୟରେ ସେହିଦିନର ଏବଂ ସପ୍ତାହର ଜଣେ ଶ୍ରେଷ୍ଠ ପ୍ରଦର୍ଶନକାରୀଙ୍କୁ ମଧ ସ୍ୱୀକୃତି ପ୍ରଦାନ କରାଯିବ ବୋଲି ସଂସ୍ଥା ପକ୍ଷରୁ କୁହାଯାଇଛି।

## 'ଚିକିତ୍ସାଳୟରୁ ଅବ୍ୟବସ୍ଥା ଦୂର କର'

ବାଙ୍କୀ ୧୯।୪(ସ୍ୱ.ପ୍ର.)

ବାଙ୍କୀ ଉପଖଣ୍ଡ ଚିକିତ୍ସାଳୟରେ ଦୀର୍ଘ ଦିନ ହେବ ଡାକ୍ତର ପଦବୀ ଖାଲି ପଡିଛି। ଡାକ୍ତରମାନେ ଚିକିତ୍ସାଳୟକୁ ମନଇଚ୍ଛା ଆସୁଛନ୍ତି। ରାଜ୍ୟ ଯୁବକଂଗ୍ରେସ ସଭାପତି ଡ.ସ୍ମୃତିରଞ୍ଜନ ଲେଙ୍କା ସୋମବାର ଉପଖଣ୍ଡ ଚିକିତ୍ସାଳୟ ଗସ୍ତରେ ଆସି ଏଭଳି ଅଭିଯୋଗ କରିଛନ୍ତି। ସେ କହିଛନ୍ତି, ବାଙ୍କୀ ଚିକିତ୍ସାଳୟରେ ୧୮ ଡାକ୍ତର ପଦବୀ ଥିବାବେଳେ କେବଳ ୮ ଜଣ ଡାକ୍ତର ଦାୟିତ୍ୱରେ ଅଛନ୍ତି। ଏହି ଚିକିତ୍ସାଳୟରୁ ଦରମା ପାଉଥିବା କେତେଜଣ ଡାକ୍ତର ଅନ୍ୟତ୍ର ଡେପୁଟେଶନ ଯାଇ କାର୍ଯ୍ୟ କରୁଛନ୍ତି। ଲୋକେ ଛୋଟ ଛୋଟ ଅପରେଶନ୍ ପାଇଁ ଖୋର୍ଦ୍ଧା, କଟକ, ଭୁବନେଶ୍ୱର ଚିକିତ୍ସାଳୟ ଉପରେ ନିର୍ଭର କରିବାକୁ ବାଧ ହେଉଛନ୍ତି। ଭେଷଜ ବିଭାଗ ଡାକ୍ତର ପଦବୀ ଦୀର୍ଘ ୧୦ବର୍ଷ ହେଲା ଖାଲିପଡିଛି। ବାଙ୍କୀ ଉପଖଣ୍ଡ ଚିକିତ୍ସାଳୟ ସମେତ ଡମପଡ଼ା ଓ ସୁବର୍ଣ୍ଣପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନ ସମସ୍ତ ଉପସ୍ୱାସ୍ଥ୍ୟ କେନ୍ଦ୍ରରେ ଅନୁରୂପ ଅବସ୍ଥା ଦେଖାଦେଇଛି ବୋଲି ଲେଙ୍କା କହିଛନ୍ତି। ତୁରନ୍ତ ଚିକିତ୍ସାଳୟରେ ଥିବା ସମସ୍ତ ଅବ୍ୟବସ୍ଥାର ସମାଧାନ କର ନଚେତ୍ ରାଜ୍ୟ ଯୁବକଂଗ୍ରେସ ପକ୍ଷରୁ ଦୃଢ଼ ପ୍ରତିବାଦ କରାଯିବ ବୋଲି ଲେଙ୍କା ଚେତାବନୀ ଦେଇଛନ୍ତି। ତାଙ୍କର ଏହି ଗସ୍ତ ସମୟରେ ବାଙ୍କୀ ନିର୍ବାଚନ ମଣ୍ଡଳୀ ଯୁବ କଂଗ୍ରେସ ସଭାପତି ଶିବ ପ୍ରସାଦ ମହାପାତ୍ର, ଉପସଭାପତି ସୋମନାଥ ପଣ୍ଡା, ସୂର୍ଯ୍ୟ ନାରାୟଣ ସ୍ୱାଇଁ, ବିଭୂତି ଭୂଷଣ ଦଳସିଂହ ରାୟ, ପ୍ରମୋଦ ପଣ୍ଡା ଓ ସୁନୀଲ କୁମାର ବିଶ୍ୱାଳ ପ୍ରମୁଖ ସାମିଲ ହୋଇଥିଲେ।

## ବଧୂହତ୍ୟା ଅଭିଯୋଗ

ବଡ଼ମ୍ବା,୧୯।୪(ଡି.ଏନ୍.ଏ.)

ବଡ଼ମ୍ବା ଥାନା ଅନ୍ତର୍ଗତ ମଙ୍ଗରାଜପୁର ଗ୍ରାମରେ ବଧୂହତ୍ୟା କରାଯାଇଛି। ଏନେଇ ସୋମବାର ମୃତକଙ୍କ ଭାଇ ମାନସ ମହାନ୍ତି ବଡ଼ମ୍ବା ଥାନାରେ ଅଭିଯୋଗ କରିଛନ୍ତି। ମୃତକ ହେଲେ ଏହି ଥାନା ଅନ୍ତର୍ଗତ ଇଚ୍ଛାପୁର ଗ୍ରାମର ମୁରଲୀଧର ମହାନ୍ତିଙ୍କ ଝିଅ ଶୈଳବାଳା। ସେ ମଙ୍ଗରାଜପୁର ଗ୍ରାମର ଲକ୍ଷ୍ମଣ ମହାନ୍ତିଙ୍କ ପୁଅ ବାବୁ ମହାନ୍ତିଙ୍କୁ ବୈଦିକ ରୀତିରେ ବିବାହ କରିଥିଲେ। ବିବାହର କିଛି ମାସ ପରେ ଅଧିକ ଯୌତୁକ ଆଣିବାକୁ ଦାବି କରି ସ୍ୱାମୀ ଶୈଳବାଳାଙ୍କୁ ଶାରୀରିକ, ମାନସିକ ନିର୍ଯାତନା ଦିଆଯାଉଥିଲା। ସୋମବାର ଶୈଳବାଳାଙ୍କୁ ହତ୍ୟା କରାଯିବା ପରେ ଆତ୍ମହତ୍ୟାର ରୂପ ଦିଆଯାଇଛି ବୋଲି ମାନସ ଅଭିଯୋଗରେ ଦର୍ଶାଇଛନ୍ତି। ଏହାକୁ ଭିତ୍ତି କରି ଥାନାରେ ମାମଲା (ନଂ.୮୪/୨୧) ରୁଜୁ କରାଯାଇ ଅଭିଯୁକ୍ତ ସ୍ୱାମୀଙ୍କୁ ଥାନାରେ ଅଟକ ରଖାଯାଇଛି। ଏଥିସହ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ବଡ଼ମ୍ବା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛି।

## ତାଲିମ ଶିବିର ଉଦ୍‌ଯାପିତ

ଚୌଦ୍ୱାର,୧୯।୪(ଡି.ଏନ.ଏ.)

ଇମ୍ଫା ଶିଳ୍ପ ଗୋଷ୍ଠୀର ସାମାଜିକ ଦାୟିତ୍ୱବୋଧ ଶାଖା ବଂଶୀଧର ଇଲା ପଣ୍ଡା ଫାଉଣ୍ଡେଶନ ଓ ନାବାର୍ଡର ସହାୟତାରେ ଗତ ୫ ତାରିଖରୁ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାଙ୍କୁ ନେଇ ଚାଲିଥିବା ଛତୁ ଚାଷ ଓ କୁକୁଡା ପାଳନ ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି। ପୌରାଧିକାରୀ ପବିତ୍ର ବେହେରା, ନାବାର୍ଡ ଡିଡିଏମ୍ ଏସ୍.ଏସ୍. ପଣ୍ଡା ଅତିଥି ଭାବେ ଯୋଗଦେଇଥିଲେ। ଇମ୍ଫାର ପ୍ରଶାସନିକ ଅଧିକାରୀ ଜି.ଏସ୍.ପି ରାଓ, ମଙ୍ଗରାଜପୁର ସରପଞ୍ଚ ସସ୍ମିତା ପରିଡା, ମାନସ ରଞ୍ଜନ ପ୍ରଧାନ, ଇଂ.ସତ୍ୟବ୍ରତ ବାଇ, ଏସ୍.କେ. ୱାସିମ ଆକ୍ରମ, ଗମନ କଳା, ରାମସିଂ ହେସା, ସୁଷ୍ମା ହାଇବ୍ରୁରୁ ଉପସ୍ଥିତ ରହି ଶିବିରରେ ଯୋଗଦେଇଥିବା ମହିଳାମାନଙ୍କୁ ନାବାର୍ଡର ବିଭିନ୍ନ ଲୋକାଭିମୁଖୀ କାର୍ଯ୍ୟକ୍ରମ ବିଷୟରେ ବୁଝାଇଥିଲେ। ଏହିଭଳି ଚାଷ ଦ୍ୱାରା ମହିଳାମାନେ ସ୍ୱାବଲମ୍ବୀ ହୋଇପାରିବେ ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ତାଲିମ ଗ୍ରହଣ କରିଥିବା ସଦସ୍ୟାମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ପଲ୍ଲିଶ୍ରୀ



@ ମାନସ



@ ମଧୁସ୍ମିତା



@ ଅର୍ଚ୍ଚନା



@ ପ୍ରଶାନ୍ତ



@ ସମୀକ୍ଷା



@ ସୁଶାନ୍ତ

## ଚୋରି ଗ୍ୟାଙ୍ଗ୍‌ର ୩ ଗିରଫ

### କାର, ବାଇକ୍, ଅଳଙ୍କାର, ମୋବାଇଲ ଜବତ





କଟକ ଅଫିସ, ୧୯।୪

ଜଗତ୍‌ପୁର ପୋଲିସ ଚୋରି ଗ୍ୟାଙ୍ଗର ୩ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ କିଶନନଗର ଥାନା ଅନ୍ତର୍ଗତ ଗ୍ରେଲି ଗ୍ରାମର କରୁଣାକର ବାରିକ, ସାଲେପୁର ଥାନା ଅନ୍ତର୍ଗତ ଶିଶୁଆସପନପୁର ଗ୍ରାମର ରାକେଶ କୁମାର ଦାସ ଓ ବିରିଡ଼ି ଥାନା ଅନ୍ତର୍ଗତ ପାଇକିରାବାଟି ଗ୍ରାମର ଜୟନ୍ତ କୁମାର ରାଉତ। ସେମାନଙ୍କ ନିକଟରୁ ଏକ ବୋଲେରୋ ଗାଡି (ନଂ. ଓଡି୦୫ଏଲ୍-୧୭୦୯), ବାଇକ୍ (ନଂ. ଓଡି୦୫ଏଡବ୍ଲ୍ୟୁ-୫୮୪୪), ୧୦ଟି ସୁନାଚୁଡି, ୮ଟି ସୁନାମୁଦି, ୪ଟି ପାଣି ପମ୍ପ, ଗୋଟିଏ ଇନଭର୍ଟର, ୧୦ଟି ମୋବାଇଲ ଓ ଗୋଟିଏ ଲାପ୍‌ଟପ ଜବତ କରାଯାଇଛି। ଡିସିପି ପ୍ରତୀକ୍ ସିଂଙ୍କ ସୂଚନା ଅନୁଯାୟୀ, ଜଗତ୍‌ପୁର ଥାନା ଅନ୍ତର୍ଗତ ସିଂମାପୁର ଗ୍ରାମର ରମେଶ ଚନ୍ଦ୍ର ସାମଲଙ୍କ ଘରୁ ଗତ ଫେବୃୟାରୀ ୧୫ ତାରିଖ ବିଳମ୍ବିତ ରାତିରେ ଚୋରି ହୋଇଥିଲା। ଏ ନେଇ ଅଭିଯୋଗ ହେବା ପରେ ପୋଲିସ ମାମଲା(ନଂ.୬୩/୨୧) ରୁଜୁ କରିଥିଲା। ବିଭିନ୍ନ ସ୍ଥାନରେ ଲାଗିଥିବା ସିସିଟିଭି ଫୁଟେଜ୍ ପୋଲିସ ଯାଞ୍ଚ କରିବା ପରେ ଅଭିଯୁକ୍ତମାନଙ୍କୁ ଗିରଫ କରିଥିଲା। ସେମାନଙ୍କ ନାମରେ ଜଗତ୍‌ପୁର ଓ ଚାନ୍ଦବାଲି ଥାନାରେ ମାମଲା ରହିଥିବା ପୋଲିସ ସୂଚନା ଦେଇଛି।

## ପ୍ରକଳ୍ପ ନାମରେ ପୋତାଯାଇଛି ନଦୀଶଯ୍ୟା

### ବର୍ଷାଦିନେ ସହରରେ ବନ୍ୟା ପରିସ୍ଥିତି ଆଶଙ୍କା

କଟକ ଅଫିସ, ୧୯।୪

ହଜାରେ ବର୍ଷର ସହର କଟକ। କଳା, ସାହିତ୍ୟ, ସଂସ୍କୃତି, ରାଜନୀତି, ବାଣିଜ୍ୟ, ବ୍ୟବସାୟର ପେଣ୍ଠସ୍ଥଳୀ କଟକ ସହର ଓ ଚୌଦ୍ୱାର ପ୍ରତି ଏବେ ବିପଦ ଦେଖାଦେଇଛି। ଗଡ଼ଗଡେଶ୍ୱର ଘାଟଠାରୁ ପ୍ରାୟ ୫ କି.ମି ମହାନଦୀ ଶଯ୍ୟାକୁ ପୋତିଦିଆଯାଇଛି। ବର୍‌ଫି ପ୍ରକଳ୍ପ ନାମରେ ୪୨୪ ଏକର ପରିମିତ ଉକ୍ତ ଅଞ୍ଚଳରେ ଥିବା ହାଡିଆପଠା ସମେତ ଅନ୍ୟ ପଠାକୁ ପୋତାଯାଇଛି। ଏହାଦ୍ୱାରା ନଦୀଜଳ ପ୍ରବାହରେ ବାଧା ସୃଷ୍ଟି ହୋଇଛି। ମହାନଦୀରୁ ଉଠାଯାଇଥିବା ବାଲିକୁ ସହରର ଖାଲୁଆ ସ୍ଥାନ ପୋତା ନ ଯାଇ ନଦୀଶଯ୍ୟାରେ ପକାଇବା ଦ୍ୱାରା ନଦୀର ସ୍ରୋତ ସଙ୍କୁଚିତ ହୋଇଛି। ଏହାଦ୍ୱାରା ବର୍ଷାଦିନେ କଟକ ସହରରେ ବନ୍ୟା ପରିସ୍ଥିତି ସୃଷ୍ଟି ହେବା ଆଶଙ୍କା ରହିଥିବା ସ୍ଥାନୀୟ ବାଖରାବାଦସ୍ଥିତ ଗାନ୍ଧୀଭବନଠାରେ ମହାନଦୀ ବଞ୍ଚାଅ ଆନ୍ଦୋଳନ କଟକ ଶାଖା ପକ୍ଷରୁ ସୋମବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଅଭିଯୋଗ କରାଯାଇଛି।

ମହାନଦୀ ବଞ୍ଚାଅ ଆନ୍ଦୋଳନ ପକ୍ଷରୁ କୁହାଯାଇଛି, ନଦୀଶଯ୍ୟା ପୋତାଯିବା ଦ୍ୱାରା ତାଳଦଣ୍ଡା କେନାଲ, ମାଛଗାଁ କେନାଲ, କେନ୍ଦ୍ରାପଡ଼ା, ପଟ୍ଟାମୁଣ୍ଡାଇ ଓ ହାଇଲେଭଲ କେନାଲ ସମ୍ପୂର୍ଣ୍ଣ ଶୁଖିଯାଇଛି। ଉକ୍ତ କେନାଲରୁ କଟକ, କେନ୍ଦ୍ରାପଡ଼ା, ଯାଜପୁର ଓ ଜଗତ୍‌ସିଂହପୁର ଅଞ୍ଚଳର ଚାଷୀମାନେ ଚାଷଜମିକୁ ପାଣି ମଡାଇଥାନ୍ତି। ଏହାଦ୍ୱାରା ସେ ଅଞ୍ଚଳରେ ଜଳସେଚନ ବ୍ୟବସ୍ଥା ବ୍ୟାହତ ହୋଇଛି। ଅନ୍ୟପକ୍ଷରେ ମହାନଦୀ ଶଯ୍ୟାର ଏହି ବୃହତ୍ ଅଂଶକୁ ପୋତି ଦିଆଯିବା ଦ୍ୱାରା ଭୂତଳ ଜଳଧାରା ଶୁଖିଯିବ। ଫଳରେ କଟକ ସହର ଓ ସିଡିଏ ଅଞ୍ଚଳରେ ଉତ୍କଟ ପାନୀୟଜଳ ସଙ୍କଟ ସୃଷ୍ଟି ହେବା ଆଶଙ୍କା ରହିଛି। ଏହାବାଦ ନଦୀଶଯ୍ୟା ଅଞ୍ଚଳର ପ୍ରାକୃତିକ ପରିବେଶ ନଷ୍ଟ ହୋଇଛି। ନ୍ୟାଶନାଲ ଗ୍ରୀନ୍ ଟ୍ରିବ୍ୟୁନାଲ(ଏନ୍‌ଜିଟି)ର ଏକ ସ୍ୱତନ୍ତ୍ର ଉଚ୍ଚସ୍ତରୀୟ ବିଶେଷଜ୍ଞ ଟିମ୍ କିଛିଦିନ ତଳେ ଉକ୍ତ ଅଞ୍ଚଳ ପରିଦର୍ଶନ କରିବା ସହ ପୋତାଯାଇଥିବା ସ୍ଥାନ ଅନୁଧ୍ୟାନ କରିଥିଲେ। ନଦୀରୁ ମାଟି ଖୋଳାଯାଇ ନଦୀଶଯ୍ୟାରେ ପକାଇ ପୋତାଯିବା ସମ୍ପର୍କରେ ଏନ୍‌ଜିଟି ନିକଟରେ ଅଭିଯୋଗ କରାଯାଇଛି। ସେହିପରି କାଠଯୋଡ଼ି ନଦୀର ବହୁ ଅଂଶ ମଧ ପୋତି ଦିଆଗଲାଣି। ଐତିହାସିକ ବେଲଭ୍ୟୁର ସଓ୍ଵା ଆଉ ଦେଖିବାକୁ ମିଳୁନାହିଁ ବୋଲି ସଙ୍ଗଠନ ପକ୍ଷରୁ ଖବରଦାତା ସମ୍ମିଳନୀରେ କୁହାଯାଇଛି। ଏହି ସମ୍ମିଳନୀରେ ଶିଶିର ଦାସ, ଆଡଭୋକେଟ ପ୍ରଦୀପ କୁମାର ପଟ୍ଟନାୟକ, ନଳିନୀ କୁମାର ରାୟ, ସୁଦର୍ଶନ ଦାସ, ପ୍ରମୋଦ କୁମାର ସାହୁ ଓ ସତ୍ୟ ରାୟ ପ୍ରମୁଖ ଉପସ୍ଥିତ ଥିଲେ।

## କ୍ରେଡିଟ୍ କାର୍ଡ ଚାଲୁ କରିବା ନାଁରେ ୪୦ହଜାର ଠକେଇ

ଭୁବନେଶ୍ୱର,୧୯।୪(ବ୍ୟୁରୋ)

ମଞ୍ଚେଶ୍ୱର ଥାନା ଅଧୀନ ଗାଡ଼କଣ ଗ୍ରାମର ଶିବନାରାୟଣ ପ୍ରଧାନଙ୍କୁ କ୍ରେଡିଟ୍ କାର୍ଡକୁ ଚାଲୁ କରିବାକୁ କହି ୩୯ ହଜାର ୯୯୯ ଟଙ୍କା ଲୁଟି ନେଇଥିବା ଅଭିଯୋଗ ହୋଇଛି। ଏ ନେଇ ପୋଲିସ ତଦନ୍ତ ଆରମ୍ଭ କରିଛି। ସୂଚନା ଅନୁଯାୟୀ, ଶିବନାରାୟଣ କିଛିଦିନ ତଳେ ଏକ ସଂସ୍ଥାର କ୍ରେଡିଟ କାର୍ଡ କରିଥିଲେ। ପରେ କ୍ରେଡିଟ୍ କାର୍ଡ ତାଙ୍କ ପାଖକୁ ଆସିଥିଲେ ବି କାର୍ଡଟି ଚାଲୁ ହୋଇ ନ ଥିଲା। ତେବେ ସୋମବାର ତାଙ୍କ ଫୋନକୁ କ୍ରେଡିଟ୍ କାର୍ଡ ସମ୍ବନ୍ଧରେ ନେଇ ଏକ ଫୋନ କଲ ଆସିଥିଲା। ଏ ନେଇ ଶିବ ତାଙ୍କ କାର୍ଡ ଚାଲୁ ନ ଥିବା ନେଇ କହିବା ପରେ ସାଇବର୍ ଠକ ଜଣକ ନିଜକୁ ଉକ୍ତ ସଂସ୍ଥାର କର୍ମଚାରୀ କହି କ୍ରେଡିଟ୍ କାର୍ଡକୁ ଚାଲୁ କରିବା ପାଇଁ ତଥ୍ୟ ମାଗିଥିଲେ। ସେ କହିବା ମୁତାବକ ଶିବ ଏକ ମୋବାଇଲ ଆପ୍ ଡାଉନଲୋଡ କରେଇ ସମସ୍ତ ତଥ୍ୟ ଦେଇଥିଲେ। ଏପରିକି ତାଙ୍କ ମୋବାଇଲକୁ ଆସିଥିବା ଓଟିପିକୁ ମଧ ସେ ଠକକୁ ଦେଇଥିଲେ। ତେବେ ଏତିକିରେ ଠକର ମନ ଭରି ନ ଥିଲା, ସେ ଅନ୍ୟ ବ୍ୟାଙ୍କର ତଥ୍ୟ ମାଗି ଟଙ୍କା ଲୁଟିବାକୁ ଚାହିଁଥିଲା। ଫଳରେ ଶିବଙ୍କ ସନ୍ଦେହ ଉପୁଜିଥିଲା। ସେ ଠକର ଜାଲରେ ପଡ଼ିଥିବା ଜାଣି ଅନ୍ୟ ବ୍ୟାଙ୍କର ତଥ୍ୟ ଦେଇ ନ ଥିଲେ। ପରେ କିଛି ସମୟ ପରେ ତାଙ୍କ କ୍ରେଡିଟ କାର୍ଡରୁ ଟଙ୍କା କଟିଯାଇଥିବା ମେସେଜ ଆସିଥିଲା। ଏହପରେ ସେ ବ୍ୟାଙ୍କ ସହ ଯୋଗାଯୋଗ କରିବା ପରେ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

ଧରିତ୍ରୀ DHARITRI
ଭୁବନେଶ୍ୱର, ମଙ୍ଗଳବାର, ୨୦ ଏପ୍ରିଲ, ୨୦୨୧



## ପୂର୍ବତନ ପୋଲିସ ଏସ୍‌ପିଙ୍କ ପରଲୋକ

ଭୁବନେଶ୍ୱର,(ବ୍ୟୁରୋ): ପୂର୍ବତନ ପୋଲସ ଏସ୍‌ପି ପ୍ରସନ୍ନ କୁମାର ମହାନ୍ତିଙ୍କର ୭୯ ବର୍ଷ ବୟସରେ ପରଲୋକ ହୋଇଛି। ରବିବାର ରାତି ୨ଟା ବେଳେ ରାଉରକେଲାସ୍ଥିତ ହସ୍ପିଟାଲରେ ତାଙ୍କର ମୃତ୍ୟୁବରଣ କରିଛନ୍ତି। ମୃତ୍ୟୁ ଖବର ପାଇ ଆତ୍ମୀୟସ୍ୱଜନ ତଥା ପୋଲିସ ମହଲରେ ଶୋକରଛାୟା ଖେଳିଯାଇଛି। ସେ ଜଣେ ଅତ୍ୟନ୍ତ ପରୋପକାରୀ ଓ ଅମାୟିକ ବ୍ୟକ୍ତି ଥିଲେ। ପ୍ରସନ୍ନଙ୍କ ନିଜ ଗାଁ କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଥାନା ଅନ୍ତର୍ଗତ କେଶପୁର ଗ୍ରାମ ସମେତ ରାଉରକେଲା ଛେଣ୍ଡ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ମୃତ୍ୟୁ ଶର୍ଯ୍ୟା ନିକଟରେ ସହଧର୍ମିଣୀ ଗୀତାରାଣୀ ମହାନ୍ତି ଓ ପରିବାର ବର୍ଗ ଉପସ୍ଥିତ ଥିଲେ। ଜ୍ୟୋଷ୍ଠ ପୁତ୍ର ଆଶିଷ ମହାନ୍ତି ମୁଖାଗ୍ନି ଦେଇଥିଲେ।

**ସଂକ୍ଷେପରେ**

## କରୋନା ମୁକାବିଲା: ୨୫ ଏଏସ୍‌ଓଙ୍କୁ ଅସ୍ଥାୟୀ ନିଯୁକ୍ତି

ଭୁବନେଶ୍ୱର, ୧୯।୪ (ବ୍ୟୁରୋ): କରୋନାର ଦ୍ରୁତ ସଂକ୍ରମଣକୁ ରୋକିବା ପାଇଁ ବିଏମ୍‌ସି ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଉଛି। ବିମାନବନ୍ଦର ଓ ରେଳ ଷ୍ଟେଶନରେ ଯାତ୍ରୀଙ୍କୁ ଯାଞ୍ଚ ସହିତ ଅନ୍ୟାନ୍ୟ ଫିଲ୍ଡ କାମରେ ନିୟୋଜିତ କରାଯାଇଛି। ଆବଶ୍ୟକ ସଂଖ୍ୟକ କର୍ମଚାରୀ ନ ଥିବାରୁ ବିଭିନ୍ନ ସରକାରୀ କାର୍ଯ୍ୟାଳୟରୁ ୨୫ଜଣ ଆସିଷ୍ଟାଣ୍ଟ ସେକ୍ସନ ଅଫିସର(ଏଏସ୍‌ଓ)ଙ୍କୁ ବିଏମ୍‌ସିକୁ ଡେପୁଟେଶନରେ ଅଣାଯାଇଛି। ଏମାନଙ୍କ ମଧ୍ୟରୁ ସୋମବାର ୧୭ଜଣ ଅସ୍ଥାୟୀ ନିଯୁକ୍ତିପତ୍ର ଗ୍ରହଣ କରିଥିବାବେଳେ ଅନ୍ୟମାନେ ମଙ୍ଗଳବାର କାର୍ଯ୍ୟରେ ଯୋଗଦେବେ। ଡେପୁଟି କମିଶନର ଗାୟତ୍ରୀ ସାମନ୍ତରାୟ ସମସ୍ତ ଏଏସ୍‌ଓଙ୍କ ନିଯୁକ୍ତି ସମ୍ପର୍କିତ କାର୍ଯ୍ୟକୁ ତଦାରଖ କରିବେ। ଏହି ଏଏସ୍‌ଓମାନଙ୍କୁ ଜୋନାଲ ଅଫିସ୍, ବିମାନବନ୍ଦର, ରେଳ ଷ୍ଟେଶନ, ମନିଟରିଂ ସେଲ୍ ଏବଂ ଅନ୍ୟାନ୍ୟ କୋଭିଡ୍ ନିୟନ୍ତ୍ରଣ କାର୍ଯ୍ୟରେ ନିୟୋଜିତ କରାଯିବ ବୋଲି ବିଏମ୍‌ସି କୋଭିଡ୍-୧୯ର ନୋଡାଲ ଅଫିସର ଶୁଭେନ୍ଦୁ କୁମାର ସାହୁ ସୂଚନା ଦେଇଛନ୍ତି। ପୂର୍ବବର୍ଷ ମଧ୍ୟ ୧୫୦ଜଣ ଏଏସ୍‌ଓଙ୍କୁ ବିଏମ୍‌ସିକୁ ଡେପୁଟେଶନରେ ଅଣାଯାଇଥିଲା।

## ବିମାନ ବନ୍ଦର ପାଇଁ ସ୍ୱତନ୍ତ୍ର ନିର୍ଦ୍ଦେଶନାମା ଜାରି

ଭୁବନେଶ୍ୱର, ୧୯।୪ (ବ୍ୟୁରୋ): କୋଭିଡ୍-୧୯ ସଂକ୍ରମଣ ବୃଦ୍ଧିକୁ ଦୃଷ୍ଟିରେ ରଖି ବିଏମ୍‌ସି ପକ୍ଷରୁ ବିଜୁ ପଟ୍ଟନାୟକ ଆନ୍ତର୍ଜାତିକ ବିମାନ ବନ୍ଦର ପାଇଁ ସ୍ୱତନ୍ତ୍ର ଗାଇଡ୍‌ଲାଇନ୍ ଜାରି କରାଯାଇଛି। ବିମାନ ବନ୍ଦରରେ ପହଞ୍ଚୁଥିବା ସମସ୍ତ ଯାତ୍ରୀଙ୍କ ପାଇଁ ଆର୍‌ଟି-ପିସିଆର୍ ନେଗେଟିଭ୍ ଟେଷ୍ଟ ରିପୋର୍ଟ ବାଧ୍ୟତାମୂଳକ କରାଯାଇଛି। ବିମାନବନ୍ଦନରରେ ଓହ୍ଲାଇବାର ୭୨ଘଣ୍ଟା ପୂର୍ବରୁ ଯାତ୍ରୀଙ୍କୁ ନେଗେଟିଭ୍ ରିପୋର୍ଟ ଦେବାକୁ ହେବ। ଯେଉଁମାନେ ୨ଟି ଯାକ ଟିକା ନେଇଛନ୍ତି ସେମାନେ ଆର୍‌ଟି-ପିସିଆର ରିପୋର୍ଟ ବଦଳରେ ଶେଷ ଟିକାକରଣ ପ୍ରମାଣପତ୍ର ଦେଖାଇବାକୁ ପଡ଼ିବ। ବିମାନ ବନ୍ଦରର ନିର୍ଦ୍ଦେଶକ ଉକ୍ତ ଗାଇଡ୍‌ଲାଇନ୍‌କୁ କଡାକଡି ଭାବେ ପାଳନ କରିବେ। ମଙ୍ଗଳବାରଠାରୁ ଏହାକୁ କଡାକଡି କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି।

## ୩ ନଦୀ ସେତୁ ପରିଦର୍ଶନ କଲେ ମନ୍ତ୍ରୀ

ପୁରୁଣାଭୁବନେଶ୍ୱର,୧୯।୪(ଡ.ଏନ୍.ଏ.): ମଙ୍ଗଳବାର ପୂର୍ବାହ୍ନରେ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ଓ ଅଶୋକ ଚନ୍ଦ୍ର ପଣ୍ଡା ନିର୍ମାଣାଧୀନ ଧଉଳି ସେତୁ, ଦୟା ସେତୁ ଏବଂ ଭାର୍ଗବୀ ନଦୀ ସେତୁ ପରିଦର୍ଶନ କରିଛନ୍ତି। ନଦୀ ଶଯ୍ୟାରେ ଚେକ୍ ଡ୍ୟାମ ମାଧ୍ୟମରେ ଜଳ ସଂରକ୍ଷଣ, ପାନୀୟଜଳ ଯୋଗାଣ ଓ ମେଗା ଜଳସେଚନ ଜରିଆରେ ବ୍ୟାପକ ପନିପରିବା ଚାଷ ଉପରେ ଗୁରୁତ୍ୱାରୋପ କରିଥିଲେ। ଦୟା ଦକ୍ଷିଣ ପାର୍ଶ୍ୱ ନଦୀ ବନ୍ଧ ସୁଦୃଢ଼ୀକରଣ ଓ ପ୍ରଶସ୍ତୀକରଣ ନିମନ୍ତେ ମନ୍ତ୍ରୀ ମଲ୍ଲିକ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ସେହିପରି କପିଳେଶ୍ୱର ମନ୍ଦିରକୁ ଗଙ୍ଗୁଆ ବନ୍ଧ ଉପରେ ଏକ ସ୍ୱତନ୍ତ୍ର ରାସ୍ତା ନିର୍ମାଣ ସମ୍ପର୍କରେ ମନ୍ତ୍ରୀ ମଲ୍ଲିକ ସମୀକ୍ଷା କରିଥିଲେ। ଏହି ପରିଦର୍ଶନ ବେଳେ ପୂର୍ତ୍ତ ବିଭାଗ ଚିଫ୍ ଇଞ୍ଜିନିୟର ମନୋରଞ୍ଜନ ମିଶ୍ର, ଅଧୀକ୍ଷଣ ଯନ୍ତ୍ରୀ, ପୂର୍ତ୍ତ ବିଭାଗ ଦୁଇ ଡିଭିଜନର ନିର୍ବାହୀ ଯନ୍ତ୍ରୀ , ପୂର୍ବତନ କର୍ପୋରେଟର ବୀରଞ୍ଚି ନାରାୟଣ ମହାସୁପକାର, ସୁବାସ ସୁନ୍ଦରାୟ, ଆଲୋକ ସାହୁ, ହରେକୃଷ୍ଣ ସାହୁ, ଧଉଳି ପଞ୍ଚାୟତ ସମିତି ସଭ୍ୟ ଭଗବାନ ସାହୁ, ଚନ୍ଦ୍ରଶେଖର ମଲ୍ଲିଆ, ସରୋଜ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

## ରାଜଧାନୀରେ ଜମି ବିବାଦ, ୪ ବର୍ଷରେ ୨୩ଶହ ମାମଲା ରୁଜୁ

ଭୁବନେଶ୍ୱର,୧୯।୪(ବ୍ୟୁରୋ): ଭୁବନେଶ୍ୱରରେ ଜମି ଓ ଫ୍ଲାଟ୍ ଯୋଗାଇଦେବା ଆଳରେ ଗ୍ରାହକଙ୍କୁ ଠକେଇ ଅଭିଯୋଗ ବଢ଼ିଚାଲିଛି। ଗତ ୪ ବର୍ଷ ମଧ୍ୟରେ ରାଜଧାନୀର ବିଭିନ୍ନ ଥାନା ଅଞ୍ଚଳରେ ୨୩୦୦ରୁ ଊର୍ଦ୍ଧ୍ୱ ମାମଲା ରୁଜୁ ହୋଇଥିବା ନେଇ କମିଶନରେଟ ପୋଲିସ ପକ୍ଷରୁ ସୂଚନା ମିଳିଛି । ତଥ୍ୟାନୁଯାୟୀ ୨୦୧୭ରେ ୬୦୬ଟି, ୨୦୧୮ରେ ୫୮୪, ୨୦୧୯ରେ ୬୫୦ ଏବଂ ୨୦୨୦ ବର୍ଷରେ ୪୪୦ ମାମଲା ବିଭିନ୍ନ ଥାନାରେ ରୁଜୁ ହୋଇଛି। ଏହି ମାମଲାରେ ଅନେକ ଜମି ଦଲାଲ , ବିଲ୍ଡର ଓ ରିୟଲ ଇଷ୍ଟେଟ ଭଳି ବ୍ୟବସାୟୀଙ୍କୁ ଗିରଫ କରାଯାଇଛି ।

# ଅମାନିଆ ସଂକ୍ରମଣ, ୫ଶହମୁହାଁ ରାଜଧାନୀ

- ୨୪ଘଣ୍ଟାରେ ୪୬୮ ପଜିଟିଭ୍ ଚିହ୍ନଟ
- ନୟାପଲ୍ଲୀ ପାଲଟିଛି ହଟ୍‌ସ୍ପଟ

ଭୁବନେଶ୍ୱର, ୧୯।୪ (ବ୍ୟୁରୋ)

ରାଜଧାନୀରେ କଟକଣା ମାନୁନି ସଂକ୍ରମଣ। ଅମାନିଆ ହୋଇପଡୁଛି କରୋନା। ଆକ୍ରାନ୍ତଙ୍କ ସଂଖ୍ୟା ହୁହୁ ବଢ଼ି ଚାଲିଥିବାବେଳେ ଦୈନିକ ସଂକ୍ରମଣ ୪ଶହ ପାର କରି ୫ଶହ ଆଡକୁ ମୁହାଁଇଛି। ଗତ ୨୪ ଘଣ୍ଟାରେ ଭୁବନେଶ୍ୱରରୁ ୪୬୮ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ୮୨ କ୍ୱାରାଣ୍ଟାଇନ୍ ସେଣ୍ଟରରୁ ରହିଥିବାବେଳେ ୩୮୬ ଲୋକାଲ୍ କେସ୍ ରହିଛି। ନୟାପଲ୍ଲୀ ଏବେ ସଂକ୍ରମଣର ହଟ୍‌ସ୍ପଟ୍ ପାଲଟିଛି। ଏଠାରୁ ଗୋଟିଏ ଦିନରେ ୨୭ଜଣ ଚିହ୍ନଟ ହୋଇଛନ୍ତି। ସେହିଭଳି ପୁରୁଣା ଭୁବନେଶ୍ୱରରୁ ୧୮ଜଣ, ୟୁନିଟ-୩ରୁ ୧୦ଜଣ, ଟଙ୍କପାଣିରୁ ୬ଜଣ, ଆଚାର୍ଯ୍ୟବିହାରରୁ ୫ଜଣ, ବଡଗଡରୁ ୬ଜଣ, ଶୈଳଶ୍ରୀ ବିହାରରୁ ୧୩ଜଣ, ରସୁଲଗଡରୁ ୧୩ଜଣ, ବାପୁଜୀ ନଗରରୁ ୫ଜଣ, ନଖରାରୁ ୬ଜଣ, ସାମନ୍ତରାପୁରରୁ ୪ଜଣ, ପଟିଆରୁ ୧୯ଜଣ, ବିଜେବି ନଗରରୁ ୧୦ଜଣ, ବମିଖାଲରୁ ୯ଜଣ, ବ୍ରହ୍ମେଶ୍ୱର ପାଟଣାରୁ ୨ଜଣ, ଚନ୍ଦ୍ରଶେଖରପୁରରୁ ୧୩ଜଣ, ଖଣ୍ଡଗିରିରୁ ୧୪ଜଣ, ଜାଗମରାରୁ ୭ଜଣ, ନଖରାରୁ ୬ଜଣ, ନୀଳାଦ୍ରି ବିହାରରୁ ୬ଜଣ, ଲକ୍ଷ୍ମୀସାଗରରୁ ୧୧ଜଣ, ବରମୁଣ୍ଡାରୁ ୭ଜଣ, ରବିଟକିଜ୍ ଅଞ୍ଚଳରୁ ୪ଜଣ, ବାଣୀବିହାରରୁ ୮ଜଣ, ପୋଖରୀପୁଟରୁ ୧୪ଜଣ, ସୁନ୍ଦରପଦାରୁ ୧୭ଜଣ, ସାମନ୍ତରାପୁରରୁ ୪ଜଣ, ନାଗେଶ୍ୱର ଟାଙ୍ଗୀରୁ ୩ଜଣ, ଶାସ୍ତ୍ରୀ ନଗରରୁ ୫ଜଣ, ୟୁନିଟ-୯ରୁ ୮ଜଣ ଚିହ୍ନଟ ହୋଇଛନ୍ତି।

## ବିକେନ୍ଦ୍ରୀକରଣ ହେବ ହାଟ ବଜାର

**ପୁରୁଣା ରଣକୌଶଳ ଆପଣାଇଲା ବିଏମ୍‌ସି**

- କଟକଣା କଡ଼ାକଡ଼ି ପାଇଁ ନିର୍ଦ୍ଦେଶ
- ନିୟମ ଖିଲାପ କଲେ ସିଲ୍ ହେବ ଦୋକାନ

ଭୁବନେଶ୍ୱର, ୧୯।୪ (ବ୍ୟୁରୋ)



ରସୁଲଗଡ଼ ରାସ୍ତା ପାର୍ଶ୍ୱ ପରିବା ହାଟରେ ଲୋକଙ୍କ ମଧ୍ୟରେ ସାମାଜିକ ଦୂରତ୍ୱ ନାହିଁ।

ସଂକ୍ରମଣ ରୋକିବାକୁ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଓ କମିଶନରେଟ ପୋଲିସ ପକ୍ଷରୁ ଚଢ଼ାଉ ସହ ପଦକ୍ଷେପ ଜାରି ରହିଥିଲେ ମଧ୍ୟ ହାଟ ବଜାର ସ୍ଥିତିକୁ ସମ୍ଭାଳି ହେଉନାହିଁ। ବ୍ୟବସାୟୀ ଓ ଗ୍ରାହକ ନିୟମ ଉଲ୍ଲଂଘନ କରୁଥିବାରୁ ଭୁବନେଶ୍ୱରରେ ଏବେ ଦୈନିକ ସଂକ୍ରମଣ ୫ଶହ ପାଖାପାଖି ପହଞ୍ଚିଲାଣି। ତେଣୁ ସଂକ୍ରମଣ ରୋକିବାକୁ ଶେଷରେ ବିଏମ୍‌ସି ପୂର୍ବ ବର୍ଷର ରଣକୌଶଳ ଆପଣାଇବାକୁ ଯାଉଛି। ଜନସମାଗମ ଓ ଭିଡ ନିୟନ୍ତ୍ରଣ ପାଇଁ ହାଟ ବଜାରର ବିକେନ୍ଦ୍ରୀକରଣ କରିବାକୁ ବିଏମ୍‌ସି କମିଶନର ପ୍ରେମ ଚନ୍ଦ୍ର ଚୌଧାରୀ ନିର୍ଦ୍ଦେଶ ଦେଇଛନ୍ତି। ୟୁନିଟ-୧, ୟୁନିଟ-୪, ଢୁମୁଢୁମା, ପଟିଆ, ଡମଣା, ୟୁନିଟ-୨ ପ୍ରମୁଖ ମାର୍କେଟରେ କଡାକଡି କଟକଣା ଲାଗୁ କରାଯିବ। ବିକେନ୍ଦ୍ରୀକରଣ କରାଯିବା ସହ ବ୍ୟାରିକେଡ ନିର୍ମାଣ କରାଯିବ। ଦୋକାନୀ ଓ ଗ୍ରାହକଙ୍କ ମଧ୍ୟରେ ୬ଫୁଟ ଦୂରତାକୁ ଗୁରୁତ୍ୱ ଦିଆଯିବ। ତେବେ ଦୋକାନୀ କିମ୍ବା ଗ୍ରାହକ କଟକଣା ନ ମାନିଲେ ସମ୍ପୃକ୍ତ ଦୋକାନକୁ ସିଲ୍ କରାଯିବ। ଆବଶ୍ୟକ ପଡିଲେ ବିଏମ୍‌ସି ଓ ବିଡିଏର ଏନ୍‌ଫୋର୍ସମେଣ୍ଟ ଟିମ୍ ସ୍ଥାନୀୟ ପୋଲିସର ସହାୟତା ନେଇ ପାରିବେ। ଏନେଇ ସମସ୍ତ ଜୋନାଲ ଡେପୁଟି କମିଶନରଙ୍କୁ ବିଏମ୍‌ସି କମିଶନର ନିର୍ଦ୍ଦେଶ ଦେଇଛନ୍ତି।

## ଖୋଲିଲା ହାଇଟେକ କୋଭିଡ୍ ହସ୍ପିଟାଲ

**ଆଜିଠୁ ବ୍ଲୁ ହ୍ୱେଲ୍, ଖୁବ୍‌ଶୀଘ୍ର ସ୍ୱର୍ଶ ଓ କିମ୍ସ**

ରାଜଧାନୀରେ ସଂକ୍ରମଣ କମିଯିବା ପରେ ସମ୍ କୋଭିଡ୍ ହସ୍ପିଟାଲକୁ ଛାଡ଼ି ଅନ୍ୟ ସମସ୍ତ କୋଭିଡ୍ ଚିକିତ୍ସା କେନ୍ଦ୍ରଗୁଡ଼ିକୁ ବନ୍ଦ କରିଦିଆଯାଇଥିଲା। ଏବେ ପୁଣି ସଂକ୍ରମଣ ବଢ଼ିବା ପରେ କୋଭିଡ୍ ହସ୍ପିଟାଲଗୁଡ଼ିକ ଖୋଲିବା ଆରମ୍ଭ କରିଛି। ସୋମବାରଠାରୁ ହାଇଟେକ କୋଭିଡ୍ ହସ୍ପିଟାଲକୁ କାର୍ଯ୍ୟକ୍ଷମ କରାଯାଇଛି। ସେହିଭଳି ମଙ୍ଗଳବାରଠାରୁ ବ୍ଲୁ ହ୍ୱେଲ କାର୍ଯ୍ୟକ୍ଷମ ହେବ ଏବଂ ଖୁବ୍‌ଶୀଘ୍ର ସ୍ୱର୍ଶ ଓ କିମ୍ସ କୋଭିଡ୍ ହସ୍ପିଟାଲକୁ କାର୍ଯ୍ୟକ୍ଷମ କରାଯିବ। କିମ୍ସ ହସ୍ପିଟାଲକୁ ୫ଶହ ଶଯ୍ୟା ବିଶିଷ୍ଟ ହସ୍ପିଟାଲ କରାଯିବ ବୋଲି ବିଏମ୍‌ସି କମିଶନର ପ୍ରେମଚନ୍ଦ୍ର ଚୌଧାରୀ ସୂଚନା ଦେଇଛନ୍ତି।

## ପାର୍କରେ ଲାଗିଲା କଟକଣା

ଭୁବନେଶ୍ୱର,୧୯।୪ (ବ୍ୟୁରୋ)

- ବନ୍ଦ ହେଲା ମୁକ୍ତାକାଶ ବ୍ୟାୟାମଶାଳା, ଦୋଳି
- ମାସ୍କ ବାଧ୍ୟତାମୂଳକ, ଏଠିସେଠି ପାନ ଛେପକୁ ବାରଣ

ସର୍ବସାଧାରଣ ସ୍ଥାନଗୁଡିକରେ କଟକଣାକୁ ବଢ଼ାଇଛି ବିଏମ୍‌ସି। ସହରରେ ଥିବା ସମସ୍ତ ପାର୍କଗୁଡିକରେ ପୁଣି କେତେକ କଟକଣା ଲାଗୁ ପାଇଁ ନିର୍ଦ୍ଦେଶନାମା ଜାରି କରିଛି। ମୁକ୍ତାକାଶ ବ୍ୟାୟାମଶାଳା ଓ ପିଲାଙ୍କ ଖେଳିବା ପାଇଁ ଲାଗିଥିବା ଦୋଳିକୁ ତୁରନ୍ତ ବନ୍ଦ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ପାର୍କକୁ ପ୍ରବେଶ କରୁଥିବା ପ୍ରତ୍ୟେକ ବ୍ୟକ୍ତି ମୁହଁରେ ମାସ୍କ ଲଗାଇବା ବାଧ୍ୟତାମୂଳକ କରାଯାଇଛି। ଏଥିସହ ପାର୍କ ମଧ୍ୟରେ ବୁଲାବୁଲି କରିବା କିମ୍ବା ବସିବା ସମୟରେ ପରସ୍ପର ମଧ୍ୟରେ ୬ ଫୁଟର ଦୂରତା ବଜାୟ ରଖିବ। ପାର୍କ ମଧ୍ୟରେ ଏଠିସେଠି ପାନଛେପ, ଗୁଟ୍‌ଖାଛେପ ପକାଇବାକୁ ବାରଣ କରାଯାଇଛି। ଖିଲାପ କଲେ ଜରିମାନା ଆଦାୟ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ପରବର୍ତ୍ତୀ ନିର୍ଦ୍ଦେଶ ନ ଆସିବା ପର୍ଯ୍ୟନ୍ତ ଏହି ନିୟମ ବଳବତ୍ତର ରହିବ ବୋଲି ବିଏମ୍‌ସି କମିଶନର ପ୍ରେମ ଚନ୍ଦ୍ର ଚୌଧାରୀ ସୂଚନା ଦେଇଛନ୍ତି।

## ଘରୋଇ ହଷ୍ଟେଲ, ବିୟର ପାର୍ଲର ସିଲ୍




ସିଲ୍ ହୋଇଥିବା ବିୟର ପାର୍ଲର।

ଭୁବନେଶ୍ୱର, ୧୯।୪ (ବ୍ୟୁରୋ)

ଭୁବନେଶ୍ୱର ଆଇଆର୍‌ସି ଭିଲେଜରେ ଥିବା ଶ୍ରୀ ବିନାୟକ କ୍ଲାସେସ୍‌ର ହଷ୍ଟେଲକୁ ବିଏମ୍‌ସି ପକ୍ଷରୁ ସୋମବାର ସିଲ୍ କରି ଦିଆଯାଇଛି। ଆସିଷ୍ଟାଣ୍ଟ କମିଶନର ଲିଲନ୍ ସାହୁ ଓ ବିଏମ୍‌ସିର ଏନ୍‌ଫୋର୍ସମେଣ୍ଟ ଟିମ୍ ପକ୍ଷରୁ ହଷ୍ଟେଲରେ ଚଢାଉ କରାଯାଇଥିଲା। କୋଭିଡ୍ ଗାଇଡ୍‌ଲାଇନ୍ ଖିଲାପ ହୋଇଥିବା ଜଣାପଡିବା ପରେ ଏପରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ସେହିପରି ରାଜଧାନୀର ଇନ୍ଦ୍ରଧନୁ ମାର୍କେଟ ଅଞ୍ଚଳରେ ଥିବା ଏକ ବିୟର ପାର୍ଲରକୁ କୋଭିଡ୍ ଗାଇଡ୍‌ଲାଇନ ଉଲ୍ଲଂଘନ ଅଭିଯୋଗରେ ସିଲ୍ କରାଯାଇଛି। ଏହା ବ୍ୟତୀତ ସିଆର୍‌ପି ମାର୍କେଟରେ ଚଢ଼ାଉ କରାଯାଇ ଉଲ୍ଲଂଘନକାରୀଙ୍କଠାରୁ ୨ହଜାର ଟଙ୍କା ଓ ଇନ୍ଦ୍ରଧନୁ ମାର୍କେଟରୁ ୧ହଜାର ଟଙ୍କାର ଜରିମାନା ଆଦାୟ କରାଯାଇଛି।

## ୧୯୨୯ କଲ୍‌ସେଣ୍ଟର ପରିଦର୍ଶନ କଲେ କୋଭିଡ୍ ପର୍ଯ୍ୟବେକ୍ଷକ



କଲ୍‌ସେଣ୍ଟରରେ କୋଭିଡ୍ ପର୍ଯ୍ୟବେକ୍ଷକ ଓ ଅନ୍ୟ ଅଧିକାରୀମାନେ।

ଭୁବନେଶ୍ୱର, ୧୯।୪ (ବ୍ୟୁରୋ)

ମହିଳା ଓ ଶିଶୁ ବିକାଶ ବିଭାଗର ପ୍ରିନ୍ସିପାଲ ସେକ୍ରେଟାରି ଅନୁ ଗର୍ଗ, ଲେବର କମିଶନର ଏନ୍. ତିରୁମାଳା ନାୟକ ଓ ବିଏମ୍‌ସି କମିଶନର ପ୍ରେମ ଚନ୍ଦ୍ର ଚୌଧାରୀ ସୋମବାର ୧୯୨୯ କୋଭିଡ୍ କଲ୍ ସେଣ୍ଟରକୁ ଗସ୍ତ କରି ସ୍ଥିତି ତଦାରଖ କରିଥିଲେ। ହୋମ୍ ଆଇସୋଲେଶନରେ ରହୁଥିବା ଲୋକ ତଥା କୋଭିଡ ସମ୍ପର୍କିତ ସୂଚନା ପାଇଁ କଲ୍ କରୁଥିବା କର୍ମଚାରୀ ଓ ପରାମର୍ଶ ଦେଉଥିବା ଡାକ୍ତରଙ୍କ ସହ ଆଲୋଚନା କରିଥିଲେ। କଲ୍ ସେଣ୍ଟରରେ ଅଧିକ କର୍ମଚାରୀ ନିୟୋଜିତ କରିବାକୁ ପରାମର୍ଶ ଦିଆଯାଇଥିଲା। ସଂକ୍ରମଣ ସ୍ଥିତିକୁ ଦେଖି ଲୋକଙ୍କୁ ଫୋନ୍ ମାଧ୍ୟମରେ ପରାମର୍ଶ ଦେବା ପାଇଁ ଗତ ମାର୍ଚ୍ଚ ୨୫ରେ ଏହି କଲ୍ ସେଣ୍ଟର ସ୍ଥାପନ କରାଯାଇଥିଲା। ଏପ୍ରିଲ ୧୮ ତାରିଖ ସୁଦ୍ଧା କଲ୍ ସେଣ୍ଟରକୁ ୩୭୯୨ଟି କଲ୍ ଆସିଥିବାବେଳେ ସେଥିରୁ ୮୮୬ଟି କଲ୍ ରିସିଭ୍ ହୋଇପାରିଛି। ଭୁବନେଶ୍ୱର ସ୍ମାର୍ଟ ସିଟି ଲିମିଟେଡ (ବିଏସ୍‌ସିଏଲ୍) ର ଜେନେରାଲ ମ୍ୟାନେଜର (ସୋସିଆଲ) ଦୀପ୍ତିରାଣୀ ସାହୁ, ଜେନେରାଲ ମ୍ୟାନେଜର (ଆଡ୍‌ମିନିଷ୍ଟ୍ରେଶନ) କମଲଜିତ୍ ଦାସ ଓ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।




ଜାତୀୟ ରାଜପଥର ବିଭିନ୍ନ ସ୍ଥାନରେ ଓଭର ବ୍ରିଜ୍ ଓ ଅନ୍ୟ ନିର୍ମାଣ କାର୍ଯ୍ୟ ଚାଲୁଥିବାରୁ ସୋମବାର ବରମୁଣ୍ଡା ନିକଟରେ ଟ୍ରାଫିକ୍ ଜାମ।

## ମୁଖ୍ୟମନ୍ତ୍ରୀଙ୍କ ପଦକ୍ଷେପ ସ୍ୱାଗତଯୋଗ୍ୟ

ଭୁବନେଶ୍ୱର,୧୯।୪(ବ୍ୟୁରୋ)

କରୋନାର ଭୟାବହତାକୁ ଦୃଷ୍ଟିରେ ରଖି ପିପିଲି ଉପନିର୍ବାଚନରେ ବିଜେଡି କୌଣସି ନିର୍ବାଚନ ସଭା କିମ୍ବା ରାଲି ନ କରିବାକୁ ଦଳର ସଭାପତି ନବୀନ ପଟ୍ଟନାୟକ ନିଷ୍ପତ୍ତି ନେଇଛନ୍ତି। ଏହାକୁ ସଚେତନ ନାଗରିକ ଫୋରମ୍ ଓଡ଼ିଶା ପକ୍ଷରୁ ସ୍ୱାଗତ କରାଯାଇଛି। ଜନସାଧାରଣଙ୍କ ମୂଲ୍ୟବାନ ଜୀବନ ରକ୍ଷା ଦିଗରେ ଏହା ଏକ ବଳିଷ୍ଠ ପଦକ୍ଷେପ। ମୁଖ୍ୟମନ୍ତ୍ରୀ ମାନବିକତାର ଦିଗ୍‌ଦର୍ଶକ ଭାବେ ପ୍ରମାଣିତ କରିଛନ୍ତି ବୋଲି ଫୋରମ ସଭାପତି ପ୍ରଦୋଷ ପଟ୍ଟନାୟକ, ସମ୍ପାଦକ ଦିଲୀପ ହାଲି, ଲୁଟୁ ମହାନ୍ତି, ରବୀନ୍ଦ୍ର ବିଶ୍ୱାଳ ପ୍ରମୁଖ କହିଛନ୍ତି।

## ‘ସମ୍ପର୍କ ଅଭିଯାନ’ କାର୍ଯ୍ୟକ୍ରମ ଆରମ୍ଭ




କାର୍ଯ୍ୟକ୍ରମରେ ବିଧାୟକ ଅନନ୍ତ ନାରାୟଣ ଜେନା ଓ ଅନ୍ୟମାନେ।

ଭୁବନେଶ୍ୱର,୧୯।୪(ବ୍ୟୁରୋ)

କରୋନାର ଦ୍ୱିତୀୟ ଲହରକୁ ପ୍ରତିହତ କରିବା ପାଇଁ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ପୁଣିଥରେ କୋଭିଡ ସଚେତକଙ୍କୁ ସକ୍ରିୟ କରାଯାଇଛି। ଏନେଇ ସମ୍ପର୍କ ଅଭିଯାନ ସଚେତନତା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ସୋମବାର ବିଏମ୍‌ସି ଦକ୍ଷିଣ ପୂର୍ବ ମଣ୍ଡଳ ଅନ୍ତର୍ଗତ ୱାର୍ଡ ନଂ ୨୮ ଓ ୨୯ ନିମନ୍ତେ ସଚେତନତା କାର୍ଯ୍ୟକ୍ରମ ହୋଇଯାଇଛି। ଏଥିରେ ବିଧାୟକ ଅନନ୍ତ ନାରାୟଣ ଜେନା ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। କରୋନା ଯୋଦ୍ଧା ଭାବେ ଆଗକୁ ଆସି ରାଜଧାନୀବାସୀଙ୍କୁ ଏ ମହାମାରୀ ନିମନ୍ତେ ସଚେତନ କରାଇବାକୁ ଆହ୍ୱାନ ଦେଇଥିଲେ। କୋଭିଡ ନିୟମ ପାଳନ କଲେ ନିଶ୍ଚିତ ଭାବେ ଆମେ ଏଯୁଦ୍ଧରେ ବିଜୟୀ ହେବା ବୋଲି ସେ କହିଥିଲେ। ବିଏମ୍‌ସିର ଅତିରିକ୍ତ କମିଶନର ଲକ୍ଷ୍ମୀକାନ୍ତ ସେଠୀ ଯୋଗଦେଇ ଗତ ବର୍ଷ କରିଥିବା ସମାଜସେବା ପାଇଁ ସମସ୍ତ ସଚେତକଙ୍କୁ ଧନ୍ୟବାଦ ଦେଇଥିଲେ। ୱାର୍ଡ ନଂ ୨୯ର ପୂର୍ବତନ କର୍ପୋରେଟର ଶେଖ ନିଜାମୁଦ୍ଦିନଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯକ୍ରମରେ ସେହି ୱାର୍ଡର ପୂର୍ବତନ କର୍ପୋରେଟର ପୁଷ୍ପାଞ୍ଜଳି ଦାସ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମକୁ ବିଏମ୍‌ସି ଦକ୍ଷିଣ ପୂର୍ବ ଜୋନ୍ ଡେପୁଟି କମିଶନର ଅଂଶୁମାନ ରଥ ପରିଚାଳନା କରିଥିଲେ।

## ବାଲକାଟୀରେ ଖୋଲାଯିବ କୋଭିଡ୍ ହସ୍ପିଟାଲ

ବାଲକାଟୀ,୧୯।୪(ଡି.ଏନ୍.ଏ.)

କରୋନାର ଦ୍ୱିତୀୟ ଲହରର ଭୟାବହତା ଓ ଆକ୍ରାନ୍ତଙ୍କ ସଂଖ୍ୟା ଦିନକୁ ଦିନ ବୃଦ୍ଧିକୁ ଦୃଷ୍ଟିରେ ରଖି ରାଜଧାନୀ ଉପକଣ୍ଠ ବାଲକାଟୀ ନିକଟରେ ଥିବା ସାଇ ସବୁରୀ ହସ୍ପିଟାଲରେ ଖୋଲାଯିବ ନୀଳାଚଳ କୋଭିଡ୍ ହସ୍ପିଟାଲ କାର୍ଯ୍ୟକ୍ଷମ ହେବାକୁ ପ୍ରଶାସନ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଏ ନେଇ ରାଜ୍ୟ ସରକାରଙ୍କ ସହ ନୀଳାଚଳ କୋଭିଡ୍ ହସ୍ପିଟାଲର ଏକ ଏମ୍‌ଓୟୁ ସ୍ୱାକ୍ଷରିତ ଚୁକ୍ତି ଖୋର୍ଦ୍ଧା ଜିଲାପାଳଙ୍କ କାର୍ଯ୍ୟାଳୟରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଉକ୍ତ ହସ୍ପିଟାଲର ସିଇଓ ପ୍ରଦୀପ ରାଉତଙ୍କ ସହିତ ଏଡିଏମ୍ ଖୋର୍ଦ୍ଧା ଅନୁଜ କମାର ପଟ୍ଟନାୟକ, ବାଲକାଟୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମୁଖ୍ୟ ଚିକିତ୍ସାଧିକାରୀ ଡା.ତନ୍ମୟ ତ୍ରିପାଠୀ, ବାଲିଅନ୍ତା ତହସିଲଦାର ସରୋଜ କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

## ପଛୁଆ ବର୍ଗ ବୀମା କର୍ମଚାରୀ କଲ୍ୟାଣ ସଂଘ ଉଦ୍‌ଘାଟିତ

ଭୁବନେଶ୍ୱର, ୧୯।୪ (ବ୍ୟୁରୋ)

ପଛୁଆ ବର୍ଗ ବୀମା କର୍ମଚାରୀ କଲ୍ୟାଣ ସଂଘର ଓଡିଶା ରାଜ୍ୟ ଶାଖା ଗଠିତ ହୋଇଛି। ରବିବାର ଭୁବନେଶ୍ୱର ପ୍ରେସ୍ କ୍ଲବ ପ୍ରେକ୍ଷାଳୟରେ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ଏମ୍‌ପି ସୁବାସ ସିଂ ଏହାକୁ ଉଦ୍‌ଘାଟନ କରି କର୍ମଜୀବୀଙ୍କ ଉନ୍ନତି ଓ ସୁରକ୍ଷା ପାଇଁ ସଂଗଠିତ ଭାବରେ ଉଦ୍ୟମ ଜାରି ରଖିବାକୁ ଏମ୍‌ପି ସିଂ ଆହ୍ୱାନ ଦେଇଥିଲେ। ମୁଖ୍ୟ ଅତିଥି ଭାବେ ପୂର୍ବତନ ପୋଲିସ ଡିଜି ସଂଜୀବ ମାରିକ ଓ ବିଶ୍ୱବ୍ୟାଙ୍କର ଅର୍ଥନୈତିକ ପରାମର୍ଶଦାତା ପ୍ରଫେସର ଡ. କୁମରବର ଦାସ ମୁଖ୍ୟବକ୍ତା ଭାବେ ଯୋଗଦେଇ ପଛୁଆ ବର୍ଗ କର୍ମଚାରୀ ଓ ଅଧିକାରୀଙ୍କ ଦ୍ରୁତ ସାଂଗଠନିକ ଶକ୍ତି ସାମାଜିକ ପରିବର୍ତ୍ତନର ପଥ ସୁଗମ କରିବ ବୋଲି କହିଥିଲେ। ସଂଘର ରାଷ୍ଟ୍ରୀୟ ସଭାପତି ବେଦପାଲ ନାଗର ସଭାପତିତ୍ୱ କହିଥିଲେ। ଏହି ଅବସରରେ ଓଡିଶା ଶାଖାର ନୂତନ କର୍ମକର୍ତ୍ତା ଚୟନ ହୋଇଥିଲା। ସଭାପତି ଭାବେ ସୌମ୍ୟରଞ୍ଜନ ବାରିକ ଓ କୋଷାଧ୍ୟକ୍ଷ ଭାବେ ଗୋଲେଖ ପ୍ରସାଦ ଦାସଙ୍କୁ ଚୟନ କରାଯାଇଥିବାବେଳେ ରାଜ୍ୟ ସଂଗଠନର ପୃଷ୍ଠପୋଷକ ଭାବେ ସାଂସଦ ସୁବାସ ସିଂ ଓ ପୂର୍ବତନ ପୋଲିସ ଡିଜି ସଞ୍ଜୀବ ମାରିକ ମୁଖ୍ୟ ଉପଦେଷ୍ଟା ଭାବେ ଅବସ୍ଥାପିତ ହୋଇଛନ୍ତି।

## ୧୪ବର୍ଷରୁ ବଳାତ୍କାର, ଏବେ ୩ କନ୍ୟା ସନ୍ତାନର ମା’

**ସମ୍ପର୍କୀୟ ମାମୁଙ୍କ ନାଁରେ ଅଭିଯୋଗ ଆଣିଲେ ପୀଡ଼ିତା**

ଭୁବନେଶ୍ୱର, ୧୯।୪(ବ୍ୟୁରୋ)

ବୟସ ଯେତେବେଳେ ୧୪ ହୋଇଥିଲା ସେବେଠାରୁ ବଳାତ୍କାରର ଶିକାର ହୋଇ ଆସୁଛନ୍ତି ଜଣେ ଯୁବତୀ। ୧୫ବର୍ଷ ଧରି ସମ୍ପର୍କୀୟ ମାମୁଙ୍କ ବଳତ୍କାର ଯୋଗୁ ଏବେ ସେ ୩ କନ୍ୟା ସନ୍ତାନର ମା’। ଏହା କୌଣସି ଆଦିବାସୀ ଇଲାକାର ଘଟଣା ନୁହେଁ, ରାଜଧାନୀ ଉପକଣ୍ଠ ବାଲିପାଟଣା ଅଞ୍ଚଳରେ ଦେଖିବାକୁ ମିଳିଛି ଏଭଳି ସ୍ୱର୍ଣକାତର ଚିତ୍ର। ସୋମବାର ଏକ ହୋଟେଲରେ ଆୟୋଜିତ ଖବରଦାତା ସମ୍ମିଳନୀରେ ପୀଡ଼ିତା ଜଣକ ତାଙ୍କ ପ୍ରତି ହୋଇଥିବା ଅତ୍ୟାଚାରର ପୂରା କାହାଣୀ ବଖାଣିବା ପରେ ଘଟଣା ପଦାକୁ ଆସିଛି। ପୀଡିତାଙ୍କ ଅଭିଯୋଗ ଅନୁସାରେ, ସମ୍ପର୍କୀୟ ମାମୁ ବଳାତ୍କାର କରିବାରୁ ସେ ୧୪ବର୍ଷ ବୟସରେ ଗର୍ଭବତୀ ହୋଇଥିଲେ। ଘର ଲୋକେ ସାଥ୍ ଦେବା ବଦଳରେ ଲୋକନିନ୍ଦା ଭୟରେ ମାମୁଙ୍କ ସହ ବିନା ବିବାହରେ ସ୍ତ୍ରୀ ଭାବେ ରହିବାକୁ ଛାଡିଦେଇଥିଲେ। ହେଲେ ସମ୍ପର୍କୀୟ ମାମୁ ସ୍ତ୍ରୀ ଭାବେ ରଖିବା ବଦଳରେ ବାରମ୍ବାର ବଳାତ୍କାର ଓ ନିର୍ଯାତନା ଦେଉଥିଲେ। ଏବେ ୩୦ବର୍ଷ ବୟସ ହୋଇଥିବାବେଳେ ୩ ସନ୍ତାନର ମା’ ହୋଇଛନ୍ତି। ଶାରୀରିକ ଓ ମାନସିକ ଉତ୍ପୀଡନ ଅସହ୍ୟ ହେବାରୁ ଶେଷରେ ପୀଡିତା ଜଣକ ଗତ ନଭେମ୍ବର ୧ରେ ମାନବାଧିକାର କର୍ମୀ ଡ. ଇପ୍‌ସିତା ଦାଶ ଓ ଶ୍ୱାତିସ୍ମିତା ମହାପାତ୍ରଙ୍କୁ ଏ ସମ୍ପର୍କରେ ଜଣାଇଥିଲେ। ପରେ ମହିଳା ଥାନା ସହଯୋଗରେ ତାଙ୍କୁ ସ୍ୱଧାର ଗୃହକୁ ପଠାଯାଇଥିଲା। ସେପଟେ ଅଭିଯୁକ୍ତ ମାମୁ ପୀଡିତାଙ୍କୁ ସାମାଜିକ ଗଣମାଧ୍ୟମରେ ଅଶ୍ଳୀଳ ପୋଷ୍ଟକରି ବଦନାମ କରିବାକୁ ଚେଷ୍ଟା କରିଥିଲେ। ସେହିପରି ମହିଳା କମିଶନ କାର୍ଯ୍ୟାଳୟରେ ତାଙ୍କୁ ଉଠାଇନେବାକୁ ଉଦ୍ୟମ କରିବା ସହ ମାନବାଧିକାର କର୍ମୀ ଦେବାଶିଷ ମିଶ୍ରଙ୍କୁ ଆକ୍ରମଣ କରିଥିବା ପୀଡିତାଜଣକ ଗଣମାଧ୍ୟମକୁ କହିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ବିଶ୍ୱ ମାନବାଧିକାର ସୁରକ୍ଷା ସଙ୍ଗଠନର ଡ. ଅଭିନ୍ନ ହୋତା, ଡ. ଇପ୍‌ସିତା ଲବନ୍ତିକା, ଡ. ଲୋକନାଥ ନାୟକ, ପି. ତାରିଣୀ ପାତ୍ର , ଲିନୁ ମିଶ୍ର, ସଞ୍ଜୀବ ମିଶ୍ର, ସମୀର ତ୍ରିପାଠୀ, ଶିବ ମହାନ୍ତି, ରଶ୍ମିରଞ୍ଜନ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ୨୦ ଏପ୍ରିଲ, ୨୦୨୧



## କାର ଧକ୍କାରେ ସ୍କୁଟିଚାଳକ ମୃତ

ଖୁଣ୍ଟୁଣୀ,(ଡି.ଏନ.ଏ.): ଗୁରୁଡ଼ିଝାଟିଆ ଥାନା ଅଧୀନ କପୁରସିଂ କ୍ଲବ ସମ୍ମୁଖରେ ସୋମବାର ଅପରାହ୍ନରେ ଏକ କାର ସମ୍ମୁଖରୁ ସ୍କୁଟିକୁ ଧକ୍କା ଦେଇଛି। ଏଥିରେ ସ୍କୁଟିଚାଳକଙ୍କ ମୃତ୍ୟୁ ଘଟିଥିବାବେଳେ ପଛରେ ବସିଥିବା ଯୁବକ ଗୁରୁତର ହୋଇଛନ୍ତି। ମୃତକ ହେଲେ ସ୍ଥାନୀୟ ଓରନ୍ଦା ଗ୍ରାମର ଲଳିତ ମହାରଣା ଓ ଗୁରୁତର ହେଲେ ପକୁ ଦେହୁରୀ। ମିଳିଥିବା ସୂଚନା ଅନୁଯାୟୀ, ସ୍କୁଟି (ନଂ. ଓଡି୦୫ଏପି- ୫୫୨୧)ଟି ଖୁଣ୍ଟୁଣୀ ପଟୁ ଆସୁଥିବାବେଳେ ବିପରୀତ ଦିଗରୁ ଯାଉଥିବା କାର (ନଂ.ଓଡି୦୨ବିସି-୦୯୯୩) ଧକ୍କା ଦେଇଥିଲା। ଫଳରେ ସ୍କୁଟିରେ ବସିଥିବା ଲଳିତ ଓ ପକୁ ରାସ୍ତାରେ ଛିଟିକି ପଡିଥିଲେ। ଚିକିତ୍ସାଲାଗି ସେମାନଙ୍କୁ କଟକ ବଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଲଳିତଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଅନ୍ୟପକ୍ଷରେ ଦୁର୍ଘଟଣା ପରେ କାରଚାଳକ ଖୁଣ୍ଟୁଣୀ ଥାନାରେ ଆତ୍ମସମର୍ପଣ କରିଥିବା ଜଣାପଡିଛି।

### ସଂକ୍ଷେପରେ

## ବର୍ଷାଙ୍କୁ ମାମଲାର କପି ପ୍ରଦାନ କର: କୋର୍ଟ

### ବର୍ଷା-ଅନୁଭବଙ୍କ ଛାଡ଼ପତ୍ର ମାମଲା

କଟକ ଅଫିସ, ୧୯।୪: ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଏମ୍ପି ତଥା ଅଭିନେତା ଅନୁଭବ ମହାନ୍ତି ଓ ତାଙ୍କ ସ୍ତ୍ରୀ ବର୍ଷାଙ୍କ ଛାଡ଼ପତ୍ର ମାମଲା କଟକ ଫ୍ୟାମିଲି କୋର୍ଟକୁ ସ୍ଥାନାନ୍ତର ହୋଇଛି। ଫଳରେ ଉଭୟ ଓକିଲଙ୍କ ଜରିଆରେ ସୋମବାର କୋର୍ଟରେ ହାଜର ହୋଇଥିଲେ। ତେବେ ଏହି ମାମଲାର କପି ଅନୁଭବଙ୍କ ଓକିଲ ବର୍ଷାଙ୍କୁ ଦେଇ ନ ଥିବା ଅଦାଲତଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ପରେ ଅଦାଲତ ଉକ୍ତ କପି ବର୍ଷାଙ୍କୁ ଦେବାଲାଗି ଅନୁଭବଙ୍କ ଓକିଲଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଉଲ୍ଲେଖଯୋଗ୍ୟ, ଅନୁଭବ ଦିଲ୍ଲୀ ପଟିଆଲା କୋର୍ଟରେ ବର୍ଷାଙ୍କଠାରୁ ଛାଡ଼ପତ୍ର ପାଇଁ ଆବେଦନ କରିଥିଲେ। ଅନୁଭବଙ୍କ ଏହି ଛାଡ଼ପତ୍ର ମାମଲାକୁ ଚ୍ୟାଲେଞ୍ଜ କରି ବର୍ଷା ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ବର୍ଷା ଆବେଦନପତ୍ରରେ ଦର୍ଶାଇଥିଲେ, ସେ ଏଠାରେ ଏକା ରହୁଛନ୍ତି। ତାଙ୍କର ବାପା କିମ୍ବା ଭାଇ ନାହାନ୍ତି। ତାଙ୍କର ସମସ୍ତ ବିବାହିତା ଭଉଣୀ ସଂସାରରେ ବ୍ୟସ୍ତ। ମାଆ ରୋଗାକ୍ରାନ୍ତ। ଏପରି ସ୍ଥଳେ ଦିଲ୍ଲୀ ଯାଇ ମାମଲା ଲଢ଼ିବା ବର୍ଷାଙ୍କ ପକ୍ଷେ ସମ୍ଭବ ନୁହେଁ। ଏଣୁ ଅନୁଭବଙ୍କ ପକ୍ଷରୁ ଦାଏର କରାଯାଇଥିବା ମାମଲା କଟକ ଫ୍ୟାମିଲି କୋର୍ଟକୁ ସ୍ଥାନାନ୍ତର କରିବା ପାଇଁ ବର୍ଷା ସୁପ୍ରିମ୍‌କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ସୁପ୍ରିମକୋର୍ଟରେ ଶୁଣାଣିବେଳେ ଅନୁଭବ ତାଙ୍କ ଓକିଲଙ୍କ ଜରିଆରେ ହାଜର ହୋଇଥିଲେ। ସୁପ୍ରିମକୋର୍ଟ ଉଭୟ ପକ୍ଷର ଯୁକ୍ତି ଶୁଣିବା ପରେ ମାମଲାକୁ କଟକ ଫ୍ୟାମିଲି କୋର୍ଟକୁ ସ୍ଥାନାନ୍ତର ପାଇଁ ନିର୍ଦ୍ଦେଶ ଦେଇଥିଲେ। ମେ ୧୭ରେ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଦିନ ଧାର୍ଯ୍ୟ ହୋଇଛି।

## ଅବକାରୀ ଚଢ଼ାଉ, ୭୮ ଲିଟର ଦେଶୀମଦ ଜବତ: ୪ ଗିରଫ

ବାଙ୍କୀ,୧୯।୪(ସ୍ୱ.ପ୍ର.): ବାଙ୍କୀ ଅବକାରୀ ବିଭାଗର ସହକାରୀ ଅଧିକାରୀ ଟେଲେସ୍ଫର ଲାକ୍ରାଙ୍କ ତତ୍ତ୍ୱାବଧାନରେ ୨ ଦିନ ହେବ ବାଙ୍କୀର ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଉଛି। ରବିବାର ସନ୍ଧ୍ୟାରେ ଅଂଶୁପା ହ୍ରଦ ନିକଟ ଖଣ୍ଡତା ସେତୁ ନିକଟରେ ଚଢ଼ାଉ କରାଯାଇ ଆଠଗଡ଼ର ଅଶୋକ ପ୍ରଧାନ(୩୯)ଙ୍କ ସ୍କୁଟିରୁ ୩୦ ଲିଟର ଚୋରା ଦେଶୀ ମଦ ଜବତ କରାଯାଇଛି। ପରେ ଜାତମୁଣ୍ଡିଆ ଛକ ନିକଟରୁ ଆଠଗଡ଼ ପୁରୁଣା ଆଙ୍କୁଲା ଗ୍ରାମର ଗନ୍ଧର୍ବ ବେଉରା (୪୩)ଙ୍କଠାରୁ ୧୦ ଲିଟର ଚୋରା ଦେଶୀମଦ ଜବତ କରାଯାଇଛି। ସୋମବାର ଡମପଡ଼ା ଛକରେ ଚଢ଼ାଉ କରାଯାଇ ଆଠଗଡ କନ୍ଦରପୁର ଗ୍ରାମର ଶ୍ରୀଧର ନାୟକ (୪୦)ଙ୍କ ବାଇକରୁ ୩୦ ଲିଟର ଚୋରା ଦେଶୀମଦ ଜବତ କରାଯାଇଛି। ସେହିପରି କୁସୁନ୍ଦା ହଳଦୀ ପଦାର ଅଭିମନ୍ୟୁ ଭୋଇ(୬୦)ଙ୍କଠାରୁ ୮ ଲିଟର ଦେଶୀ ମଦ ଜବତ କରାଯାଇଛି। ସମସ୍ତ ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି। ଏନେଇ ଯଥାକ୍ରମେ ମାମଲା (ନଂ.୨,୩,୪,୫ /୨୧-୨୨) ରୁଜୁ ହୋଇଛି। ଚଢ଼ାଉରେ ବିଭାଗ ପକ୍ଷରୁ ଦୀପକ କୁମାର ସାମଲ, ସଞ୍ଜୟ କୁମାର ରାଉତ, ସନ୍ତୋଷ କୁମାର ମହାରଣା ଓ ବିଶ୍ୱନାଥ ସୁରେନ୍ ପ୍ରମୁଖ ସାମିଲ ହୋଇଥିଲେ।

## ଅସହାୟ ଅବସ୍ଥାରେ ୮ବର୍ଷର ବାଳକ ଉଦ୍ଧାର



କଣାସ,୧୯।୪ (ସ୍ୱ.ପ୍ର.): କଣାସ ବ୍ଲକ ଅନ୍ତର୍ଗତ ନୂଆଜଗନ୍ନାଥ ସଡ଼କର ଜଙ୍କିଆ ବଜାରଠାରେ ଗତ ୧୫ତାରିଖ ଦିନ ଅସହାୟ ଅବସ୍ଥାରେ ବୁଲୁଥିବା ୮ବର୍ଷର ବାଳକକୁ ଏକ ଅଟୋ ଚାଳକ ରାମଚନ୍ଦ୍ର ପାଇକରାୟ ଉଦ୍ଧାର କରିଛନ୍ତି। ନାବାଳକ ଜଣକ ନିଜକୁ ଶୁସଙ୍କେତ ସାହୁ(ରାଜା) ଓ ମାଆଙ୍କ ନାମ କବିତା ସାହୁ କହୁଥିବାବେଳେ ଅନ୍ୟ କିଛି ନ କହିପାରିବାରୁ ରାମଚନ୍ଦ୍ର ତାକୁ ଦୟାବିହାରଠାରେ ଥିବା ସ୍ୱେଚ୍ଛାସେବୀ ଅନୁଷ୍ଠାନ ନୀଳାଚଳ ସେବା ପ୍ରତିଷ୍ଠାନକୁ ହସ୍ତାନ୍ତର କରିଥିଲେ। ଶିଶୁଟିକୁ ଶିଶୁ ଯତ୍ନ ଅନୁଷ୍ଠାନର ଅଧ୍ୟକ୍ଷ ଅଭିମନ୍ୟୁ ସୁନ୍ଦରାୟ ପାଇବା ପରେ କଣାସ ଥାନା ସମେତ ପୁରୀ ଜିଲା ଶିଶୁ ମଙ୍ଗଳ କମିଟିକୁ ଜଣାଇଥିଲେ। ଜିଲା ଶିଶୁ ମଙ୍ଗଳ କମିଟି ଅନୁମୋଦନ କ୍ରମେ ୧୫ତାରିଖ ଠାରୁ ଶିଶୁଟି ନୀଳାଚଳ ସେବା ପ୍ରତିଷ୍ଠାନର ଶିଶୁ ଯତ୍ନ ଅନୁଷ୍ଠାନରେ ରହିଛି। ଯଦି କୌଣସି ବ୍ୟକ୍ତି ଶିଶୁଟି ସମ୍ପର୍କରେ ସମ୍ପୂର୍ଣ୍ଣ ଠିକ୍ ତଥ୍ୟ ପ୍ରଦାନ କରିପାରିବେ, ତେବେ ଶିଶୁଟିକୁ ନେଇପାରିବେ ବୋଲି ଜିଲା ଶିଶୁ ସୁରକ୍ଷା ଅଧିକାରୀ, ପୁରୀ ଓ ଜିଲା ଶିଶୁ ମଙ୍ଗଳ ସମିତିର ଅଧିକାରୀମାନେ ଜଣାଇଛନ୍ତି।

# ଅପରାହ୍ନ ସାଢ଼େ ୩ରେ ରଥଟଣା

ଭୁବନେଶ୍ୱର, (ବ୍ୟୁରୋ)/ପୁରୁଣା ଭୁବନେଶ୍ୱର,୧୯।୪(ଡ.ଏନ୍.ଏ.)

### ମଧ୍ୟାହ୍ନରୁ ସନ୍ଧ୍ୟା ପର୍ଯ୍ୟନ୍ତ ୧୪୪ ଧାରା



ରଥଖଳାରେ ପ୍ରସ୍ତୁତ ରୁକୁଣା ରଥ।

ପବିତ୍ର ଅଶୋକାଷ୍ଟମୀରେ ମଙ୍ଗଳବାର ରୁକୁଣା ରଥଯାତ୍ରା ଅନୁଷ୍ଠିତ ହେବ। ଅପରାହ୍ନ ସାଢ଼େ ୩ଟାରେ ରଥଟଣା ଆରମ୍ଭ ହେବ। କରୋନା ସ୍ଥିତିକୁ ଦୃଷ୍ଟିରେ ରଖି ଏଥର ବିନା ଭକ୍ତରେ ରଥ ଚଢ଼ି ମାଉସୀ ମା' ଘରକୁ ଯିବେ ପ୍ରଭୁ ଶ୍ରୀ ଲିଙ୍ଗରାଜ। ଏଥିପାଇଁ ବିଏମ୍‌ସି ପକ୍ଷରୁ ସ୍ୱତନ୍ତ୍ର ଗାଇଡ୍‌ଲାଇନ୍ ଜାରି ହୋଇଥିବାବେଳେ କମିଶନରେଟ ପୋଲିସ କଡ଼ା କଟକଣା ଲଗାଇଛି। ମଧ୍ୟାହ୍ନ ୧୨ଟାରୁ ସନ୍ଧ୍ୟା ପର୍ଯ୍ୟନ୍ତ ୧୪୪ ଧାରା ଲାଗୁ କରାଯିବ ବୋଲି ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ ସୂଚନା ଦେଇଛନ୍ତି। ସେ କହିଛନ୍ତି, ରଥଦାଣ୍ଡକୁ ଭକ୍ତଶୂନ୍ୟ କରିବା ପାଇଁ ୧୪୪ ଧାରା ଲାଗିବ। ରଥଯାତ୍ରା ପାଇଁ ୧୫ ପ୍ଲାଟୁନ୍ ଫୋର୍ସ ଓ ୫୦ ଅଫିସର ମୁତୟନ ହେବେ। କେବଳ କୋଭିଡ୍ ନେଗେଟିଭ ଥିବା ସେବାୟତଙ୍କୁ ଅନୁମତି ମିଳିବ। ରଥଦାଣ୍ଡର ଦୁଇ ପାର୍ଶ୍ୱରେ ଥିବା କୋଠାରେ ବି ଲୋକ ଠିଆ ହୋଇ ରଥଯାତ୍ରା ଦେଖିବାକୁ ମନା କରାଯାଇଛି। ଅନ୍ୟପଟେ କମିଶନରେଟ ପୋଲିସ ତରଫରୁ ଯାନବାହନ ଚଳାଚଳ ନେଇ ଟ୍ରାଫିକ କଟକଣା ଜାରି କରାଯାଇଛି। ୨୦ ତାରିଖ ରଥଯାତ୍ରା ଓ ୨୪ ବାହୁଡା ଯାତ୍ରାରେ ଯାନବାହନର ସୁନିୟନ୍ତ୍ରଣ ଚଳାଚଳ ତଥା ଜନସାଧାରଣଙ୍କ ସୁବିଧା ଉଦ୍ଦେଶ୍ୟରେ କମିଶନରେଟ ପୋଲିସ ତରଫରୁ ସ୍ୱତନ୍ତ୍ର ଟ୍ରାଫିକ ବ୍ୟବସ୍ଥା କରାଯାଇଛି। କୌଣସି ଯାନବାହନ ମାଉସୀ ମା' ଛକଠାରୁ ରଥ ରୋଡ୍‌ରେ ଯିବାକୁ ଅନୁମତି ଦିଆଯିବ ନାହିଁ। ଗାଡ଼ିଗୁଡିକ ମାଉସୀ ମା' ଛକଠାରୁ ମ୍ୟୁଜିୟମ ଛକ ଆଡକୁ କିମ୍ବା ବିବେକାନନ୍ଦ ମାର୍ଗଦେଇ ଯିବା ଆସିବା କରିପାରିବେ। ରଥ ରୋଡ୍‌ରେ ବାରିକ ସାହି, ମହାରଣା ସାହି ଗଳି, ଗୋସାଗରେଶ୍ୱର ଛକ ଗଳି, ଶୀତଳଷଷ୍ଠୀ ଛକ ଗଳି, ତିନିମୁଣ୍ଡିଆ ଛକ, ହରଚଣ୍ଡୀ ଛକ, ମୁନା ମେଡିକାଲ ଗଳି, ପୁନାମା ଗେଟ୍ ଗଳି ପଟୁ ଓ ଅନ୍ୟ ସାହି ରାସ୍ତା ଅଥବା ଗଳି ଯାହାକି ରଥରୋଡ୍ ସହିତ ସଂଯୋଗୀକରଣ କରାଯାଇଛି, ସେହି ରାସ୍ତା ବା ଗଳିରୁ କୌଣସି ଯାନବାହନ ରଥ ରୋଡ୍‌ରେ ଯିବାଆସିବା କରିପାରିବେ ନାହିଁ। ରଥଖଳାଠାରୁ ରଥରୋଡ୍‌ରେ କୌଣସି ଯାନବାହନ ଯିବାକୁ ଅନୁମତି ଦିଆଯିବ ନାହିଁ। ସେଗୁଡିକ ବାଟ ମହାଦେବ ମନ୍ଦିର ପଟୁ ବିଏମ୍‌ସି ମାର୍କେଟ କମ୍ପ୍ଲେକ୍ସ କିମ୍ବା ବିନ୍ଦୁସାଗର ରାସ୍ତାଦେଇ ଯାଇପାରିବେ। ନିୟମ ଉଲ୍ଲଂଘନ କଲେ ଓଡିଶା ଅର୍ବାନ ପୋଲିସ ଆକ୍ଟ ୨୦୦୩ର ଧାରା ୯୬ ଅନୁସାରେ ୫୦୦ଟଙ୍କା ବା ସର୍ବାଧିକ ୧୦୦୦ ଟଙ୍କା ପର୍ଯ୍ୟନ୍ତ ଜରିମାନା ଦେବାକୁ ପଡିବ ବୋଲି ଜାରି ଗାଇଡ୍‌ଲାଇନ୍‌ରେ ଉଲ୍ଲେଖ ରହିଛି। ସୂଚନାଯୋଗ୍ୟ, କେତେଜଣ ସେବାୟତ ସଂକ୍ରମିତ ହେବା ପରେ ଶ୍ରଦ୍ଧାଳୁଙ୍କ ପାଇଁ ଅନିର୍ଦ୍ଦିଷ୍ଟ କାଳ ଲାଗି ଶ୍ରୀଲିଙ୍ଗରାଜ ମନ୍ଦିର ବନ୍ଦ କରାଯାଇଛି। ଏହି ସମୟରେ ସେବାୟତଙ୍କ ଦ୍ୱାରା ମନ୍ଦିରରେ ଠାକୁରଙ୍କ ଦୈନନ୍ଦିନ ନୀତିକାନ୍ତି ବିଧି ଅନୁସାରେ କରାଯିବ ଓ ରୁକୁଣା ରଥଯାତ୍ରା କୋଭିଡ୍ ଗାଇଡ୍‌ଲାଇନ ଭିତରେ ଅନୁଷ୍ଠିତ ହେବ ବୋଲି ପୂର୍ବରୁ ବିଏମ୍‌ସି ପକ୍ଷରୁ ନିର୍ଦ୍ଦେଶନାମା ପ୍ରକାଶ ପାଇଥିଲା।

### ସମ୍ପନ୍ନ ହେଲା ରଥ ପ୍ରତିଷ୍ଠା

ମଙ୍ଗଳବାର ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ରୁକୁଣା ରଥ ଯାତ୍ରା। ଏନେଇ ସୋମବାର ନେତ୍ରୋତ୍ସବ ଅବସରରେ ରଥ ପ୍ରତିଷ୍ଠା ସମ୍ପନ୍ନ ହୋଇଛି। ଶ୍ରୀଜୀଉଙ୍କ ଦୈନନ୍ଦିନ ନୀତି ଯଥା ସନ୍ଧ୍ୟାଧୂପ, ଠାକୁରାଣୀ ମାର୍ଜନା, ଭୁବନେଶ୍ୱରୀ ଠାକୁରାଣୀଙ୍କ ନବ ପତ୍ରିକା ପୂଜା ପରେ ମନ୍ଦିରରୁ ପତ୍ରୀ ସେବକ, ସୁପରଭାଇଜର, ଚର୍ଚ୍ଛେଇତ, କଳା ଛତା, ଘଣ୍ଟ, କାହାଳି, ମଶାଲ ସହିତ ମରୀଚି କୁଣ୍ଡରୁ ପାଣି ରଥ ପ୍ରତିଷ୍ଠା ମଣ୍ଡପକୁ ଅଣାଯାଇଥିଲା। ସେଠାରେ ଶ୍ରୀଜୀଉଙ୍କ କୂଳ ପୁରୋହିତ ମୁରୁଜରେ ମଣ୍ଡଳ କାଟିଥିଲେ। ପରେ କଳସ ସ୍ଥାପନ କରି ପୁରୀ ରାଜଗୁରୁ କର୍ତ୍ତା ହୋଇ ରଥ ପ୍ରତିଷ୍ଠା କାର୍ଯ୍ୟ ସମାପନ କରିଥିଲେ। ଏହା ପରେ ପାଳିଆ ପୂଜାପଣ୍ଡା ସେବକ ଦକ୍ଷିଣ ଘରୁ ପଞ୍ଚ ବକ୍ରଙ୍କୁ ରଥ ଉପରକୁ ଆଣିଥିଲେ। ସିଂହାସନ ପାଖରେ ବସାଇ ଷୋଡ଼ଷ ଉପଚାରରେ ଭୋଗ ନୈବେଦ୍ୟ ଅର୍ପଣ କରି ସାତ ଦୀପ ଆଳତି କରିଥିଲେ। ପରେ ମନ୍ଦିରରେ ଠାକୁରଙ୍କ ବଡ଼ସିଂହାର ବେଶ କରାଯାଇଥିଲା। ବିଳମ୍ବିତ ରାତିରେ ମନ୍ଦିରରେ ପଞ୍ଚ ବକ୍ର ଆଳତି ହୋଇ ମନ୍ଦିର ପହଡ଼ ପଡ଼ିଥିଲା। ପ୍ରକାଶ ଯେ, ରୁକୁଣା ରଥ ନିର୍ମାଣ କାର୍ଯ୍ୟ ଠିକ୍ ହୋଇଛି କି ନାହିଁ ତଦାରଖ କରିବାକୁ ପଞ୍ଚ ବକ୍ର ରଥକୁ ଆସିଥିବା ପୌରାଣିକ କଥାବସ୍ତୁ ରହିଛି ବୋଲି ବରିଷ୍ଠ ସେବାୟତ କାଶୀନାଥ ପୂଜାପଣ୍ଡା କହିଛନ୍ତି।




କରୋନା ସଂକ୍ରମଣକୁ ରୋକିବା ପାଇଁ ଶ୍ରୀଲିଙ୍ଗରାଜ ମନ୍ଦିରରେ ସର୍ବସାଧାରଣଙ୍କ ଦର୍ଶନକୁ ବନ୍ଦ କରାଯାଇଥିବାବେଳେ ପ୍ରବେଶ ପଥକୁ ବନ୍ଦ କରିଦିଆଯାଇଛି।

# ପୁରୀରେ ପହଞ୍ଚିଲା ତୃତୀୟ ପର୍ଯ୍ୟାୟ ରଥକାଠ




ନୟାଗଡ଼ରୁ ରଥକାଠ ନେଇ ପୁରୀ ବଡଦାଣ୍ଡରେ ପହଞ୍ଚିଥିବା ଟ୍ରକ।

ପୁରୀ ଅଫିସ, ୧୯।୪

ଚଳିତ ବର୍ଷର ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ପାଇଁ ପ୍ରସ୍ତୁତି ଜାରି ରହିଛି। ଏହି କ୍ରମରେ ସୋମବାର ନୟାଗଡ଼ ବନଖଣ୍ଡରୁ ତୃତୀୟ ପର୍ଯ୍ୟାୟରେ ଏକ ରଥକାଠ ବୋଝେଇ ଟ୍ରକ ଆସି ପୁରୀରେ ପହଞ୍ଚିଛି। ଏଥିରେ ୧୩ଟି ଫାସିକାଠ ରହିଛି। ଚଳିତବର୍ଷ ରଥଯାତ୍ରା ପାଇଁ ୮୬୫ ଖଣ୍ଡ କାଠ ଆବଶ୍ୟକ। ତେବେ ଗତବର୍ଷ ରଥଯାତ୍ରାରୁ ୬୯ ଖଣ୍ଡ କାଠ ବଳକା ରହିଛି। ତେଣୁ ଚଳିତ ବର୍ଷ ପାଇଁ ୭୯୬ ଖଣ୍ଡ କାଠ ଆବଶ୍ୟକ ପଡୁଛି। ବର୍ତ୍ତମାନ ସୁଦ୍ଧା ୭୯୬ ଖଣ୍ଡ କାଠରୁ ମୋଟ ୬୨ଖଣ୍ଡ ପୁରୀରେ ପହଞ୍ଚିଥିବାବେଳେ ବଳକା ୭୩୪ ଖଣ୍ଡ କାଠ ପର୍ଯ୍ୟାୟ କ୍ରମେ ଆସି ପହଞ୍ଚିବ। ଗତ ସରସ୍ୱତୀ ପୂଜା ଦିନ ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟ ସମ୍ମୁଖରେ ତିନୋଟି କାଠକୁ ପାରମ୍ପରିକ ବିଧିରେ ପୂଜାର୍ଚ୍ଚନା କରାଯାଇ ରଥକାଠ ଅନୁକୂଳ କରାଯାଇଥିଲା। ଶ୍ରୀମନ୍ଦିର ସ୍ୱତ୍ୱଲିପି ଅନୁଯାୟୀ, ଆସନ୍ତା ଅକ୍ଷୟ ତୃତୀୟା ଦିନ ତିନିରଥ ନିର୍ମାଣର ଶୁଭାରମ୍ଭ ହେବ। ସେହିପରି ପରମ୍ପରା ଅନୁଯାୟୀ, ଆସନ୍ତା ୨୧ ତାରିଖ ବୁଧବାର ଶ୍ରୀରାମ ନବମୀଠାରୁ କଟକସ୍ଥିତ ଖପୁରିଆ କରତକଳରେ ରଥକାଠ ଚିରଟ ପ୍ରକ୍ରିୟା ଆରମ୍ଭ ହେବ ବୋଲି ଶ୍ରୀମନ୍ଦିର କାର୍ଯ୍ୟାଳୟ ସୂତ୍ରରୁ ସୂଚନା ମିଳିଛି।

## ମାସେ ମଧ୍ୟରେ ଜମି ନ ଫେରାଇଲେ ଲୋକସେବା ଭବନ ଆଗରେ ଧାରଣା

ଭୁବନେଶ୍ୱର, ୧୯।୪(ବ୍ୟୁରୋ)



ସୁରେଶ ରାଉତରାୟ

ଦୀର୍ଘ ୯ ବର୍ଷ ଧରି ନିଜ ଭିଟାମାଟି, ଘରଡିହ ଓ ଜମିବାଡ଼ି ନିଜ ନାମକୁ ଫେରାଇ ଆଣିବା ପାଇଁ ଜଟଣୀବାସୀ ସଂଘର୍ଷ କରୁଛୁ। ୨୦୧୨ରେ ଜଣେ ସେଟଲମେଣ୍ଟ ଅଫିସର ଆମମାନଙ୍କ ପୈତୃକ ସ୍ଥିତିବାନ ଭୂସମ୍ପତିକୁ ଭୁଲ ବଶତଃ ଶ୍ରୀଜଗନ୍ନାଥଙ୍କ ନାମରେ ନାମିତ କରିଦେବା ପରେ ଆମର ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ବଡ଼ କଥା ହେଉଛି ଜଟଣୀ ଅଞ୍ଚଳରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଜନକଲ୍ୟାଣ ଯୋଜନାର ବିନିଯୋଗ ୯ ବର୍ଷ ଧରି ହୋଇପାରୁ ନାହିଁ। ରାଜ୍ୟ ସରକାରଙ୍କ ପାଖରେ ଯେତେ ଗୁହାରୀ କଲେ ବି ଏ ପର୍ଯ୍ୟନ୍ତ କୌଣସି ସୁଫଳ ମିଳିନାହିଁ ବୋଲି ବିଧାୟକ ସୁରେଶ କୁମାର ରାଉତରାୟ ଅଭିଯୋଗ କରିଛନ୍ତି। କଂଗ୍ରେସ ଭବନଠାରେ ସୋମବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସୁରେଶ କହିଛନ୍ତି ଯେ, ଏହି ପ୍ରସଙ୍ଗରେ ରାଜ୍ୟ ସରକାରଙ୍କ ଉଦାସୀନତାର ପ୍ରତିବାଦ କରି ଜଟଣୀବାସୀ ନବୀନ ନିବାସ ସମ୍ମୁଖରେ ଗଣଆତ୍ମାହୁତି ଦେବାକୁ ନିଷ୍ପତି ନେଇଥିଲେ। ମାତ୍ର ସରକାର ଏହାର ସମାଧାନ ପାଇଁ ପ୍ରତିଶ୍ରୁତି ଦେବା ପରେ 'ଜଟଣୀ ସ୍ଥିତିବାନ ଏକରାଜ ମାହାଲ ନାଗରିକ ମଞ୍ଚ' ପକ୍ଷରୁ ଏହି ନିଷ୍ପତି ପ୍ରତ୍ୟାହାର କରି ନିଆଯାଇଥିଲା। ହେଲେ ମେ ୧୯ ସୁଦ୍ଧା ସରକାର ଜଟଣୀବାସୀଙ୍କୁ ତାଙ୍କ ପୈତୃକ ଜମି ଫେରାଇ ନ ଦେଲେ ମହାତ୍ମା ଗାନ୍ଧୀଙ୍କ ନୀତିରେ ଏବଂ ଗଣତାନ୍ତ୍ରିକ ପ୍ରକ୍ରିୟାରେ ଲୋକସେବା ଭବନ ସମ୍ମୁଖରେ ଧାରଣା ଦିଆଯିବ। ଏହାର ଯାହା ପରିଣତି ହେବ ସେଥିପାଇଁ ରାଜ୍ୟ ସରକାର ଦାୟୀ ରହିବେ ବୋଲି ସୁରେଶ ଚେତାବନୀ ଦେଇଛନ୍ତି।

# ୪୪° ଛୁଇଁବ ତାତି, ୩ଦିନ ବର୍ଷା ସହ ବଜ୍ରପାତ

ଭୁବନେଶ୍ୱର, ୧୯।୪(ବ୍ୟୁରୋ)

### ସମସ୍ତ ଜିଲାପାଳଙ୍କୁ ସତର୍କ କଲେ ଏସ୍‌ଆର୍‌ସି



କରୋନା ସଙ୍କଟ ଭିତରେ ରାଜ୍ୟରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ଯୋଗୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡୁଛି। ରାଜ୍ୟରେ ପାରଦ ଉପରମୁହାଁ ରହିଥିବାବେଳେ ଆଉ ୩ଦିନ ଅସହ୍ୟ ତାତି ଅନୁଭୂତ ହେବ ଓ ତାପମାତ୍ରା ୪୪ ଡିଗ୍ରୀ ଛୁଇଁବ ବୋଲି ପୂର୍ବାନୁମାନ କରିଛି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର। ଏଥିସହ ଆସନ୍ତା ୩ଦିନ ପାଇଁ ଝଡ଼ତୋଫାନ ସହ ବଜ୍ରପାତ ହେବ। ୨୦ ତାରିଖ ଦିନ କୋରାପୁଟ, ମାଲକାନଗିରି, ରାୟଗଡ଼ା, ଗଜପତି, କନ୍ଧମାଳ, ମୟୂରଭଞ୍ଜ ଓ କେନ୍ଦୁଝର ଏବଂ ୨୧ ତାରିଖରୁ ୨୨ତାରିଖ ସକାଳ ସାଢ଼େ ୮ଟା ପର୍ଯ୍ୟନ୍ତ ମାଲକାନଗିରି, କୋରାପୁଟ, ନବରଙ୍ଗପୁର, ନୂଆପଡ଼ା, କଳାହାଣ୍ଡି, କେନ୍ଦୁଝର, ମୟୂରଭଞ୍ଜ, କନ୍ଧମାଳ ଓ ବଲାଙ୍ଗୀରରେ ଝଡ଼ବର୍ଷା ସହ ବଜ୍ରପାତ ହେବ। ସେହିପରି ୨୩ ତାରିଖରୁ ୨୪ ତାରିଖ ସକାଳ ସାଢ଼େ ୮ଟା ପର୍ଯ୍ୟନ୍ତ କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଯାଜପୁର, ଭଦ୍ରକ, କଟକ, ଢେଙ୍କାନାଳ, ଗଜପତି, ଗଞ୍ଜାମ, କନ୍ଧମାଳ ଓ ରାୟଗଡ଼ାରେ ଝଡ଼ବର୍ଷା ସହିତ ବଜ୍ରପାତ ହେବ। ତେଣୁ ଏ ସମସ୍ତ ଜିଲାକୁ ୟେଲୋ ୱାର୍ନିଂ ଜାରି କରିଛି ପାଣିପାଗ କେନ୍ଦ୍ର। ଅନ୍ୟପକ୍ଷରେ ଝଡ଼ବର୍ଷା ଓ ବଜ୍ରପାତଠାରୁ ସତର୍କ ରହିବା ପାଇଁ ସୋମବାର ସ୍ୱତନ୍ତ୍ର ରିଲିଫ୍ କମିଶନର(ଏସ୍‌ଆର୍‌ସି) ସମସ୍ତ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଅନ୍ୟପକ୍ଷରେ ସୋମବାର ୯ଟି ସହରରେ ତାପମାତ୍ରା ୪୦ ଡିଗ୍ରୀ ଉପରେ ରହିଥିଲା। ବୌଦ୍ଧ ଓ ମାଲକାନଗିରିରେ ସର୍ବାଧିକ ୪୧ଡିଗ୍ରୀ ରହିଥିବାବେଳେ ଭୁବନେଶ୍ୱର ୪୦.୬, ହୀରାକୁଦ ୪୦.୪, ସମ୍ବଲପୁର ଓ ଅନୁଗୋଳରେ ୪୦.୧, ସୁନ୍ଦରଗଡ଼, ଭବାନିପାଟଣା ଓ ଟିଟିଲାଗଡ଼ରେ ୪୦ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି।

## ଅଧ୍ୟାପକ ନିଯୁକ୍ତି ପାଇଁ ଆବେଦନ ଅବଧି ଘୁଞ୍ଚିଲା

ଭୁବନେଶ୍ୱର, ୧୯।୪(ବ୍ୟୁରୋ)

ରାଜ୍ୟର ଘରୋଇ ଅନୁଦାନପ୍ରାପ୍ତ କଲେଜରେ ଅଧ୍ୟାପକ ନିଯୁକ୍ତି ପାଇଁ ଆବେଦନ ଅବଧି ଘୁଞ୍ଚାଇ ଦିଆଯାଇଛି। ଇଚ୍ଛୁକ ପ୍ରାର୍ଥୀ ମେ' ୫ ମଧ୍ୟରାତ୍ର ସୁଦ୍ଧା ଆବେଦନପତ୍ର ଦାଖଲ କରିପାରିବେ। ଏ ନେଇ ସୋମବାର ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ସୂଚନାଯୋଗ୍ୟ, ଏହି ଆବେଦନ ତାରିଖ ଏପ୍ରିଲ ୨୧ ମଧ୍ୟରାତ୍ର ପର୍ଯ୍ୟନ୍ତ ରହିଥିଲା। କିନ୍ତୁ ବର୍ତ୍ତମାନ କରୋନା ସ୍ଥିତିକୁ ଦୃଷ୍ଟିରେ ରଖି ଉଚ୍ଚଶିକ୍ଷା ବିଭାଗ ଆବେଦନ ସମୟ ଘୁଞ୍ଚାଇଥିବା ବିଜ୍ଞପ୍ତିରେ ଉଲ୍ଲେଖ ରହିଛି।

## ବରିଷ୍ଠ ଖବରଦାତାଙ୍କ ମାତୃ ବିୟୋଗ

ଭୁବନେଶ୍ୱର, ୧୯।୪(ବ୍ୟୁରୋ)



ବରିଷ୍ଠ ଖବରଦାତା ଶୀତଳ ତରଙ୍ଗ ବେଉରିଆଙ୍କ ମାତା ପୁଷ୍ପାଞ୍ଜଳି ବେଉରିଆଙ୍କ ସୋମବାର ଗୋପବନ୍ଧୁ ଛକ ପାର୍ଶ୍ୱରେ ଥିବା ବାସଭବନରେ ପରଲୋକ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୮୦ ବର୍ଷ ବୟସ ହୋଇଥିଲା। ଦୀର୍ଘ ଦିନ ଧରି ସେ ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡ଼ିତ ଥିଲେ। ମୃତ୍ୟୁଶଯ୍ୟା ନିକଟରେ ସାନ ପୁଅ ସରସ ବେଉରିଆ, ଦୁଇ ବୋହୂ ରାଜଶ୍ରୀ ଓ ପ୍ରତିମା, ନାତି ଅଙ୍କିତ ଉପସ୍ଥିତ ଥିଲେ। ସତ୍ୟ ନଗର ଶ୍ମଶାନରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିଲା। ସ୍ୱର୍ଗତା ବେଉରିଆଙ୍କ ସ୍ୱାମୀ ନଗେନ୍ ବେଉରିଆ ଧରିତ୍ରୀ ଖବରକାଗଜର ପ୍ରଥମ ବାର୍ତ୍ତା ସମ୍ପାଦକ ଥିଲେ।

## ଚାଷୀଙ୍କୁ ଦିଆଯିବ ସମନ୍ୱିତ କୃଷି ପ୍ରଶିକ୍ଷଣ

ଭୁବନେଶ୍ୱର, ୧୯।୪(ବ୍ୟୁରୋ)

### କେତେକ ଫାର୍ମରେ ହେବ ମଡେଲ

ରାଜ୍ୟରେ ସମନ୍ୱିତ କୃଷିର ପ୍ରଚାର ପ୍ରସାର ପାଇଁ କେତେକ ଜିଲାର କୃଷି ଫାର୍ମଗୁଡିକରେ ସମନ୍ୱିତ କୃଷିର ମଡେଲ କରିବାକୁ ନିଷ୍ପତ୍ତି ନିଆଯାଇଛି। ଉକ୍ତ ମଡେଲ୍‌କୁ ରାଜ୍ୟର ବିଭିନ୍ନ ସ୍ଥାନର ଚାଷୀମାନେ ପରିଭ୍ରମଣ ଯୋଜନା ଦ୍ୱାରା ଦେଖି ସମନ୍ୱିତ କୃଷି କାର୍ଯ୍ୟ ଶିଖିବା କାର୍ଯ୍ୟକ୍ରମ କରାଯିବ। ସେହି ଫାର୍ମଗୁଡ଼ିକରେ ଚାଷୀମାନଙ୍କୁ ସମନ୍ୱିତ କୃଷି ଉପରେ ପ୍ରଶିକ୍ଷଣ ଦିଆଯିବ। ଏହି ଯୋଜନାରେ କୃଷି, ଉଦ୍ୟାନ କୃଷି, ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ଓ ମୃତ୍ତିକା ସଂରକ୍ଷଣ ଆଦି ବିଭାଗଗୁଡ଼ିକ ଭାଗନେବେ ବୋଲି କୃଷି ମନ୍ତ୍ରୀ ଅରୁଣ ସାହୁ କହିଛନ୍ତି।

ଚାଷ କାର୍ଯ୍ୟ ସମୟକୁ ଅପେକ୍ଷା କରେ ନାହିଁ। ତେଣୁ କୃଷି କାର୍ଯ୍ୟ ନିମନ୍ତେ ବିଭାଗ ପକ୍ଷରୁ ପ୍ରସ୍ତୁତ ହେଉଥିବା ଯୋଜନା ଓ କାର୍ଯ୍ୟକ୍ରମଗୁଡ଼ିକ ନିର୍ଦ୍ଧାରିତ ସମୟ ମଧ୍ୟରେ ସାରିବାକୁ କୃଷି ମନ୍ତ୍ରୀ ସାହୁ କହିଛନ୍ତି। କୃଷି ବିଭାଗର ସମସ୍ତ ଯୋଜନା ଅଧିକାରୀଙ୍କ ସହିତ ଆୟୋଜିତ ଏକ ଭର୍ଚୁଆଲ ବୈଠକରେ ଯୋଗଦେଇ ମନ୍ତ୍ରୀ ସାହୁ ବିଭିନ୍ନ ଯୋଜନା ବାବଦୀୟ ଖର୍ଚ୍ଚର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଛନ୍ତି। ରାଜ୍ୟରେ ତୈଳବୀଜ ଚାଷର ପ୍ରସାର ନିମନ୍ତେ ସେ ଗୁରୁତ୍ୱାରୋପ କରିଛନ୍ତି। ଚଳିତ ଖରିଫ୍ ଋତୁରେ କିପରି ଚିନାବାଦାମ ବିହନ ଉତ୍ପାଦନ ବୃଦ୍ଧି କରିହେବ ସେନେଇ ପ୍ରସ୍ତାବ ଦେବାକୁ ମନ୍ତ୍ରୀ କହିଛନ୍ତି। ପିକେଭିୱାଇ କାର୍ଯ୍ୟକ୍ରମରେ ଓଡ଼ିଶାର ୭୫୦ ମେଟ୍ରିକ୍ ଟନ୍ ଜୈବିକ ସୁବାସିତ ଚାଉଳ ଇରାନ ଓ ୟୁଏଇକୁ ରପ୍ତାନି ହୋଇଥିବା କଥା ଉଲ୍ଲେଖ କରି ମନ୍ତ୍ରୀ ସାହୁ କହିଛନ୍ତି, ସଫଳ କାହାଣୀର ଉପଯୁକ୍ତ ପ୍ରଚାର ପ୍ରସାର ଫଳରେ ଚାଷୀମାନେ ଅଧିକ ଉତ୍ସାହିତ ହେବେ। ଯୋଜନା ପ୍ରସ୍ତୁତ ସମୟରେ ଅର୍ଗାନିକ୍ କୃଷି କାର୍ଯ୍ୟ ଉପରେ ଗୁରୁତ୍ୱ ଦେବା ପାଇଁ ସେ କହିଛନ୍ତି। ଏଥିସହିତ ମନ୍ତ୍ରୀ ସାହୁ ଓଡ଼ିଶା ନିମନ୍ତେ ଏକ କୃଷି କ୍ୟାଲେଣ୍ଡର ଓ ବିଭିନ୍ନ କୃଷି କାର୍ଯ୍ୟସୂଚୀର ଖସଡ଼ା ପ୍ରସ୍ତୁତ କରିଛନ୍ତି। କୃଷକମାନଙ୍କ ଦକ୍ଷତା ବୃଦ୍ଧି ନିମନ୍ତେ ନିୟମିତ ଭର୍ଚୁଆଲ ବୈଠକ କରିବା ପାଇଁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

# ମାମୁଘର ଛାଡୁନାହାନ୍ତି ୧୧ ଟିକିଆ ହାତୀପଲ

ଭୁବନେଶ୍ୱର, ୧୯।୪(ବ୍ୟୁରୋ)

### ଭରତପୁର ଜଙ୍ଗଲରେ ୮ମାସ ହେଲା ଡେରା ପକାଇଛନ୍ତି



ଭରତପୁର ଜଙ୍ଗଲ ଭିତରେ ଥିବା ଏକ ଜଳାଶୟରେ ହାତୀଙ୍କ ଜଳକ୍ରୀଡ଼ା।

ମାମୁଘର ଭରତପୁର ଜଙ୍ଗଲ ଛାଡୁନାହାନ୍ତି ଚନ୍ଦକା ହାତୀ। ଦୀର୍ଘ ୮ମାସ ହେଲା ଡେରା ପକାଇ ଅଛନ୍ତି ୧୧ ଟିକିଆ ହାତୀପଲ। ଏମାନଙ୍କ ଭିତରେ ୩ ଦନ୍ତା, ୩ ମାଈ ହାତୀ, ୩ ଛୁଆ ଏବଂ ୨ ମାଖନା ରହିଛନ୍ତି। ସବୁଠୁ ଛୋଟ ଛୁଆଟିକୁ ୮ମାସ ହୋଇଥିବା ସୂଚନା ମିଳିଛି। ଉଲ୍ଲେଖଯୋଗ୍ୟ, ଭରତପୁର ସଂରକ୍ଷିତ ଜଙ୍ଗଲକୁ ଚନ୍ଦକା ହାତୀଙ୍କ ମାମୁଘର ବୋଲି କୁହାଯାଇଥାଏ। କାରଣ ଚନ୍ଦକାରେ ରହୁଥିବା ମାଈ ହାତୀ ଗର୍ଭବତୀ ହେବା ପରେ ଛୁଆ ଜନ୍ମ ପାଇଁ ଭରତପୁର ଜଙ୍ଗଲକୁ ଆସିଥାନ୍ତି। ଗତବର୍ଷ ଏକ ହାତୀ ପଲ ଏହି ଜଙ୍ଗଲକୁ ଆସିଥିଲା। ପରେ ଉକ୍ତ ପଲରେ ଥିବା ଗୋଟିଏ ମାଈ ହାତୀ ଛୁଆ ଜନ୍ମ କରିଥିଲା। ଏହାପରଠାରୁ କୌଣସି ହାତୀ ଆଉ ଜଙ୍ଗଲ ଛାଡ଼ି ବାହାରକୁ ଯାଇନାହାନ୍ତି। ଏ ସମ୍ପର୍କରେ ଭୁବନେଶ୍ୱର ବନାଞ୍ଚଳର ଫରେଷ୍ଟର ତଥା ରାଜ୍ୟ ଅଣଗେଜେଟେଡ୍ କର୍ମଚାରୀ ସଂଘର ସାଧାରଣ ସମ୍ପାଦକ ସମୀର କୁମାର ବେହେରା କହିଛନ୍ତି, ଏବର୍ଷ ଓଡ଼ିଶାର ପ୍ରାୟ ସବୁ ଜଙ୍ଗଲରେ ଅଳ୍ପ ବହୁତ ନିଆଁ ଲାଗିଥିବାବେଳେ ଭୁବନେଶ୍ୱର ବନ୍ୟପ୍ରାଣୀ ରେଞ୍ଜ କର୍ମଚାରୀଙ୍କ ଅକ୍ଳାନ୍ତ ପରିଶ୍ରମ ଫଳରେ ଭରତପୁର ଜଙ୍ଗଲଟି ଜଙ୍ଗଲ ନିଆଁରୁ ଏଯାବତ୍ ରକ୍ଷା ପାଇଛି। ତେଣୁ ହାତୀ ପାଇଁ ଏହି ଜଙ୍ଗଲ ଏବେ ସୁରକ୍ଷିତ ବାସସ୍ଥଳୀ ପାଲଟିଛି। ଏଥିସହ ଜଙ୍ଗଲ ଭିତରେ କୂଅସଉରା, ଭୀମା ଖାଲ, ତାଳବଣିଆ ଆଦି ୬ଟି ସ୍ଥାନରେ ବର୍ଷ ତମାମ ପାଣି ରହୁଛି। ହାତୀ ପଲଙ୍କ ପାଇଁ ପିଇବା ସହିତ ଜଳକ୍ରୀଡ଼ା ସୁବିଧା ହେଉଛି। ସେହିପରି ବାଉଁଶ ବୁଦା, ତିରିଗିଡ଼ିଆ ପଟ, କୁଣ୍ଢେଇ, ମଇ, ଦନ୍ତାରି ଆଦି ଗଛ ସବୁ ହାତୀ ପଲଙ୍କ ପାଇଁ ଖାଦ୍ୟର ଚାହିଦା ମେଣ୍ଟାଇ ଆସୁଛନ୍ତି। ଭୁବନେଶ୍ୱର ବନାଞ୍ଚଳ କର୍ମଚାରୀମାନେ ପାଟ୍ରୋଲିଂ କଲାବେଳେ ପ୍ରାୟ ସମୟରେ ହାତୀପଲଙ୍କୁ ଭେଟୁଛନ୍ତି ବୋଲି ସମୀର କହିଛନ୍ତି।

# ମୁମ୍ବାଇ-ଦିଲ୍ଲୀ ହେଭିୱେଟ୍ ଲଢ଼େଇ

ଚେନ୍ନାଇ, ୧୯।୪(ପି.ଟି.)

ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍-୧୪)ରେ ମଙ୍ଗଳବାର ମୁମ୍ବାଇ ଇଣ୍ଡିଆନ୍ସ ଓ ଦିଲ୍ଲୀ କ୍ୟାପିଟାଲ୍ସ ମଧ୍ୟରେ ମୁକାବିଲା ହେବ। ଉଭୟ ଦଳର ଅଧିକାଂଶ ଖେଳାଳି ଫର୍ମରେ ଥିବାରୁ ହେଭିୱେଟ୍ ଲଢ଼େଇ ଦେଖିବାକୁ ମିଳିବ। ୨୦୨୦ ସଂସ୍କରଣ ଫାଇନାଲରେ ଏହି ଦୁଇ ଦଳ ମଧ୍ୟରେ ମୁକାବିଲା ହୋଇଥିଲା। ସେଥିରେ ଦିଲ୍ଲୀକୁ ହରାଇ ମୁମ୍ବାଇ ଚାମ୍ପିୟନ ହୋଇଥିଲା। ଏବେ ମୁମ୍ବାଇକୁ ହରାଇ ପୂର୍ବ ପରାଜୟର ମଧୁର ପ୍ରତିଶୋଧ ନେବାକୁ ଦିଲ୍ଲୀ ନିକଟରେ ସୁଯୋଗ ରହିଛି। ଉଦ୍‌ଘାଟନୀ ମ୍ୟାଚ ହାରିବାପରେ ମୁମ୍ବାଇ କ୍ରମାଗତ ୨ଟି ମ୍ୟାଚ ଜିତି ସାରିଛି। ମିଡିଲ ଅର୍ଡର ବ୍ୟାଟିଂକୁ ନେଇ ଏହି ଦଳର କିଛିଟା ଚିନ୍ତା ରହିଛି। ଏଥିରେ ସୁଧାର ଆଣି ଦଳ ବିଜୟରେ ହ୍ୟାଟ୍ରିକ କରିବା ଲକ୍ଷ୍ୟରେ ରହିଛି। ଲୋ ସ୍କୋରିଂ ମ୍ୟାଚକୁ ଏହି ଦଳ ସଫଳତାର ସହ ଡିଫେଣ୍ଡ କରିପାରିଛି। ତେବେ ଦିଲ୍ଲୀ ବିପକ୍ଷରେ ଏହା ସହଜ ହୋଇ ନ ପାରେ। ଅନ୍ୟପକ୍ଷରେ ଗତ ମ୍ୟାଚରେ ପଞ୍ଜାବ କିଙ୍ଗ୍ସକୁ ୬ ଉଇକେଟରେ ହରାଇଥିବା କ୍ୟାପିଟାଲ୍ସ ଦଳ ୩ ମ୍ୟାଚରୁ ୨ ବିଜୟ ହାସଲ କରିଥିଲେ ମଧ୍ୟ ପ୍ରଦର୍ଶନରେ ସ୍ଥିରତା ରକ୍ଷା କରିପାରିନାହିଁ। ଦଳ ଚେନ୍ନାଇ ବିପକ୍ଷରେ ବିଜୟ ସହ ଅଭିଯାନ ଆରମ୍ଭ କରିଥିଲେ ହେଁ ରାଜସ୍ଥାନ ରୟାଲ୍ସଠାରୁ ୩ ଉଇକେଟରେ ହାରିଯାଇଥିଲା। ତେବେ ଦଳ ତୃତୀୟ ମ୍ୟାଚରେ ପଞ୍ଜାବ କିଙ୍ଗ୍ସକୁ ହରାଇ ଆଗାମୀ ମ୍ୟାଚ ଖେଳିବାକୁ ଯାଉଛି।

ମୁମ୍ବାଇ ଅଧିନାୟକ ରୋହିତ ଶର୍ମା ଭଲ ଆରମ୍ଭ କରୁଥିଲେ ହେଁ ତାହାକୁ ବଡ଼ ସ୍କୋରରେ ପରିଣତ କରିପାରି ନାହାନ୍ତି। ତାଙ୍କ ବ୍ୟାଟ୍‌ରୁ ଦଳ ଏକ ବଡ଼ ସ୍କୋର ଚାହୁଁଛି। କ୍ୱିଣ୍ଟନ ଡି'କକ୍‌ଙ୍କୁ ମଧ୍ୟ ଦକ୍ଷତା ଦେଖାଇବାକୁ ପଡ଼ିବ। ଏହି ଦଳରେ ଥିବା ସୂର୍ଯ୍ୟକୁମାର ଯାଦବ, ଇଶାନ କିଶନ, କିରନ ପୋଲାର୍ଡ, ହାର୍ଦ୍ଦିକ ପାଣ୍ଡ୍ୟା ଓ କୃନାଲ ପାଣ୍ଡ୍ୟା ଏକାକୀ ମ୍ୟାଚ ବିଜେତା ସାବ୍ୟସ୍ତ ହେବାର ଦକ୍ଷତା ରଖିଛନ୍ତି। ମାତ୍ର ଏପର୍ଯ୍ୟନ୍ତ ବ୍ୟକ୍ତିଗତଭାବେ ଚମକ ଦେଖାଇ ପାରିନାହାନ୍ତି। ମିଡିଲ ଓଭର ବ୍ୟାଟିଂରେ ଉନ୍ନତି ଆବଶ୍ୟକ ବୋଲି ରୋହିତ ଗତ ମ୍ୟାଚପରେ ସ୍ୱୀକାର କରିଥିଲେ। ଯଶପ୍ରୀତ୍ ବୁମ୍‌ରାଙ୍କ ନେତୃତ୍ୱାଧୀନ ମୁମ୍ବାଇର ବୋଲିଂ ବିଭାଗ ଗତ ୨ଟି ମ୍ୟାଚରେ ୧୫୦ ଓ ୧୫୨ ସ୍କୋରକୁ ସଫଳତାର ସହ ଡିଫେଣ୍ଡ କରିପାରିଥିଲା। ଷ୍ଟ୍ରାଇକ୍ ବୋଲର ବୁମ୍‌ରା (୩ ଉଇକେଟ) ଓ ନ୍ୟୁଜିଲାଣ୍ଡର ଟ୍ରେଣ୍ଟ ବୋଲ୍ଟ (୬ ଉଇକେଟ) ଡେଥ୍ ଓଭରରେ ଚମତ୍କାର ପ୍ରଦର୍ଶନ କରିଛନ୍ତି। ରାହୁଲ ଚହର ପ୍ରଭାବୀ ବୋଲିଂ କରିଛନ୍ତି। ସେ ଗତ ୨ଟି ମ୍ୟାଚରେ ୭ ଉଇକେଟ ହାସଲ କରିଛନ୍ତି। ସେଥିପାଇଁ ମୁମ୍ବାଇ ବୋଲିଂ କୋଚ୍ ଶେନ ବଣ୍ଡ ତାଙ୍କୁ 'ଉଇକେଟ ଟେକିଂ ବୋଲର' ଆଖ୍ୟା ଦେଇଛନ୍ତି। ବାମହାତୀ ସ୍ପିନର କୃନାଲ ମଧ୍ୟ ବ୍ରେକ୍ ଥ୍ରୁ ଦେବାରେ ସଫଳ ହୋଇଛନ୍ତି। ପୂର୍ବ ମ୍ୟାଚରେ ମୁମ୍ବାଇ ଆଡାମ ମିଲ୍‌ନେଙ୍କୁ ଖେଳାଇଥିଲା। ମାତ୍ର ପିଚ୍‌ର ପ୍ରକୃତିକୁ ଦୃଷ୍ଟିରେ ରଖି ଆଗାମୀ ମ୍ୟାଚରେ ଅଫ୍ ସ୍ପିନର ଜୟନ୍ତ ଯାଦବଙ୍କୁ ଖେଳାଇପାରେ। ଜୟନ୍ତ ୨୦୨୦ ଫାଇନାଲରେ ଦିଲ୍ଲୀ କ୍ୟାପିଟାଲ୍ସ ବିପକ୍ଷରେ ମୁମ୍ବାଇ ପକ୍ଷରୁ ଖେଳିଥିଲେ।

ଦିଲ୍ଲୀର ମୁଖ୍ୟ ଅସ୍ତ୍ର ଏବେ ଶିଖର ଧାୱନ ପାଲଟି ଯାଇଛନ୍ତି। ସେ ୩ ମ୍ୟାଚରେ ୧୮୬ ରନ ସଂଗ୍ରହ କରି ସାରିଛନ୍ତି। ଧାୱନ ଓ ଯୁବ ଖେଳାଳି ପୃଥ୍ୱୀ ଶ'ଙ୍କୁ ନେଇ ଦିଲ୍ଲୀର ଓପନିଂ କମ୍ବିନେଶନ ବହୁତ ବଢ଼ିଆ ରହିଛି। ମାତ୍ର ପୃଥ୍ୱୀଙ୍କୁ ବଡ଼ ସ୍କୋର କରିବା ଆବଶ୍ୟକ ହେଉଛି। ପୂର୍ବ ମ୍ୟାଚରେ ଦିଲ୍ଲୀ ଅଷ୍ଟ୍ରେଲୀୟ ଖେଳାଳି ଷ୍ଟିଭ୍ ସ୍ମିଥ୍‌ଙ୍କୁ ଖେଳାଇଥିଲା। ମାତ୍ର ଚେପକ୍‌ର ସ୍ଲୋ ଟ୍ରାକ୍‌ରେ ପୁଣି ଅଜିଙ୍କ୍ୟ ରାହାନେଙ୍କୁ ଚୂଡ଼ାନ୍ତ ଏକାଦଶରେ ସାମିଲ କରିପାରେ। ଏପରି ଟ୍ରାକ୍ ରାହାନେଙ୍କୁ ସୁହାଇଥାଏ। ଯୁବ ଅଧିନାୟକ ରିଷଭ ପନ୍ତ ଯେକୌଣସି ଟ୍ରାକ୍‌ରେ ବଡ଼ ଶଟ୍ ଖେଳିବାର ଦକ୍ଷତା ରଖିଛନ୍ତି। ଟପ୍ ଅର୍ଡର କ୍ଲିକ୍ କଲେ ଦିଲ୍ଲୀ ଗତଥରର ଚାମ୍ପିୟନ ମୁମ୍ବାଇକୁ ହରାଇପାରିବ ବୋଲି ମ୍ୟାନେଜମେଣ୍ଟ ଆଶା ରଖିଛି। କ୍ୱାଲିଟି ଅଲ୍‌ରାଉଣ୍ଡର ମାର୍କୁସ ଷ୍ଟୋଇନିସ ଓ ଲଳିତ ଯାଦବ ସେମାନଙ୍କ ଦାୟିତ୍ୱକୁ ସୁଚାରୁରୂପେ ତୁଲାଉଥିବାରୁ ଦଳର ଆଶା ବଢ଼ିଛି। କାଗିଶୋ ରାବାଡା ଓ କ୍ରିସ୍ ୱୋକ୍ସଙ୍କୁ ନେଇ ଦଳର ପେସ୍ ବିଭାଗ ଶାଣିତ ଥିବାବେଳେ ଏବେ ଏନରିଚ୍ ନର୍ଜେ ଯୋଗ ଦେଇଛନ୍ତି। ପଞ୍ଜାବ ବିପକ୍ଷରେ ଦିଲ୍ଲୀ ୪ ପେସ୍ ବୋଲରଙ୍କୁ ନେଇ ଖେଳିଥିଲା, ମାତ୍ର ଚେନ୍ନାଇ ପିଚ୍‌ରେ ଅଧିକ ସ୍ପିନରଙ୍କୁ ନେଇ ଖେଳିବାକୁ ପଡ଼ିବ। ଅଭିଜ୍ଞ ରବିଚନ୍ଦ୍ରନ ଅଶ୍ୱିନଙ୍କୁ ସହାୟତା କରିବାକୁ ଅମିତ ମିଶ୍ର, ପ୍ରବୀଣ ଦୁବେ, ଶାମ୍ସ ମୁଲାନି ପ୍ରମୁଖ ବିକଳ୍ପଭାବେ ରହିଛନ୍ତି।





ଅଭ୍ୟାସ ଅବସରରେ ମୁମ୍ବାଇ ଇଣ୍ଡିଆନ୍ସର କିରନ ପୋଲାର୍ଡ ଓ ଦିଲ୍ଲୀ କ୍ୟାପିଟାଲ୍ସର ଶିଖର ଧାୱନ।

## ଦିଲ୍ଲୀ କ୍ୟାପିଟାଲ୍ସ

ରିଷଭ ପନ୍ତ (ଅଧିନାୟକ), ଶିଖର ଧାୱନ, ପୃଥ୍ୱୀ ଶ', ଅଜିଙ୍କ୍ୟ ରାହାନେ, ଶିମରନ ହେଟମେର, ମାର୍କୁସ ଷ୍ଟୋଇନିସ, କ୍ରିସ୍ ୱୋକ୍ସ, ରବିଚନ୍ଦ୍ରନ ଅଶ୍ୱିନ, କାଗିଶୋ ରାବାଡା, ଏନରିଚ୍ ନର୍ଜେ, ଆଭେଶ ଖାଁ, ଶାମ୍ସ ମୁଲାନୀ, ଅମିତ ମିଶ୍ର, ଲଳିତ ଯାଦବ, ପ୍ରବୀଣ ଦୁବେ, ଇଶାନ୍ତ ଶର୍ମା, ଷ୍ଟିଭ୍ ସ୍ମିଥ, ଉମେଶ ଯାଦବ, ରିପାଲ ପଟେଲ, ବିଷ୍ଣୁ ବିନୋଦ, ଲୁକମାନ ମାରିୱାଲା, ଏମ. ସିଦ୍ଧାର୍ଥ, ଟମ୍ କୁରାନ, ସାମ୍ ବିଲିଙ୍ଗ୍ସ, ଅନିରୁଦ୍ଧ ଯୋଶୀ।

**ଆଜିର ମ୍ୟାଚ**

ଦିଲ୍ଲୀ କ୍ୟାପିଟାଲ୍ସ
ବନାମ
ମୁମ୍ବାଇ ଇଣ୍ଡିଆନ୍ସ



ସ୍ଥାନ : ଚେନ୍ନାଇ
ସମୟ : ସନ୍ଧ୍ୟା ୭.୩୦
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

## ମୁମ୍ବାଇ ଇଣ୍ଡିଆନ୍ସ

ରୋହିତ ଶର୍ମା (ଅଧିନାୟକ), କ୍ୱିଣ୍ଟନ ଡି'କକ୍, ସୂର୍ଯ୍ୟକୁମାର ଯାଦବ, ଇଶାନ କିଶନ, ହାର୍ଦ୍ଦିକ ପାଣ୍ଡ୍ୟା, କିରନ ପୋଲାର୍ଡ, କୃନାଲ ପାଣ୍ଡ୍ୟା, ରାହୁଲ ଚହର, ଜୟନ୍ତ ଯାଦବ, ଟ୍ରେଣ୍ଟ ବୋଲ୍ଟ, ଯଶପ୍ରୀତ୍ ବୁମ୍‌ରା, ଆଡାମ ମିଲ୍‌ନେ, ଆଦିତ୍ୟ ତାରେ, ଅନମୋଲପ୍ରୀତ ସିଂ, ଅନୁକୂଳ ରୟ, ଅର୍ଜୁନ ତେନ୍ଦୁଲକର, କ୍ରିସ୍ ଲିନ୍, ଧାୱଲ କୁଲକର୍ନୀ, ଜେମ୍ସ ନୀଶାମ, ମାର୍କୋ ଜାନସେନ, ମହସିନ ଖାଁ, ନାଥାନ କୁଲ୍ଟର-ନିଲ, ପୀୟୂଷ ଚାୱ୍‌ଲା, ସୌରଭ ତିୱାରୀ, ଯୁଦ୍ଧବୀର ସିଂ।

# ପେସାଦାରି ଖେଳ

ଭିଭିଏସ ଲକ୍ଷ୍ମଣ

ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ଯୁବ ପ୍ରତିଭାମାନଙ୍କ ପାଇଁ ଏକ ପ୍ଲାଟଫର୍ମ। ସେଥିପାଇଁ ଏହି ଟି୨୦ ଟୁର୍ନାମେଣ୍ଟ ଦେଖିବାକୁ ଆମର ଉତ୍କଣ୍ଠା ରହିଥାଏ। ଚଳିତ ସିଜନରେ ଏହାର ବହୁ ଦୃଷ୍ଟାନ୍ତ ଆମେ ଦେଖିସାରିଲେଣି। ବିଶେଷ କରି କେତେଜଣ ଯୁବ ଭାରତୀୟ ବୋଲରମାନଙ୍କ ପ୍ରଦର୍ଶନ ଖୁବ୍ ଉଚ୍ଚକୋଟୀର ରହିଛି। ତେବେ ଦୁଇଜଣ ଦକ୍ଷ ସିନିୟର ବ୍ୟାଟ୍ସମ୍ୟାନଙ୍କ ପେସାଦାରୀ ଓ କୌଶଳପୂର୍ଣ୍ଣ ଖେଳ ମଧ୍ୟ ଦେଖିବାକୁ ମିଳିଛି। ଶିଖର ଧାୱନ ଓ ଏବି ଡି'ଭିଲର୍ସ ସେମାନଙ୍କ ଫ୍ରାଞ୍ଚାଇଜ୍ ପାଇଁ ଉଲ୍ଲେଖନୀୟ ଅବଦାନ ରଖିଛନ୍ତି। ଗତବର୍ଷ ଆଇପିଏଲ୍ ଆରମ୍ଭରୁ ଗତ ୮ମାସ ମଧ୍ୟରେ ଟି୨୦ କ୍ରିକେଟରେ ଧାୱନଙ୍କ ଶ୍ରେଷ୍ଠ ପ୍ରଦର୍ଶନ ଦେଖିବାକୁ ମିଳିଛି। ଅତୀତରେ ୧୯ବର୍ଷରୁ କମ୍ ଓ ଭାରତ 'ଏ' ଦଳ ତରଫରୁ ଖେଳୁଥିବା ବେଳେ ନିର୍ଭୟ ଓ ନିର୍ବିକାର ସହ ଆକ୍ରମଣାତ୍ମକ ଖେଳୁଥିଲେ ତାହାର ଝଲକ ଅନୁଭବ ହୋଇଥିଲା।

ସେ ଆରମ୍ଭରୁ ବୋଲରମାନଙ୍କୁ ପ୍ରହାର କରିଥିଲେ। ଧାୱନ ଦଶନ୍ଧିରୁ ଅଧିକ ସମୟ ଧରି ଅନ୍ତର୍ଜାତୀୟ କ୍ରିକେଟ ଖେଳିଆସୁଛନ୍ତି। ତାଙ୍କୁ ବର୍ତ୍ତମାନ ୩୫ ବର୍ଷ ବୟସ। ଶିକ୍ଷାର ଶେଷ ନ ଥାଏ। ସେ ହେଉଛନ୍ତି ଏକ ଜ୍ୱଳନ୍ତ ଉଦାହରଣ। ସେ ନିଜେ ଏକଥା ସ୍ୱୀକାର କରନ୍ତି। ଜଣେ ଦକ୍ଷ ଟି୨୦ ବ୍ୟାଟ୍ସମ୍ୟାନ ହେବା ଲାଗି ସେ ଦୁଇ ବର୍ଷ ହେଲା ପ୍ରୟାସ କରି ଆସୁଥିଲେ। କହିବା ବାହୁଲ୍ୟ ସେ ଏଥିରେ ସଫଳ ହୋଇପାରିଛନ୍ତି। କେବଳ ଦିଲ୍ଲୀ କ୍ୟାପିଟାଲ୍ସ ନୁହେଁ ଟି୨୦ର ଅନ୍ୟ ଯୁବ ଖେଳାଳିଙ୍କ ସେ ଏକ ଆଦର୍ଶ। ଡି'ଭିଲର୍ସ ଜଣେ ଅସାଧାରଣ ଖେଳାଳି। ବର୍ତ୍ତମାନ ସେ ଅନ୍ତର୍ଜାତୀୟ କ୍ରିକେଟ ଖେଳୁ ନ ଥିଲେ ମଧ୍ୟ ବର୍ଷକୁ ବର୍ଷ ସେ ଅଧିକ ଦକ୍ଷ ହେବାରେ ଲାଗିଛନ୍ତି। ଫିଟ୍‌ନେସ୍ ବଜାୟ ରଖିବା ସହ ଖେଳ ପ୍ରତି ତାଙ୍କ କ୍ଷୁଧା ଅକ୍ଷୁଣ୍ଣ ରହିଛି। ଡି'ଭିଲର୍ସଙ୍କ ଭଳି ଷ୍ଟ୍ରୋକ୍-ପ୍ଲେର ଅନୁକରଣ ପାଇଁ ମୁଁ ଯୁବ ଖେଳାଳିମାନଙ୍କୁ ପରାମର୍ଶ ଦେବି ନାହିଁ। କାରଣ ତାହା କାର୍ଯ୍ୟକାରୀ କରିବା ସେମାନଙ୍କ ପକ୍ଷେ ସମ୍ଭବ ମନେହେଉନାହିଁ। ହେଲେ ତାଙ୍କ କାର୍ଯ୍ୟଶୈଳୀ ଓ ପ୍ରତିଶ୍ରୁତିବଦ୍ଧତାଠାରୁ ଅନେକ କିଛି ଶିଖିବାର ଅଛି। ଧାୱନ ଓ ଡି'ଭିଲର୍ସ ସେମାନଙ୍କ ଦଳ ପାଇଁ ଆଶାର ଆଲୋକ ହୋଇ ଦେଖାଦେଇଛନ୍ତି। ଆମ ସନରାଇଜର୍ସ ହାଇଦ୍ରାବାଦ ଦଳରେ ବହୁ ଯୁବ ପ୍ରତିଭା ରହିଛନ୍ତି। ଆଗକୁ ଖେଳାଯିବାକୁ ଥିବା ମ୍ୟାଚଗୁଡ଼ିକରେ ଆମକୁ ଡେଥ୍ ବୋଲିଂ ବ୍ୟତୀତ ବ୍ୟାଟିଂରେ ଉନ୍ନତି ଆଣିବାକୁ ପଡ଼ିବ। କ୍ରମାଗତ ଦୁଇଟି ମ୍ୟାଚରେ ବିଜୟ ସ୍ଥିତିରେ ଥାଇ ପରାଜୟ ବରଣ କରିବାକୁ ପଡ଼ିଛି।

(ଗେମ୍‌ପ୍ଲାନ୍)

SEAGRAM'S
ROYAL STAG
PACKAGED DRINKING WATER

# ପୂର୍ବତନ ଶ୍ରୀଲଙ୍କା କ୍ରିକେଟର ୮ବର୍ଷ ବାସନ୍ଦ

ଦୁବାଇ, ୧୯।୪ (ପି.ଟି.)

ଶ୍ରୀଲଙ୍କାର ପୂର୍ବତନ କ୍ରିକେଟର ଦିଲହରା ଲୋକୁହେଟିଗେଙ୍କୁ ସୋମବାର କ୍ରିକେଟର ସମସ୍ତ କାର୍ଯ୍ୟକଳାପରୁ ୮ବର୍ଷ ବାସନ୍ଦ କରାଯାଇଛି। ସେ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ଦୁର୍ନୀତି ନିବାରଣ ଆଚରଣ ବିଧି ଉଲ୍ଲଂଘନ କରିଥିବା ଅଭିଯୋଗ ହୋଇଥିଲା। ଏଥିରେ ସେ ଦୋଷୀସାବ୍ୟସ୍ତ ହୋଇଥିଲେ। ଏହି ଡାହାଣହାତୀ ମିଡିୟମ ଫାଷ୍ଟ ବୋଲର ଓ ଲୋୟର ଅର୍ଡର ବ୍ୟାଟ୍ସମ୍ୟାନଙ୍କ ପାଇଁ ବାସନ୍ଦ ଦଣ୍ଡ ପିଛିଲା ୨୦୧୯ ଏପ୍ରିଲ ୩ ତାରିଖଠାରୁ ଲାଗୁ ହେବ, ସେତେବେଳେ ତାଙ୍କୁ ସାମୟିକ ବାସନ୍ଦ କରାଯାଇଥିଲା। ୪୦ ବର୍ଷୀୟ ଦିଲହରା ୨୦୧୬ ସେପ୍ଟେମ୍ବରରେ ଅବସର ନେବା ପୂର୍ବରୁ ତାଙ୍କ ଦେଶ ତରଫରୁ ୯ ଅନ୍ତର୍ଜାତୀୟ ଦିନିକିଆ ଓ ଦୁଇ ଅନ୍ତର୍ଜାତୀୟ ଟି୨୦ ଖେଳିଥିଲେ। ୨୦୧୭ରେ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ)ରେ ଏକ ଟି୨୦ ଟୁର୍ନାମେଣ୍ଟ ବେଳେ ସେ ମ୍ୟାଚ ଫିକ୍ସିଂ କାର୍ଯ୍ୟକଳାପରେ ସମ୍ପୃକ୍ତ ଥିଲେ। ଏହି ଟୁର୍ନାମେଣ୍ଟରେ ଶ୍ରୀଲଙ୍କା ଟିମ୍ ମଧ୍ୟ ଅଂଶଗ୍ରହଣ କରିଥିଲା। ଏକ ସ୍ୱାଧୀନ ଟ୍ରିବ୍ୟୁନାଲ ଦିଲହରାଙ୍କ ବିରୋଧରେ ଆଗତ ଦୁର୍ନୀତି ଅଭିଯୋଗର ବିଚାର କରିଥିଲା। ଲୋକୁହେଟିଗେ ବର୍ତ୍ତମାନ ଅଷ୍ଟ୍ରେଲିଆରେ ଅବସ୍ଥାନ କରୁଛନ୍ତି।



ଦିଲହରା ଲୋକୁହେଟିଗେ

# ଇଣ୍ଡିଆ ଓପନ ବ୍ୟାଡ୍‌ମିଣ୍ଟନ ପ୍ରଭାବିତ

ନୂଆଦିଲ୍ଲୀ, ୧୯।୪ (ପି.ଟି.)

ଦେଶରେ କରୋନା ସଂକ୍ରମଣ ବୃଦ୍ଧି ପାଉଥିବାରୁ ଇଣ୍ଡିଆ ଓପନ୍ ସୁପର ୫୦୦ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ ସ୍ଥଗିତ ରଖାଯାଇଛି। ଟୋକିଓ ଅଲିମ୍ପିକ୍ସ ପାଇଁ ରହିଥିବା ଶେଷ ୩ଟି କ୍ୱାଲିଫାଇଂ ଟୁର୍ନାମେଣ୍ଟ ମଧ୍ୟରୁ ଏହା ଅନ୍ୟତମ ରହିଥିଲା। ୪୦୦,୦୦୦ ଆମେରିକୀୟ ଡଲାର ପୁରସ୍କାର ବିଶିଷ୍ଟ ଏହି ଟୁର୍ନାମେଣ୍ଟ ନୂଆଦିଲ୍ଲୀରେ ମେ' ୧୧ରୁ ୧୬ ତାରିଖ ପର୍ଯ୍ୟନ୍ତ ରୁଦ୍ଧଦ୍ୱାର ମଧ୍ୟରେ ଆୟୋଜନ ହେବାର କାର୍ଯ୍ୟକ୍ରମ ରହିଥିଲା। ବର୍ତ୍ତମାନର ପରିସ୍ଥିତିକୁ ନେଇ ଆମେ ଟୁର୍ନାମେଣ୍ଟକୁ ସ୍ଥଗିତ କରିବା ଲାଗି ବାଧ ହେଲୁ ବୋଲି ବ୍ୟାଡମିଣ୍ଟନ ଆସୋସିଏଶନ ଅଫ୍ ଇଣ୍ଡିଆ (ବାଇ)ର ସାଧାରଣ ସମ୍ପାଦକ ଅଜୟ ସିଂଘାଣିଆ ପ୍ରକାଶ କରିଛନ୍ତି। ଇଣ୍ଡିଆ ଓପନ୍‌ର ୨୦୨୦ ସଂସ୍କରଣ ପ୍ରଥମେ ମାର୍ଚ୍ଚରୁ ଡିସେମ୍ବର ପର୍ଯ୍ୟନ୍ତ ଘୁଞ୍ଚାଇ ଦିଆଯିବା ପରେ ଶେଷରେ ବାତିଲ କରିଦିଆଯାଇଥିଲା। ଗତ ୨୪ ଘଣ୍ଟା ମଧ୍ୟରେ ସମଗ୍ର ଭାରତରେ ୨,୭୩,୮୧୦ ନୂଆ ପଜିଟିଭ ଚିହ୍ନଟ କରାଯାଇଥିବାବେଳେ ୧,୬୧୯ଜଣ ପ୍ରାଣ ହରାଇ ସାରିଛନ୍ତି। ଦିଲ୍ଲୀ ଅବସ୍ଥା ସବୁଠାରୁ ଖରାପ ରହିଛି। ସହରରେ ରବିବାର ୨୫, ୪୬୨ କରୋନା ପଜିଟିଭ ଚିହ୍ନଟ କରାଯାଇଛି। ଗମ୍ଭୀର ପରିସ୍ଥିତି ଯୋଗୁ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲ ସୋମବାର ୬ ଦିନିଆ ଲକ୍‌ଡାଉନ୍ ଘୋଷଣା କରିଛନ୍ତି। କୋଭିଡ୍ ଯୋଗୁ ଅଲିମ୍ପିକ ଚାମ୍ପିୟନ କରୋଲିନା ମାରିନ, ପୂର୍ବତନ ବିଶ୍ୱ ଚାମ୍ପିୟନ ରାଚାନୋକ୍ ଇଣ୍ଟାନନ୍ ଏବଂ ଡେନମାର୍କ ଯୋଡ଼ି ଆଣ୍ଡର୍ସ ଆଣ୍ଟନସେନ୍ ଓ ରାସମସ୍ ଜେମ୍‌କିଙ୍କ ସମେତ ବହୁ ଟପ୍ ଖେଳାଳି ଏହି ଅଲିମ୍ପିକ ର୍‍ୟାଙ୍କିଙ୍ଗ ଇଭେଣ୍ଟରୁ ଓହରିଯାଇଥିଲେ।



ଏକ ହାଲ୍‌କା ମୁହୂର୍ତ୍ତରେ ମୁମ୍ବାଇ ଇଣ୍ଡିଆନ୍ସର ଦୁଇ ଖେଳାଳି ଭ୍ରାତା ହାର୍ଦ୍ଦିକ ପାଣ୍ଡ୍ୟା ଓ କୃନାଲ ପାଣ୍ଡ୍ୟା।

# କଳାହାଣ୍ଡି କପ୍ ସ୍ଥଗିତ

ଭୁବନେଶ୍ୱର, ୧୯।୪ (ସ୍ପୋର୍ଟ୍ସ ବ୍ୟୁରୋ): ବର୍ତ୍ତମାନର କୋଭିଡ୍ ପରିସ୍ଥିତିକୁ ଦୃଷ୍ଟିରେ ରଖି ଚଳିତ ମାସରେ ହେବାକୁଥିବା 'କଳାହାଣ୍ଡି କପ୍' କ୍ରିକେଟ ଟୁର୍ନାମେଣ୍ଟକୁ ସ୍ଥଗିତ ରଖାଯାଇଛି। ପରିସ୍ଥିତି ସ୍ୱାଭାବିକ ହେଲେ ଟୁର୍ନାମେଣ୍ଟ ଆୟୋଜନ କରାଯିବ ବୋଲି ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ସମ୍ପାଦକ ସଞ୍ଜୟ ବେହେରା ସୂଚନା ଦେଇଛନ୍ତି।

# ଦୂତୀଙ୍କୁ ନେଇ ଆଶାରେ ହିମା

ନୂଆଦିଲ୍ଲୀ, ୧୯।୪ (ପିଟି)

ଆସନ୍ତା ମାସରେ ପୋଲାଣ୍ଡରେ ହେବାକୁଥିବା ବିଶ୍ୱ ଆଥଲେଟିକ୍ସ ରିଲେରେ ଭାରତୀୟ ମହିଳା ୪x୧୦୦ ମିଟର ରିଲେ ଦଳ ଅଂଶଗ୍ରହଣ କରିବ। ସ୍ପ୍ରିଣ୍ଟ କୁଇନ ଓଡ଼ିଶାର ଦୂତୀ ଚାନ୍ଦ ଏହି ଦଳରେ ଥିବାରୁ ଭାରତ ଅଲିମ୍ପିକ୍ସ ଯୋଗ୍ୟତା ହାସଲ କରିବା ସମ୍ଭାବନା ଅଧିକ ବୋଲି ତାରକା ସ୍ପ୍ରିଣ୍ଟର ହିମା ଦାସ ଦୃଢ଼ ଆଶାପୋଷଣ କରିଛନ୍ତି। ମେ ୧ ଓ ୨ ତାରିଖରେ ହେବାକୁଥିବା ବିଶ୍ୱ ପ୍ରତିଯୋଗିତାର ଶ୍ରେଷ୍ଠ ୮ ରିଲେ ଦଳ ସିଧାସଳଖ ଟୋକିଓ ଅଲିମ୍ପିକ୍ସ ଯୋଗ୍ୟତା ପାଇବ। ଏପର୍ଯ୍ୟନ୍ତ ଅଲିମ୍ପିକ୍ସ ଯୋଗ୍ୟତା ପାଇ ନ ଥିବା ହିମା ଭାରତୀୟ ୪x୧୦୦ ମିଟର

**୪x୧୦୦ ମିଟର ରିଲେ**

ରିଲେ ଦଳର ଅନ୍ୟତମ ପ୍ରମୁଖ ସଦସ୍ୟ। ଆଥଲେଟିକ୍ ଫେଡେରେଶନ ଅଫ୍ ଇଣ୍ଡିଆ (ଏଏଫଆଇ) ପକ୍ଷରୁ ଘୋଷିତ ଦଳରେ ଜାତୀୟ ରେକର୍ଡଧାରିଣୀ ଦୂତୀ ଚାନ୍ଦ, ଅର୍ଚ୍ଚନା ସୁସେନ୍ଦ୍ରନ, ଏସ. ଧନଲକ୍ଷ୍ମୀ, ହିମାଶ୍ରୀ ରୟ ଓ ଏ.ଟି. ଧନେଶ୍ୱରୀ ଅନ୍ୟତମ ସଦସ୍ୟା ଅଛନ୍ତି। "ଦୂତୀ ରିଲେ ଦଳରେ ଥିବାରୁ ଆମେ ଆଗାମୀ ପ୍ରତିଯୋଗିତାରୁ ଅଲିମ୍ପିକ୍ସ ଯୋଗ୍ୟତା ପାଇବାକୁ ଦୃଢ଼ ଆଶାୟୀ। ଫେଡେରେଶନ କପ୍‌ର ବ୍ୟକ୍ତିଗତ ୧୦୦ ମିଟର ଇଭେଣ୍ଟରେ ଆମେ ସମସ୍ତେ ଭଲ ପ୍ରଦର୍ଶନ କରିଥିଲୁ। ସମସ୍ତେ ଭଲ ପ୍ରସ୍ତୁତି କରିଥିବାରୁ ଆମର ଆଶା ବଢ଼ିଛି" ବୋଲି ହିମା କହିଛନ୍ତି। ଗତ ମାର୍ଚ୍ଚରେ ହୋଇଥିବା ଫେଡେରେଶନ କପ୍‌ର ୧୦୦ ମିଟରରେ ଧନଲକ୍ଷ୍ମୀ ୧୧.୩୮ ସେକେଣ୍ଡ ସହ ପ୍ରଥମସ୍ଥାନ ଅଧିକାର କରିଥିଲେ। ଦୂତୀ ୧୧.୫୮ ଓ ସୁସେନ୍ଦ୍ରନ ୧୧.୭୬ ସେକେଣ୍ଡ ସହିତ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଥିଲେ। ହିମା ପ୍ରାରମ୍ଭିକ ହିଟ୍‌ରେ ୧୧.୬୩ ସେକେଣ୍ଡ ସମୟ ନେଇଥିଲେ ହେଁ ଫାଇନାଲ ରେସ୍ ବେଳକୁ ଫଲ୍ସ ଷ୍ଟାର୍ଟ ପାଇଁ ଅଯୋଗ୍ୟ ବିବେଚିତ ହୋଇଥିଲେ। ଏଏଫଆଇ ପକ୍ଷରୁ ଚଳିତମାସ ଶେଷ ଭାଗରେ ଟ୍ରେନିଂ ଏବଂ ଏକ୍ସପୋଜର ଟୁର୍‌ରେ ଭାରତୀୟ ଆଥଲେଟ୍ ତୁର୍କୀ ଯିବାର କାର୍ଯ୍ୟକ୍ରମ ରହିଛି। ସେଠାରେ ସେ ନିଶ୍ଚିତ ୧୦୦ ଓ ୨୦୦ ମିଟର ରନ କରିବେ ବୋଲି 'ଧିଙ୍ଗ ଏକ୍ସପ୍ରେସ'ଭାବେ ପରିଚିତ ଏହି ୨୧ ବର୍ଷୀୟା ଆସାମ ଆଥଲେଟ୍ ପ୍ରକାଶ କରିଛନ୍ତି। ମୁଁ ସେଠାରେ ୧୦୦ ଓ ୨୦୦ ମିଟରରେ ରନ୍ କରିବି। ଏହାଛଡ଼ା ସେତେବେଳେ ତୁର୍କୀରେ ହେବାକୁଥିବା ଅଲିମ୍ପିକ୍ସ କ୍ୱାଲିଫାଇଂ ଇଭେଣ୍ଟରେ ମଧ୍ୟ ୧୦୦ ଓ ୨୦୦ ମିଟରରେ ଭାଗନେବି ବୋଲି ସେ କହିଛନ୍ତି।

ହିମା ବିଶ୍ୱ ଜୁନିୟର ୪୦୦ ମିଟର ଚାମ୍ପିୟନ ଥିବାବେଳେ ୨୦୧୮ ଏସିଆନ ଗେମ୍ସରେ ରୌପ୍ୟ ପଦକ ପାଇଥିଲେ। ମାତ୍ର ଚଳିତ ସିଜନରେ ସେ କେବଳ ୧୦୦ ଓ ୨୦୦ ମିଟରରେ ରେସ୍ କରିବେ। ମୁଁ ଚଳିତ ସିଜନରେ ୪୦୦ ମିଟରରେ ରେସ୍ କରିପାରିବି କି ନାହିଁ ତାହା କେବଳ କୋଚ୍ ଗାଲିନା ବୁଖାରିନା ଏବଂ ଏଏଫଆଇ ସ୍ଥିର କରିବେ। ସମସ୍ତେ ଜାଣିଛନ୍ତି ୪୦୦ ମିଟରକୁ ନେଇ ମୋର କିଛି ସମସ୍ୟା ରହିଛି। ସେଥିପାଇଁ ୨୦୧୯ ଏସିଆନ ଚାମ୍ପିୟନଶିପ୍‌ରେ ଭାଗନେଇପାରି ନ ଥିଲି ବୋଲି ସେ କହିଛନ୍ତି। ୨୦୧୮ ଏସିଆନ ଗେମ୍ସର ୪୦୦ ମିଟରରେ ହିମା ୫୦.୭୯ ସେକେଣ୍ଡ ସମୟ ନେଇ ଜାତୀୟ ରେକର୍ଡ ସୃଷ୍ଟି କରିଥିଲେ। ମାତ୍ର ପିଠିରେ ଯନ୍ତ୍ରଣା ଯୋଗୁ ସେ ୨୦୧୯ ଦୋହା ଏସିଆନ ଚାମ୍ପିୟନଶିପ୍‌ରେ ଗୋଟିଏ ଲ୍ୟାପ ଅଧାରୁ ଓହରି ଯାଇଥିଲେ। ଶେଷଥରପାଇଁ ସେ ଗତବର୍ଷ ଅଗଷ୍ଟରେ ଚେକ୍ ରିପବ୍ଲିକ୍‌ରେ ୪୦୦ ମିଟର ରେସ୍‌ରେ ୨ଥର ଭାଗ ନେଇଥିଲେ। ମାତ୍ର ଶେଷ ରେସ୍‌ରେ ସେ ୫୩.୦୭ ସେକେଣ୍ଡ ସମୟ ନେଇଥିଲେ। ପିଠିରେ ଯନ୍ତ୍ରଣା ଯୋଗୁ ସେ ୨୦୧୯ ସେପ୍ଟେମ୍ବରରେ ବିଶ୍ୱ ଚାମ୍ପିୟନଶିପ୍‌ରେ ଭାଗନେଇ ପାରି ନ ଥିଲେ।



ଦୂତୀ ଚାନ୍ଦ ଓ ହିମା ଦାସ।

**ବ୍ରିଟେନର ଟ୍ରାଭେଲ ରେଡ୍ ଲିଷ୍ଟରେ ଭାରତ**

ବ୍ରିଟେନ ଏହାର ଟ୍ରାଭେଲ ରେଡ୍ ଲିଷ୍ଟରେ ଭାରତକୁ ସାମିଲ କରିଛି। କରୋନା ମାମଲା ବଢ଼ିବାରୁ ଉକ୍ତ ଦେଶ ଏଭଳି କରିଛି। ଏହି ପଦକ୍ଷେପ ଦ୍ୱାରା ବ୍ରିଟେନକୁ ଭାରତୀୟଙ୍କ ଯାତ୍ରା ଉପରେ ବର୍ତ୍ତମାନ ସମ୍ପୂର୍ଣ୍ଣ ବ୍ୟାନ ଲଗାଯାଇଛି। ଅପରପକ୍ଷରେ ବ୍ରିଟେନ ଏବଂ ଆୟର୍ଲାଣ୍ଡର କୌଣସି ବ୍ୟକ୍ତି ସେହି ଦେଶକୁ ଯାଉଥିବା ବାଧ୍ୟତାମୂଳକ ଭାବେ ୧୦ ଦିନର କ୍ୱାରାଣ୍ଟାଇନରେ ରହିବାକୁ କୁହାଯାଇଛି। ସେଠାରେ ଏଥିଲାଗି ନିର୍ଦ୍ଦିଷ୍ଟ ହୋଟେଲରେ ବ୍ୟବସ୍ଥା କରାଯାଇଛି।

## ସଂକ୍ଷେପରେ

### ରିଲାଏନ୍ସ-ଫ୍ୟୁଚର ଡିଲ୍‌କୁ ସୁପ୍ରିମକୋର୍ଟଙ୍କ ରହିତାଦେଶ

**ନୂଆଦିଲ୍ଲୀ,୧୯।୪:** ଫ୍ୟୁଚର ରିଟେଲ ଅଧିଗ୍ରହଣ ଲାଗି ରିଲାଏନ୍ସ କରିଥିବା ୨୪,୭୧୩ କୋଟି ଟଙ୍କାର ଡିଲ୍ ଉପରେ ସୁପ୍ରିମକୋର୍ଟ ସୋମବାର ରହିତାଦେଶ ଲଗାଇଛନ୍ତି। ଇ-କମର୍ସ କମ୍ପାନୀ ଆମାଜନ ଏହି ମାମଲାରେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛି। ଜଷ୍ଟିସ ଆର୍.ଏଫ୍.ନରିମାନ, ଜଷ୍ଟିସ ବି.ଆର୍.ଗଭାଇ ଏବଂ ଜଷ୍ଟିସ ହୃଷୀକେଶ ରାୟ ଏହି ମାମଲାର ଶୁଣାଣି ମେ ୪ରେ କରିବେ ବୋଲି ଜଣାପଡିଛି। ଉଲ୍ଲେଖଯୋଗ୍ୟ, ଏହି ଡିଲ୍‌କୁ ଆମାଜନ ବିରୋଧକରି ଆସୁଛି। ପ୍ରଥମେ ଏହାକୁ ନେଇ ଆମାଜନ ଦିଲ୍ଲୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା। ଏକକ ଜଜ୍ ବେଞ୍ଚ ଆମାଜନ ସପକ୍ଷରେ ରାୟ ଦେବା ସହ ଏହି ଡିଲ୍‌ରେ ଆଗକୁ ନ ବଢ଼ିବା ଲାଗି ଫ୍ୟୁଚର ଗ୍ରୁପ୍‌କୁ ନିର୍ଦ୍ଦେଶ ଦେଇଥିଲେ। ଏହି ମାମଲାରେ ଡିଭିଜନ ବେଞ୍ଚ ଫ୍ୟୁଚର ଗ୍ରୁପ୍ ସପକ୍ଷରେ ରାୟ ଦେବା ସହ ଡିଲ୍‌ରେ ଆଗକୁ ବଢିବା ନେଇ ନିର୍ଦ୍ଦେଶ ଦେଇଥିଲେ। ଏକକ ବେଞ୍ଚ ଦେଇଥିବା ରାୟକୁ ଡିଭିଜନ ବେଞ୍ଚ ରହିତାଦେଶ ଲଗାଇ ଦେଇଥିଲେ। ଏହାପରେ ଆମାଜନ ସର୍ବୋଚ୍ଚ ନ୍ୟାୟାଳୟଙ୍କ ଦ୍ୱାରସ୍ଥ ହୋଇଛି। ଏହି ମାମଲା ବର୍ତ୍ତମାନ ସର୍ବୋଚ୍ଚ ଅଦାଲତଙ୍କ ନିକଟରେ ରହିଥିବା ବେଳେ କାହା ସପକ୍ଷରେ ରାୟ ଯାଉଛି ଦେଖିବାକୁ ବାକି ରହିଲା।

### ୫୨ ପଇସା ଖସିଲା ଟଙ୍କା

**ନୂଆଦିଲ୍ଲୀ,୧୯।୪:** ସୋମବାର ଡଲାର ତୁଳନାରେ ଟଙ୍କା ମୂଲ୍ୟ ୫୨ ପଇସା ନିମ୍ନରେ ରହି ୭୪.୮୭ ସ୍ତରରେ ରହିଛି। ରାଜ୍ୟଗୁଡ଼ିକ ସ୍ତରରେ ନୂଆ କରି ଲକ୍‌ଡାଉନ ଘୋଷଣା ହେଉଥିବାରୁ ନିବେଶକ ଏବଂ ବିଦେଶୀ ପୁଞ୍ଜି ପ୍ରତ୍ୟାଗମନ ଭଳି ସ୍ଥିତି ଦେଖାଯାଇଛି। ସୋମବାର ଭାରତୀୟ ଶେୟାର ବଜାର ମଧ୍ୟ ପ୍ରଭାବିତ ସ୍ଥିତିରେ ରହିଛି। ଏସିଆର ଅନ୍ୟ ମୁଦ୍ରା ତୁଳନାରେ ଟଙ୍କାର ପରଫରମାନ୍ସ ସବୁଠାରୁ ନିମ୍ନରେ ରହିଛି। ଏହା ୭୪.୮୦ ଟଙ୍କା ସ୍ତରରୁ କାରବାର ଆରମ୍ଭକରି ସର୍ବନିମ୍ନ ୭୫.୦୫ ଟଙ୍କା ସ୍ତରରେ ପହଞ୍ଚିଯାଇଥିଲା। ଶୁକ୍ରବାର ଡଲାର ତୁଳନାରେ ଟଙ୍କା ୭୪.୩୫ ସ୍ତରରେ ଥିଲା।

### ଡୋମିନସ୍‌ର ୧୦ ଲକ୍ଷ ୟୁଜର ଡାଟା ଚୋରି

**ନୂଆଦିଲ୍ଲୀ,୧୯।୪:** ଡୋମିନସ୍ ଇଣ୍ଡିଆର ୧୦ ଲକ୍ଷ ୟୁଜରଙ୍କ କ୍ରେଡିଟ କାର୍ଡ ଡାଟା ଚୋରି ହୋଇଥିବା ଏକ ରିପୋର୍ଟ ସାମ୍ନାକୁ ଆସିଛି। ଏହି ଡାଟାକୁ ଡାର୍କ ୱେବରେ ୪ କୋଟି ଟଙ୍କା ମୂଲ୍ୟରେ ବିକ୍ରି କରାଯାଉଥିବା ସାଇବର ସିକ୍ୟୁରିଟି ରିସର୍ଚ୍ଚରମାନେ ଅଭିଯୋଗ ଆଣିଛନ୍ତି। ଡାଟା ଚୋରି ହୋଇଥିବା ସବୁ ୟୁଜର ଡୋମିନସ୍‌ରୁ ଅନ୍‌ଲାଇନରେ ଅର୍ଡର କରିଥିଲେ। ସିକ୍ୟୁରିଟି ଫାର୍ମ ହଡସନ ରକ୍‌ର ସିଟିଓ ଆଲୋନ ଗଲ୍ କହିଛନ୍ତି, ଡୋମିନସ୍ ଇଣ୍ଡିଆର ଡାଟା ବେସ୍‌ରୁ ହ୍ୟାକର ୧୩ଟିବି ଡାଟା ହ୍ୟାକ କରି ନେଇଛନ୍ତି। ଏହାକୁ ୪ କୋଟି ଟଙ୍କା ମୂଲ୍ୟରେ ବିକ୍ରି ଲାଗି ମଧ୍ୟ ହ୍ୟାକର ପ୍ରସ୍ତାବ ରଖିଥିବା ସେ ମତ ପ୍ରକାଶ କରିଛନ୍ତି। ଏହି ଡାଟା ମଧ୍ୟରେ ନାମ, ଫୋନ ନମ୍ବର, ଇ-ମେଲ୍, ଠିକଣା ଏବଂ ପେମେଣ୍ଟ ସମ୍ପର୍କିତ ତଥ୍ୟ ସାମିଲ ରହିଛି। ଏ ନେଇ ଡୋମିନସ୍ ଇଣ୍ଡିଆର ସ୍ପଷ୍ଟୀକରଣ ଲୋଡ଼ାଯାଇଥିଲେ ହେଁ ଏହା ମିଳିପାରିନାହିଁ।

### ରିୟଲମିର ନୂଆ ସ୍ମାର୍ଟଫୋନ

**ନୂଆଦିଲ୍ଲୀ,୧୯।୪:** ରିୟଲ ମି ପକ୍ଷରୁ ଏହାର ସି ସିରିଜରେ ୩ଟି ନୂତନ ସ୍ମାର୍ଟଫୋନ ଯଥା ରିୟଲମି ସି୨୦, ରିୟଲମି ସି୨୧ ଏବଂ ରିୟଲମି ସି୨୫ର ଶୁଭାରମ୍ଭ କରାଯାଇଛି। ବଡ଼ ସ୍କ୍ରିନ, ଉନ୍ନତ ବ୍ୟାଟେରି ଲାଇଫ, ଦୃଢ଼ ପ୍ରଦର୍ଶନ, ସର୍ବୋତ୍କୃଷ୍ଟ କ୍ୟାମେରା କ୍ୱାଲିଟି ସହିତ ଏହି ନୂଆ ସଂସ୍କରଣଗୁଡ଼ିକ ଗ୍ରାହକମାନଙ୍କୁ ସମ୍ପୂର୍ଣ୍ଣ ଅନୁଭୂତି ପ୍ରଦାନ କରିବ ବୋଲି କମ୍ପାନୀ ପକ୍ଷରୁ ସୂଚନା ରହିଛି। ରିୟଲମି ସି୨୦ ମିଡିଆଟେକହେଲି ଓ ଜି୩୫ ପ୍ରୋସେସର, ଏକ ବୃହତ ୧୬.୫ ସେମି ଡିସପ୍ଲେ, ଏକ ୫ ହଜାର ମେଗାହର୍ସ ବ୍ୟାଟେରି, ୮ ଏମ୍‌ପି ଏଆଇ କ୍ୟାମେରା ସହିତ ୨+୩୨ ଜିବିରେ ଉପଲବ୍ଧ ହେଉଛି। ସେହିଭଳି ଅନ୍ୟ ୨ ଫୋନରେ ଅତ୍ୟାଧୁନିକ ବୈଶିଷ୍ଟ୍ୟ ରହିଛି। ଏହି ୨ ଫୋନର ପ୍ରାରମ୍ଭିକ ମୂଲ୍ୟ ଯଥାକ୍ରମେ ୭,୯୯୯ ଟଙ୍କା ଏବଂ ୯,୯୯୯ ଟଙ୍କା ରହିଛି।

# ନିବେଶକଙ୍କ କ୍ଷତି ୩.୬ ଲକ୍ଷ କୋଟି

## ସେନ୍‌ସେକ୍ସ ୮୮୩ ପଏଣ୍ଟ ହ୍ରାସ



**ନୂଆଦିଲ୍ଲୀ,୧୯।୪**

ଦେଶରେ କରୋନାର ଦ୍ୱିତୀୟ ଲହର ଯୋଗୁ ସଂକ୍ରମଣ ବଢ଼ିଚାଲିଛି। ପୁଞ୍ଜିବଜାର ଉପରେ ମଧ୍ୟ ଏହାର ପ୍ରଭାବ ପରିଲକ୍ଷିତ ହୋଇଛି। ସୋମବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ(ବିଏସ୍‌ଇ)ର ସୂଚକାଙ୍କ ୮୫୦ରୁ ଊର୍ଦ୍ଧ୍ୱ ପଏଣ୍ଟ ଖସିଥିବା ନଜରକୁ ଆସିଛି। ଫଳରେ ନିବେଶକମାନେ ୩.୬ ଲକ୍ଷ କୋଟି ଟଙ୍କାର କ୍ଷତି ସହିଛନ୍ତି। ୩୦ ଶେୟାର ବିଶିଷ୍ଟ ବିଏସ୍‌ଇ ୮୮୩ ପଏଣ୍ଟ(୧.୮୧%) ନିମ୍ନରେ ରହି ୪୭,୯୪୯ ପଏଣ୍ଟ ସ୍ତରରେ କାରବାର ବନ୍ଦ ହୋଇଛି। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ) ୨୫୮ ପଏଣ୍ଟ ବା ୧.୭୭% ନିମ୍ନରେ ରହିବା ଯୋଗୁ ୧୪,୩୫୯ ପଏଣ୍ଟରେ ବନ୍ଦ ହୋଇଛି।

ସେନ୍‌ସେକ୍ସରେ ଶେୟାର କାରବାର କ୍ଷତି ସହିଥିବା କମ୍ପାନୀଗୁଡିକ ମଧ୍ୟରେ ପାୱାରଗ୍ରୀଡ୍, ଇଣ୍ଡସ୍‌ଇଣ୍ଡ ବ୍ୟାଙ୍କ, ଓଏନ୍‌ଜିସି, କୋଟାକ ବ୍ୟାଙ୍କ, ଏସିଆନ ପେଣ୍ଟସ ଏବଂ ଏଲ୍ ଆଣ୍ଡ ଟି ରହିଛି। ଏହି କମ୍ପାନୀଗୁଡ଼ିକର ଶେୟାର କାରବାର ୪.୨୪% କ୍ଷତି ହୋଇଛି। ଡ.ରେଡିସ ଏବଂ ଇନ୍‌ଫୋସିସ ଶେୟାର କାରବାର କେବଳ ସକାରାତ୍ମକ ରହିଛି। ଏନ୍‌ଏସ୍‌ଇ ପ୍ଲାଟ୍‌ଫର୍ମରେ ନିଫ୍ଟି ପିଏସ୍‌ୟୁ ବ୍ୟାଙ୍କ, ରିୟଲ ଇଷ୍ଟେଟ ଏବଂ ଅଟୋମୋବାଇଲ ଶେୟାର କାରବାର ୪.୩୧% ହ୍ରାସ ହୋଇଛି। କରୋନା କଟକଣା ଅଧିକ କଡ଼ାକଡ଼ି ହେବ ବୋଲି ନିବେଶକମାନେ ଭୟଭୀତ ହେବାରୁ ଏହାର ପ୍ରଭାବ ଶେୟାର ବଜାର ଉପରେ ପଡିଛି।

ଗତ ୧୧ ଦିନ ହେବ ଦେଶରେ କରୋନା ମାମଲା ବଢ଼ିଚାଲିଛି। ଆସନ୍ତା ସୋମବାର ଯାଏ ନୂଆଦିଲ୍ଲୀରେ କର୍ଫ୍ୟୁ ଲାଗିଛି। ଏପ୍ରିଲ ୧୫ଠାରୁ କରୋନା କଟକଣା କଡ଼ାକଡ଼ି ହୋଇଛି। କରୋନା ନିୟନ୍ତ୍ରଣକୁ ଆସୁ ନ ଥିବାରୁ ଏହା ନିବେଶକଙ୍କୁ ଭୟଭୀତ କରୁଥିବା ବଜାର ବିଶେଷଜ୍ଞମାନେ ମତ ପ୍ରକାଶ କରିଛନ୍ତି। ଦେଶର ସମଗ୍ର ଅର୍ଥ ବ୍ୟବସ୍ଥା ବର୍ତ୍ତମାନ କ୍ଷତିଗ୍ରସ୍ତ ହେଉଛି। ଏଭଳି ସ୍ଥିତିରେ ଫରେନ ପୋର୍ଟଫୋଲିଓ ନିବେଶକମାନେ ଶେୟାର ବଜାରରେ ନେଟ୍ ନିବେଶ କରୁଥିବା ଦେଖାଯାଇଛି। ସୋମବାର ଏହି ବର୍ଗର ନିବେଶକମାନେ ୪୩୭ କୋଟି ଟଙ୍କା ଶେୟାର କ୍ରୟ କରିଛନ୍ତି।

# କରୋନା ଯୋଦ୍ଧାଙ୍କୁ ମିଳିବ ସାନି ବୀମା ସୁବିଧା

**ନୂଆଦିଲ୍ଲୀ,୧୯।୪**



କରୋନା ଯୋଦ୍ଧାଙ୍କୁ ସାନି ବୀମା ସୁବିଧା କରିବା ନେଇ କେନ୍ଦ୍ର ସରକାର ଘୋଷଣା କରିଛନ୍ତି। ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଯୋଜନା ପ୍ୟାକେଜ ଅଧୀନରେ କରୋନା ଯୋଦ୍ଧା ଯେଉଁ କ୍ଲେମ୍ ଦାବି କରିଥିଲେ ତାହା ଚଳିତ ମାସ ୨୪ ସୁଦ୍ଧା ସମାଧାନ କରାଯିବ। ଏହା ପରେ ସେମାନଙ୍କ ଲାଗି ନୂଆ ବୀମା ପଲିସି କାର୍ଯ୍ୟକାରୀ ହେବ ବୋଲି ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ସୋମବାର ଘୋଷଣା କରାଯାଇଛି। ଏକ ଟୁଇଟରେ ମନ୍ତ୍ରଣାଳୟ କହିଛି ଯେ, ନୂଆ ବୀମା ସୁବିଧା ପ୍ରଦାନ କରିବା ଲାଗି ନ୍ୟୁ ଇଣ୍ଡିଆ ଆସ୍ୟୁରାନ୍ସ କମ୍ପାନୀ ସହ ଆଲୋଚନା ହେଉଛି। ବୀମା କମ୍ପାନୀଗୁଡିକ ବର୍ତ୍ତମାନ ୨୮୭ ବୀମା ଦାବୀର ଅର୍ଥ ପଇଠ କରିଛନ୍ତି। ଏହି ବୀମା ଯୋଜନା କରୋନା ଯୋଦ୍ଧାଙ୍କ ମନୋବଳ ବଢ଼ାଇବା ଦିଗରେ ସହାୟକ ହେଉଥିବା ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଗତ ବର୍ଷ ମାର୍ଚ୍ଚରେ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ପ୍ୟାକେଜ ଘୋଷଣା କରାଯାଇଥିଲା। ଏହାର ଅବଧିକୁ ତୃତୀୟ ଥର ଲାଗି ବଢ଼ାଯାଇ ଏପ୍ରିଲ ୨୪ କରାଯାଇଛି। ସ୍ୱାସ୍ଥ୍ୟକର୍ମୀଙ୍କ ନିରାପତ୍ତାକୁ ନଜରରେ ରଖି ଏହାକୁ ପ୍ରଦାନ କରାଯାଉଛି। ଏଥିରେ ବୀମା କଭର ୫୦ ଲକ୍ଷ ରହିଛି।

# ପାରାଦୀପରେ ସ୍ଥାପନ ହେବ ଅକ୍ସିଜେନ୍ ପ୍ଲାଣ୍ଟ



- ୪ ସ୍ଥାନରେ ୟୁନିଟ୍ ନେଇ ଇଫ୍‌କୋର ଯୋଜନା
- ମାଗଣାରେ ମେଡିକାଲ ଅକ୍ସିଜେନ ପାଇବେ ହସ୍ପିଟାଲ

**ନୂଆଦିଲ୍ଲୀ,୧୯।୪**

ଦେଶର ୟୁରିଆ ଉତ୍ପାଦନକାରୀ କମ୍ପାନୀଗୁଡିକ ମେଡିକାଲ ଅକ୍ସିଜେନ ଉତ୍ପାଦନ କରିବା ଲାଗି ପ୍ଲାଣ୍ଟ ସ୍ଥାପନ କରିବାକୁ କେନ୍ଦ୍ର ସାରମନ୍ତ୍ରୀ ସଦାନନ୍ଦ ଗୌଡା ସୋମବାର ଆହ୍ୱାନ ଜଣାଇଛନ୍ତି। କୋଭିଡ୍ ମାମଲା ବଢୁଥିବାରୁ ବର୍ତ୍ତମାନ ଅମ୍ଳଜାନ ସିଲିଣ୍ଡରର ଆବଶ୍ୟକତା ପଡୁଛି। ପ୍ରମୁଖ ସାର ଉତ୍ପାଦନକାରୀ ଇଫ୍‌କୋ ପାରାଦୀପ ସମେତ ମୋଟ ୪ ସ୍ଥାନରେ ଥିବା ଏୟାର ପ୍ଲାଣ୍ଟ ପରିସରରେ ଅକ୍ସିଜେନ ଉତ୍ପାଦନ କରିବା ଲାଗି ଆଗେଇ ଆସିଛି। ଏହି ପଦକ୍ଷେପକୁ ଗୌଡା ପ୍ରଶଂସା କରିଛନ୍ତି। ଦେଶ ମଧ୍ୟରେ ଅକ୍ସିଜେନ ସିଲିଣ୍ଡର ଅଭାବ ରହୁଥିବାରୁ ଏହାକୁ ନେଇ ସରକାର ଚିନ୍ତା ପ୍ରକଟ କରିଥିଲେ। ଏହାକୁ ନଜରରେ ରଖି କେନ୍ଦ୍ର ସରକାର ୧୦ ରାଜ୍ୟର ମୁଖ୍ୟ ଶାସନ ସଚିବ ଏବଂ ବରିଷ୍ଠ ଅଧିକାରୀଙ୍କ ଏକ ଜରୁରିକାଳୀନ ବୈଠକ ଡାକିଥିଲେ। ମେଡିକାଲ ଅକ୍ସିଜେନ ଉପଲବ୍ଧ କରାଇବା ଲାଗି ସରକାର ସବୁ ପ୍ରକାର ପଦକ୍ଷେପ ଗ୍ରହଣ କରୁଥିବା ଗୌଡା ଟୁଇଟ ଯୋଗେ ସୂଚନା ଦେଇଛନ୍ତି।

ଏହି ପରିପ୍ରେକ୍ଷୀରେ ଇଫ୍‌କୋ ପକ୍ଷରୁ ସୋମବାର କୁହାଯାଇଛି, ଆଗାମୀ ୧୫ ଦିନ ମଧ୍ୟରେ ୩୦ କୋଟି ଟଙ୍କା ବିନିଯୋଗରେ ୪ ମେଡିକାଲ ଅକ୍ସିଜେନ ପ୍ଲାଣ୍ଟ ସ୍ଥାପନ କରାଯିବା ନେଇ ଲକ୍ଷ୍ୟ ରଖାଯାଇଛି। ପ୍ଲାଣ୍ଟଗୁଡ଼ିକ ଓଡ଼ିଶା ସମେତ ଉତ୍ତର ପ୍ରଦେଶ ଏବଂ ଗୁଜରାଟ ଭଳି ରାଜ୍ୟରେ ସ୍ଥାପନ କରାଯିବ। ଏଥିରୁ ଉତ୍ପାଦିତ ଅକ୍ସିଜେନ ହସ୍ପିଟାଲଗୁଡ଼ିକୁ ମାଗଣାରେ ଯୋଗାଇ ଦିଆଯିବ। ଅଧିକ ୟୁରିଆ ୟୁନିଟ ଏଭଳି କାର୍ଯ୍ୟରେ ନିଜର ଯୋଗଦାନ ରଖନ୍ତୁ ବୋଲି କେନ୍ଦ୍ରମନ୍ତ୍ରୀ ନିବେଦନ କରିଛନ୍ତି। ଗୁଜରାଟର କଲୋଲ ୟୁରିଆ ପ୍ଲାଣ୍ଟରେ ସ୍ଥାପନ ହେବାକୁ ଥିବା ଅକ୍ସିଜେନ ପ୍ଲାଣ୍ଟରୁ ଦୈନିକ ୩୩ ହଜାର ଲିଟରର ମେଡିକାଲ ଗ୍ରେଡ୍ ଅକ୍ସିଜେନ ଉତ୍ପାଦନ କରାଯିବ। ଅନ୍ୟ ସ୍ଥାନଗୁଡିକ ମଧ୍ୟରେ ଆଓନଲ ଏବଂ ଫୁଲପୁର ଭଳି ସ୍ଥାନ ରହିଛି। ହସ୍ପିଟାଲଗୁଡ଼ିକୁ ମାଗଣାରେ ସିଲିଣ୍ଡର ଯୋଗାଣ ହେବାକୁ ଥିବା ବେଳେ ପ୍ରତି ସିଲିଣ୍ଡର ୪୬.୭ ଲିଟର ବିଶିଷ୍ଟ ରହିବ ବୋଲି ଇଫ୍‌କୋ ଏମ୍‌ଡି ତଥା ସିଇଓ ୟୁଏସ୍ ଅୱସ୍ତି କହିଛନ୍ତି।

# ‘ଓ ଜେନେରାଲ’ର ଏକ୍ସକ୍ଲୁସିଭ ଷ୍ଟୋର




**କଟକ,୧୯।୪**

ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ଜାପାନିଜ୍ ବ୍ରାଣ୍ଡ ‘ଓ ଜେନେରାଲ’ପକ୍ଷରୁ ଏହାର ଏକ୍ସକ୍ଲୁସିଭ ଷ୍ଟୋର ‘ଆର୍‌କେଡି’ ସ୍ଥାନୀୟ ବଜ୍ରକବାଟି ଛକ ନିକଟରେ ଖୋଲିଛି। ସୋମବାର ଏହି ସ୍ୱତନ୍ତ୍ର ଷ୍ଟୋରକୁ କମ୍ପାନୀର ଜୋନାଲ ମ୍ୟାନେଜର(ଇଷ୍ଟ) ସତ୍ୟକେତନ ମିଶ୍ର ଏବଂ ଷ୍ଟୋର ମୁଖ୍ୟ ସନ୍ତୋଷ କୁମାର ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଶୁଭାରମ୍ଭ କରିଥିଲେ। ଏହି ପରିପ୍ରେକ୍ଷୀରେ ଜୋନାଲ ମ୍ୟାନେଜର ମିଶ୍ର କହିଥିଲେ, ଏହାକୁ ମିଶାଇ କମ୍ପାନୀ ବର୍ତ୍ତମାନ ସମୟରେ ରାଜ୍ୟରେ ମୋଟ ୪ ଟି ଷ୍ଟୋର ଖୋଲିସାରିଛି। କମ୍ପାନୀର ଏହିସବୁ ଷ୍ଟୋର ଜରିଆରେ ବିଭିନ୍ନ ବର୍ଗର ଏସି ଗ୍ରାହକଙ୍କୁ ଯୋଗାଇ ଦେଉଛି। ସେ ଆହୁରି କହିଥିଲେ ଯେ, କମ୍ପାନୀ ଭାରତ ବଜାରକୁ ନଜରରେ ରଖି ତା’ର ସାମଗ୍ରୀର ଦରକୁ ୨୦ରୁ ୬୦ ହଜାର ଟଙ୍କା ମଧ୍ୟରେ ରଖିଛି। ଏହି ଦର ମଧ୍ୟରେ ଗ୍ରାହକଙ୍କ ଆବଶ୍ୟକତା ପୂରଣ ହୋଇପାରିବ। ବିକ୍ରି ପରବର୍ତ୍ତୀ ସେବା ମଧ୍ୟ କମ୍ପାନୀ ତା’ର ଗ୍ରାହକଙ୍କୁ ଯୋଗାଇ ଦେଉଥିବା ବେଳେ ବିକ୍ରି ସମୟରେ ମଧ୍ୟ ଷ୍ଟୋର ପକ୍ଷରୁ ବିଭିନ୍ନ ଅଫର ସହ ଆକର୍ଷଣୀୟ ଇଏମ୍‌ଆଇ ସୁବିଧା ପ୍ରଦାନ କରୁଥିବା ସେ ସୂଚନା ଦେଇଛନ୍ତି। ଏହି ଅବସରରେ କମ୍ପାନୀର ଅନ୍ୟ ଅଧିକାରୀ ସମେତ ଷ୍ଟୋରର ସମସ୍ତ କର୍ମଚାରୀ ଓ ଅନ୍ୟମାନେ ଉପସ୍ଥିତ ରହିଥିଲେ।

# ଭି୨ ପକ୍ଷରୁ ନୂଆ ଷ୍ଟୋର

**ରାଉରକେଲା,୧୯।୪**

ଭି୨ ରିଟେଲ ଲିମିଟେଡ ପକ୍ଷରୁ ଏହାର ନୂଆ ଷ୍ଟୋର ରାଉରକେଲାରେ ଶୁଭାରମ୍ଭ ହୋଇଛି। ସ୍ଥାନୀୟ ଉଦିତ ନଗର, କଚେରୀ ରୋଡ, ଆକ୍ସିସ ବ୍ୟାଙ୍କ ସାମ୍ନା ସ୍ଥିତ ଶ୍ରୀ ଗୋବିନ୍ଦ ଟାୱାର୍ସଠାରେ ଷ୍ଟୋରଟି ଅବସ୍ଥିତ। ଏହା କମ୍ପାନୀର ୯୭ତମ ଷ୍ଟୋର ହୋଇଥିବା ବେଳେ ଓଡ଼ିଶାରେ ୧୩ତମ। କମ୍ପାନୀର ଏନ୍‌ଏସଓ ହେଡ୍ ଲକ୍ଷ୍ମୀକାନ୍ତ ମଣ୍ଡଳ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହାର ଉଦଘାଟନ କରିଥିଲେ। କମ୍ପାନୀର ରିଟେଲ ମୁଖ୍ୟ ଶକ୍ତି ମହାନ୍ତି, ମାର୍କେଟିଂ ମୁଖ୍ୟ ଅଖିଳ କାଟୋଚ୍ ଏହି ଅବସରରେ ଭିଡିଓକନଫରେନ୍ସ ଯୋଗେ ଯୋଗ ଦେଇଥିଲେ। ଗ୍ରାହକଙ୍କ ବର୍ଦ୍ଧିତ ଚାହିଦାକୁ ନଜରରେ ରଖି କମ୍ପାନୀ ଏହି ଷ୍ଟୋରଟି ଶୁଭାରମ୍ଭ କରିଛି। ନୂଆ ଷ୍ଟୋରରେ ଗ୍ରାହକଙ୍କୁ ବିଭିନ୍ନ ବର୍ଗର ପ୍ରଡକ୍ଟ ଯୋଗାଇ ଦେବା ଲାଗି କମ୍ପାନୀ ଯୋଜନା ରଖିଛି। ଏହି ଷ୍ଟୋରଟି ଭଲ କାରବାର କରିବ ବୋଲି କମ୍ପାନୀ ଆଶାବାଦି ରହିଛି। ପୁରୁଷ, ମହିଳା ଏବଂ ଶିଶୁଙ୍କ ଲାଗି ଗୋଟିଏ ଛାତ ତଳେ ଫ୍ୟାଶନ ଏବଂ ଆସେସୋରିଜ ଏଠାରେ ମିଳିପାରିବ। ସ୍ମାର୍ଟ, ଟ୍ରେଣ୍ଡି ଏବଂ ଫ୍ୟାଶନ ଏହି ଷ୍ଟୋରରେ ଉପଲବ୍ଧ ରହିଥିବା କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି।



### ଭାକ୍ସିନ କମ୍ପାନୀଙ୍କୁ ୪୫୬୭ କୋଟି ଅଗ୍ରିମ ଦେୟ

**ନୂଆଦିଲ୍ଲୀ,୧୯।୪**

ସିରମ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଇଣ୍ଡିଆ ଏବଂ ଭାରତ ବାୟୋଟେକ ଭଳି ଭାକ୍ସିନ ପ୍ରସ୍ତୁତ କରୁଥିବା କମ୍ପାନୀଗୁଡ଼ିକୁ ୪୫୬୭ କୋଟି ଟଙ୍କାର ଅଗ୍ରିମ ଅର୍ଥ ପ୍ରଦାନ ପ୍ରସ୍ତାବକୁ ମଞ୍ଜୁରୀ ମିଳିଛି। ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ଏହାକୁ ସୋମବାର ମଞ୍ଜୁର କରିଥିବା ଜଣାପଡିଛି। କରୋନା ସଂକ୍ରମଣ ବଢୁଥିବା ବେଳେ କମ୍ପାନୀକୁ ଭାକ୍ସିନର ଅଧିକ ଡୋଜ ପ୍ରସ୍ତୁତ କରିବାକୁ ସରକାର କହିଛନ୍ତି। ଏଭଳି ସ୍ଥିତି କମ୍ପାନୀଙ୍କ ଲାଗି ଅଗ୍ରିମ ଅର୍ଥ ବ୍ୟବସ୍ଥା କରିବା ମନୋବଳ ବଢାଇବ ବୋଲି କୁହାଯାଉଛି। ଏହି ଅର୍ଥ ମଧ୍ୟରୁ ୩ ହଜାର କୋଟି ସିରମ ଇନ୍‌ଷ୍ଟିଚ୍ୟୁଟ ପାଇବାକୁ ଥିବା ବେଳେ ଭାରତ ବାୟୋଟେକ ୧୫୬୭ କୋଟି ଟଙ୍କା ଲାଭ କରିବ।

# ମାସେ ଲକ୍‌ଡାଉନରେ ଜିଡିପିକୁ ୨% ଝଟକା

**ନୂଆଦିଲ୍ଲୀ,୧୯।୪**

ସାରା ଦେଶରେ ଯଦି ଗୋଟିଏ ମାସ ଲାଗି ଲକ୍‌ଡାଉନ ହୁଏ ତେବେ ଏହା ମୋଟ ଘରୋଇ ଉତ୍ପାଦ(ଜିଡିପି)ରୁ ୨% ପୋଛିନେବ। ଆମେରିକାର ଏକ ବ୍ରୋକ୍‌ରେଜ ଫାର୍ମ ପକ୍ଷରୁ ଏଭଳି ଆଶଙ୍କା କରାଯାଇଛି। କୋଭିଡ୍‌କୁ ନିୟନ୍ତ୍ରଣ କରିବା ଲାଗି ଆଞ୍ଚଳିକ ସ୍ତରୀୟ କଟକଣା ଉପରେ ଭାରତ ସରକାର ଧ୍ୟାନ ନିକ୍ଷେପ କରନ୍ତୁ ବୋଲି ବ୍ୟାଙ୍କ ଅଫ୍ ଆମେରିକା ରିପୋର୍ଟରେ କୁହାଯାଇଛି। ବର୍ତ୍ତମାନ ଦୈନିକ ନୂଆ ସଂକ୍ରମଣ ହାର ୭% ବଢିଛି। ସ୍ଥିତି ସୁଧୁରିବା ଭଳି ଦେଖାଯାଉନାହିଁ। ଏଣୁ ଅର୍ଥ ବ୍ୟବସ୍ଥା ଲାଗି ଏହା ଅଧିକ ସଙ୍କଟ ସୃଷ୍ଟି କରିବ ବୋଲି ଏହି ବ୍ରୋକରେଜ ଫାର୍ମ କହିଛି। ଆର୍ଥିକ ବର୍ଷ ୨୦୨୧-୨୨ରେ ଗ୍ରସ୍ ଭାଲ୍ୟୁ ଆଡେଡ୍ ୯% ଅଭିବୃଦ୍ଧି ହେବ ବୋଲି ଆକଳନ କରାଯାଇଛି। କଠୋର କଟକଣା ଦ୍ୱାରା ଜାତୀୟ ଏବଂ ରାଜ୍ୟ ସ୍ତରରେ ସରକାର କୋଭିଡ୍‌କୁ ନିୟନ୍ତ୍ରଣ କରିବାକୁ ସକ୍ଷମ ହେବେ ବୋଲି ଏହି ସଂସ୍ଥା କହିଛି।

ରିପୋର୍ଟରେ କୁହାଯାଇଛି ଯେ, ଭାରତର ପ୍ରାୟ ୧୦ ରାଜ୍ୟରେ ଅଧିକ ସଂକ୍ରମଣ ମାମଲା ଦେଖାଯାଉଛି। ଅନେକ ରାଜ୍ୟ ବର୍ତ୍ତମାନ ମହାରାଷ୍ଟ୍ରକୁ ଅନୁସରଣ କରୁଛନ୍ତି। ବର୍ତ୍ତମାନ ୧.୨% ଲୋକ ଟିକା ନେଇଛନ୍ତି। ଏହାବାଦ ୭.୮% କରୋନାର ପ୍ରଥମ ଟିକା ଗ୍ରହଣ କରିଛନ୍ତି। ଟିକା ଅଭାବ ଯୋଗୁ ଅନେକ ସ୍ଥାନରେ ଟିକାକରଣରେ ବ୍ୟାଘାତ ସୃଷ୍ଟି ହେଉଛି। ୨୦୨୧ ବେଳକୁ ୩୪% ଜନସଂଖ୍ୟା ଟିକା ଗ୍ରହଣ କରି ସାରିଥିବେ ବୋଲି ଆକଳନ କରାଯାଇଛି। ନୂଆକରି ମଞ୍ଜୁରୀ ମିଳିଥିବା ସ୍ପୁଟନିକ ଭାକ୍ସିନ ଭାରତରେ ଉପଲବ୍ଧ ହେଲେ ଟିକାକରଣ ୪୦%କୁ ବଢ଼ିପାରେ।

# ଶିଳ୍ପଜଗତର ମତାମତ ଲୋଡ଼ିଲେ ସୀତାରାମନ

**ନୂଆଦିଲ୍ଲୀ,୧୯।୪**



**କୋଭିଡ୍ ଲଢ଼େଇ**

କୋଭିଡ୍ ସଂକ୍ରମଣ ବଢୁଥିବାରୁ ଏହା ସରକାରଙ୍କ ଚିନ୍ତା ବଢ଼ାଇଛି। କୋଭିଡ୍-୧୯ ନିୟନ୍ତ୍ରଣ ଏବଂ ପରିଚାଳନା କରିବା ଲାଗି ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ଶିଳ୍ପଜଗତ ଏବଂ ଶିଳ୍ପ ସଂଘଗୁଡିକର ମତାମତ ଲୋଡିଛନ୍ତି। ସେ କହିଛନ୍ତି, ଲୋକଙ୍କ ଜୀବନ ଜୀବିକା ରକ୍ଷା କରିବା ଲାଗି ରାଜ୍ୟଗୁଡିକ ସହ ମିଳିତ ହୋଇ କେନ୍ଦ୍ର ସରକାର ବର୍ତ୍ତମାନ କାମ କରୁଛନ୍ତି। କୋଭିଡ୍‌ର ପ୍ରଭାବ ଅର୍ଥ ବ୍ୟବସ୍ଥା ଉପରେ ବର୍ତ୍ତମାନ କିଭଳି ରହିଛି ସେ ନେଇ ଅର୍ଥମନ୍ତ୍ରୀ ଶିଳ୍ପଜଗତ ପ୍ରତିନିଧିଙ୍କ ସହ ଆଲୋଚନା କରିଛନ୍ତି। ଉଲ୍ଲେଖଯୋଗ୍ୟ, କରୋନା ନିୟନ୍ତ୍ରଣ ପାଇଁ ସରକାର ଗତ ବର୍ଷ ଲକ୍‌ଡାଉନ ଜାରି କରିଥିଲେ। ଫଳରେ ଏପ୍ରିଲ-ଜୁନ୍ ଅବଧିରେ ଦେଶର ମୋଟ ଘରୋଇ ଉତ୍ପାଦ(ଜିଡିପି) ୨୩.୯% ଖସିଥିଲା।

ସୀତାରାମନ, ସିଆଇଆଇ ସଭାପତି ଉଦୟ କୋଟାକ, ଫିକି ସଭାପତି ଉଦୟ ଶଙ୍କର ଏବଂ ଆସୋଚାମ ସଭାପତି ବିନିତ ଅଗ୍ରୱାଲଙ୍କ ସହ ଟେଲିଫୋନ ଯୋଗେ ଆଲୋଚନା କରିଛନ୍ତି। ସେହିଭଳି ଟାଟା ଷ୍ଟିଲ୍ ଏମ୍‌ଡି ଟିଭି ନରେନ୍ଦ୍ରନ, ଏଲ୍ ଆଣ୍ଡ ଟି ଅଧ୍ୟକ୍ଷ ଏ.ଏମ୍.ନାୟକ, ଟିସିଏସ୍ ଏମ୍‌ଡି ରାଜେଶ ଗୋପୀନାଥନ, ମାରୁତି ସୁଜୁକି ଅଧ୍ୟକ୍ଷ ଆର୍.ସି.ଭାର୍ଗବ, ଟିଭିଏସ୍ ଗ୍ରୁପ୍ ଅଧ୍ୟକ୍ଷ ଭେନୁ ଶ୍ରୀନିବାସନ ଏବଂ ହିରୋ ମୋଟୋକର୍ପ ଏମ୍‌ଡି ପୱନ ମୁଞ୍ଜାଲଙ୍କ ଭଳି ବିଜ୍‌ନେସ ଲିଡରଙ୍କ ସହ ମଧ୍ୟ ଅର୍ଥମନ୍ତ୍ରୀ କୋଭିଡ୍ ସ୍ଥିତି ସମ୍ପର୍କରେ ଆଲୋଚନା କରିଛନ୍ତି। କୋଭିଡ୍ ନିୟନ୍ତ୍ରଣ ଏବଂ ଲୋକାଲ କଣ୍ଟେନ୍‌ମେଣ୍ଟ ଉପରେ ଏଠାରେ ଗୁରୁତ୍ୱାରୋପ କରାଯାଇଛି। ଗତ ସପ୍ତାହରେ ଅର୍ଥମନ୍ତ୍ରୀ କହିଥିଲେ, ସାରା ଦେଶକୁ ସରକାର ଲକ୍‌ଡାଉନ କରିବେ ନାହିଁ। କରୋନା ଚେନ୍‌କୁ ଭାଙ୍ଗିବା ଲାଗି ଲୋକାଲ କଣ୍ଟେନ୍‌ମେଣ୍ଟ ଜୋନ୍ ଉପରେ ଧ୍ୟାନ ଦିଆଯିବ। ସାରା ଦେଶକୁ ଲକ୍‌ଡାଉନ କରି ଅର୍ଥ ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ନ କରି ସ୍ଥାନୀୟ ଅଞ୍ଚଳରେ ରୋଗୀଙ୍କୁ ଆଇସୋଲେଶନ ଏବଂ କ୍ୱାରାନଟାଇନ ଉପରେ ଧ୍ୟାନ ଦିଆଯିବ ବୋଲି ସୀତାରାମନ କହିଛନ୍ତି।



ମୁମ୍ବାଇ: ନୀଳନୟନା ଐଶ୍ୱର୍ଯ୍ୟା ରାୟ ବଚ୍ଚନଙ୍କ ଏକ ଫଟୋକୁ ପ୍ରଶଂସକମାନେ ବେଶ୍ ପସନ୍ଦ କରିଛନ୍ତି। ଫଟୋରେ ଐଶ ବହୁତ ୟଙ୍ଗ ଆଉ ସୁନ୍ଦର ଦେଖାଯାଉଛନ୍ତି। ଯାହା ପ୍ରଶଂସକଙ୍କ ହୃଦୟରେ ନିଆଁ ଲଗାଇ ଦେଇଛି। ଅଭିନେତ୍ରୀ ସୋନମ କପୁର ଇନ୍ଷ୍ଟାଗ୍ରାମରେ ଐଶ୍ୱର୍ଯ୍ୟାଙ୍କ ଏକ ପୁରୁଣା ଫଟୋ ଶେୟାର କରିଛନ୍ତି। ଐଶ ୧୯୯୪ରେ ମିସ୍ ୱାର୍ଲଡରେ ଭାଗ ନେଇଥିବା ସମୟର ଏହି ଫଟୋରେ ତାଙ୍କ ପ୍ରଶଂସକ ବିଭିନ୍ନ ପ୍ରତିକ୍ରିୟା ରଖିଛନ୍ତି। ଜଣେ ୟୁଜର ଲେଖିଛନ୍ତି, 'ସବୁଠୁ ସୁନ୍ଦର ଅଭିନେତ୍ରୀ'। ସେହିପରି ଆଉ ଜଣେ ୟୁଜର ଲେଖିଛନ୍ତି, ଆରାଧାଙ୍କ କାର୍ବନ କପି। ଅନ୍ୟ ଜଣେ ଲେଖିଛନ୍ତି, ଏବେ କିଏ ଅଛନ୍ତି ଐଶ୍ୱର୍ଯ୍ୟାଙ୍କ ପରି।

# ସେକ୍ସ ସରୋଗେଟ୍ ଥେରାପି

**ଦୀର୍ଘ ବର୍ଷ ଧରି କଠୋରପନ୍ଥୀ ମୁସଲମାନ ରାଷ୍ଟ୍ରସମୂହର ଦାଉ ସହିଆସିଛି ଇସ୍ରାଏଲ। ତଥାପି ନିଜର ସାମରିକ କ୍ଷମତା ଏବଂ କୂଟନୀତି ବଳରେ ସାର୍ବଭୌମତ୍ୱର ସୁରକ୍ଷା କରିପାରିଛି ଏହି ଇହୁଦୀ ରାଷ୍ଟ୍ର। ତେବେ ଦୀର୍ଘଦିନ ଧରି ଲାଗି ରହିଥିବା ଛାୟାଯୁଦ୍ଧରେ ଅନେକ ଇସ୍ରାଏଲୀ ସୈନିକ ଗୁରୁତର ହେଉଛନ୍ତି। ସେମାନଙ୍କ ଆତ୍ମବିଶ୍ୱାସ ବଢ଼ାଇବା ଲାଗି ସରକାର ଏବେ ଆରମ୍ଭ କରିଛନ୍ତି 'ସେକ୍ସ ସରୋଗେଟ ଥେରାପି'। ଏହାଦ୍ୱାରା ଗୁରୁତର ସୈନିକଙ୍କ ଯୌନଜୀବନ ସ୍ୱାଭାବିକ ହୋଇପାରୁଛି। ଏଥିସହ ମାନସିକସ୍ଥିତି ପୂର୍ବାବସ୍ଥାକୁ ଫେରିଆସି ପାରୁଛି।**



**ନୂଆଦିଲ୍ଲୀ:** ଯୁଦ୍ଧରେ ଗୁରୁତର ଆହତ ହୋଇଥିବା ଏବଂ ଆତ୍ମବିଶ୍ୱାସ ହରାଇ ସାରିଥିବା ସୈନିକଙ୍କୁ ଇସ୍ରାଏଲରେ ଦିଆଯାଉଛି 'ସେକ୍ସ ସରୋଗେଟ ଥେରାପି'। ଏଥିପାଇଁ ଆବଶ୍ୟକ ଖର୍ଚ୍ଚ ବହନ କରୁଛନ୍ତି ସେଠାକାର ସରକାର। ଏହା ହେଉଛି ଏକ କପଲ୍ ଥେରାପି, ଯେଉଁଥିରେ ଗୁରୁତର ସୈନିକ (ଉଭୟ ପୁରୁଷ ଏବଂ ମହିଳା)ଙ୍କ ଲାଗି ସାଥୀ ବ୍ୟବସ୍ଥା କରାଯାଇଥାଏ। ଦୁହେଁ କିଛିଦିନ ଏକାଠି ବିତାଇବା ପରେ ସମ୍ପୃକ୍ତ ସୈନିକଙ୍କ ଭିତରେ କମିଯାଇଥିବା ଆତ୍ମବିଶ୍ୱାସ ଫେରିଆସିଥାଏ।

କେବଳ ଇସ୍ରାଏଲ ନୁହେଁ, ସେକ୍ସ ସରୋଗେଟ ଥେରାପିକୁ ନେଇ ପୂର୍ବରୁ ଅନେକ ଦେଶ ଚର୍ଚ୍ଚାର ପରିସରକୁ ଆସିଛନ୍ତି। ଏହାକୁ ଅଧିକାଂଶ ବେଶ୍ୟାବୃତ୍ତି ଭଳି ନଜରରେ ଦେଖିଥାଆନ୍ତି। ହେଲେ ଇସ୍ରାଏଲ କଥା ଅଲଗା। ଏହି ଦେଶ ମୁକ୍ତ ମାନସିକତାରେ ବିଶ୍ୱାସ ରଖେ। ତେଣୁ ଯୁଦ୍ଧରେ ଅଙ୍ଗପ୍ରତ୍ୟଙ୍ଗ ହରାଇଥିବା କିମ୍ବା ସମାଜର ମୁଖ୍ୟସ୍ରୋତରୁ ଦୂରେଇ ଯାଇଥିବା ସୈନିକଙ୍କୁ ଇସ୍ରାଏଲ ସରକାର ନିଜ ଖର୍ଚ୍ଚରେ ଯୋଗାଇ ଦେଉଛନ୍ତି ସମସ୍ତ ସୁବିଧା ସୁଯୋଗ।

ଇସ୍ରାଏଲର ଚାରିପଟକୁ ଘେରି ରହିଛନ୍ତି ଆରବୀୟ ଦେଶ। ଦେଶ ଉପରେ ବାରମ୍ବାର ଆତଙ୍କବାଦୀ ଆକ୍ରମଣ ହେଉଛି। ଏହାର ମୁକାବିଲା କରିବା ଲାଗି ସାମରିକ ଶକ୍ତିକୁ ଅଧିକ କ୍ଷମତାସମ୍ପନ୍ନ କରିଚାଲିଛି ଇହୁଦୀ ଦେଶ ଇସ୍ରାଏଲ। ଅନେକ ସମୟରେ ଶତ୍ରୁପକ୍ଷର ଆକ୍ରମଣ ଏବଂ ସ୍ୱତନ୍ତ୍ର ଅପରେଶନ ସମୟରେ ହେଉଥିବା ସଂଘର୍ଷରେ ସୈନିକମାନେ ଗୁରୁତର ହେଉଛନ୍ତି। ଏହାର ପ୍ରଭାବ ସେମାନଙ୍କ ପାରିବାରିକ ଜୀବନ ଉପରେ ପଡୁଛି। ଯୌନଜୀବନ ଅବ୍ୟବସ୍ଥିତ ହୋଇପଡୁଛି। ଏଭଳି ସମୟରେ ସେମାନେ ମାନସିକସ୍ତରରେ ଭାଙ୍ଗିପଡୁଛନ୍ତି। ସେମାନଙ୍କ ଜୀବନକୁ ସ୍ୱାଭାବିକ କରିବା ଲାଗି 'ସେକ୍ସ ସରୋଗେଟ ଥେରାପି' ମାଧ୍ୟମରେ ଜଣେ ପାର୍ଟନର ଯୋଗାଇ ଦିଆଯାଇଥାଏ। ସମ୍ପୃକ୍ତ ସାଥୀ ସେମାନଙ୍କ ନିକଟତର ହେବା ସହ ମାନସିକ ଚାପ ହ୍ରାସ କରିବାରେ ଆବଶ୍ୟକ

## ଆହତ ସୈନିକଙ୍କ ଲାଗି ଆଶୀର୍ବାଦ

ସହାୟତା ପ୍ରଦାନ କରିଥାଆନ୍ତି। ଅନେକ ସମୟରେ ଆଭ୍ୟନ୍ତରୀଣ ଅଙ୍ଗପ୍ରତ୍ୟଙ୍ଗ ଆଘାତପ୍ରାପ୍ତ ହୋଇଥିଲେ ହୁଇଲ୍ ଚେୟାରରେ ବସି ମଧ୍ୟ ଜଣେ ଏହି ଥେରାପି ନେଇପାରିବା ବ୍ୟବସ୍ଥା କରାଯାଇଛି। ଏକ ଅନ୍ତର୍ଜାତୀୟ ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, ବିବାହିତ ସୈନିକମାନେ ଗୁରୁତର ହେବା ପରେ ସେମାନଙ୍କ ଦାମ୍ପତ୍ୟ ଜୀବନ ଏବଂ ଯୌନଜୀବନ ପ୍ରଭାବିତ ହୋଇଥାଏ। ସୈନିକମାନେ ପ୍ରଫେଶନାଲ ଥେରାପିଷ୍ଟଙ୍କ ସହାୟତା ନେବାକୁ ସାଧାରଣତଃ ପସନ୍ଦ କରନ୍ତି ନାହିଁ। ତେଣୁ ସମ୍ପୃକ୍ତ ସୈନିକଙ୍କ ମାନସିକ ସ୍ଥିତି ଠିକ୍ କରିବାକୁ ସରକାରୀସ୍ତରରେ ଆରମ୍ଭ ହୋଇଥିବା 'ସେକ୍ସ ସରୋଗେଟ ଥେରାପି' ଏବେ ଆଶୀର୍ବାଦ ପାଲଟିଛି।

## ସ୍ୱତନ୍ତ୍ର ପ୍ରକୋଷ୍ଠରେ ସବୁ ସୁବିଧା

ସେକ୍ସ ସରୋଗେଟ ଥେରାପିରେ ସୈନିକ ଏବଂ ତାଙ୍କ ପାର୍ଟନରଙ୍କୁ ଏକ ସ୍ୱତନ୍ତ୍ର ପ୍ରକୋଷ୍ଠରେ ରଖାଯାଇଥାଏ। କୋଠରିରେ ଆବଶ୍ୟକ ସମସ୍ତ ସୁବିଧା ସୁଯୋଗ ସହ ସଂଲଗ୍ନ ପାଇଖାନା ଥାଏ। କାନ୍ଥଗୁଡ଼ିକୁ ସୁନ୍ଦର ପେଣ୍ଟିଂ ଦ୍ୱାରା ସଜାଯାଇଥାଏ। ଏଠାରେ ସମ୍ପୂର୍ଣ୍ଣ ଘରୋଇ ପରିବେଶ ସୃଷ୍ଟି କରାଯାଇଥାଏ। ଫଳରେ ମାନସିକ ସ୍ଥିତି ବିଗିଡ଼ିଯାଇଥିବା ସୈନିକ ନିଜକୁ ଉକ୍ତ ପରିବେଶରେ ଖାପଖୁଆଇବା ସହ ଅଧିକ ଆରାମଦାୟକ ମନେ କରିଥାଆନ୍ତି। ସାଥୀଙ୍କ ସହ ନିକଟତର ହେବା, ନିଜର ଭାବନା ପରିପ୍ରକାଶ କରିବା ଦ୍ୱାରା ସେମାନଙ୍କ ନିକଟରେ ମାନସିକ ସ୍ଥିରତା ଦେଖାଦେଇଥାଏ, ଯାହା ସୈନିକଙ୍କ ଆତ୍ମବିଶ୍ୱାସ ଫେରାଇ ଆଣିଥାଏ। ପାଖାପାଖି ୩ ମାସ ଧରି ଚାଲୁଥିବା ଏହି ଥେରାପିରେ ଜଣ ପିଛା ହାରାହାରି ୪ ଲକ୍ଷ ଟଙ୍କା ଯାଏ ଖର୍ଚ୍ଚ ହୋଇଥାଏ।

## ପ୍ରଶଂସକଙ୍କୁ ନେହୁରା ହେଲେ କାଜଲ



**ମୁମ୍ବାଇ:** ଦେଶରେ କରୋନା ସଂକ୍ରମଣ ଭୟଙ୍କର ଭାବେ ମାଡ଼ି ଚାଲିଥିବା କଟକଣା ମାନି ଘରେ ରହିବାକୁ ନିଜ ପ୍ରଶଂସକଙ୍କୁ ନେହୁରା ହୋଇଛନ୍ତି ଅଭିନେତ୍ରୀ କାଜଲ ଅଗ୍ରୱାଲ। ନିଜେ ସଚେତନ ହୋଇ ସଂକ୍ରମଣରୁ ବର୍ତ୍ତିବା ସହ ଅନ୍ୟମାନଙ୍କୁ ମଧ୍ୟ ସୁରକ୍ଷିତ ରଖିବା କଥା ଚିନ୍ତା କରିବାକୁ ସେ କହିଛନ୍ତି। ରୋଗ ବ୍ୟାପିବା ଯୋଗୁ ଅଧିକ ସମସ୍ୟାରେ ପଡୁଛନ୍ତି ଡାକ୍ତର, ସ୍ୱାସ୍ଥ୍ୟକର୍ମୀ। ତେଣୁ ସେମାନଙ୍କ ଉପରେ ଅତ୍ୟଧିକ ଚାପ ନ ପକାଇବାକୁ ସେ ଲୋକଙ୍କୁ ଅନୁରୋଧ କରିଛନ୍ତି। କାଜଲ ତାଙ୍କ ଇନ୍ଷ୍ଟାଗ୍ରାମରେ ଏକ ଇମୋସନାଲ ନୋଟ୍ ଲେଖି ପୋଷ୍ଟ କରିଛନ୍ତି। ଅପରିଚିତ ଲୋକଟିଏ ବି ଯନ୍ତ୍ରଣାରେ ଥିଲେ ତାଙ୍କୁ ସହାନୁଭୂତି ଦେଖାନ୍ତୁ ବୋଲି ସେ ଲେଖିଛନ୍ତି। ନିକଟରେ ସଞ୍ଜୟ ଗୁପ୍ତାଙ୍କ ନିର୍ଦ୍ଦେଶିତ ଫିଲ୍ମ ମୁମ୍ବାଇ ସାଗାରେ ଅଭିନୟ କରିଥିବା କାଜଲ ଆହୁରି କହିଛନ୍ତି, ବର୍ତ୍ତମାନ ପୃଥିବୀ ହେଉଛି ଭୟାନକ ସ୍ଥାନ, ଯେଉଁଠି କେବେ ସମ୍ଭବ ବୋଲି ଭାବି ନ ଥିବା ଘଟଣା ଘଟୁଛି। ତେଣୁ ଏପରି ସମୟରେ ଆମେ କର୍ତ୍ତବ୍ୟ ପାଳନ କରି ଘରେ ରହିବା ସହ ଆମ ଡାକ୍ତର, ସ୍ୱାସ୍ଥ୍ୟକର୍ମୀଙ୍କ ସମସ୍ୟା ନ ବଢ଼ାଇବା ଉଚିତ।

## ମାସ୍କ ନ ପିନ୍ଧି ମହିଳାଙ୍କ ଅଜବ ଯୁକ୍ତି

**ନୂଆଦିଲ୍ଲୀ:** କୋଭିଡ୍ ନିୟମ ଉଲ୍ଲଂଘନ କରି ଫସିଛନ୍ତି ଦିଲ୍ଲୀର ଏକ ଦମ୍ପତି। ଦିଲ୍ଲୀ ପୋଲିସ ଦମ୍ପତି ପଙ୍କଜ ଦତ୍ତା ଏବଂ ଆଭାଙ୍କ ନାମରେ ଏତଲା ଦାଏର କରିଛି। ଏହି ଦମ୍ପତି ମାସ୍କ ନ ପିନ୍ଧି କାର୍ ଚଳାଇ ଯାଉଥିବାବେଳେ ରବିବାର ସନ୍ଧ୍ୟାରେ ଦରିଆଗଞ୍ଜ ଅଞ୍ଚଳରେ ପୋଲିସ ଅଟକାଇଥିଲା। ସେମାନେ ପୋଲିସକୁ ଦୁର୍ବ୍ୟବହାର କରିଥିଲେ। ସୋସିଆଲ ମିଡିଆରେ ଭାଇରାଲ ଏକ ଭିଡିଓରେ ଆଭା ପୋଲିସ ସହ ଯୁକ୍ତି କରୁଥିବା ଦେଖିବାକୁ ମିଳିଛି। ମୁଁ କେବେ ମାସ୍କ ପିନ୍ଧିବିନି, ମୁଖ୍ୟମନ୍ତ୍ରୀ, ପ୍ରଧାନମନ୍ତ୍ରୀ ମୋର କ'ଣ କରିବେ ବୋଲି ଆଭା କରିଥିଲେ। ଏପରିକି ସେ କାର୍‌ରୁ ବାହାରି ବିନା ମାସ୍କରେ ସ୍ୱାମୀଙ୍କୁ ଚୁମ୍ବନ ଦେବେ ବୋଲି କହିଥିଲେ। ପୋଲିସକୁ ଭିକାରି ବୋଲି କହୁଥିବାର ଏହି ଭିଡିଓ ଭାଇରାଲ ହୋଇଥିବାବେଳେ ଉଭୟଙ୍କୁ ପୋଲିସ ଥାନାକୁ ନେଇ ମାମଲା ରୁଜୁ କରିଛି।

# ସାନିଟାଇଜିଂ ରୋବୋ

**ପାନାଜୀ:** କରୋନାରୁ ରକ୍ଷା ପାଇବା ପାଇଁ ଏବେ ସାନିଟାଇଜେଶନ୍‌କୁ ଗୁରୁତ୍ୱ ଦିଆଯାଉଛି। କିନ୍ତୁ ସାନିଟାଇଜ୍ କରିବାକୁ ଯାଉଥିବା ସ୍ୱାସ୍ଥ୍ୟକର୍ମୀମାନଙ୍କୁ ଏହି ରାସାୟନିକ ପଦାର୍ଥର କ୍ଷତିକାରକ ପ୍ରଭାବରୁ ନିଜକୁ ସୁରକ୍ଷିତ ରଖିବା ନିହାତି ଆବଶ୍ୟକ। ସେମାନଙ୍କୁ ଏଭଳି ପରିସ୍ଥିତିରୁ ରକ୍ଷା କରିବ ରୋବୋ। ଗୋଆର ଫାର୍ଟୋର୍ଡାରେ ଥିବା ବୋସ୍କୋ ଇଞ୍ଜିନିୟରିଂ କଲେଜର ତିନିଜଣ ଛାତ୍ର ତିଆରି କରିଛନ୍ତି ଏବ ସାନିଜାଇଜିଂ ରୋବୋ। ଏହି ରୋବୋ ଏବେ ବିଭିନ୍ନ ସ୍ଥାନକୁ ଯାଇ ପୁରା ବିଲଡିଂକୁ ଭଲଭାବେ ସାନିଟାଇଜିଂ କରିପାରିବ। ଭିନ୍ନ କଥା ହେଉଛି କି ଏହି ରୋବୋଟିକୁ ୪୦୦ ମିଟର ଦୂରରେ ରହି ଅପରେଟ୍ କରାଯାଇପାରିବ। ତେଣୁ ପାଖରେ ରହି ସାନିଟାଇଜିଂ କରିବା ନିମନ୍ତେ ଆଉ କାହାକୁ ସଙ୍କୋଚ ଅନୁଭବ କରିବାକୁ ହେବନି। ଛାତ୍ରମାନେ ତିଆରି କିରଥିବା ରୋବୋ ସାହାଯ୍ୟରେ ଉଭୟ ରାସାୟନିକ ପଦାର୍ଥକୁ ସ୍ପ୍ରେ କରିବା ସହିତ ଅଲଟ୍ରା ଭାଓଲେଟ୍ ରଶ୍ମିକୁ ମଧ୍ୟ ବ୍ୟବହାର କରି ସାନିଟାଇଜିଂ କରିହେବ। ଛାତ୍ର ଖାଦିଲକର, ସାଇଲ୍ କାମତ୍ ଏବଂ ଦ୍ରାଷ୍ଟି ନାଏକ ସେମାନଙ୍କର ଫାଇନାଲ ପ୍ରୋଜେକ୍ଟ ଅନୁସାରେ ଏହି ରୋବୋ ତିଆରି କରିଛନ୍ତି। ସେମାନଙ୍କର ଏହି ପ୍ରୋଜେକ୍ଟକୁ ରାଜ୍ୟ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ବିଭାଗ ପକ୍ଷରୁ ସ୍ୱୀକୃତି ମିଳିବା ସହିତ ଏହି ରୋବୋ ତିଆରି କରିବା ନିମନ୍ତେ ହୋଇଥିବା ସମସ୍ତ ଖର୍ଚ୍ଚ ବିଭାଗ ପକ୍ଷରୁ ଦିଆଯିବ ବୋଲି କୁହାଯାଇଛି। ରୋବୋର କାର୍ଯ୍ୟକୁ ଦେଖି ସ୍ୱାସ୍ଥ୍ୟ ବିଭାଗ ଏବଂ ଗୋଆର ମୁଖ୍ୟମନ୍ତ୍ରୀ ମଧ୍ୟ ପ୍ରଭାବିତ ହୋଇଛନ୍ତି ଏବଂ ଖୁବ୍‌ଶୀଘ୍ର ଏହି ରୋବୋକୁ କାର୍ଯ୍ୟରେ ଲଗାଯିବ ବୋଲି କହିଛନ୍ତି।




## ବିବାହ ଗାଉନ ପିନ୍ଧି ଟିକା ନେଲେ



କରୋନା ଭାଇରସ ପୁଣି ଥରେ ସମଗ୍ର ବିଶ୍ୱରେ କାୟା ବିସ୍ତାର କଲାଣି। ସଂକ୍ରମଣରୁ ବର୍ତ୍ତିବା ପାଇଁ ସରକାର ଟିକାକରଣ ବ୍ୟବସ୍ଥା କରିଛନ୍ତି। ଲୋକଙ୍କୁ ମଧ୍ୟ ଟିକା ନେବାକୁ ଅନୁରୋଧ କରୁଛନ୍ତି। ଏହି ସମୟରେ ଆମେରିକାର ବାଲ୍ଟିମୋରର ସାରା ନାମକ ଜଣେ ମହିଳା ଏବେ ଚର୍ଚ୍ଚାରେ ରହିଛନ୍ତି। ସେ ଏହି ସପ୍ତାହ ଆରମ୍ଭରେ ତାଙ୍କର ବିବାହ ଗାଉନ ପିନ୍ଧି ଟିକା ନେବାକୁ କେନ୍ଦ୍ରରେ ପହଞ୍ଚିଥିଲେ। ଟିକା ନେବା ପରେ ପୁଣି ଫେରି ଯାଇଥିଲେ ବିବାହ ମଣ୍ଡପକୁ, ଯେଉଁଠି ତାଙ୍କ ବନ୍ଧୁ ପରିବାର ବର୍ଗ ଉପସ୍ଥିତ ଥିଲେ। ମେରୀଲ୍ୟାଣ୍ଡ ଚିକିତ୍ସା ବିଶ୍ୱବିଦ୍ୟାଳୟର କ୍ଲିନିକ୍ର ଟୁଇଟର ପେଜ୍‌ରେ ସାରାଙ୍କ ୪ଟି ଫଟୋ ଶେୟାର କରାଯାଇଛି। ଏଥିରେ କ୍ୟାପଶନ ଲେଖାଯାଇଛି 'ଏଠାକୁ କନ୍ୟା ଆସିଥିଲେ'। ସୋସିଆଲ ମିଡିଆରେ ଏହି ଫଟୋ ଖୁବ ଭାଇରାଲ ହେଉଛି। ଏହା ଦେଖି ୟୁଜରମାନେ ମହିଳାଙ୍କୁ ପ୍ରଶଂସା କରୁଛନ୍ତି। ଏହି ପୋଷ୍ଟକୁ ୧୦୦୦ରୁ ଅଧିକ ଲୋକ ଲାଇକ କରିଛନ୍ତି। ଜଣେ ୟୁଜର ଲେଖିଛନ୍ତି, 'ଏହା ବହୁତ ଭଲ ଏବଂ ଲୋକଙ୍କ ପାଇଁ ପ୍ରେରଣାଦାୟୀ।'

## କେମିତି ରହିବ ଆଜିର ପାଗ

**ରାଜ୍ୟ**- ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ଗଜପତି, ଖୋର୍ଦ୍ଧା, ପୁରୀ, ନୟାଗଡ଼, ମୟୂରଭଞ୍ଜ, ଢେଙ୍କାନାଳ, କେନ୍ଦୁଝର, ଅନୁଗୋଳ, ରାୟଗଡ଼ା, କୋରାପୁଟ ଆଦି ଜିଲାର କେତେକ ସ୍ଥାନରେ ସାମାନ୍ୟରୁ ମଧ୍ୟମ ଧରଣର ବର୍ଷା କିମ୍ବା ଘଡ଼ଘଡ଼ି ସହ ବର୍ଷା ହୋଇପାରେ। ଦିନର ସର୍ବାଧିକ ତାପମାତ୍ରାରେ ପରିବର୍ତ୍ତନ ଆସି ନ ପାରେ।

**ସ୍ଥାନୀୟ ଅଞ୍ଚଳ**- ଭୁବନେଶ୍ୱର ଓ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ପାଗ ଆଂଶିକ ମେଘୁଆ ରହିବା ସହ କେତେକ ସ୍ଥାନରେ ଘଡ଼ଘଡ଼ି ସହ ବର୍ଷା ହୋଇପାରେ। ମଙ୍ଗଳବାର ସର୍ବୋଚ୍ଚ ତାପମାତ୍ରା ୩୯ ଡିଗ୍ରୀ ଏବଂ ସର୍ବନିମ୍ନ ୨୪ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ପୂର୍ବାନୁମାନ କରାଯାଇଛି। ସୋମବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।



ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୭.୨ | ୨୧.୭ |
| ଚାନ୍ଦବାଲି | ୩୭.୨ | ୨୦.୫ |
| କଟକ | ୩୮.୨ | ୨୧.୫ |
| ପାରାଦୀପ | ୩୧.୮ | ୧୯.୦ |
| ଭୁବନେଶ୍ୱର | ୪୦.୬ | ୨୩.୦ |
| ଗୋପାଳପୁର | ୩୨.୮ | ୨୬.୩ |
| ପୁରୀ | ୩୩.୭ | ୨୮.୦ |
| ଅନୁଗୋଳ | ୪୦.୧ | ୨୩.୦ |
| ବାରିପଦା | ୩୯.୫ | ୨୨.୨ |
| ଝାରସୁଗୁଡ଼ା | ୩୯.୮ | ୨୩.୦ |
| କେନ୍ଦୁଝର | ୩୭.୬ | ୨୦.୨ |
| ସମ୍ବଲପୁର | ୪୦.୧ | ୨୪.୬ |
| ସୁନ୍ଦରଗଡ଼ | ୪୦.୦ | ୨୧.୦ |
| ହୀରାକୁଦ | ୪୦.୪ | ୨୩.୬ |
| ତାଳଚେର | ୩୯.୯ | ୨୪.୩ |
| ଭବାନୀପାଟଣା | ୪୦.୦ | ୨୪.୬ |
| ବଲାଙ୍ଗୀର | ୩୯.୬ | ୨୪.୦ |
| କୋରାପୁଟ | ୩୫.୦ | ୧୯.୮ |
| ଫୁଲବାଣୀ | ୩୭.୪ | ୨୧.୦ |
| ଟିଟିଲାଗଡ଼ | ୪୦.୦ | ୨୭.୩ |
| ମାଲକାନଗିରି | ୪୧.୦ | ୨୨.୦ |
| ସୋନପୁର | ୩୯.୮ | ୨୫.୨ |
| ଦାରିଙ୍ଗିବାଡ଼ି | ୩୫.୦ | ୨୧.୦ |
| ନୟାଗଡ଼ | ୩୯.୦ | ୨୫.୦ |
| ବୌଦ୍ଧ | ୪୧.୦ | ୨୪.୦ |
| ଛତ୍ରପୁର | ୩୩.୦ | ୨୬.୦ |
| ପାରଳାଖେମୁଣ୍ଡି | ୩୫.୫ | ୨୫.୦ |
| ରାୟଗଡ଼ା | – | – |

ଡିଗ୍ରୀ ସେଲ୍‌ସିୟସ୍

## ମାଟିରେ ପୋତା ଯାଉଛି ଅନ୍ତଃବସ୍ତ୍ର

**ଜୁରିଚ:** ଅନ୍ତଃବସ୍ତ୍ରକୁ ମାଟିରେ ପୋତିଯାଉଥିବା ଶୁଣିଲେ ଯେ କେହି ଆଶ୍ଚର୍ଯ୍ୟ ହେବେ। ଏଭଳି କାର୍ଯ୍ୟ ସ୍ୱିଜରଲାଣ୍ଡରେ କରାଯାଉଛି। ମାଟିର ଗୁଣବତ୍ତା ପରୀକ୍ଷା କରିବା ପାଇଁ ଷ୍ଟେଟ ରିସର୍ଚ୍ଚ ଇନଷ୍ଟିଚ୍ୟୁଟ ଏଗ୍ରୋସ୍କୋପ ପକ୍ଷରୁ ଧଳା ଅନ୍ତଃବସ୍ତ୍ରକୁ ମାଟିରେ ପୋତିବା କାର୍ଯ୍ୟ ଜାରି ରହିଛି। ମାଟିର ମାନକ ପରୀକ୍ଷାରେ ନିୟୋଜିତ ଗବେଷକ ଏନେଇ ଗବେଷଣା ଜାରି ରଖିଛନ୍ତି। ମାଟିରେ ରହିଥିବା ବିଘଟକ ଅନ୍ତଃବସ୍ତ୍ରକୁ କେତେମାତ୍ରାରେ ନଷ୍ଟ କରୁଛନ୍ତି, ଏଥିପାଇଁ କେତେ ସମୟ ଲାଗୁଛି, ମାଟିର ଉର୍ବରତା ଶକ୍ତି ବୃଦ୍ଧି ପାଉଛି କି କାହିଁ ଏବଂ ଏଥିରେ କେତେ ପରିମାଣର ଏସିଡ (ଅମ୍ଳ) ଓ ବେସ (କ୍ଷାର) ରହିଛି ତାହା ଯାଞ୍ଚ କରାଯାଉଛି। ମାସେ ପରେ ଅନ୍ତଃବସ୍ତ୍ରଗୁଡ଼ିକୁ ବାହାର କରାଯାଉଛି।


CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

Pratichi
ଏକ ପ୍ରଗତିଶୀଳ ଦୁଗ୍ଧ କାରଖାନା ପାଇଁ ଓଡ଼ିଶାର ପ୍ରତି ଜିଲ୍ଲାରୁ
ଡିଷ୍ଟ୍ରିବ୍ୟୁଟର ଆବଶ୍ୟକ
ଯୋଗାଯୋଗ : ପ୍ରତିଚୀ ଡାଏରୀ ପ୍ରଡକ୍ଟ ପ୍ରା.ଲିଃ., ପ୍ଲଟ ନଂ. ୨୫୪, ଏକମକଣା ଛକ, କନପୁର, ନିମାପଡ଼ା, ପୁରୀ
ମୋ.- ୯୮୫୩୦୦୩୩୧୭
Email ID: pratichidairyproducts@gmail.com

Indus Digilat Tower
ପ୍ରଥମ ଥର ଓଡିଶାରେ ଏମିତି ଅଫର୍
ନିଜର ଖାଲିଥିବା ଜମି ଓ ଛାତ Plot ରେ ଟ୍ୱାଓର 4G/5G ବସାଇ ଅଗ୍ରୀମ 30,000,00/- ପାଆନ୍ତୁ ଓ ମାସକୁ ଭଡା 18,000/- ଟଙ୍କା ପାଆନ୍ତୁ + ବାଇକ୍ ପାଆନ୍ତୁ
R-102, Cyber Building, Bangalore, Karnataka-400021.
6396901850
7505488038

ଖର୍ଚ୍ଚ ଲୋନ ପାସ୍ ହେଲା ପରେ
BALAJI FINANCE
(Reg. No. KA08FGD557S113)
(ବିନା କୌଣସୀ ସାକ୍ୟୁରିଟି ରେ)
୧୯୮୧ ରୁ ଆପଙ୍କର ସେବାରେ
ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭତ୍ତା, କୁକୁଡାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ଧୋକାବାଜ୍ କୁ ସାବଧାନ, ଧୋକା ଖାଇଥିବା ଅବଶ୍ୟ କଲ କରନ୍ତୁ
2th floor, Krishna Reddy, Mumbai, Maharastra
8004740343

ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସଂପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧୀକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୁଠକଣୀ
A To Z Problem Solution
ବାବା କମଲ୍ ଖାନ୍
କଳାଯାଦୁର ଅଧିକାରୀ
7699180736
8800979262
Near Bus Stand

ଖର୍ଚ୍ଚ ଋଣରୁ କଟିବ
KUBER FINANCE
ନ୍ୟାଶନାଲ ଆୱାର୍ଡ ଭାରତର ନଂ.1 କମ୍ପାନୀ
ଲୋନ୍
24 ଘଣ୍ଟାରେ ଘରେ ବସି ଲୋନ୍ ପ୍ରାପ୍ତ କରନ୍ତୁ
T&C
ଥରେ ସେବାର ସୁଯୋଗ ନିଶ୍ଚୟ ଦିଅନ୍ତୁ
ଆଧାରକାର୍ଡ ଲୋନ୍, ଏଜୁକେଶନ ଲୋନ୍, ହୋମ୍ ଲୋନ୍, ପ୍ରପର୍ଟି ଲୋନ୍, ପର୍ସନାଲ ଲୋନ୍, ବିଜନେସ୍ ଲୋନ୍
1% ସୁଧ | 50% ଛାଡ଼
ମହିଳା, ସରକାରୀ କର୍ମଚାରୀଙ୍କ ପାଇଁ ବିଶେଷ ରିହାତି
ଠକାମିର ଶିକାର ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ।
076830-42752

ALL EDITION - B/W (Everyday)
for Booking Contact:
0674-2580385
8637280816, 9338757574
7894447167, 9338226625

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ମନେ ପଡ଼ନ୍ତି

ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



୰ସତ୍ୟଭାମା ସିଂହସାମନ୍ତ
ତିରୋଧାନ: ତା ୧୦।୦୪।୨୦୨୧ରିଖ
ଚିତ୍ରକାର ସାହି, ପୁରୀ
ବୋଉ, ତୁ ଆମକୁ ଛାଡ଼ି ଚାଲିଗଲୁ। ଆମ୍ଭେ ପରିବାରବର୍ଗ ତୋର ଶୋକରେ ଗଭୀର ମର୍ମାହତ ଓ ଦୁଃଖିତ। ଭଗବାନ୍ ତୋର ଆତ୍ମାକୁ ଶାନ୍ତି ଓ ସଦ୍‌ଗତି ପ୍ରଦାନ କରନ୍ତୁ। ଭଗବାନଙ୍କ ନିକଟରେ ଏତିକି ଆମର ପ୍ରାର୍ଥନା।
ଶୋକସନ୍ତପ୍ତ ପରିବାରବର୍ଗ:
ଶରତ, ପ୍ରତାପ, ପ୍ରମୋଦ, ଝିଅ: ବିଭୂତି, ପବିତ୍ର, ନାତି- ଗୁଡ୍ଡୁ, ଜିତୁ, ନିତୁ, ଶୀତଳ, ମିତୁଲୀ, ବିପଲ୍ ସାସା, ପୁତ୍ରବଧୂ- ଲୁନା, ଲୋପି, ଗାୟତ୍ରୀ, ଝିଅ: ଟୁନି।
ଧ-୨୦୫୪୮

ପ୍ରଥମ ଶ୍ରାଦ୍ଧବାର୍ଷିକୀ



୰କେଶବ ଚନ୍ଦ୍ର ଶତପଥୀ
ଇଚ୍ଛାବତୀପୁର ଶାସନ, ରଡ଼ାଙ୍ଗୀ, ଢେଙ୍କାନାଳ
ତିରୋଧାନ: ଅଶୋକାଷ୍ଟମୀ
ଅମର ଆତ୍ମାର ସଦ୍‌ଗତି ନିମନ୍ତେ ସପରିବାରଙ୍କର ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
ଧ-୭୦୩୨୨

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ମହେଶ୍ୱର ବେହେରା
ଗ୍ରା- ଭବାନୀପୁର, ପୋ- ପିପିଲି, ଜି- ପୁରୀ
ଆବିର୍ଭାବ: ୦୧।୦୧।୧୯୫୮
ତିରୋଧାନ: ୦୧।୦୪।୨୦୨୦
(ଚୈତ୍ରମାସ ବୁଧବାର)
ତୁମର ଅନାବିଳ ସ୍ନେହ, ତ୍ୟାଗ ଓ ଭଲ ପାଇବା ଆମ୍ଭେ କେବେହେଲେ ଭୁଲି ପାରିବୁ ନାହିଁ। ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମ୍ଭମାନଙ୍କର ପ୍ରାର୍ଥନା।
-:ଶୋକସନ୍ତପ୍ତ ପରିବାରବର୍ଗ :-
ପତ୍ନୀ, ପୁତ୍ର, କନ୍ୟା, ସମସ୍ତ ଝିଅ, ଜ୍ୱାଇଁ, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ।
ଧ-୨୦୫୪୯

ତୃତୀୟ ଶ୍ରାଦ୍ଧ ବାର୍ଷିକ



୰ ଡାକ୍ତର ଦ୍ରୌପଦୀ ଦେବୀ
ଅବସରପ୍ରାପ୍ତ ପ୍ରଫେସର
ଶ୍ରୀରାମଚନ୍ଦ୍ର ମେଡିକାଲ କଲେଜ, କଟକ
ଆବିର୍ଭାବ - ୧୮-୦୫-୧୯୩୯
ତିରୋଧାନ -୨୪-୦୩-୨୦୧୮
ଆପଣ ଥିଲେ ଯୋଗଜନ୍ମା ଦେବୀପ୍ରତୀମା। ସମସ୍ତଙ୍କୁ ଭଲ ପାଉଥିଲେ, ନିଜର କରିଥିଲେ। ଆପଣଙ୍କ ବିହୁନେ ଆପଣଙ୍କ ପରିବାର, ସ୍ୱପ୍ରତିଷ୍ଠିତ ଦେବୀ ନର୍ସିଂହୋମର ଅଗଣିତ ରୋଗୀ ଆପଣଙ୍କୁ ସଜଳ ନୟନରେ ଝୁରୁଛନ୍ତି। ଆପଣଙ୍କ ଅଧିଷ୍ଠାତ୍ରୀ ଦେବୀ ମା ଚଣ୍ଡୀଙ୍କ କୃପାରୁ ଆପଣ ଶାନ୍ତିରେ ରୁହନ୍ତୁ, ଏଇ ସମସ୍ତଙ୍କ ପ୍ରାର୍ଥନା।
ଶୋକସନ୍ତପ୍ତ ପରିବାର ବର୍ଗ
ଜୀବନସାଥୀ- ଲଳିତ ମିଶ୍ର, ପୁତ୍ର- ଡଃ ତୁଷାର ଓ ଡଃ ସାଗର, ବୋହୂ- ଡଃ ସସ୍ମିତା ଓ ପ୍ର. ସ୍ୱାତି, ନାତିନାତୁଣୀ ମାନେ।
ଧ-୨୦୫୫୩



ସୌନ୍ଦର୍ଯ୍ୟ

# ସୁନ୍ଦର ତ୍ୱଚା ପାଇଁ ରସୁଣ

**ରସୁଣରେ ଭରି ରହିଛି ଅନେକ ସୌନ୍ଦର୍ଯ୍ୟ ବୃଦ୍ଧିକାରୀ ଗୁଣ; ଯାହାକୁ ବ୍ୟବହାର କରି ଆପଣ ଖୁବ୍ କମ୍ ଖର୍ଚ୍ଚରେ ସୁନ୍ଦର ବେଦାଗ ତ୍ୱଚା ପାଇପାରିବେ। ଜାଣିରଖନ୍ତୁ ଏହାକୁ ବ୍ୟବହାର କରିବାର କେତୋଟି ଉପାୟ...**

➥ ୩-୪ଟି ରସୁଣ କୋଲାକୁ ଛେଚି ଅଳ୍ପ ପାଣିରେ ଭଲ ଭାବେ ଫୁଟାଇ ଦିଅନ୍ତୁ। ଏହାକୁ କାଢି ପେଷ୍ଟ ପ୍ରସ୍ତୁତ କରି ମୁହଁରେ ଦାଗ ଥିବା ସ୍ଥାନରେ ଲଗାଇ କିଛି ସମୟ ରଖିବା ପରେ ଧୋଇ ଦିଅନ୍ତୁ। କିଛିଦିନ ଏପରି କଲେ ବେଦାଗ ତ୍ୱଚା ପାଇପାରିବେ।

➥ ଦୁଇ କୋଲା ରସୁଣକୁ ଛେଚି ରସ ବାହାର କରିଦିଅନ୍ତୁ। ସେଥିରେ ସମ ପରିମାଣରେ ହ୍ୱାଇଟ୍ ଭିନେଗାର ମିଶାନ୍ତୁ। ଉକ୍ତ ମିଶ୍ରଣକୁ ତୁଳାରେ ନେଇ ବ୍ରଣ ହୋଇଥିବା ସ୍ଥାନରେ ଲଗାନ୍ତୁ। ଏଥିରେ ଭରି ରହିଥିବା ଆଣ୍ଟିଅକ୍ସିଡାଣ୍ଟ, ଆଣ୍ଟିଫଙ୍ଗାଲ, ଆଣ୍ଟିବାୟୋଟିକ୍, ଆଣ୍ଟିସେପ୍ଟିକ୍ ଏବଂ ଜର୍ମସାଇଡ୍ ତତ୍ତ୍ୱ ଖୁବ୍‌ଶୀଘ୍ର ବ୍ରଣ ସମସ୍ୟା ଦୂର କରିବାରେ ସାହାଯ୍ୟ କରିଥାଏ।

➥ ଏଜିଂ ସମସ୍ୟା, ରିଙ୍କଲ୍ ମାର୍କ ଦୂର କରିବା ଲାଗି ରସୁଣ ବ୍ୟବହାର କରିପାରିବେ। କାରଣ ଏଥିରେ ଥିବା ସଲଫର୍ କୋଲାଜେନ୍ ପ୍ରସ୍ତୁତ କରି ଏଜ୍‌ମାର୍କ ଦୂର କରିଥାଏ। ୨-୩ କୋଲା ରସୁଣକୁ ଭଲ ଭାବେ ଛେଚି କିମ୍ବା ବାଟି ଫେସ୍‌ପ୍ୟାକ୍‌ରେ ମିଶାଇ ମୁହଁରେ ଲଗାନ୍ତୁ। କିଛି ସମୟ ରଖିବା ପରେ ମୁହଁ ଧୋଇ ଦିଅନ୍ତୁ। ପ୍ରତିଦିନ ଏପରି କଲେ ପ୍ରିମ୍ୟାଚୋର ଏଜିଂ ସମସ୍ୟା ଦୂର ହୋଇଥାଏ।

➥ ଅଧା ଟମାଟୋ ସହ ୩-୪ କୋଲା ରସୁଣ ମିଶାଇ ପେଷ୍ଟ ପ୍ରସ୍ତୁତ କରନ୍ତୁ। ଏହାକୁ ୨-୩ ପରସ୍ତ ମୋଟା କରି ତ୍ୱଚାରେ ଲଗାନ୍ତୁ। ୨୦ ମିନିଟ୍ ରଖିବା ପରେ ଅଳ୍ପ ଉଷୁମ ପାଣିରେ ଧୋଇ ଦିଅନ୍ତୁ। ଉଭୟରେ ଥିବା ଆଣ୍ଟିସେପ୍ଟିକ୍ ଗୁଣ ତ୍ୱଚାକୁ ଟାଇଟ୍ କରିବା ସହ ପୋର୍ସ ଦୂର କରିଥାଏ।

➥ ନଡ଼ିଆ କିମ୍ବା ଅନ୍ୟ କୌଣସି ତେଲରେ ୩-୪ କୋଲା ରସୁଣ ପକାଇ ଫୁଟାଇ ଦିଅନ୍ତୁ। ଏହାକୁ ଷ୍ଟ୍ରେଚ୍ ମାର୍କ ଉପରେ ଧୀରେ ଧୀରେ ମସାଜ କରନ୍ତୁ। ପ୍ରତିଦିନ ଏହାକୁ ଲଗାଇଲେ ଆପଣ କିଛି ସପ୍ତାହ ମଧ୍ୟରେ ଷ୍ଟ୍ରେଚ୍ ମାର୍କ ଦୂର ହେଉଥିବା ଅନୁଭବ କରିବେ।







ରଶ୍ମିତା

## ଦେହକୁ ହିତ

# ପଖାଳ ଭାତ

**ପଖାଳ! କି ଗରିବ, କି ଧନୀ ପ୍ରତିଟି ଓଡ଼ିଆଙ୍କ ପାଇଁ ଏହା ବେଶ୍ ପ୍ରିୟ। ମା' ପରଷି ଦେଉଥିବା ପଖାଳ କଂସାରେ ସ୍ୱାଦ ସାଙ୍ଗକୁ ଭରି ରହିଥାଏ ଏକ ଅପୂର୍ବ ଆନନ୍ଦ ଆଉ ଆତ୍ମତୃପ୍ତି। ତେବେ କେବଳ ପାଟିକୁ ସ୍ୱାଦିଷ୍ଟ ନୁହେଁ, ସ୍ୱାସ୍ଥ୍ୟ ପାଇଁ ମଧ ଏହା ବେଶ୍ ଉପକାରୀ...**

ଆମ ଦେଶ ଏକ ଗ୍ରୀଷ୍ମପ୍ରଧାନ ଦେଶ। ଏଠାରେ ଖରା ଓ ଗରମର ପ୍ରକୋପ ବେଶି। ଯାହାକୁ ବିଚାର କରି ହୁଏତ ଏଠି ପଖାଳ ଖାଇବାର ଚଳଣି ସୃଷ୍ଟି ହୋଇଥିବ। ଆମ ଦେଶରେ ଯେଉଁମାନେ ଭାତ ଖାଇଥାନ୍ତି, ସେମାନଙ୍କ ମଧ୍ୟରୁ ଅନେକେ ଭଲ ପାଇଥାନ୍ତି ପଖାଳ ଖାଇବା ପାଇଁ। ଗରିବ ପରିବାରରେ ତ ପଖାଳର ଆଦର ସବୁଠୁ ବେଶି। ପଖାଳର ଜନପ୍ରିୟତାରୁ ଫାଇଦା ଉଠେଇବା ପାଇଁ ଏବେ ସହରର କେତେକ ହୋଟେଲ୍‌ରେ ମଧ ପଖାଳ ପରିବେଷଣର ବ୍ୟବସ୍ଥା ହେଲାଣି।

## ସ୍ୱାସ୍ଥ୍ୟ ଲାଗି ଉପକାରୀ ପଖାଳ

ଆମ ଭାରତୀୟମାନଙ୍କ ଦେହରୁ ପ୍ରତିଦିନ ବେଶି ଝାଳ ବାହାରେ। ଫଳରେ ପାଣି ସହ ଲବଣ ଅଂଶ କ୍ଷୟ ହୁଏ; ଯାହାକୁ ଭରଣା କରିବା ଲାଗି ପଖାଳ ସବୁଠୁ ଭଲ ଖାଦ୍ୟ। କାରଣ ଭାତରେ ପାଣି ମିଶାଯାଇ କରାଯାଏ ପଖାଳ ଓ ସେଥିରେ ସ୍ୱାଦାନୁସାରେ ମିଶାଯାଏ ଲୁଣ। ତେଣୁ ଏଥିରେ ଭାତରୁ ଗ୍ଲୁକୋଜ, ତୋରାଣିରୁ ପାଣି ଏବଂ ଲୁଣରୁ ଲବଣ ଅଂଶ ମିଳିଯାଏ। ଏହି ଗ୍ଲୁକୋଜ ଲବଣ ଅଂଶ ଶୋଷଣରେ ବେଶ୍ ସହାୟକ। ଏହି ପରିପ୍ରେକ୍ଷୀରେ ଦେଖିଲେ ପଖାଳର ତୋରାଣି ଝାଡ଼ା ରୋଗୀଙ୍କୁ ଦିଆଯାଉଥିବା ଓଆର୍‌ଏସ୍ ବା ଓରାଲ୍‌ରିହାଇଡ୍ରେଶନ୍ ସଲ୍ୟୁଶନ୍ ତଥା ଚିନି-ଲୁଣ ସରବତ୍ ସହ ବେଶ୍ ତୁଳନୀୟ।

**ପ୍ରକାର:** ଗରମ ଭାତରେ ପାଣି ମିଶାଗଲେ ଏହାକୁ ଚାଇଁ ପଖାଳ, ଆଜିର ପଖାଳକୁ ସଜ ପଖାଳ କୁହାଯାଏ। ସେହିପରି ଗତ କାଲି ଅବା ତା' ପୂର୍ବରୁ ପ୍ରସ୍ତୁତ ପଖାଳକୁ କୁହାଯାଏ ବାସି ପଖାଳ, ଯାହା କି ପୁରୁଣା ହେବା ସଙ୍ଗେ ସଙ୍ଗେ ଖଟାର ପରିମାଣ ବଢ଼ିଚାଲେ।

**ଖଟା କାହିଁକି ଲାଗେ:** ପଖାଳ ରହିଗଲେ ବାୟୁରେ ଖେଳି ବୁଲୁଥିବା ୟିଷ୍ଟ ନାମକ କବକ ଏବଂ ଅନ୍ୟାନ୍ୟ ଜୀବାଣୁ ଭାତରେ ଥିବା ଷ୍ଟାର୍ଚ ନାମକ ଶ୍ୱେତସାର ସଂସ୍ପର୍ଶରେ ଆସନ୍ତି। ଫଳରେ ଷ୍ଟାର୍ଚରୁ ବାହାରୁଥିବା ଗ୍ଲୁକୋଜ୍ ଅଣୁଗୁଡ଼ିକୁ ବ୍ୟବହାର କରି ଏହି ୟିଷ୍ଟ ଓ ଜୀବାଣୁ ସୃଷ୍ଟି କରନ୍ତି ପାଇରୁଭିକ୍ ଅମ୍ଳ ଏବଂ ଅନ୍ୟାନ୍ୟ ଅମ୍ଳ। ଏସବୁର ଉପସ୍ଥିତି ପାଇଁ ପଖାଳ ଖଟା ବା ଆମ୍ବିଳା ଲାଗେ।

**ନିଦ ଆସେ କାହିଁକି:** କେହି କେହି ପଖାଳ ଖାଇଲେ ନିଦ ଆସେ ବୋଲି କୁହନ୍ତି। ସବୁ ପଖାଳରେ ନିଦ ହୁଏନି। ବାସି ପଖାଳରେ ୟିଷ୍ଟରେ ଥିବା ଏନ୍‌ଜାଇମ୍ ଏବଂ ଅନ୍ୟ ଉପାଦାନ ଦ୍ୱାରା ପାଇରୁଭିକ୍ ଅମ୍ଳ ପ୍ରଥମେ ଆସିଟାଲ୍‌ଡିହାଇଡ୍ ଓ ପରେ ଇଥାଇଲ୍ ଆଲକହଲ୍‌ରେ ପରିଣତ ହୋଇଯାଏ, ଯାହା କି ଏକ ମାଦକ ଦ୍ରବ୍ୟ। ସେଥିପାଇଁ ବେଶି ଦିନର ବାସି ପଖାଳ ଖାଇଲେ ନିଶା ଧରେ ଏବଂ ଖୁବ୍ ନିଦ ହୁଏ।

**ପଖାଳ ସହ ଖିଆଯାଏ କ'ଣ:** ପଖାଳରେ ଦହି ମିଶାଗଲେ ସେଥିରେ ଥିବା ଲାକ୍ଟୋବାସିଲସ୍ ଜୀବାଣୁ ପେଟ ସମସ୍ୟା ଦୂରକରେ ଏବଂ ଝାଡ଼ାରୋଗରୁ ଆରୋଗ୍ୟ କରିବାରେ ସାହାଯ୍ୟ କରେ। ପଖାଳ ସହ ଅନେକେ କଞ୍ଚାଲଙ୍କା, ପିଆଜ ଓ ଆଳୁ ଭରତା ଖାଆନ୍ତି। ଏସବୁରୁ ଭରପୂର ମାତ୍ରାରେ ଭିଟାମିନ୍ ସି' ମିଳିଥାଏ ଶରୀରକୁ। ସେହିପରି ପଖାଳ ସାଙ୍ଗେ ଶାଗ ଖରଡ଼ା ଖାଇବାର ମଜା ଅଲଗା ଥାଏ। ପରିବା ଭିତରେ ଶାଗ ଶସ୍ତା। ହେଲେ ଅନେକ ପ୍ରକାରର ମାତ୍ର ୧୦୦ ଗ୍ରାମ୍ ଶାଗରୁ ମିଳିଯାଏ ସବୁ ବୟସର ବ୍ୟକ୍ତିଙ୍କ ଲାଗି ଦୈନିକ ଆବଶ୍ୟକ ହେଉଥିବା ଭିଟାମିନ୍-ଏ', ଫଲିକ୍ ଏସିଡ୍, ଭିଟାମିନ୍ ସି, ଲୌହ ଏବଂ କ୍ୟାଲସିୟମ୍। ସୁତରାଂ ଶାଗ ପଖାଳକୁ ହେୟଜ୍ଞାନ କରିବା ଆଦୌ ସମୀଚୀନ ନୁହେଁ। ପଖାଳ ସହ ବଡ଼ିଚୂରା, ଆଳୁ ବାଇଗଣ ଭରତା, ବିଭିନ୍ନ ପରିବା ଭଜା, ମାଛ ଭଜା, ମାଂସ ଭଜା, ଶୁଖୁଆ ପୋଡ଼ା, କାକୁଡ଼ି, ଆମ୍ବୁଲ ଭଳି ଅନେକ କିଛି ଖାଇଥାନ୍ତି। ଏସବୁରୁ ଶରୀରକୁ ଆବଶ୍ୟକ ପୋଷକତତ୍ତ୍ୱ ସହଜରେ ମିଳିଯାଏ।

ଯଦିଓ ଗରମ ଭାତ ହେଉ କି ପଖାଳ ହେଉ ଚାଉଳରେ ଥିବା ଖାଦ୍ୟ ଉପାଦାନର ପରିମାଣ ସମାନ, ହେଲେ ଶକ୍ତି, ଜଳ ଓ ଲୁଣ(ମିନେରାଲ୍ସ) ଅଂଶ ଭରଣା ନିମନ୍ତେ ପଖାଳର ବିକଳ୍ପ ନାହିଁ। କେବଳ ଏତିକି ନୁହେଁ, ପଖାଳରେ ଥିବା ଇଷ୍ଟ ସମସ୍ତ ପ୍ରକାର ଭିଟାମିନ୍ ବି ବା ଭିଟାମିନ୍ ବି କମ୍ପ୍ଲେକ୍ସର ଏକ ଭଲ ଉତ୍ସ। ତେଣୁ ଏହା ସକାଳ ଜଳଖିଆ ନିମନ୍ତେ ଏକ ଭଲ ବିକଳ୍ପ। ଅଧିକ ଶାରୀରିକ ପରିଶ୍ରମ କରୁଥିବା ଲୋକଙ୍କ ଲାଗି ଏହା ବହୁତ ଭଲ ଖାଦ୍ୟର ଉତ୍ସ। ପାଠ ପଢୁଆ ପିଲା ଏବଂ ମହିଳାଙ୍କ ଲାଗି ମଧ ଏହା ଖୁବ୍ ଭଲ ଖାଦ୍ୟ। ତେଣୁ ସବୁଦିନେ ବିଶେଷ କରି ଖରାଦିନେ ଏହାକୁ ଖାଇବା ସଭିଙ୍କ ଲାଗି ସ୍ୱାସ୍ଥ୍ୟପକ୍ଷେ ଲାଭଦାୟକ। ତେବେ ପେଟମରା ରୋଗୀ ଏହାକୁ ନ ଖାଇଲେ ଭଲ। ଉଚ୍ଚରକ୍ତ ଚାପ ଏବଂ ଶୋଥ ରୋଗୀ ପଖାଳରେ ଲୁଣ ନ ପକାଇ ଖାଇବା ଆବଶ୍ୟକ। ସେହିପରି ଡାଇବେଟିସ୍ ରୋଗୀ ଭାତର ପରିମାଣ ନିୟନ୍ତ୍ରଣରେ ରଖିବା ଦରକାର। ସର୍ବୋପରି ପଖାଳ ହେଉଛି ଯୁଗଯୁଗ ଧରି ପରୀକ୍ଷିତ ତଥା ଅନୁମୋଦିତ ଖାଦ୍ୟ, ଯାହାର ଉପାଦେୟତା ସମ୍ପର୍କରେ ପ୍ରଶ୍ନ ଉଠାଇବା ଭିତ୍ତିହୀନ।

– **ଡାକ୍ତର ନିତ୍ୟାନନ୍ଦ ସ୍ୱାଇଁ**
ବରିଷ୍ଠ ପୁଷ୍ଟିବିଜ୍ଞାନୀ, ଅଭିନବ ବିଡ଼ାନାସୀ, କଟକ

### ଅବଢ଼ା ପଖାଳର ସ୍ୱାଦ ନିଆରା

ଖରାଦିନ ଆସିଗଲେ ମଧ୍ୟାହ୍ନ ଭୋଜନରେ ଆମଘରେ ପ୍ରସ୍ତୁତ ହୁଏ ପଖାଳ। ଏହା ସାଙ୍ଗକୁ ବିଭିନ୍ନ ସିଜନାଲ୍ ପରିବା ଭଜା। ଆଳୁ ଚକଟା, ଶାଗ ଭଜା, ବଡ଼ିଚୂରା ଇତ୍ୟାଦି। ଦହି ଏବଂ ଭୃସଙ୍ଗପତ୍ର ଛୁଙ୍କ ଏହାର ସ୍ୱାଦକୁ ଦ୍ୱିଗୁଣିତ କରିଦିଏ। ପିଲାଙ୍କ ଠାରୁ ବୟସ୍କଙ୍କ ପର୍ଯ୍ୟନ୍ତ ପରିବାରରେ ସମସ୍ତଙ୍କୁ ପଖାଳ ପସନ୍ଦ ହୋଇଥିବାରୁ ଏକାପ୍ରକାର ରାନ୍ଧିବାରେ ଅସୁବିଧା ବି ହୁଏନି। ତେବେ ଆମେ ବାସି ପଖାଳ ପରିବର୍ତ୍ତେ ସଜ ପଖାଳ ବେଶି ଭଲ ପାଉ। ଉସୁନା ଚାଉଳ ପଖାଳ ଅଧିକ ସମୟ ପ୍ରସ୍ତୁତ ହୁଏ ଆମ ଘରେ। ତେବେ ଯେତେ ପଖାଳ ହେଉ ଶ୍ରୀମନ୍ଦିରର ଅବଢା ପଖାଳର ସ୍ୱାଦ ସବୁଠୁ ନିଆରା। ତା'କୁ ଥରେ ଖାଇଲେ ଯେଉଁ ଆତ୍ମତୃପ୍ତି ମିଳେ ତାହା ଅବର୍ଣ୍ଣନୀୟ।

– ***ରଶ୍ମିତା ରାଉତରାୟ*** *(ଗୃହିଣୀ, କୁଣ୍ଢାଇବେଣ୍ଟ ସାହି, ପୁରୀ)*

### ଅଲ୍ ଟାଇମ୍ ଫେଭରେଟ୍ ପଖାଳ



ପଖାଳ ମୋର ଅଲ୍ ଟାଇମ୍ ଫେଭରେଟ୍ ଖାଦ୍ୟ। ସେଥିପାଇଁ କେବଳ ଘରେ ଥିବା ବେଳେ ନୁହେଁ ଏମିତିକି ଶୁଟିଂ ସେଟ୍‌ରେ ବି ପଖାଳ ଖାଏ। ପଖାଳ ସହ ବରା ମୋତେ ବେଶି ଭଲ ଲାଗେ। ଏହା ବ୍ୟତୀତ ପଖାଳ ସହ ମାଛ ଭଜା, ଆଳୁ ଚକଟା, ବଡ଼ି ଚୂରା, ଆମ୍ବ ଛେଚା, ପିଆଜି, ଶାଗ ଭଜା ଇତ୍ୟାଦି ଖାଏ। ତେବେ ବର୍ଷର ପ୍ରାୟ ଅଧିକାଂଶ ଦିନ ମୋର ସକାଳ ଜଳଖିଆ ହେଉଛି ପଖାଳ। କେବଳ ପାଟିକୁ ସ୍ୱାଦିଷ୍ଟ ଲାଗେ ବୋଲି ନୁହେଁ ଏହାକୁ ଖାଇବା ଦ୍ୱାରା ମୋତେ ସାରା ଦିନ ଏନର୍ଜେଟିକ୍ ଫିଲ୍ ହୁଏ। ଏହା କେବଳ ମୋର ନୁହେଁ ପ୍ରାୟ ସବୁ ଓଡ଼ିଆଙ୍କ ପ୍ରିୟ ଖାଦ୍ୟ। ଖାଇବାକୁ ଭଲ ପାଇବା ସହ ମୁଁ ଭଲ ପଖାଳ ପାଗ ବି କରେ। ମୋ ହାତରେ ପଖାଳ ଖୁବ୍ ଭଲ ହୁଏ ବୋଲି ଯେତେବେଳେ ମୋ ବୋଉ ଆଉ ଶାଶୁ କୁହନ୍ତି, ଭାରି ଖୁସି ଲାଗେ।

– ***ଅର୍ପିତା କର,*** *ଅଭିନେତ୍ରୀ*

### ପଖାଳ ପ୍ରେମରେ ପଡ଼ିଗଲି



ମୁଁ ପିଲାଦିନୁ ମାମୁ ଘରେ ବଢ଼ିଥିଲି। ଆମର ଯୌଥ ପରିବାରରେ ସମସ୍ତଙ୍କ ପାଇଁ ଭିନ୍ନ ଭିନ୍ନ ରାନ୍ଧଣା ହେଉଥିଲା। କାହା ପାଇଁ ବାସି ପଖାଳ ତ କାହାର ସଜ ପଖାଳ। ଆମେ ପିଲାମାନେ କିନ୍ତୁ ପଖାଳ ଖାଇବାକୁ ଅମଙ୍ଗ ହେଉଥିଲୁ। କାରଣ ମାମୁ ଘରେ କାମ କରୁଥିବା ହଳିଆ ଓ ଚାକରାଣୀ ବର୍ଷ ତମାମ ପଖାଳ ଖାଉଥିଲେ। ଆଉ ମାମୁ ପୁଅ ଭାଇ ମଜାରେ କହିଦେଇଥିଲା ପଖାଳ ଖାଆନ୍ତି ବୋଲି ଏମାନଙ୍କ ଦାନ୍ତସବୁ ହଳଦିଆ। ଯିଏ ଖାଇବ ଏମିତି ହଳଦିଆ ଦାନ୍ତ ହୋଇଯିବ। ପିଲାଦିନର ଏଇ ଘଟଣା ସ୍ମୃତି ହୋଇ ରହିଗଲା। ବାହାଘର ପରେ ଜାଣିଲି ମୋ ସ୍ୱାମୀଙ୍କର ପଖାଳ ଭାରି ପ୍ରିୟ। ଚାକିରି ଜାଗାରେ ଆମେ କେବଳ ଦୁଇଜଣ ରହୁଥିଲୁ। ତେଣୁ ଅଲଗା ରୋଷେଇ କରିବା ଜଞ୍ଜାଳ ବଢ଼ାଉଥିଲା। ତା' ସହ ମୋର କୁନି ଝିଅ ଓ ଚାକିରି। ଏମିତିରେ ମୋର ପଖାଳଖିଆ ଅଭ୍ୟାସ ହୋଇଗଲା। କିଛିବର୍ଷ ପରେ ଖରାଛୁଟିରେ ଆମେ ଭାଇଭଉଣୀ ସବୁ ଏକାଠି ହେଲୁ। ମୋର ପଖାଳଖିଆ ଦେଖି ସମସ୍ତେ ଆଶ୍ଚର୍ଯ୍ୟ ହେଲେ। ମୁଁ ତାଙ୍କୁ ଯେତେବେଳେ ମୋ ସମୟ ଅଭାବ ଓ ବେଳେବେଳେ ଅଳସୁଆମିର କଥା କହିଲି, ପୁଣି ମୋ ମାମୁ ପୁଅ ଭାଇ କହିଥିଲା, ବାହାଘର ପରେ ତୁ ଏମିତି ବଦଳିଗଲୁ କି ନାନୀ? ଇଏ ପଖାଳ ନୁହେଁ ଇଏ ତ ତୋର ପ୍ରେମର, ସମର୍ପଣର ସ୍ୱାକ୍ଷର। ତୁ ଭାଇଙ୍କ ରଙ୍ଗରେ ରଙ୍ଗେଇଗଲୁ। ଏବେ ବି ପଖାଳ କଂସା ସଜାଡ଼ିଲା ବେଳେ ତା'ର ସେଇ କଥା ପଦେ ଖୁବ୍ ମନେପଡ଼େ। – ***ଲିପ୍‌ସା ପଟେଲ*** *(ଗାଳ୍ପିକା, ଭବାନୀପାଟଣା)*

– ପୌର୍ଣ୍ଣମାସୀ
ଫଟୋ: ଯଜ୍ଞେଶ୍ୱର ମହାନ୍ତି





# ଟାଇଟ୍ ପୋଷାକ ପିନ୍ଧୁଥିଲେ



**ନିଜ ଫିଗରକୁ ଆକର୍ଷଣୀୟ କରିବା ଲାଗି ଅଧିକାଂଶ ମହିଳା ବିଭିନ୍ନ ଉପାୟ ଆପଣାଇଥାନ୍ତି; ଯାହା ମଧ୍ୟରେ ଟାଇଟ୍ ପୋଷାକ ସେମାନଙ୍କର ଭାରି ପସନ୍ଦ। ହେଲେ ଆପଣ ଜାଣନ୍ତିକି ସ୍ଲିମ୍ ଫିଟ୍ ଦେଖାଯିବା ନିଶାରେ ବ୍ୟବହାର କରୁଥିବା ଏଭଳି ପୋଷାକ ବିଭିନ୍ନ ଶାରୀରିକ ସମସ୍ୟାର ବି କାରଣ ସାଜିପାରେ...**

➤ଅଧିକ ଆଇକ୍ୟାଚି ଲାଗିବା ନିଶାରେ ବର୍ତ୍ତମାନ ଅଧିକାଂଶ ମହିଳା ଟାଇଟ୍ କୁର୍ତ୍ତୀ, ଜିନ୍ସ, ଜେଗିଙ୍ଗ୍ସ, ଅନ୍ୟାନ୍ୟ ପ୍ୟାଣ୍ଟ ଦୀର୍ଘ ସମୟ ପିନ୍ଧୁଛନ୍ତି। ହେଲେ ଏଭଳି ପୋଷାକ ଅଧିକ ସମୟ ପିନ୍ଧିବା ଦ୍ୱାରା ଚର୍ମ ଏବଂ ସ୍ନାୟୁ ସଙ୍କୁଚିତ ହୋଇଥାଏ; ଯାହାଫଳରେ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେଇଥାଏ।

➤ବର୍ତ୍ତମାନ ଖରାଦିନ ଚାଲିଛି। ଏମିତିରେ ଏଭଳି ଟାଇଟ୍ ପୋଷାକ ପିନ୍ଧିବା ଦ୍ୱାରା ଝାଳ ଲାଗି କୁଣ୍ଡେଇ ହେବା ସହ ଘିମିରିଠାରୁ ଆରମ୍ଭ କରି ବିଭିନ୍ନ ଫଙ୍ଗାଲ ହେବାର ଆଶଙ୍କା ବି ରହିଛି।



➤ଟାଇଟ୍ ପ୍ୟାଣ୍ଟ ବିଶେଷ କରି ସ୍କିନି ଜିନ୍ସ ପିନ୍ଧିଲେ ୟୁରିନାରି ଟ୍ରାକ୍ ଇନ୍‌ଫେକଶନ୍ ଭଳି ବିଭିନ୍ନ ସମସ୍ୟା ସୃଷ୍ଟି ହେଉଛି; ଯାହା କି ଖୁବ୍ କଷ୍ଟ ଦାୟକ ଏବଂ ଭଲ ହେବାକୁ ଅଧିକ ସମୟ ମଧ ଲାଗିଥାଏ।

➤କେବଳ ଏତିକି ନୁହେଁ, ଏକ ଗବେଷଣା ରିପୋର୍ଟ ମୁତାବକ ସର୍ବଦା ଏଭଳି ଟାଇଟ୍ ପୋଷାକ ବିଶେଷ କରି ପ୍ୟାଣ୍ଟ ପିନ୍ଧିବା ଦ୍ୱାରା ପ୍ରଜନନ କ୍ଷମତା ହ୍ରାସ ହେବାର ମଧ ଆଶଙ୍କା ରହିଛି।

➤କେବଳ ପୋଷାକ କାହିଁକି ଫିଗର୍‌କୁ ଅଧିକ ହାଇଲାଇଟ୍ କରିବା ଲାଗି ଅନେକ ମହିଳା ଟାଇଟ୍ ଅଣ୍ଡର ଗାର୍ମେଣ୍ଟ୍ସ ବା ଅନ୍ତଃବସ୍ତ୍ର ମଧ ବ୍ୟବହାର କରିଥାନ୍ତି। ହେଲେ ଏହି ଅଭ୍ୟାସ ଭବିଷ୍ୟତରେ ଅନେକଙ୍କଠାରେ ବ୍ରେଷ୍ଟ କ୍ୟାନ୍ସରର ଆଶଙ୍କା ବୃଦ୍ଧି ପାଇଥାଏ।

➤ଗର୍ଭାବସ୍ଥାରେ ଏଭଳି ଟାଇଟ୍ ପୋଷାକ ଆଦୌ ପିନ୍ଧିବା ଠିକ୍ ନୁହେଁ। କାରଣ ମା' ସହ ଗର୍ଭସ୍ଥ ଶିଶୁ ଉଭୟଙ୍କ ଲାଗି ଏହା କ୍ଷତିକାରକ।

## ଖାଦ୍ୟ ରୁଚି

# କୋକୋନଟ ମଫିନ୍



**ଆବଶ୍ୟକ ସାମଗ୍ରୀ:** ଅଧା କପ୍ କ୍ଷୀର, ଦେଢ କପ୍ ମଇଦା, ଏକ କପ୍ କୋରା ନଡିଆ, ଅଣ୍ଡା ୧ଟି, ୧/୪ କପ୍ ତେଲ, ଦୁଇ ଚାମଚ୍ ବେକିଂ ପାଉଡର, ଅଧା କପ୍ ଚିନି, ଏକ ଚାମଚ ଭାନିଲା ଏସେନ୍ସ, ଲୁଣ ସ୍ୱାଦାନୁସାରେ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ଏକ ପାତ୍ରରେ ଅଣ୍ଡାକୁ ଭାଙ୍ଗି ଢାଳନ୍ତୁ। ସେଥିରେ କ୍ଷୀର, ତେଲ, ଭାନିଲା ଏସେନ୍ସ ପକାଇ ଭଲ ଭାବେ ଗୋଳାଇ ଦିଅନ୍ତୁ। ବର୍ତ୍ତମାନ ମଇଦା, ନଡିଆ କୋରା, ବେକିଂ ପାଉଡର, ଚିନି, ଲୁଣ ପକାଇ ଘାଣ୍ଟିଦିଅନ୍ତୁ ଯେପରି ତାହା ଭଲ ଭାବେ ମିଶିଯିବ। ମଫିନ୍ ପ୍ୟାନ୍‌ରେ ସାମାନ୍ୟ ତେଲ ଲଗାଇ ପ୍ରସ୍ତୁତ ମିଶ୍ରଣକୁ ଢାଳନ୍ତୁ। ଏହାକୁ ଓଭନ୍‌ରେ ୧୮୦ଡିଗ୍ରୀ ସେଲ୍‌ସିଅସ୍‌ରେ ୨୫ମିନିଟ୍ ପାଇଁ ରଖିଦିଅନ୍ତୁ। ପ୍ରସ୍ତୁତ ହୋଇଗଲା କୋକୋନଟ୍ ମଫିନ୍। ଏହାକୁ ଓଭନ୍‌ରୁ କାଢି ଥଣ୍ଡା କରିବା ପରେ ନିଜେ ଖାଇବା ସହ ପରିବାର ଲୋକଙ୍କୁ ଖୁଆଇବାର ଆନନ୍ଦ ନିଅନ୍ତୁ। ଆପଣ ଚାହିଁଲେ ଏହାକୁ ଷ୍ଟୋର କରି ମଧ ରଖି ପରେ ଖାଇପାରିବେ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ମଙ୍ଗଳବାର, ଏପ୍ରିଲ ୨୦/୨୦୨୧ Bhubaneswar, Tuesday, April 20/ 2021

# ଚେନ୍ନାଇର କ୍ରମାଗତ ବିଜୟ




୩ ଉଇକେଟ ହାସଲକାରୀ ରାଜସ୍ଥାନର ଚେତନ ସାକାରିୟା। ଚେନ୍ନାଇ ଇନିଂସ୍‌ର ଶେଷ ବଲ୍‌ରେ ଛକା ମାରିବା ଅବସରରେ ଡ୍ୱେନ୍ ବ୍ରାଭୋ।

**ମୁମ୍ବାଇ, ୧୯।୪**

ଦଳଗତ ବ୍ୟାଟିଂ ଏବଂ ଆକର୍ଷଣୀୟ ବୋଲିଂ ବଳରେ ଚେନ୍ନାଇ ସୁପରକିଙ୍ଗ୍ସ ସୋମବାର ଅନୁଷ୍ଠିତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ମ୍ୟାଚରେ ରାଜସ୍ଥାନ ରୟାଲ୍ସକୁ ୪୫ ରନରେ ପରାସ୍ତ କରିଛି। ଚେନ୍ନାଇ ୯ ଉଇକେଟ ହରାଇ ୧୮୮ ରନ କରିଥିବାବେଳେ ରାଜସ୍ଥାନ ୨୦ ଓଭରରେ ୯ ଉଇକେଟ ହରାଇ ୧୪୩ ରନ କରିପାରିଥିଲା। ପୂର୍ବ ମ୍ୟାଚରେ ପଞ୍ଜାବ କିଙ୍ଗ୍ସକୁ ହରାଇଥିବା ଚେନ୍ନାଇର ଏହା କ୍ରମାଗତ ଦ୍ୱିତୀୟ ବିଜୟ। ଅନ୍ୟପକ୍ଷରେ ସ୍ଥିର ପ୍ରଦର୍ଶନ ଦେଇ ପାରି ନ ଥିବା ରାଜସ୍ଥାନ ପୁଣି ପରାଜୟ ସ୍ୱାଦ ଚାଖିଛି।

ଟସ୍ ଜିତି ରାଜସ୍ଥାନ ଅଧିନାୟକ ସଞ୍ଜୁ ସାମସନ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ। ଚେନ୍ନାଇ ପକ୍ଷରୁ ଋତୁରାଜ ଗାଏକ୍ୱାଡ ଓ ଫାଫ୍ ଡୁପ୍ଲେସି ଇନିଂସ ଆରମ୍ଭ କରିଥିଲେ। ଓପନିଂ ଯୋଡ଼ିରେ ୨୩ ବଲ୍‌ରୁ ୨୫ ରନ ସଂଗ୍ରହ ହୋଇଥିବାବେଳେ ଋତୁରାଜ ଆଉଟ ହୋଇଥିଲେ। ଖରାପ ପ୍ରଦର୍ଶନ ଜାରି ରଖିଥିବା ଏହି ଯୁବ ଓପନର ୧୩ ବଲ୍‌ରୁ ୧ ଚୌକା ସହ ୧୦ ରନ କରି ପାରିଥିଲେ। ମୁସ୍ତାଫିଜୁର ରହମନଙ୍କ ବଲ୍‌ରେ ଶିବମ ଦୁବେ ମିଡ୍‌ଅଫ୍‌ରେ ତାଙ୍କ କ୍ୟାଚ ନେଇଥିଲେ। ଡୁପ୍ଲେସି ଦ୍ରୁତ ହାରରେ ରନ ସଂଗ୍ରହ କରିଥିଲେ ହେଁ ତାହାକୁ ବଡ଼ ସ୍କୋରରେ ପରିଣତ କରିପାରି ନ ଥିଲେ। ସେ ୧୭ ବଲ୍‌ରୁ ୪ ଚୌକା ଓ ୨ ଛକା ସହ ୩୩ ରନ କରିଥିବାବେଳେ ଅନ୍ୟତମ ଦକ୍ଷିଣ ଆଫ୍ରିକୀୟ ଖେଳାଳି କ୍ରିସ୍ ମୋରିସଙ୍କ ଶିକାର ହୋଇଥିଲେ। ମୋଇନ୍ ଅଲୀଙ୍କ ମଧ୍ୟ ସମଦଶା ହୋଇଥିଲା। ସେ ୨୦ ବଲ୍‌ରୁ ୧ ଚୌକା ଓ ୨ ଛକା ସହାୟତାରେ ୨୬ ରନ କରି ରାହୁଲ ଟେୱାଟିଆଙ୍କ ବଲ୍‌ରେ ରିୟାନ ପରାଗଙ୍କୁ କ୍ୟାଚ ଦେଇ କ୍ରିଜ୍ ଛାଡ଼ିଥିଲେ। ନିର୍ଭରଯୋଗ୍ୟ ସୁରେଶ ରାଇନା ୧୮(୧୫ ବଲ, ୧ ଚୌକା, ୧ ଛକା) ଓ ଅମ୍ବାତି ରାୟୁଡୁ ୨୭(୧୭ ବଲ, ୩ ଛକା) ରନ କରି ଚେତନ ସାକାରିୟାଙ୍କ ବଲ୍‌ରେ ଆଉଟ ହୋଇଥିଲେ। ଅଭିଜ୍ଞ ରବୀନ୍ଦ୍ର ଜାଡେଜା ଏଠାରେ ମଧ୍ୟ ଦକ୍ଷତା ଅନୁରୂପ ପ୍ରଦର୍ଶନ କରିପାରି ନ ଥିଲେ। ସେ ୭ ବଲ୍‌ରୁ ୮ ରନ କରିଥିବାବେଳେ ମୋରିସଙ୍କ ବଲ୍‌ରେ ସାମସନଙ୍କ ହାତରେ କଟ୍ ବିହାଇଣ୍ଡ ହୋଇଯାଇଥିଲେ। ଅଧିନାୟକ ମହେନ୍ଦ୍ର ସିଂ ଧୋନୀଙ୍କ ଯାଦୁ ଏଠାରେ ମଧ୍ୟ ଚାଲି ନ ଥିଲା। ସେ ୧୭ ବଲ୍‌ରୁ ୧୭ ରନ କରି ସାକାରିୟାଙ୍କ ବଲ୍‌ରେ ଏକ୍ସଟ୍ରା କଭର ଅଞ୍ଚଳରେ ଜେସ୍ ବଟଲରଙ୍କ ହାତରେ ଧରା ପଡ଼ି ଯାଇଥିଲେ। ନିଜ ଇନିଂସ ମଧ୍ୟରେ ସେ ୨ଟି ଚୌକା ମାରିଥିଲେ। ଶେଷ ଭାଗରେ ସାମ୍ କୁରାନ ୬ ବଲ୍‌ରୁ ୧୩(୧ ଛକା) ରନର ଉପଯୋଗୀ ଅବଦାନ ଦେଇଥିବାବେଳେ ଡ୍ୱେନ ବ୍ରାଭୋ ଦ୍ରୁତ ୨୦(୮ ବଲ, ୨ ଚୌକା, ୧ ଛକା) ରନ ସଂଗ୍ରହ କରି ଅପରାଜିତ ରହିବାରୁ ଚେନ୍ନାଇ ବଡ଼ ସ୍କୋର କରି ପାରିଥିଲା। ଶାର୍ଦ୍ଦୂଳ ଠାକୁର ୧ ରନ କରି ରନ୍‌ଆଉଟ ହୋଇଯାଇଥିଲେ। ରାଜସ୍ଥାନ ପକ୍ଷରୁ ଚେତନ ସାକାରିୟା ୩ଟି, କ୍ରିସ୍ ମୋରିସ ୨ଟି ଏବଂ ମୁସ୍ତାଫିଜୁର ରହମନ ଓ ରାହୁଲ ଟେୱାଟିଆ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

ବଡ଼ ବିଜୟ ଲକ୍ଷ୍ୟନେଇ ରାଜସ୍ଥାନ ଭଲ ଆରମ୍ଭ କରିଥିଲା। ଜୋସ ବଟଲର ଓ ମନନ ଭୋରା ଓପନିଂ ଯୋଡ଼ିରେ ୨୩ ବଲ୍‌ରୁ ୩୦ ରନ କରି ପ୍ଲାଟ୍‌ଫର୍ମ ପ୍ରସ୍ତୁତ କରିଥିଲେ। ମାତ୍ର ଏହି ଯୋଡ଼ି ଭାଙ୍ଗିବାପରେ ରାଜସ୍ଥାନ ଇନିଂସ ଭୁଶୁଡ଼ି ପଡ଼ିଥିଲା। ରୟାଲ୍ସ ବ୍ୟାଟ୍ସମ୍ୟାନମାନେ ଚେନ୍ନାଇର ଦୁଇ ଅଭିଜ୍ଞ ସ୍ପିନର ମୋଇନ ଅଲୀ ଓ ରବୀନ୍ଦ୍ର ଜାଡେଜାଙ୍କୁ ଖେଳିବାରେ ବିଫଳ ହୋଇଥିଲେ। ବଟଲର ସର୍ବାଧିକ ୪୯ ରନ କରିଥିବାବେଳେ ଭୋରା ୧୪, ସାମସନ ୧, ଶିବମ ଦୁବେ ୧୭, ଡେଭିଡ ମିଲର ୨, ରିୟାନ ପରାଗ ୩ ଓ ଦାମୀ ଖେଳାଳି କ୍ରିସ୍ ମୋରିସ ଖାତା ଖୋଲିବା ପୂର୍ବରୁ ଆଉଟ ହୋଇଥିଲେ। ୮୭ ରନରେ ୩ୟ ଉଇକେଟ ପଡ଼ିଥିବାବେଳେ ୯୫ ରନ ବେଳକୁ ୭ମ ଉଇକେଟର ପତନ ଘଟିଥିଲା। ଶେଷ ଭାଗରେ ରାହୁଲ ଟେୱାଟିଆ (୨୦ ରନ, ୧୫ ବଲ, ୨ ଛକା) ଓ ଜୟଦେବ ଉନାଡକଟ୍ (୨୪ ରନ, ୧୭ ବଲ, ୨ ଚୌକା, ୧ ଛକା) କେତୋଟି ଦର୍ଶନୀୟ ଶଟ୍ ଖେଳିବା ଯୋଗୁ ରାଜସ୍ଥାନ ସ୍କୋର ୨୦ ଓଭରରେ ୧୪୩/୯ରେ ପହଞ୍ଚି ପାରିଥିଲା। ଚେନ୍ନାଇ ପକ୍ଷରୁ ୩ ଓଭରରେ ମାତ୍ର ୭ ରନ ଦେଇ ୩ଟି ଉଇକେଟ ନେଇଥିବା ମୋଇନ ଅଲୀ ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ସାମ୍ କୁରାନ ଓ ଜାଡେଜା ୨ଟି ଲେଖାଏ ଏବଂ ଶାର୍ଦ୍ଦୂଳ ଠାକୁର ଓ ଡ୍ୱେନ ବ୍ରାଭୋ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଚେନ୍ନାଇ ସୁପରକିଙ୍ଗ୍ସ ୨୦ ଓଭରରେ ୧୮୮/୯(ଫାଫ୍ ଡୁ'ପ୍ଲେସି-୩୩, ଅମ୍ବାତି ରାୟୁଡୁ-୨୭, ମୋଇନ ଅଲୀ-୨୬, ଡ୍ୱେନ ବ୍ରାଭୋ-୨୦*, ଚେତନ ସାକାରିୟା-୩/୩୬, କ୍ରିସ୍ ମୋରିସ-୨/୩୩, ମୁସ୍ତାଫିଜୁର ରହମାନ-୧/୩୭, ରାହୁଲ ଟେୱାଟିଆ-୧/୨୧)। ରାଜସ୍ଥାନ ରୟାଲ୍ସ ୨୦ ଓଭରରେ ୧୪୩/୯(ଜୋସ ବଟଲର-୪୯, ଜୟଦେବ ଉନାଡକଟ-୨୪, ମୋଇନ ଅଲୀ-୩/୭, ରବୀନ୍ଦ୍ର ଜାଡେଜା-୨/୨୮, ସାମ୍ କୁରାନ-୨/୨୪, ଶାର୍ଦ୍ଦୂଳ ଠାକୁର-୧/୨୦, ଡ୍ୱେନ ବ୍ରାଭୋ-୧/୨୮)।

## ଆଇପିଏଲ୍ ପଏଣ୍ଟ ଟେବୁଲ

| ଟିମ୍ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ ହାର |
|---|---|---|---|---|---|
| ରୟାଲ ଚ୍ୟାଲେଞ୍ଜର୍ସ | ୩ | ୩ | ୦ | ୬ | +୦.୭୫୦ |
| ଚେନ୍ନାଇ ସୁପରକିଙ୍ଗ୍ସ | ୩ | ୨ | ୧ | ୪ | +୧.୧୯୪ |
| ଦିଲ୍ଲୀ କ୍ୟାପିଟାଲ୍ସ | ୩ | ୨ | ୧ | ୪ | +୦.୪୫୩ |
| ମୁମ୍ବାଇ ଇଣ୍ଡିଆନ୍ସ | ୩ | ୨ | ୧ | ୪ | +୦.୩୬୭ |
| ନାଇଟ ରାଇଡର୍ସ | ୩ | ୧ | ୨ | ୨ | -୦.୬୩୩ |
| ରାଜସ୍ଥାନ ରୟାଲ୍ସ | ୩ | ୧ | ୨ | ୨ | -୦.୭୧୯ |
| ପଞ୍ଜାବ କିଙ୍ଗ୍ସ | ୩ | ୧ | ୨ | ୨ | -୦.୯୬୭ |
| ସନ୍‌ରାଇଜର୍ସ | ୩ | ୦ | ୩ | ୦ | -୦.୪୮୩ |

# ଭାରତ ପାଇଁ ୪ ପଦକ ନିଶ୍ଚିତ




ଭିନ୍‌କା ଓ ଅଲଫିୟା ପଠାନ।

## ୱାର୍ଲ୍ଡ ୟୁଥ୍ ବକ୍ସିଂ

**ନୂଆଦିଲ୍ଲୀ, ୧୯।୪ (ପି.ଟି.)**

ପୋଲାଣ୍ଡର କିଲ୍‌ସିଠାରେ ଚାଲିଥିବା ଉଭୟ ପୁରୁଷ ଓ ମହିଳା ୱାର୍ଲ୍ଡ ୟୁଥ୍ ବକ୍ସିଂ ଚାମ୍ପିୟନଶିପ୍‌ରେ ଏସିଆନ ଚାମ୍ପିୟନ ଭିନ୍‌କା ଓ ଅଲଫିୟା ପଠାନଙ୍କ ସମେତ ଭାରତର ୪ ବକ୍ସର ସେମିଫାଇନାଲରେ ପ୍ରବେଶ ସହ ପଦକ ପକ୍କା କରିଛନ୍ତି। ସେମିଫାଇନାଲରେ ପ୍ରବେଶ କରିଥିବା ଅନ୍ୟ ଦୁଇ ବକ୍ସର ହେଲେ ଗୀତିକା ଓ ପୁନମ। ସମସ୍ତେ ଅତି କମ୍‌ରେ ଦେଶ ପାଇଁ ଏକ ବ୍ରୋଞ୍ଜ ପଦକ ଜିତିପାରିବେ। ପାନିପତ ବକ୍ସର ଭିନିକା ୬୦କେଜି କାଟେଗୋରିରେ କଲମ୍ବିଆ ପ୍ରତିଦ୍ୱନ୍ଦ୍ୱୀ କାମିଲୋ କାମେଲାଙ୍କୁ ୫-୦ରେ ହରାଇ ଦେଇଥିବାବେଳେ ୨୦୧୯ ଏସିଆନ ଜୁନିୟର ଚାମ୍ପିୟନ ଅଲଫିୟା (+୮୧) ସମାନ ପଏଣ୍ଟ ବ୍ୟବଧାନରେ ହଙ୍ଗେରିଆନ ବକ୍ସର ରେକା ହଫ୍‌ମ୍ୟାନଙ୍କୁ ପରାସ୍ତ କରିଥିଲେ। ୫୭କେଜି ଶ୍ରେଣୀରେ ପୁନମ କାଜାଖସ୍ତାନର ନାଜର୍କେ ସେରିକ୍‌ଙ୍କ ବିପକ୍ଷରେ ୫-୦ରେ ବିଜୟ ହାସଲ କରି ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଗୀତିକା (୪୮କେଜି) ତାଙ୍କ ପ୍ରତିଦ୍ୱନ୍ଦ୍ୱୀଙ୍କ ବିରୋଧରେ ପ୍ରାଧାନ୍ୟ ବିସ୍ତାର କରିଥିଲେ। ରୋମାନିଆର ଏଲିଜାବେଥ ଓଷ୍ଟାନଙ୍କ ବିରୋଧରେ ଗୋଟିକ ପରେ ଗୋଟିଏ ପଞ୍ଚ୍ ମାରି ତାଙ୍କୁ କୌଣସି ସୁଯୋଗ ଦେଇ ନ ଥିଲେ। ରେଫରି ବାଧ ହୋଇ ପ୍ରଥମ ରାଉଣ୍ଡ ପରେ ମୁକାବିଲାକୁ ସ୍ଥଗିତ ରଖିଥିଲେ। ହରିୟାଣା ବକ୍ସରଙ୍କୁ ସେ ବିଜେତା ଘୋଷଣା କରିଥିଲେ। ଭାରତର ଅନ୍ୟ ଜଣେ ମହିଳା ବକ୍ସର ଖୁସୀ (୮୧କେଜି) ତୁର୍କୀର ବୁସ୍ରା ଇସିଲଦାରଙ୍କ ବିପକ୍ଷ ତାଙ୍କ କ୍ୱାର୍ଟରଫାଇନାଲ ବାଉଟ ହାରିଯାଇଥିଲେ।

ପୁରୁଷ ବିଭାଗରେ ମନୀଷ (୭୫କେଜି) ଓ ସୁମିତ୍ (୬୯କେଜି) ଯଥାକ୍ରମେ ଜୋର୍ଡାନର ଅବ୍‌ଦଲ୍ଲା ଆଲ୍ଲାରାଗ ଏବଂ ସ୍ଲୋଭାକିଆର ଲାଦିସ୍ଲାମ ହୋର୍‌ଭାଥ୍‌ଙ୍କୁ ସମାନ ୫-୦ ପଏଣ୍ଟରେ ପରାସ୍ତ କରି ସେମାନଙ୍କ କାଟେଗୋରିରେ କ୍ୱାର୍ଟରଫାଇନାଲକୁ ଉନ୍ନୀତ ହୋଇଥିଲେ। ଅନ୍ୟପକ୍ଷରେ ଆକାଶ ଗୋର୍ଖା (୬୦କେଜି) ଓ ଭିନିତ୍(୮୧କେଜି) ସେମାନଙ୍କ ପ୍ରିକ୍ୱାର୍ଟର ବାଉଟ୍‌ରେ ପରାଜୟ ସହ ଅଭିଯାନ ଶେଷ କରିଛନ୍ତି।

# ମୁମ୍ବାଇ ସିଟି ଏଫ୍‌ସି ସହ ରହିବେ ବିପିନ ସିଂ



**ମୁମ୍ବାଇ, ୧୯।୪ (ପି.ଟି.):** ଭାରତର ଅନ୍ତର୍ଜାତୀୟ ଫୁଟ୍‌ବଲ ଖେଳାଳି ବିପିନ ସିଂଙ୍କ ସହିତ ଚୁକ୍ତି ମିଆଦ ବୃଦ୍ଧି କରାଯାଇଥିବା ମୁମ୍ବାଇ ସିଟି ଏଫ୍‌ସି ତରଫରୁ ସୋମବାର ଘୋଷଣା କରାଯାଇଛି। ଦଳ ସହିତ ସେ ୨୦୨୫ ମେ' ପର୍ଯ୍ୟନ୍ତ ରହିବେ। ମଣିପୁରର ଏହି ୨୬ ବର୍ଷୀୟ ୱିଙ୍ଗର ୨୦୨୦-୨୧ ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ୍)ରେ ଓଡ଼ିଶା ଏଫ୍‌ସି ବିପକ୍ଷ ମ୍ୟାଚରେ ଉଚ୍ଚକୋଟୀର ପ୍ରଦର୍ଶନ ସହ ହ୍ୟାଟ୍ରିକ୍ ଗୋଲ ସ୍କୋର କରିଥିଲେ। ପୁନଶ୍ଚ ଏଟିକେ ମୋହନବାଗାନ ବିପକ୍ଷରେ ୯୦ତମ ମିନିଟ୍‌ରେ ବିଜୟ ସୂଚକ ଗୋଲ ସ୍କୋର କରି ସେ ମୁମ୍ବାଇ ସିଟିକୁ ପ୍ରଥମ ଟାଇଟଲ ଜିତାଇଥିଲେ। ଏହା ଅନେକ ଦିନ ସ୍ମରଣୀୟ ହୋଇ ରହିବ। ବିପିନ କ୍ଲବ ତରଫରୁ ୪୫ ମ୍ୟାଚ ଖେଳିଛନ୍ତି। ନିକଟରେ ଶେଷ ହୋଇଥିବା ଆଇଏସ୍‌ଏଲ୍‌ରେ ସେ ୨୨ଟି ଗେମ୍ ଖେଳି ୪ଟି ଗୁରୁତ୍ୱପୂର୍ଣ୍ଣ ଗୋଲ ସ୍କୋର କରିଥିବା ସହ ଅନ୍ୟ ୪ଟି ଗୋଲରେ ସହାୟତା ପ୍ରଦାନ କରିଥିଲେ।

# 'ଠିକ୍ ପଥରେ ଭାରତର ଅଲିମ୍ପିକ୍ସ ପ୍ରସ୍ତୁତି'



ଶିଳାନନ୍ଦ ଲାକ୍ରା

**ବେଙ୍ଗାଲୁରୁ, ୧୯।୪(ପି.ଟି.)**

ଅଲିମ୍ପିକ୍ସ ଚାମ୍ପିୟନ ଆର୍ଜେଣ୍ଟିନା ବିପକ୍ଷରେ ଭାରତୀୟ ହକି ଦଳ ପ୍ରଭାବୀ ପ୍ରଦର୍ଶନ କରିଛି। ତେଣୁ ଟୋକିଓ ଅଲିମ୍ପିକ୍ସ ପାଇଁ ଭାରତର ପ୍ରସ୍ତୁତି ଠିକ୍ ପଥରେ ରହିଛି ବୋଲି ଅନୁଭବ କରୁଛନ୍ତି ଭାରତୀୟ ଦଳର ଯୁବ ଫରୱାର୍ଡ ଓଡ଼ିଶାର ଶିଳାନନ୍ଦ ଲାକ୍ରା। ଆର୍ଜେଣ୍ଟିନା ଗସ୍ତରେ ଭାରତ ଏଫ୍‌ଆଇଏଚ୍ ପ୍ରୋ ଲିଗ୍‌ର ୨ଟି ଯାକ ମ୍ୟାଚରେ ବିଜୟୀ ହୋଇଥିଲା। ୪ଟି ଅଭ୍ୟାସ ମ୍ୟାଚରୁ ଭାରତ ୨ଟିରେ ମଧ୍ୟ ବିଜୟ ସ୍ୱାଦ ଚାଖିଥିଲା। ଶିଳାନନ୍ଦ ଗୋଟିଏ ଗୋଲ ସହ ଅଭିଯାନ ଶେଷ କରିଥିଲେ। ''ମୁଁ ଭାବୁଛି ଅଲିମ୍ପିକ ଚାମ୍ପିୟନ ଆର୍ଜେଣ୍ଟିନା ବିପକ୍ଷରେ ଆମେ ଭଲ ଖେଳିଛୁ। ନିକଟ ଅତୀତର ପ୍ରଦର୍ଶନକୁ ଦେଖିଲେ ଆମେ ଅଲିମ୍ପିକ୍ସ ପରି ଏକ ବଡ଼ ଇଭେଣ୍ଟ ପାଇଁ ଭଲ ସ୍ଥିତିରେ ଥିବା ସୂଚନା ମିଳୁଛି'' ବୋଲି ଶିଳାନନ୍ଦ କହିଥିବା ହକି ଇଣ୍ଡିଆ ପକ୍ଷରୁ ଏକ ରିଲିଜରୁ ପ୍ରକାଶ। ଆସନ୍ତା ମାସରେ ଥିବା ଗ୍ରେଟ୍ ବ୍ରିଟେନ ବିପକ୍ଷ ଏଫଆଇଏଚ୍ ପ୍ରୋ-ଲିଗ୍ ଗେମ୍ ଉପରେ ଏବେ ଫୋକସ ରଖା ଯାଇଥିବା ସେ କହିଛନ୍ତି।

ଭାରତୀୟ ଦଳର ଜଣେ ଯୁବ ସଦସ୍ୟ ହୋଇଥିଲେ ହେଁ ଶିଳାନନ୍ଦ ଆର୍ଜେଣ୍ଟିନାରେ ପ୍ରଦର୍ଶନର ଛାପ ଛାଡ଼ିଥିଲେ। ଯେତେବେଳେ ବି ସୁଯୋଗ ମିଳିଛି ସେ ତାହାର ସଦ୍‌ବ୍ୟବହାର କରିଛନ୍ତି। ତିନିବର୍ଷ ତଳେ ଭାରତୀୟ ସିନିୟର ଦଳରେ ପଦାର୍ପଣ କରିବାବେଳେ ମୁଁ ଅଧିକ ମ୍ୟାଚ ଖେଳିବି ବୋଲି ଭାବିଥିଲି। ମାତ୍ର ଏବେ ପ୍ରତିଟି ସ୍ଥାନ ପାଇଁ ପ୍ରତିଦ୍ୱନ୍ଦ୍ୱିତା ବଢ଼ିଛି। ଫଳରେ ସମ୍ଭାବ୍ୟ କୋର୍ ଦଳରେ ଅନେକ ଦକ୍ଷ ଖେଳାଳି ସାମିଲ ହୋଇଛନ୍ତି। ଘରୋଇ ଟୁର୍ନାମେଣ୍ଟ ଏବଂ କ୍ୟାମ୍ପଗୁଡ଼ିକରେ ସ୍ଥିର ପ୍ରଦର୍ଶନ ଦେଇ ଜାତୀୟ ଦଳରେ ସ୍ଥାନ ହାସଲ କରିବା ମୋର ମୁଖ୍ୟ ଲକ୍ଷ୍ୟ। ଷ୍ଟାର୍ଟିଂ ଇଲେଭେନ ହେଉ କିମ୍ବା ବଦଳ ଖେଳାଳି ମୋତେ ଯେତେବେଳେ ସୁଯୋଗ ମିଳିବ ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ବଦ୍ଧପରିକର ବୋଲି ଏହି ଓଡ଼ିଆ ହକି ପ୍ରତିଭା ପ୍ରକାଶ କରିଛନ୍ତି। କୋଭିଡ୍-୧୯ ପାଇଁ ବ୍ରେକ୍ ତାଙ୍କୁ ଅନେକ ସହାୟକ ହୋଇଛି। ମୁଖ୍ୟ କୋଚ୍ ଗ୍ରାହାମ ରିଡ୍ ତାଙ୍କ ଖେଳରେ ଅନେକ ଉନ୍ନତି ଆଣିଛନ୍ତି ବୋଲି ୨୧ ବର୍ଷୀୟ ଶିଳାନନ୍ଦ କହିଛନ୍ତି। ଦୀର୍ଘଦିନ ପ୍ରତିଦ୍ୱନ୍ଦ୍ୱିତାମୂଳକ ହକିରୁ ଦୂରେଇ ରହିବା ସମୟରେ ମୁଁ ନିଜ ଗେମ୍ ସମ୍ପର୍କରେ ଚିନ୍ତା କରିଥିଲି ଏବଂ ବିଶ୍ଳେଷଣ କରିଥିଲି। ପରେ ସେହି ଅନୁସାରେ ନିଜକୁ ପ୍ରସ୍ତୁତ କରିଥିଲି। କୋଚିଂ ଷ୍ଟାଫ୍ ବିଶେଷ କରି ମୁଖ୍ୟ କୋଚ୍‌ଙ୍କ ସହ ସବୁବେଳେ ସମ୍ପର୍କରେ ରହିଥିଲି। ଫଳରେ ନିଜ ଗେମ୍‌ରେ ଉନ୍ନତି ସମ୍ଭବ ହୋଇପାରିଛି ବୋଲି ସେ ଅନୁଭବ କରୁଛନ୍ତି।

ଶିଳାନନ୍ଦଙ୍କ ସହିତ ଓଡ଼ିଶାର ଅନ୍ୟ ୨ ଖେଳାଳି ଅମିତ ରୋହିଦାସ ଏବଂ ବୀରେନ୍ଦ୍ର ଲାକ୍ରା ଏବେ ଭାରତୀୟ ଦଳର ନିୟମିତ ସଦସ୍ୟ ପାଲଟି ଯାଇଛନ୍ତି। ଅମିତ ଓ ବୀରେନ୍ଦ୍ର ବହୁତ ଭଲ ଖେଳାଳି। ସେମାନଙ୍କ ସହ ଆଲୋଚନା କରି ମୁଁ ଆନନ୍ଦ ଅନୁଭବ କରେ। ସେମାନେ ମୋତେ ଆବଶ୍ୟକ ପରାମର୍ଶ ଦେଇଥାନ୍ତି। ଗତ ୨ ବର୍ଷ ହେଲା ମୁଁ ମାନସିକ ସ୍ତରରେ ଦୃଢ଼ ନ ଥିଲି। ଓଡ଼ିଶାର ଏହି ୨ ଖେଳାଳିଙ୍କୁ ଦେଖି ମୋ ଭଳି ଜଣେ ଯୁବ ଖେଳାଳି ଉତ୍ସାହିତ ହେବା ସ୍ୱାଭାବିକ ଏବଂ ସେମାନେ ମୋତେ ବହୁତ ସାହାଯ୍ୟ କରିଛନ୍ତି ବୋଲି ଶିଳାନନ୍ଦ ପ୍ରକାଶ କରିଛନ୍ତି। ଏଫଆଇଏଚ୍ ପ୍ରୋ ଲିଗ୍ କାର୍ଯ୍ୟସୂଚୀ ଅନୁସାରେ ଭାରତ ମେ ୮ ଓ ୯ରେ ଗ୍ରେଟ୍ ବ୍ରିଟେନ ସହିତ ଖେଳିବ।




3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୧୯.୦୪.୨୦୨୧

| | |
|---|---|
| ୧,୦୫,୫୮୦ ଟଙ୍କା | |
| ସୁନା | ମିଳିନାହିଁ |
| ରୁପା | ୨.୮୫୦ମି.ଗ୍ରା. |

## ସଂକ୍ଷେପରେ

### ବରାଳ ବାଲୁଙ୍କେଶ୍ୱର ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ନିଯୁକ୍ତ

ସାକ୍ଷୀଗୋପାଳ,୧୯।୪(ଡି.ଏନ୍.ଏ.)- ସତ୍ୟବାଦୀ ଅଞ୍ଚଳର ପ୍ରସିଦ୍ଧ ଶୈବପୀଠ ଶ୍ରୀବରାଳ ବାଲୁଙ୍କେଶ୍ୱର ଦେବ ମନ୍ଦିରରେ ନୂତନ କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ ପ୍ରସନ୍ନ କୁମାର ଦାସଙ୍କୁ ନିଯୁକ୍ତି ମିଳିଛି। ରାଜ୍ୟ ଦେବୋତ୍ତର କମିଶନରଙ୍କ କାର୍ଯ୍ୟାଳୟରୁ ତାଙ୍କୁ ଏହି ନିଯୁକ୍ତି ପତ୍ର ପ୍ରଦାନ କରାଯାଇଛି। ଦୀର୍ଘ ଦିନ ଧରି ମନ୍ଦିର କାର୍ଯ୍ୟାଳୟରେ ଏହି ପଦବୀ ଖାଲି ପଡ଼ିଥିଲା।

### ବିଭିନ୍ନ ସ୍ଥାନରେ କରୋନା ସଚେତନତା

କଣାସ/ ସାକ୍ଷୀଗୋପାଳ, ୧୯।୪ (ଡି.ଏନ୍.ଏ./ ସ୍ୱ.ପ୍ର)- ଭୁବନେଶ୍ୱର ଓ ଖୋର୍ଦ୍ଧାରେ ପ୍ରତିଷ୍ଠିତ ଆମ ହୋର୍ସ ହୋପ ଫାଉଣ୍ଡେଶନ୍ ଟ୍ରଷ୍ଟ ତରଫରୁ କରୋନାର ଦ୍ୱିତୀୟ ଲହରି ଭୟଙ୍କର ହୋଇଥିବାରୁ ସାଧାରଣ ଲୋକଙ୍କୁ ସଚେତନ କରିବା ପାଇଁ ଏକ ପ୍ରଥପ୍ରାନ୍ତ ସଚେତନତା କାର୍ଯ୍ୟକ୍ରମ କଣାସରେ ଅନୁଷ୍ଠିତ ହୋଇଯାଇଛି। ଫାଉଣ୍ଡେଶନ୍‌ର କର୍ମକର୍ତ୍ତା ପି.ଏସ୍ କ୍ୟାରିୟର ଅଧ୍ୟକ୍ଷ ଶୁଭାଶିଷ ପାହାଳାସିଂହ ଏବଂ ଶତାଧିକ ଛାତ୍ରୀଛାତ୍ରଙ୍କ ସମେତ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଅଧିକାରୀ ଡା. ରମେଶ ଚନ୍ଦ୍ର ବେହେରା, ଡା. ବିଶ୍ୱରଞ୍ଜନ ଜେନା, ଡା. ଜଗନ୍ନାଥ ବେହେରା, ବିପିଓ ଧନେଶ୍ୱର ସ୍ୱାଇଁ, କଣାସ ଗୋଲାବଜାର ବ୍ୟବସାୟୀ ସଂଘ ସଭାପତି ସଞ୍ଜୟ ବଳିଆରସିଂହ ପ୍ରମୁଖ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ଏକ ସଚେତନତା ରାଲି କରିଥିଲେ। କରୋନା ସଚେତନତାର ବିଭିନ୍ନ ପ୍ଲାକାର୍ଡ ଧରି କଣାସ ଗୋଲାବଜାର, ବସ୍‌ଷ୍ଟାଣ୍ଡ, କଣାସ କୁଶେଶ୍ୱରୀ ବଜାର, କଣାସ ଗ୍ରାମ ବୁଲି ସଚେତନ କରିବା ସହିତ ମାସ୍କ ବଣ୍ଟନ କରିଥିଲେ। ଉକ୍ତ ଅନୁଷ୍ଠାନର ଅଧକ୍ଷା ରୀନାରାଣୀ ନାୟକଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ କରାଯାଇଥିବା ବେଳେ ସଂଗଠନର ବିକାଶ ପାଲଟାସିଂହ, ରଞ୍ଜନ ନାୟକ, ମାମାଲି, ରେଣୁବାଳା, ରୋଜାଲିନୀ, ସଂଗ୍ରାମ ରଣା ସହଯୋଗ କରିଥିଲେ। ସେହିଭଳି ସାକ୍ଷୀଗୋପାଳର ବଜାର ଅଞ୍ଚଳରେ କରୋନା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସତ୍ୟବାଦୀ ତହସିଲଦାର ମନୋଜ କୁମାର ନାୟକ, ବିଡିଓ କ୍ଷୀରୋଦ କୁମାର ବେହେରା ଓ ଆଇଆଇସି ଦେବୀପ୍ରସାଦ ପାତ୍ର ପ୍ରମୁଖ ପ୍ରତ୍ୟେକ ଛକରେ ବ୍ୟବସାୟୀ ଓ ସ୍ଥାନୀୟ ଜନସାଧାରଣଙ୍କୁ କରୋନା କଟକଣା ଓ ନିୟମ ପାଳନ ନିମନ୍ତେ ଅନୁରୋଧ କରିଥିଲେ।

# ଏଥର ନିରାଡ଼ମ୍ବର ସାହିଯାତ

ପୁରୀ ଅଫିସ,୧୯।୪:

ରାମନବମୀଠାରୁ ଆରମ୍ଭ ହେବାକୁ ଥିବା ପୁରୀର ପାରମ୍ପରିକ ସାହିଯାତ ପରିଚାଳନା ନେଇ ସୋମବାର ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ନୀଳାଚଳ ଭକ୍ତନିବାସରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ତଥା ଶ୍ରୀମନ୍ଦିର ଉପମୁଖ୍ୟ ପ୍ରଶାସକ ସମର୍ଥ ବର୍ମାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ୭ ସାହି ଆଖଡ଼ାର ସଦସ୍ୟମାନେ ଉପସ୍ଥିତ ଥିଲେ। ଜିଲାପାଳ ବର୍ମା କହିଛନ୍ତି, ପୁରୀରେ ସଂକ୍ରମଣ ବଢୁଥିବାରୁ ଚଳିତ ବର୍ଷର ସାହିଯାତକୁ ନିରାଡମ୍ବର କରିବା ଲାଗି ନିଷ୍ପତ୍ତି ନିଆଯାଇଛି। କୌଣସି ସାହି ପକ୍ଷରୁ ଶୋଭାଯାତ୍ରା କରାଯାଇପାରିବ ନାହିଁ। ସମସ୍ତ ନୀତି ଓ ପରମ୍ପରା ଶ୍ରୀଜଗନ୍ନାଥ ବଲ୍ଲଭ ପରିସରରେ ସମ୍ପାଦନ ହେବ। ନିର୍ଦ୍ଧାରିତ ବ୍ୟକ୍ତିମାନଙ୍କୁ ଅନୁମତି ମିଳିବ ଓ ସର୍ବନିମ୍ନ ବ୍ୟକ୍ତିଙ୍କ ଉପସ୍ଥିତିରେ ଆୟୋଜନ ସାରିବା ପାଇଁ ଉଦ୍ୟମ ହେବ। ଉପଜିଲାପାଳ ଭବତାରଣ ସାହୁ ସାହି କମିଟି କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରି ପାସ୍ ବ୍ୟବସ୍ଥା କରିବେ। ପାସ୍ ଥିବା ବ୍ୟକ୍ତିମାନେ ହିଁ ସାହିଯାତରେ ସାମିଲ ହେବେ। ସେହିଭଳି ଆଗାମୀ ଦିନରେ ହେବାକୁ ଥିବା ଚନ୍ଦନ ଯାତ୍ରାକୁ ମଧ୍ୟ ଯଥାସମ୍ଭବ କମ୍ ଲୋକଙ୍କ ଉପସ୍ଥିତିରେ କରିବା ପାଇଁ ଜିଲା ପ୍ରଶାସନ ନିଷ୍ପତ୍ତି ନେଇଛି। ପ୍ରତି ସାହିଯାତରେ ୨୦ରୁ ୨୫ ଜଣଙ୍କୁ ସାମିଲ କରିବାକୁ ନିଷ୍ପତ୍ତି ହୋଇଛି। ବୈଠକରେ ସାତ ସାହି ଆଖଡ଼ାର ସଭାପତି, ସମ୍ପାଦକ, ସେବାୟତ ଓ ଶ୍ରୀମନ୍ଦିର ପ୍ରଶାସକମାନେ ଉପସ୍ଥିତ ଥିଲେ। କିଭଳି ଭାବେ ସମସ୍ତ ନୀତିକାନ୍ତି କମ୍ ଲୋକଙ୍କ ଆୟୋଜନରେ କରାଯାଇପାରିବ ସେନେଇ ନୀତି ପ୍ରଶାସକ ଜିତେନ୍ଦ୍ର ସାହୁ ବିସ୍ତୃତ ଭାବେ ଆଲୋଚନା କରିଛନ୍ତି। ସେବାୟତ କୃଷ୍ଣଚନ୍ଦ୍ର ଖୁଣ୍ଟିଆ କହିଛନ୍ତି, ସମସ୍ତ ନୀତିକାନ୍ତି ପୂର୍ବ ବର୍ଷ ଭଳି ହେବ। ମାତ୍ର ଏହାକୁ ନିରାଡମ୍ବର କରିବା ଉପରେ ପ୍ରଶାସନ ଜୋର ଦେଇଛି। କୋଭିଡ୍ ସଂକ୍ରମଣ ବଢୁଥିବାରୁ ପ୍ରଶାସନର ଏଭଳି ନିଷ୍ପତ୍ତି ସ୍ୱାଗତଯୋଗ୍ୟ।



ବୈଠକରେ ଜିଲାପାଳ ତଥା ଶ୍ରୀମନ୍ଦିର ଉପମୁଖ୍ୟ ପ୍ରଶାସକ ସମର୍ଥ ବର୍ମା ଏବଂ ଅନ୍ୟ ଅଧିକାରୀ ।

### ଶୋଭାଯାତ୍ରା ମନା, ଜଗନ୍ନାଥ ବଲ୍ଲଭରେ ହେବ ନୀତି




ଓଡ଼ିଶା ଡ୍ରାଇଭର ମହାସଂଘ ପୁରୀ ଶାଖା ପକ୍ଷରୁ ୧୦ ଦଫା ଦାବି ନେଇ ସୋମବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ।

# କୁମ୍ଭମେଳା ଯାଇଥିଲେ ୩୫ ସେବାୟତ

- ପୁରୀ ଫେରୁଥିବାରୁ ବଢ଼ିପାରେ ସଂକ୍ରମଣ
- କୋଭିଡ୍ ଟେଷ୍ଟ, ଆଇସୋଲେଶନକୁ ଗୁରୁତ୍ୱ

ପୁରୀ ଅଫିସ,୧୯।୪:

କୁମ୍ଭମେଳାକୁ ୩୫ଜଣ ଶ୍ରୀମନ୍ଦିର ସେବାୟତ ଯାଇଥିଲେ। ସେମାନଙ୍କ ମଧ୍ୟରୁ କେତେଜଣ ଫେରିଛନ୍ତି। ଅନ୍ୟମାନଙ୍କୁ ଖୋଜିବା ଲାଗି ପ୍ରଶାସନ ପକ୍ଷରୁ ଉଦ୍ୟମ ଜାରି ରହିଛି। ଯେଉଁମାନେ ଫେରିଛନ୍ତି ସେମାନଙ୍କୁ ସଙ୍ଗରୋଧରେ ରଖାଯାଇଛି। ସମସ୍ତଙ୍କର ଆରଟି-ପିସିଆର୍ ଟେଷ୍ଟ କରାଯାଇ କୋଭିଡ୍ ସଂକ୍ରମଣ ସମ୍ବନ୍ଧିତ ତଥ୍ୟ ନିଆଯିବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ କୁହାଯାଇଛି। ଏବେସୁଦ୍ଧା ଶ୍ରୀମନ୍ଦିର ସହ ସମ୍ପୃକ୍ତ ୫୦ ବ୍ୟକ୍ତି କରୋନା ସଂକ୍ରମିତ ହୋଇସାରିଛନ୍ତି। ୧୫ ସେବାୟତ, ୭ ସେବାୟତଙ୍କ ପରିବାର ସଦସ୍ୟ, ୧୯ ଜଣ ଜୋତାଷ୍ଟାଣ୍ଡ କର୍ମଚାରୀ ଓ ୯ଜଣ ଶ୍ରୀମନ୍ଦିର କର୍ମଚାରୀ ସଂକ୍ରମିତ ହୋଇଛନ୍ତି। ସଂକ୍ରମଣ ବଢୁଥିବାରୁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ନୀଳାଚଳ ଭକ୍ତନିବାସ ପରିସରରେ କୋଭିଡ୍ ସ୍ୱାସ୍ଥ୍ୟକେନ୍ଦ୍ର ଖୋଲାଯିବାକୁ ନିଷ୍ପତ୍ତି ନିଆଯାଇଛି। ୧୨୦ ଶଯ୍ୟା ବିଶିଷ୍ଟ ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ସେବାୟତ ଓ ଶ୍ରୀମନ୍ଦିର କର୍ମଚାରୀମାନେ ଚିକିତ୍ସିତ ହେବେ। ଶ୍ରୀମନ୍ଦିର ଉପମୁଖ୍ୟ ପ୍ରଶାସକ ତଥା ଜିଲାପାଳ ସମର୍ଥ ବର୍ମା କହିଛନ୍ତି, କୁମ୍ଭମେଳାକୁ ୩୫ ଜଣ ଶ୍ରୀମନ୍ଦିର ସେବାୟତ ଯାଇଥିଲେ। ସେମାନଙ୍କ ମଧ୍ୟରୁ ଯେଉଁମାନେ ପୁରୀ ଫେରିଆସିଛନ୍ତି, ସେମାନଙ୍କୁ କୋଭିଡ୍ ଟେଷ୍ଟ କରାଯିବା ସହ ଆଇସୋଲେଶନରେ ରହିବାକୁ କୁହାଯାଇଛି। ଅନ୍ୟମାନଙ୍କୁ ସେମାନଙ୍କ ଫୋନ୍ ଟ୍ରାକିଂ କରାଯାଇ ଖୋଜାଚାଲିଛି। ସେହିପରି ଆଇବିଏଚ୍‌ରେ କୋଭିଡ୍ ସଂକ୍ରମିତଙ୍କ ଚିକିତ୍ସା ଲାଗି ଆଇସିୟୁ ବ୍ୟବସ୍ଥା କରାଯାଉଛି।



ପୁରୀ ବଳିଆପଣ୍ଡା ପାଣି କମିଟି ପକ୍ଷରୁ ସୋମବାର ବସ୍ତି ପାଣି ସ୍ୱାଭିମାନ ସଚେତନତା ଅଭିଯାନ ଆରମ୍ଭ ହୋଇଛି। କମିଟିର ସଭାପତି ରାମଚନ୍ଦ୍ର ସାହୁ ଓ ସମ୍ପାଦିକା ସଂଯୁକ୍ତା ପଣ୍ଡାଙ୍କ ନେତୃତ୍ୱରେ କମିଟିର ସଦସ୍ୟମାନେ ରାସ୍ତା ସଫେଇ କରିଥିଲେ।

# ତଦନ୍ତ ଲାଗି ମୁଖ୍ୟମନ୍ତ୍ରୀଙ୍କୁ ଟୁଇଟ୍

### ସଙ୍ଗରୋଧ କେନ୍ଦ୍ରରୁ ଆସବାବପତ୍ର ଗାଏବ ଘଟଣା

ଗୋପ,୧୯।୪(ଡି.ଏନ୍.ଏ.)

ରାଜ୍ୟରେ କରୋନା ସଂକ୍ରମଣ ବୃଦ୍ଧି ପାଉଥିବାରୁ ବାହାରୁ ଆସୁଥିବା ପ୍ରବାସୀଙ୍କ ଲାଗି ସରକାର ସଜାଗ ରହିବା ପାଇଁ ପ୍ରଶାସନିକ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ଗୋପ ବ୍ଲକର ୩୧ ପଞ୍ଚାୟତରେ ପୂର୍ବରୁ ୫୫ଟି ସଙ୍ଗରୋଧ କେନ୍ଦ୍ର ଖୋଲାଯାଇଥିଲା। ମାତ୍ର ଏହି ସବୁ କେନ୍ଦ୍ରର ଅଧିକାଂଶ ଆସବାବପତ୍ର ଗାଏବ ହୋଇଯିବା ନେଇ ଏକ ତଥ୍ୟ ଭିତ୍ତିକ ଖବର କିଛିଦିନ ତଳେ ଧରିତ୍ରୀରେ ପ୍ରକାଶିତ ହୋଇଥିଲା। ଏପରି ଏକ ଗୁରୁତ୍ୱପୂର୍ଣ୍ଣ ଘଟଣାର ତଦନ୍ତ ଦାବି ନେଇ କୋଣାର୍କ ଅଞ୍ଚଳର ସାମାଜିକ କର୍ମୀ ଭାଗୀରଥି ସ୍ୱାଇଁ ମୁଖ୍ୟମନ୍ତ୍ରୀ, ପଞ୍ଚାୟତିରାଜ ମନ୍ତ୍ରୀଙ୍କ ସହିତ ଜିଲାପାଳଙ୍କୁ ଟୁଇଟ୍ ଯୋଗେ ଜଣାଇଛନ୍ତି। ସୂଚନାଯୋଗ୍ୟ, ଗତ ବର୍ଷ କରୋନାବେଳେ ବହୁ ସଂଖ୍ୟାରେ ପ୍ରବାସୀ ଫେରିବାରୁ ଗୋପ ବ୍ଲକରେ ୫୫ଟି ସଙ୍ଗରୋଧ କେନ୍ଦ୍ର ଖୋଲାଯାଇଥିଲା। ଏହି ସବୁ କେନ୍ଦ୍ରରେ ୨୮୧୫ଜଣ ପ୍ରବାସୀ ମଧ୍ୟ ରହିଥିଲେ। କିନ୍ତୁ ଏହି ୫୫ଟି କେନ୍ଦ୍ର ପାଇଁ ପ୍ରତ୍ୟେକ ପଞ୍ଚାୟତ ପକ୍ଷରୁ ଲକ୍ଷାଧିକ ଟଙ୍କାର ଖଟିଆ, ଇନଭର୍ଟର, ବାଲ୍‌ଟି, ମଗ, ବିଦ୍ୟୁତ୍ ସରଞ୍ଜାମ, ଆକ୍ୱାଗାର୍ଡ ସହ ଆଉ କେତେକ ଆସବାବପତ୍ର କିଣାଯାଇଥିଲା। ସଙ୍ଗରୋଧ ସରିବା ପରେ ଏହିସବୁ ଆସବାବପତ୍ର ପଞ୍ଚାୟତ ଦାୟିତ୍ୱରେ ରହିବ ବୋଲି ସରକାରଙ୍କ ନିର୍ଦ୍ଦେଶ ରହିଥିଲା। ହେଲେ କରୋନା ସ୍ଥିତି ସ୍ୱାଭାବିକ ହେବା ପରେ ଏହିସବୁ ଆସବାବପତ୍ର କେଉଁ ପଞ୍ଚାୟତରେ ନ ଥିବା ନେଇ ଅଭିଯୋଗ ହୋଇଥିଲା। ପୁଣି କରୋନା ଦ୍ୱିତୀୟ ଲହର ଆସିବା ପରେ ସରକାର ବିଭିନ୍ନ ପଦକ୍ଷେପ ନେଇଥିବା ବେଳେ ପୁଣି ବ୍ଲକ ଅଞ୍ଚଳରେ ସଙ୍ଗରୋଧ କେନ୍ଦ୍ର ଖୋଲାଯିବା ନିଷ୍ପତ୍ତି ହୋଇଛି। ତେବେ ଏଠାରେ ପ୍ରଶ୍ନ ଉଠେ ୫୫ଟି ସଙ୍ଗରୋଧ କେନ୍ଦ୍ର ଲାଗି କିଣା ଯାଇଥିବା ଏହି ସବୁ ଆସବାବପତ୍ର ଏବେ କେଉଁଠି ଅଛି, ଯଦି ଅଛି ଏହି ସବୁ ଆସବାବପତ୍ର କାହା ଦାୟିତ୍ୱରେ ଅଛି, ସେନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହା ଉପରେ ତୁରନ୍ତ ପଦକ୍ଷେପ ନିଆଯିବା ସହିତ ତଦନ୍ତ କରିବାକୁ ସାମାଜିକ କର୍ମୀ ସ୍ୱାଇଁ ମୁଖ୍ୟମନ୍ତ୍ରୀଙ୍କଠାରୁ ଅନ୍ୟ ଅଧିକାରୀଙ୍କ ନିକଟରେ ଦାବି କରିଛନ୍ତି । ଅନ୍ୟପଟେ ବିଡିଓ ଦୀପ୍ତିରାଣୀ ଦାସ ସଙ୍ଗରୋଧ କେନ୍ଦ୍ରର ଆସବାବପତ୍ର ଠିକ ଭାବେ ରହିଛି ବୋଲି କହିଛନ୍ତି।

# ମୃତଦେହ ରଖି ଗ୍ରାମବାସୀଙ୍କ ରାସ୍ତାରୋକୋ

### ଯୁବକଙ୍କ ମାଡ଼ରେ ମହିଳା ମୃତ

ଅସ୍ତରଙ୍ଗ,୧୯।୪(ଡି.ଏନ୍.ଏ.)

ଅସ୍ତରଙ୍ଗ ଥାନା ଅଧୀନ ଉକୁଳେଇ ଛକଠାରେ ରବିବାର ଯୁବକଙ୍କ ମାଡ଼ରେ ଜଣେ ମହିଳା ଗୁରୁତର ହୋଇଥିଲେ। ଚିକିତ୍ସାଧୀନ ଅବସ୍ଥାରେ ସୋମବାର ଗୁରୁତର ମହିଳା ଜଣକଙ୍କର ମୃତ୍ୟୁ ହୋଇଛି। ମୃତା ହେଲେ ଏହି ଥାନା ଅଧୀନ ଗଡ଼ଜାତପୁରର କଳ୍ପନା ସେଠୀ। ତେବେ ମୃତଦେହ ଗ୍ରାମକୁ ଆସିବା ପରେ ଗ୍ରାମବାସୀ ଉତ୍ତ୍ୟକ୍ତ ହୋଇ ମାଡ଼ ମାରିଥିବା ଯୁବକଙ୍କୁ ଗିରଫ ଓ କ୍ଷତିପୂରଣ ଦାବିରେ ଉକୁଳେଇ ମୁଖ୍ୟ ରାସ୍ତାରେ କଳ୍ପନାଙ୍କ ମୃତଦେହ ରଖି ରାସ୍ତାରୋକୋ କରିଥିଲେ। ଖବରପାଇ ନିମାପଡ଼ା ଏସ୍‌ଡିପିଓ ପ୍ରଦୀପ୍ତ କୁମାର ଦଳେଇ, ଅସ୍ତରଙ୍ଗ ଆଇଆଇସି ବାମଦେବ ନନ୍ଦ ଓ କାକଟପୁର ଆଇଆଇସି ସୁଶାନ୍ତ କୁମାର ସାହୁ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ସହ ଖୁବଶୀଘ୍ର ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ରାସ୍ତାରୁ ହଟିଥିଲେ। ଏ ନେଇ ଅସ୍ତରଙ୍ଗ ପୋଲିସ ଏକ ମାମଲା(ନଂ.୬୫/୨୧) ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ଉକୁଳେଇ ଛକରେ କଳ୍ପନାଙ୍କ ପୁଅ ସୁକାନ୍ତଙ୍କର ଏକ ପାନ ଦୋକାନ ଅଛି। ତେବେ ରବିବାର ସୁକାନ୍ତଙ୍କ ଦୋକାନକୁ ଜିଉନ୍ତି ଗ୍ରାମର କୁମର କାଣ୍ଡି ଆସି ପେଟ୍ରୋଲ ମାଗିଥିଲେ। ହେଲେ ଦୋକାନରେ ପେଟ୍ରୋଲ ନ ଥିବା ନେଇ ସୁକାନ୍ତ କହିବାରୁ କୁମର ରାଗି ଯାଇ ଭଙ୍ଗାରୁଜା କରିବା ସହ ତାଙ୍କର କିଛି ଟଙ୍କା ଛଡ଼ାଇ ନେଇଥିଲେ। ଏହି ସମୟରେ କଳ୍ପନା ସେଠାରେ ପହଞ୍ଚି ଏହାର ପ୍ରତିବାଦ କରିଥିଲେ। କୁମର ଏଥିରେ ଉତ୍ତ୍ୟକ୍ତ ହୋଇ କଳ୍ପନାଙ୍କୁ ଜୋରରେ ଧକ୍କା ମାରି ପକାଇଥିଲେ। କଳ୍ପନା ତଳେ ପଡ଼ିଯିବାରୁ ମୁଣ୍ଡରେ ଆଘାତ ଲାଗି ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ସୁକାନ୍ତ ମାଆଙ୍କୁ ପ୍ରଥମେ ଅସ୍ତରଙ୍ଗ ପରେ ଭୁବନେଶ୍ୱର ହସ୍ପିଟାଲ ନେଇଥିଲେ। ଅବସ୍ଥା ସଂକଟାପନ୍ନ ହେବାରୁ ପୁଣି କଟକ ବଡ଼ ମେଡିକାଲ ନେଇଥିଲେ। ହେଲେ ସେଠାରେ ସୋମବାର ତାଙ୍କର ମୃତ୍ୟୁ ହୋଇଥିଲା। ଅନ୍ୟପଟେ ଏହି ଘଟଣା ପରେ ଅଭିଯୁକ୍ତ ଜଣକ ଫେରାର ହୋଇଯାଇଛନ୍ତି।



ମୃତଦେହ ରଖି ଗ୍ରାମବାସୀଙ୍କ ପକ୍ଷରୁ ରାସ୍ତା ଅବରୋଧ କରାଯାଇଛି ।

# ଟିକାକରଣ କେନ୍ଦ୍ରରେ ରହୁନି ସାମାଜିକ ଦୂରତା



ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟ ଟିକାକରଣ କେନ୍ଦ୍ରରେ ଲୋକଙ୍କ ଭିଡ଼।

ପୁରୀ ଅଫିସ,୧୯।୪:

ପୁରୀ ସହରର କେତେକ ଟିକାକରଣ କେନ୍ଦ୍ରରେ ସାମାଜିକ ଦୂରତା ରହୁନାହିଁ। ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରିବା ପରେ ବି ଟିକା ମିଳୁ ନ ଥିବା ଅଭିଯୋଗ ହେଉଛି। ସୋମବାର ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟରେ ଟିକାକରଣ ପାଇଁ ଲୋକଙ୍କ ଭିଡ଼ ଜମିଥିଲା। ସେହିଭଳି ବଳିଆପଣ୍ଡା ପାୱାରଷ୍ଟେଶନ ପାଖ ଟିକାକରଣ କେନ୍ଦ୍ରରେ ମଧ୍ୟ ସମାନ ଦୃଶ୍ୟ ଦେଖିବାକୁ ମିଳିଥିଲା। ବହୁ ଲୋକ ଟିକା ନେବାକୁ ଆସିଥିଲେ ବି ୧୦ଜଣଙ୍କୁ ଟୋକନ୍ ଦେଇ କାଉଣ୍ଟର ବନ୍ଦ କରିଦିଆଯାଇଥିଲା ବୋଲି ଶ୍ୟାମସୁନ୍ଦର ପଣ୍ଡା ଅଭିଯୋଗ କରିଛନ୍ତି। ଫଳରେ ଅନ୍ୟମାନେ ନିରାଶ ହୋଇ ଫେରିଥିଲେ। ଏନେଇ ଦାୟିତ୍ୱରେ ଥିବା ଅଧିକାରୀଙ୍କୁ ପଚାରିଥିଲେ ମଧ୍ୟ ସେ କିଛି ନ କହି ଚାଲିଯାଇଥିଲେ। ପଣ୍ଡା ଅଭିଯୋଗ କରିଛନ୍ତି ଯେ, ପ୍ରଥମେ କେତେଜଣ ନିର୍ଦ୍ଦିଷ୍ଟ ବ୍ୟକ୍ତିଙ୍କ ପାଇଁ ଟିକା ଅଲଗା ରଖି ଦିଆଯାଉଛି। ଫଳରେ ଧାଡ଼ିରେ ଦୀର୍ଘ ସମୟ ଅପେକ୍ଷା କରିବା ସତ୍ତ୍ୱେ ଟିକା ମିଳୁନାହିଁ। ସେହିପରି ସ୍ୱାସ୍ଥ୍ୟ ସମସ୍ୟା ନେଇ କଲ୍ କଲେ କେହି ଫୋନ୍ ଉଠାଉନାହାନ୍ତି। ଅନ୍ୟପକ୍ଷରେ ଏ ନେଇ ସିଡିଏମ୍‌ଓ କିମ୍ବା ଏଡିଓମ୍‌ଓଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ।

# ବିସ୍ଥାପିତ ୩ ପରିବାରଙ୍କୁ ସୁରକ୍ଷା ଦାବି

### ଏସ୍‌ପିଙ୍କ ଦ୍ୱାରସ୍ଥ ହେଲା ଗୋଡି ବିରୋଧୀ ଭାରତ ସଙ୍ଗଠନ

ପୁରୀ ଅଫିସ, ୧୯।୪:

ଗାଁରୁ ବିତାଡ଼ିତ ହୋଇଥିବା ଦଳିତ ଗୋଡି ଶ୍ରମିକ ପରିବାରଙ୍କୁ ସୁରକ୍ଷା ଯୋଗାଇବା ପାଇଁ ଗୋଡି ବିରୋଧୀ ଭାରତ ସଙ୍ଗଠନ ଦାବି କରିଛି। ଏ ନେଇ ସଙ୍ଗଠନର ଏକ ପ୍ରତିନିଧି ଦଳ ସୋମବାର ପୁରୀ ଏସ୍‌ପିଙ୍କୁ ଦାବିପତ୍ର ଦେଇଛନ୍ତି। ଅନୁଷ୍ଠାନର ସଦସ୍ୟ ତଥା ସାମାଜିକ କର୍ମୀ କିଶାନ କୁମାର ପଟ୍ଟନାୟକ କହିଛନ୍ତି, ପୁରୀ ଜିଲା ବ୍ରହ୍ମଗିରି ଥାନା ଅନ୍ତର୍ଗତ ମନାପୁର ଗ୍ରାମର କେତେଜଣ ବାସିନ୍ଦାଙ୍କୁ ଗୋଡିପ୍ରଥାରୁ ମୁକ୍ତି ପ୍ରମାଣପତ୍ର ମିଳିଛି। ସେମାନେ ଗୋଡି ଖଟିବାକୁ ମନା କରିବାରୁ ଗ୍ରାମବାସୀ ସେମାନଙ୍କୁ ସାମାଜିକ ବାସନ୍ଦ କରିବା ସହ ସେମାନଙ୍କ ଘର ପୋଡ଼ିଦେଇଛନ୍ତି। ଏ ନେଇ ଗୋଡିବିରୋଧୀ ଭାରତ ସଙ୍ଗଠନର ଅଧ୍ୟକ୍ଷ ବାଘାମ୍ବର ପଟ୍ଟନାୟକ କମିଶନଙ୍କ ନିକଟରେ ଆବେଦନ କରିଥିଲେ। ଏହି ଆବେଦନକୁ ବିଚାର କରି କମିଶନର ପୁରୀ ଜିଲାପାଳ ଏବଂ ଏସ୍‌ପିଙ୍କୁ ରିପୋର୍ଟ ତଲବ କରିଥିଲେ। ଏସ୍‌ପି ତାଙ୍କ ରିପୋର୍ଟରେ ଅଭିଯୁକ୍ତମାନଙ୍କ ବିରୋଧରେ କୋର୍ଟରେ ଚାର୍ଜଶିଟ ଦିଆଯାଇଛି ଓ ସାମାଜିକ ବାସନ୍ଦର ପ୍ରମାଣ ନ ଥିବା ଦର୍ଶାଇଥିଲେ। ତେବେ ବିସ୍ଥାପିତ ଗୋଡି ଶ୍ରମିକମାନେ କମିଶନରଙ୍କ ନିକଟରେ ବାସନ୍ଦର ପ୍ରମାଣପତ୍ର ଦେବା ପରେ କମିଶନ ଏସ୍‌ପିଙ୍କ ଉପରେ ଅସନ୍ତୋଷ ପ୍ରକାଶ କରି ନିଜସ୍ୱ ତଦନ୍ତକାରୀ ସଂସ୍ଥା ଦ୍ୱାରା ତଦନ୍ତ କରିଥିଲେ। ତଦନ୍ତ ଶେଷ ହେବା ପର୍ଯ୍ୟନ୍ତ ଗାଁରୁ ବିତାଡିତ ହୋଇ ବାହାରେ ବୁଲୁଥିବା ୩ ଗୋଡିଶ୍ରମିକ ପରିବାରର ୨୮ଜଣ ବ୍ୟକ୍ତିଙ୍କୁ ଗାଁରେ ରଖିବା ପାଇଁ କମିଶନର ଏସ୍‌ପିଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ସମ୍ପୃକ୍ତ ପରିବାରଗୁଡ଼ିକର ଯଦି କୌଣସି କ୍ଷତି ହୁଏ ତେବେ ଆଇନ ଶୃଙ୍ଖଳା ଦାୟିତ୍ୱରେ ଥିବା ଅଧିକାରୀ ଦାୟୀ ରହିବେ ବୋଲି ଦର୍ଶାଇଥିଲେ। ତେଣୁ କମିଶନରଙ୍କ ନିର୍ଦ୍ଦେଶକୁ ଏସ୍‌ପି ଅନୁପାଳନ କରିବାକୁ ଅନୁଷ୍ଠାନ ଅନୁରୋଧ କରିଛି। ଦାବିପତ୍ର ପ୍ରଦାନ ସମୟରେ ଅନୁଷ୍ଠାନର ସଦସ୍ୟ ଶେଷଦେବ ସୁବୁଦ୍ଧି, ଦିବାକର ବାରିକ, ବାବନ ବାରିକ, ମହେଶ୍ୱର ବାରିକ ଓ ସୁମିତ୍ରା ବାରିକ ଉପସ୍ଥିତ ଥିଲେ।




ଏସ୍‌ପିଙ୍କୁ ଦାବିପତ୍ର ଦେବା ପାଇଁ ଆସିଥିବା ଗୋଡି ବିରୋଧୀ ଭାରତ ସଙ୍ଗଠନର ସଦସ୍ୟମାନେ ।

# ପୁଅକୁ ହରାଇବାର ଦେଢ଼ ମାସ ପରେ ବି ନ୍ୟାୟ ମାଗୁଛନ୍ତି ବାପା

- ନିଶା ନିବାରଣ କେନ୍ଦ୍ରରେ ମାନସିକ ବିକାରଗ୍ରସ୍ତ ଯୁବକଙ୍କ ମୃତ୍ୟୁ ଘଟଣା
- ସଂସ୍ଥା ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି

ପିପିଲି,୧୯।୪(ସ୍ୱ.ପ୍ର.)

ପିପିଲିର ଗୁଡ଼ିଆପୋଖରୀ ଛକ ନିକଟସ୍ଥ ନିଶା ନିବାରଣ ସଂସ୍ଥା ଦିଶା ଫାଉଣ୍ଡେଶନରେ ମାନସିକ ବିକାରଗ୍ରସ୍ତ ଯୁବକ ଗୌତମ ମଲ୍ଲିକଙ୍କ ମୃତ୍ୟୁ ଘଟଣା ଏବେ ବି ରହସ୍ୟାବୃତ୍ତ ହୋଇ ରହିଛି। ଏହି କେନ୍ଦ୍ରରେ ସମ୍ପୃକ୍ତ ଯୁବକଙ୍କ ହାତଗୋଡ଼ ବାନ୍ଧି ନିର୍ମମ ଭାବେ ହତ୍ୟା କରାଯାଇଛି ବୋଲି ତାଙ୍କ ବାପା ସମ୍ବଲପୁର ଜିଲା ବରଗଡ଼ ଅଞ୍ଚଳର ଗୋଲଖ ବିହାରୀ ମଲ୍ଲିକ ଅଭିଯୋଗ ଆଣି କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ତେବେ ଦେଢ଼ ମାସ ପରେ ବି ପୁଅକୁ ନ୍ୟାୟ ମିଳି ନ ଥିବା ଗୋଲଖ କହିଛନ୍ତି। ପିପିଲି ଥାନା ପୋଲିସ କେବଳ ୫ ଜଣ ଅନ୍ତେବାସୀଙ୍କୁ ଗିରଫ କରିଥିବାବେଳେ ଉକ୍ତ କେନ୍ଦ୍ରର ଅବହେଳା ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନେଉନାହିଁ ବୋଲି ସେ ଅଭିଯୋଗ କରିଛନ୍ତି।

ସୂଚନା ଅନୁଯାୟୀ, ୨୪ ବର୍ଷୀୟ ପୁଅ ଗୌତମଙ୍କ ମାନସିକ ଅବସ୍ଥା ଭଲ କରିବା ପାଇଁ ତାଙ୍କୁ ଗୋଲଖ ଦିଶା ଫାଉଣ୍ଡେଶନକୁ ଆଣିଥିଲେ। ଏଠାରେ ପୁଅକୁ ରଖାଇବା ପରେ ସେବା ଯତ୍ନ ଆଦି ବାବଦରେ ଫାଉଣ୍ଡେଶନକୁ ପ୍ରତି ମାସରେ ୮ହଜାର ଟଙ୍କା ପଇଠ କରୁଥିଲେ। ପ୍ରତ୍ୟେକ ଦିନ ସେ ଗୌତମଙ୍କ ସହିତ ଫୋନ୍‌ରେ କଥା ହୋଇ ଭଲମନ୍ଦ ବୁଝୁଥିଲେ। ମାର୍ଚ୍ଚ ୧ରେ ଗୌତମଙ୍କ ସହିତ କଥା ହେବା ପାଇଁ ଗୋଲଖ ଉକ୍ତ କେନ୍ଦ୍ରକୁ ଫୋନ କରିଥିଲେ। ତେବେ କେନ୍ଦ୍ର ପକ୍ଷରୁ କଥାବାର୍ତ୍ତା ପାଇଁ ମନା କରିଦିଆଯିବା ସହ ଫୋନ କଲ୍ କାଟିଦିଆଯାଇଥିଲା। ତେବେ ପରଦିନ ଅର୍ଥାତ ମାର୍ଚ୍ଚ ୨ରାତି ୯ଟା ୩୦ରେ କେନ୍ଦ୍ର ପକ୍ଷରୁ ଗୋଲଖଙ୍କୁ ଫୋନରେ କୁହାଯାଇଥିଲା ଯେ, ଗୌତମଙ୍କ ଛାତିରେ ଯନ୍ତ୍ରଣା ହେବାରୁ ତାଙ୍କୁ କ୍ୟାପିଟାଲ ହସ୍ପିଟାଲକୁ ନିଆଯାଇଛି। ତେଣୁ ଶୀଘ୍ର ଆସି ଦେଖା କର। କିଛି ସମୟ ପରେ ପୁଣି ଫୋନ କରି ପୁଅର ମୃତ୍ୟୁ ହୋଇଯାଇଥିବା ସୂଚନା ଦିଆଯାଇଥିଲା। ଏହା ଶୁଣି ଗୋଲଖ ଧାଇଁଆସିଥିଲେ। ଏଠାରେ ପହଞ୍ଚି ଗୌତମଙ୍କ ଦୁଇ ହାତ ଓ ଗୋଡ଼ରେ ରଶି ବନ୍ଧା ଦାଗ ଥିବା ଦେଖିବାକୁ ପାଇଥିଲେ। ପୁଅକୁ ହତ୍ୟା କରାଯାଇଥିବା ଅଭିଯୋଗ ଆଣି ସେ ତଦନ୍ତ ସହ କାର୍ଯ୍ୟାନୁଷ୍ଠାନ ପାଇଁ ଥାନାରେ ଏତଲା ଦେଇଥିଲେ। ଏ ନେଇ ପୋଲିସ ଏକ କେସ୍ (ନଂ. ୧୭୭/୨୧) ରୁଜୁ କରି ସିସିଟିଭି ଫୁଟେଜ ଆଧାରରେ କେନ୍ଦ୍ରର ୫ଜଣ ଅନ୍ତେବାସୀଙ୍କୁ ଗିରଫ କରିଥିଲା। ସେମାନେ ହେଲେ ବାଲିଅନ୍ତା ଥାନା ଯଶୁଆପୁର ଗ୍ରାମର ହରିବୋଲ ମହାପାତ୍ର, ପିପିଲି ଥାନା ସୁନାପଦା ଗ୍ରାମର ବିଶ୍ୱଜିତ୍ ପ୍ରଧାନ, ରଘୁନାଥପୁର ଥାନା ପଦ୍ମପୁର ଗ୍ରାମର ସୁକାନ୍ତ ସାହୁ, ପିପିଲି ଥାନା ବିଶୋଇ ସାହି ଗ୍ରାମର ରାଜୀବ୍ ବିଶୋଇ ଏବଂ ଭଞ୍ଜନଗର ଥାନା କୁମ୍ଭାରସାହି ଗ୍ରାମର ଶ୍ରୀକୃଷ୍ଣ ଜେନା। ତେବେ ପୋଲିସ ଦେଢମାସ ପରେ ବି କେନ୍ଦ୍ର କର୍ତ୍ତୃପକ୍ଷଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଇ ନ ଥିବାରୁ ଗୋଲକ ଅସନ୍ତୋଷ ପ୍ରକାଶ କରିଛନ୍ତି। ପୁଅର ନ୍ୟାୟ ପାଇଁ କେନ୍ଦ୍ରର ପରିଚାଳନା ନିର୍ଦ୍ଦେଶକଙ୍କୁ ଗିରଫ କରିବା ସହ ଉକ୍ତ ସଂସ୍ଥା ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଦାବି କରିଛନ୍ତି। ଉକ୍ତ ସଂସ୍ଥାରେ ଚପଲ, ବେଲ୍ଟ ପ୍ରବେଶ ମନା ଥିବାବେଳେ ଗୌତମଙ୍କୁ କେମିତି ହତ୍ୟା କରାଗଲା ଓ ପରିଚାଳନା କର୍ମଚାରୀ ସେ ସମୟରେ କ'ଣ କରୁଥିଲେ ବୋଲି ଗୋଲକ ପ୍ରଶ୍ନ କରିଛନ୍ତି। ଗୌତମଙ୍କ ହତ୍ୟା ସମ୍ବନ୍ଧରେ ଫୋନ ଯୋଗେ ଭୁଲ ତଥ୍ୟ ଦିଆଯାଇଥିବା ସେ ଅଭିଯୋଗ କରିଛନ୍ତି। ପୋଲିସ ତୁରନ୍ତ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କଲେ ଆଗାମୀ ଦିନରେ ସେ ଥାନା ସମ୍ମୁଖରେ ଧାରଣା ଦେବେ ବୋଲି ଗୋଲଖ କହିଛନ୍ତି। ତେବେ ପିପିଲି ଥାନାଧିକାରୀ ଗୌରାଙ୍ଗ ଚରଣ ପୃଷ୍ଟି କହିଛନ୍ତି, ଏତଲା ଆଧାରରେ ୫ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ସଂସ୍ଥା ବିରୋଧରେ ସିଧାସଳଖ କିଛି ଅଭିଯୋଗ ଆସିନାହିଁ। ଆସିଲେ କାର୍ଯ୍ୟାନୁଷ୍ଠାନ ନିଆଯିବ। ଅନ୍ୟପକ୍ଷରେ ଉକ୍ତ କେନ୍ଦ୍ରର ପରିଚାଳନା ନିର୍ଦ୍ଦେଶକ ପ୍ରତାପ କୁମାର ମହାନ୍ତିଙ୍କୁ ପଚାରିବାରେ 'ଥାନାରେ ଯାହା ଅଭିଯୋଗ ଅଛି, ସେ ଅନୁଯାୟୀ ପୋଲିସ ତଦନ୍ତ କରୁଥିବାରୁ ଅଧିକ କିଛି କହିପାରିବି ନାହିଁ ବୋଲି ପ୍ରକାଶ କରିଛନ୍ତି।

## ସଂକ୍ଷେପରେ



### କାଳରାତ୍ରି ବେଶରେ ଦର୍ଶନ ଦେଲେ ଜାଗୁଳାଈ

**ଜଟଣୀ,୧୯।୪(ଡ.ଏନ୍.ଏ.):** ଜଟଣୀ ପୌରାଞ୍ଚଳ ଅଧୀନ କୁଦିଆରୀ ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମା' ଜାଗୁଳାଈଙ୍କ ପୀଠରେ ଗତ ୧୨ତାରିଖରୁ ବାସନ୍ତିକ ଦୁର୍ଗାପୂଜା ଓ ନବରାତ୍ର ମହୋତ୍ସବ ପାଳିତ ହେଉଛି। କରୋନା କଟକଣା ମଧ୍ୟରେ ମା'ଙ୍କ ପୂଜା ରୀତିନୀତି କରାଯାଉଛି। ଏହି ନବରାତ୍ର ସମୟରେ ମା'ପ୍ରତ୍ୟେକ ଦିନ ଭକ୍ତମାନଙ୍କୁ ବିଭିନ୍ନ ବେଶରେ ଦର୍ଶନ ଦେଉଛନ୍ତି। ଏହି ପରିପ୍ରେକ୍ଷୀରେ ସୋମବାର ସପ୍ତମ ଦିବସରେ ମା'କାଳରାତ୍ରି ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି।

### ୩ ନଦୀ ସେତୁ ପରିଦର୍ଶନ କଲେ ମନ୍ତ୍ରୀ

**ପୁରୁଣା ଭୁବନେଶ୍ୱର,୧୯।୪ (ଡ.ଏନ୍.ଏ.):** ମଙ୍ଗଳବାର ପୂର୍ବାହ୍ନରେ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ଓ ଅଶୋକ ଚନ୍ଦ୍ର ପଣ୍ଡା ନିର୍ମାଣାଧୀନ ଧଉଳି ସେତୁ, ଦୟା ସେତୁ ଏବଂ ଭାର୍ଗବୀ ନଦୀ ସେତୁ ପରିଦର୍ଶନ କରିଛନ୍ତି। ନଦୀ ଶଯ୍ୟାରେ ଚେକ୍ ଡ୍ୟାମ ମାଧ୍ୟମରେ ଜଳ ସଂରକ୍ଷଣ, ପାନୀୟଜଳ ଯୋଗାଣ ଓ ମେଗା ଜଳସେଚନ ଜରିଆରେ ବ୍ୟାପକ ପନିପରିବା ଚାଷ ଉପରେ ଗୁରୁତ୍ୱାରୋପ କରିଥିଲେ। ଦୟା ଦକ୍ଷିଣ ପାର୍ଶ୍ୱ ନଦୀ ବନ୍ଧ ସୁଦୃଢ଼ୀକରଣ ଓ ପ୍ରଶସ୍ତୀକରଣ ନିମନ୍ତେ ମନ୍ତ୍ରୀ ମଲ୍ଲିକ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ସେହିପରି କପିଳେଶ୍ୱର ମନ୍ଦିରକୁ ଗଙ୍ଗୁଆ ବନ୍ଧ ଉପରେ ଏକ ସ୍ୱତନ୍ତ୍ର ରାସ୍ତା ନିର୍ମାଣ ସମ୍ପର୍କରେ ମନ୍ତ୍ରୀ ମଲ୍ଲିକ ସମୀକ୍ଷା କରିଥିଲେ। ଏହି ପରିଦର୍ଶନ ବେଳେ ପୂର୍ତ୍ତ ବିଭାଗ ଚିଫ୍ ଇଞ୍ଜିନିୟର ମନୋରଞ୍ଜନ ମିଶ୍ର, ଅଧୀକ୍ଷଣ ଯନ୍ତ୍ରୀ, ପୂର୍ତ୍ତ ବିଭାଗ ଦୁଇ ଡିଭିଜନର ନିର୍ବାହୀ ଯନ୍ତ୍ରୀ , ପୂର୍ବତନ କର୍ପୋରେଟର ବୀରଞ୍ଚି ନାରାୟଣ ମହାସୁପକାର, ସୁବାସ ସୁନ୍ଦରାୟ, ଆଲୋକ ସାହୁ, ହରେକୃଷ୍ଣ ସାହୁ, ଧଉଳି ପଞ୍ଚାୟତ ସମିତି ସଭ୍ୟ ଭଗବାନ ସାହୁ, ଚନ୍ଦ୍ରଶେଖର ମଲ୍ଲିଆ, ସରୋଜ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

### ସର୍ପଦଂଶନରେ ଜଣେ ଗୁରୁତର

**ପୁରୀ ଅଫିସ, ୧୯।୪:** ସାପ କାମୁଡାରେ ଜଣେ ବ୍ୟକ୍ତି ଗୁରୁତର ହୋଇ ସୋମବାର ପୁରୀ ସଦର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି। ସେ ହେଲେ ପୁରୀ ସଦର ଥାନା ଅନ୍ତର୍ଗତ କପେଶ୍ୱର ଗ୍ରାମ ପଞ୍ଚାୟତର ମାଧବ ମାଛୁଆ। ମାଧବ ତାଙ୍କ ଜମିରେ କାମ ସାରି ଘରକୁ ଫେରୁଥିବା ବେଳେ ବାଟରେ ଏକ ବିଷଧର ସାପ ତାଙ୍କ ଡାହାଣ ଗୋଡକୁ କାମୁଡ଼ି ଦେଇଥିଲା। ପରିବାର ଲୋକେ ତାଙ୍କୁ ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ।

### ୨ ମୋବାଇଲ ଲୁଟେରା କୋର୍ଟଚାଲାଣ



**ଜଟଣୀ,୧୯।୪(ଡ.ଏନ୍.ଏ.):** ଜଟଣୀ ପୋଲିସ ସୋମବାର ଦୁଇଜଣ ମୋବାଇଲ ଫୋନ ଲୁଟେରାଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ଜଟଣୀ ବ୍ଲକ ଅଧୀନ ବୁଢ଼ାପଡ଼ା ଅଞ୍ଚଳର ବୃନ୍ଦାବନ ସାହୁ(୨୩) ଏବଂ ପ୍ରମୋଦ ସାହୁ(୨୬)। ଏମାନଙ୍କ ନିକଟରୁ ୬ଟି ମୋବାଇଲ ଓ ଗୋଟିଏ ବାଇକ୍ ଜବତ କରାଯାଇଛି। ସୂଚନା ମୁତାବକ, ଜଟଣୀ ପୌରାଞ୍ଚଳ ଅଧୀନ ବାଛରା ଗ୍ରାମର ତ୍ରିଲୋଚନ ସାହୁଙ୍କ ଝିଅ ଗତ ୧୨ତାରିଖରେ ଘରକୁ ଫେରୁଥିବା ବେଳେ କେହି ଦୁର୍ବୃତ୍ତ ତାଙ୍କଠାରୁ ମୋବାଇଲ ଛଡ଼ାଇ ନେଇ ଫେରାର ହୋଇଯାଇଥିଲା। ଏନେଇ ଅଭିଯୋଗ ପରେ ପୋଲିସ ଏକ ମାମଲା (ନଂ.୧୯୩/୨୧) ରୁଜୁକରି ତଦନ୍ତ ଚଳାଇଥିଲା।

# ଚିନ୍ତା ବଢ଼ାଇବେ କୁମ୍ଭମେଳା ଫେରନ୍ତା

**ଖୋର୍ଦ୍ଧା ଅଫିସ,୧୯।୪**



ଖୋର୍ଦ୍ଧା ଗ୍ରାମାଞ୍ଚଳରେ କରୋନା ସଂକ୍ରମଣ ହାର ବୃଦ୍ଧି ପାଇବାରେ ଲାଗିଛି। ଗତ ୧୦ଦିନ ମଧ୍ୟରେ ସଂକ୍ରମିତଙ୍କ ସଂଖ୍ୟା ୧୯୪ରେ ପହଞ୍ଚିଛି। ସୋମବାର ୪୦ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ପଜିଟିଭଙ୍କ ମଧ୍ୟରେ ବାଲିଅନ୍ତା ବ୍ଲକ ୭, ବାଲିପାଟଣା ଓ ଭୁବନେଶ୍ୱର ବ୍ଲକର ଜଣେ ଲେଖାଏ ରହିଛନ୍ତି। ଜଟଣୀରେ ୨ଜଣ ରହିଥିବା ବେଳେ ଖୋର୍ଦ୍ଧା ବ୍ଲକର ସର୍ବାଧିକ ୧୩ଜଣ ସଂକ୍ରମିତ ହୋଇଛନ୍ତି। ବେଗୁନିଆ ଓ ଚିଲିକାରୁ ୩ଜଣ ଲେଖାଏ ରହିଛନ୍ତି। ବୋଲଗଡ଼ ବ୍ଲକ ୫, ଟାଙ୍ଗୀ ୪ ଏବଂ ଅନ୍ୟ ଜିଲାରୁ ଜଣେ ଚିହ୍ନଟ ହୋଇଛନ୍ତି। ୧୩ ଜଣ ସୁସ୍ଥ ହୋଇଛନ୍ତି। ଅନ୍ୟପଟେ ହରିଦ୍ୱାର କୁମ୍ଭମେଳାରେ ଯୋଗ ଦେଇଥିବା ହଜାର ହଜାର ଶ୍ରଦ୍ଧାଳୁ କରୋନା ସଂକ୍ରମିତ ହୋଇଥିବା ଜଣାପଡିଛି। ଖୋର୍ଦ୍ଧା ଜିଲାରୁ ଏକାଧିକ ଲୋକ କୁମ୍ଭମେଳାକୁ ଯାଇଛନ୍ତି। କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି କୁମ୍ଭମେଳା ଅଧାରୁ ବନ୍ଦ ହେବା ପରେ ଟ୍ରେନ ଯୋଗେ ସେମାନେ ଫେରୁଛନ୍ତି। ଏନେଇ ଜିଲା ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। କୁମ୍ଭମେଳା ଫେରନ୍ତାଙ୍କ ଲାଗି ଆରଟି-ପିସିଆର ପରୀକ୍ଷା ଏବଂ ୧୪ ଦିନିଆ ସଙ୍ଗରୋଧ ବାଧ୍ୟତାମୂଳକ କରାଯାଇଛି ବୋଲି ଜିଲାପାଳ ସନତ୍ ମହାନ୍ତି କହିଛନ୍ତି। ଖୋର୍ଦ୍ଧା ଗ୍ରାମାଞ୍ଚଳ (ବିଏମ୍‌ସିକୁ ବାଦଦେଇ)ରେ ମୋଟ୍ ୧୩,୭୩୦ଜଣ ସଂକ୍ରମିତ ହୋଇଛନ୍ତି। ତନ୍ମଧ୍ୟରୁ ୧୩,୫୧୫ ଜଣ ସୁସ୍ଥ ହୋଇଥିବା ବେଳେ ୧୫୮ଜଣ ସକ୍ରିୟ ରହିଛନ୍ତି। ୫୭ଜଣଙ୍କ ମୃତ୍ୟୁ ଘଟିଛି। ବାଲିଅନ୍ତା ବ୍ଲକର ମୋଟ୍ ୧୪୦୫ ଆକ୍ରାନ୍ତଙ୍କ ମଧ୍ୟରୁ ୧୩୮୦ ସୁସ୍ଥ, ସକ୍ରିୟ ୨୪ ଓ ଜଣଙ୍କର ମୃତ୍ୟୁ ଘଟିଛି। ସେହିପରି ବାଲିପାଟଣା ବ୍ଲକର ୯୪୨ ଆକ୍ରାନ୍ତଙ୍କ ମଧ୍ୟରୁ ୯୩୦ ସୁସ୍ଥ, ୩ ମୃତ ଏବଂ ୯ଜଣ ସକ୍ରିୟ ରହିଛନ୍ତି। ଭୁବନେଶ୍ୱର ବ୍ଲକର ୧୨୭୩ ଆକ୍ରାନ୍ତଙ୍କ ମଧ୍ୟରୁ ୧୨୬୦ ସୁସ୍ଥ, ୫ ମୃତ ଓ ୮ଜଣ ସକ୍ରିୟ ରହିଛନ୍ତି। ଜଟଣୀ ବ୍ଲକର ୧୩୩୬ ଆକ୍ରାନ୍ତଙ୍କ ମଧ୍ୟରୁ ୧୩୧୦ସୁସ୍ଥ, ୭ମୃତ ଓ ୧୯ ଜଣ ସକ୍ରିୟ ରହିଛନ୍ତି। ଖୋର୍ଦ୍ଧା ବ୍ଲକର ୨୪୬୯ ଆକ୍ରାନ୍ତଙ୍କ ମଧ୍ୟରୁ ୨୪୧୩ ସୁସ୍ଥ, ୧୬ମୃତ ଓ ୪୦ଜଣ ସକ୍ରିୟ ରହିଛନ୍ତି। ବେଗୁନିଆ ବ୍ଲକର ୧୧୪୯ ଆକ୍ରାନ୍ତଙ୍କ ମଧ୍ୟରୁ ୧୧୩୫ ସୁସ୍ଥ, ୪ ମୃତ ଓ ୧୦ଜଣ ସକ୍ରିୟ ରହିଛନ୍ତି। ବୋଲଗଡ଼ ବ୍ଲକର ୯୯୪ ଆକ୍ରାନ୍ତଙ୍କ ମଧ୍ୟରୁ ୯୭୬ ସୁସ୍ଥ, ୫ ମୃତ ଓ ୧୩ ଜଣ ସକ୍ରିୟ ରହିଛନ୍ତି। ଟାଙ୍ଗୀ ବ୍ଲକର ୧୨୬୬ ଆକ୍ରାନ୍ତଙ୍କ ମଧ୍ୟରୁ ୧୨୫୦ ସୁସ୍ଥ, ୪ ମୃତ ଓ ୧୨ଜଣ ସକ୍ରିୟ ରହିଛନ୍ତି। ଚିଲିକା(ବାଲୁଗାଁ) ବ୍ଲକର ୧୪୧୦ ଆକ୍ରାନ୍ତଙ୍କ ମଧ୍ୟରୁ ୧୩୯୮ ସୁସ୍ଥ, ୫ ମୃତ ଓ ୭ଜଣ ସକ୍ରିୟ ରହିଛନ୍ତି। ବାଣପୁର ବ୍ଲକର ୧୪୫୨ ଆକ୍ରାନ୍ତଙ୍କ ମଧ୍ୟରୁ ୧୪୪୨ ସୁସ୍ଥ, ସକ୍ରିୟ ୩ଜଣ ରହିଥିବା ବେଳେ ୭ଜଣଙ୍କ ମୃତ୍ୟୁ ଘଟିଛି। ବଳକା ଅନ୍ୟ ଜିଲାର ଏଠାରେ ସଂକ୍ରମିତ ଅଛନ୍ତି।

### ଦିନକରେ ୪୩୫୯ ଟିକାନେଲେ, ୭୬୨ କୋଭିଡ୍ ଟେଷ୍ଟ

ଜିଲାରେ ସୋମବାର ୪୩୫୯ଜଣ ଟିକା ନେଇଛନ୍ତି। ସେହିପରି ୭୬୨ଜଣଙ୍କ କୋଭିଡ୍ ଟେଷ୍ଟ କରାଯାଇଛି। ସେଥିରୁ ଆର୍‌ଟି-ପିସିଆର୧୩୨, ଆଣ୍ଟିଜେନ ୬୩୦ ରହିଛି। କୋଭିଡ୍ ଗାଇଡଲାଇନ ଉଲ୍ଲଂଘନ ନେଇ ୩୬ ହଜାର ୫୦ଟଙ୍କା ଜରିମାନା ଆଦାୟ କରାଯାଇଛି। ଜିଲାପାଳ ସନତ୍ ମହାନ୍ତି କହିଛନ୍ତି ଯେ, ଖୋର୍ଦ୍ଧା ଗ୍ରାମାଞ୍ଚଳରେ କରୋନା ସଂକ୍ରମିତଙ୍କ ହାର ବଢ଼ିବାରେ ଲାଗିଛି। ସତର୍କ, ସଚେତନ ରହିବାକୁ ପରାମର୍ଶ ଦେଇଛନ୍ତି। ବିନା ମାସ୍କରେ ଘରୁ ବାହାରନ୍ତୁ ନାହିଁ, କୋଭିଡ୍ ଗାଇଡଲାଇନକୁ ପାଳନ କରନ୍ତୁ। ନିଜେ ସୁରକ୍ଷିତ ରହିବା ସହିତ ପରିବାର ମଧ୍ୟ ସୁରକ୍ଷିତ ରହିବ ବୋଲି ସେ କହିଛନ୍ତି।




ଅଗ୍ନିଶମ ସେବା ସପ୍ତାହର ଷଷ୍ଠ ଦିବସରେ ସୋମବାର ପୁରୀ ଅଗ୍ନିଶମ ବିଭାଗ ପକ୍ଷରୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଅଗ୍ନି ନିର୍ବାପନ ସମ୍ପର୍କରେ ମକ୍‌ଡ୍ରିଲ୍ କରାଯାଉଛି।

### ବିମାନ ବନ୍ଦର ପାଇଁ ସ୍ୱତନ୍ତ୍ର ନିର୍ଦ୍ଦେଶନାମା ଜାରି

**ଭୁବନେଶ୍ୱର, ୧୯।୪ (ବ୍ୟୁରୋ):** କୋଭିଡ୍ ସଂକ୍ରମଣ ବୃଦ୍ଧିକୁ ଦୃଷ୍ଟିରେ ରଖି ବିଏମ୍‌ସି ପକ୍ଷରୁ ବିଜୁ ପଟ୍ଟନାୟକ ଆନ୍ତର୍ଜାତିକ ବିମାନ ବନ୍ଦର ପାଇଁ ସ୍ୱତନ୍ତ୍ର ଗାଇଡ୍‌ଲାଇନ୍ ଜାରି କରାଯାଇଛି। ବିମାନ ବନ୍ଦରରେ ପହଞ୍ଚୁଥିବା ଯାତ୍ରୀଙ୍କ ପାଇଁ ଆର୍‌ଟି-ପିସିଆର୍ ନେଗେଟିଭ୍ ଟେଷ୍ଟ ରିପୋର୍ଟ ବାଧ୍ୟତାମୂଳକ କରାଯାଇଛି। ବିମାନବନ୍ଦରରେ ଓହ୍ଲାଇବାର ୭୨ଘଣ୍ଟା ପୂର୍ବରୁ ଯାତ୍ରୀଙ୍କୁ ନେଗେଟିଭ୍ ରିପୋର୍ଟ ଦେବାକୁ ହେବ। ଯେଉଁମାନେ ୨ଟି ଯାକ ଟିକା ନେଇଛନ୍ତି ସେମାନେ ଆର୍‌ଟି-ପିସିଆର ରିପୋର୍ଟ ବଦଳରେ ଶେଷ ଟିକାକରଣ ପ୍ରମାଣପତ୍ର ଦେଖାଇବାକୁ ପଡ଼ିବ। ବିମାନବନ୍ଦର କର୍ତ୍ତୃପକ୍ଷ ଉକ୍ତ ଗାଇଡ୍‌ଲାଇନ୍‌କୁ କଡାକଡି ଭାବେ ପାଳନ କରିବେ। ମଙ୍ଗଳବାରଠାରୁ ଏହାକୁ କଡାକଡି ଲାଗୁ କରାଯିବ।

### ପରମାନନ୍ଦ କଲେଜରେ କରୋନା ସଚେତନତା ଅଭିଯାନ

**ବୋଲଗଡ଼,୧୯।୪(ଡ.ଏନ୍.ଏ.)**

ବୋଲଗଡ଼ ପରମାନନ୍ଦ ମହାବିଦ୍ୟାଳୟର ଏନ୍‌ଏସ୍‌ଏସ୍ ଓ ଯୁବ ରେଡକ୍ରସ୍‌ର ମିଳିତ ସହଯୋଗରେ ସୋମବାର କରୋନା ସଚେତନତା ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ତହସିଲଦାର ହେମେନ୍ଦ୍ର ନାରାୟଣ ମହାନ୍ତି ଏହାକୁ ଉଦ୍‌ଘାଟନ କରିଥିଲେ। ଯୁବ ରେଡକ୍ରସର ସଂଯୋଜକ ଅଧ୍ୟାପକ ଗଣେଶ ପଣ୍ଡା ସଂଯୋଜନା କରିଥିବା ବେଳେ ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫେସର ରବୀନ୍ଦ୍ରନାଥ ପାଣିଗ୍ରାହୀ କାର୍ଯ୍ୟକ୍ରମ ସମ୍ବନ୍ଧୀୟ ସୂଚନା ଦେଇଥିଲେ। କଣ୍ଠଶିଳ୍ପୀ ସଞ୍ଜୟ ପାଣିଗ୍ରାହୀ କରୋନା ସଚେତନତା ସଙ୍ଗୀତ ଗାନ କରିଥିଲେ। ବାଙ୍କୋଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅଧୀକ୍ଷକ ଡା. ଦୁର୍ଗାପ୍ରସାଦ ଜେନା ମୁଖ୍ୟ ବକ୍ତାଭାବେ ଯୋଗଦେଇ କରୋନା ସଂକ୍ରମଣର ଲକ୍ଷଣ, ସଚେତନତା ଓ ସତର୍କତା ଅବଲମ୍ବନ ଉପରେ ମତବ୍ୟକ୍ତ କରିଥିଲେ। ଏନ୍‌ଏସ୍‌ଏସ୍ କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପକ ପ୍ରଦୀପ ମିଶ୍ର ଧନ୍ୟବାଦ ଦେଇଥିଲେ। ଛାତ୍ରୀଛାତ୍ରମାନେ ପ୍ଲାକାର୍ଡ ଧରି ସ୍ଲୋଗାନ ଦେଇ ସାହି ଓ ବଜାର ପରିକ୍ରମା କରିଥିଲେ। ଏନ୍‌ଏସ୍‌ଏସ୍ କାର୍ଯ୍ୟକ୍ରମ ଅଧିକାରିଣୀ ଅଧ୍ୟାପିକା ରୂପେଲି ସାହୁ, ରଶ୍ମିରାଣୀ ସୁବୁଦ୍ଧି, ଲିପିକା ପ୍ରିୟଦର୍ଶିନୀ, ଅଧ୍ୟାପକ ଗାନ୍ଧୀ କୁମାର ସାହୁ, ଦୀପକ ଜେନା ଓ ଭଞ୍ଜ କୁମାର ଯତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଯାଁଳାରେ ଜଣେ ପଜିଟିଭ୍

**ଯାଁଳା,୧୯।୪(ଡ.ଏନ୍.ଏ.)**

ଯାଁଳା ପଞ୍ଚାୟତ ଅଞ୍ଚଳରେ ସୋମବାର ଜଣେ ଯୁବକ କୋଭିଡ୍ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏହି ଯୁବକ ଜଣକ ହରିୟାଣାରୁ ଫେରି ହୋମ୍ କ୍ୱାରାଣ୍ଟାଇନରେ ରହିଥିଲେ। ତାଙ୍କର କାଶ ଓ ଗଳାରେ ଯନ୍ତ୍ରଣା ହେବା ସହ ଜ୍ୱର ହୋଇଥିଲା। କୋଭିଡ୍ ପରୀକ୍ଷା ପରେ ରିପୋର୍ଟ ପଜିଟିଭ୍ ଆସିଥିଲା। ଚିକିତ୍ସା ପାଇଁ ତାଙ୍କୁ କୋଭିଡ୍ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ବ୍ଲକ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇ ନାହିଁ।

## କଟକଣା ସତ୍ତ୍ୱେ ମାନୁନାହାନ୍ତି ଅମାନିଆ

**ଖୋର୍ଦ୍ଧା ଅଫିସ,୧୯।୪**

### ୧୦ଦିନରେ ୧ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଜରିମାନା ଆଦାୟ



ନାଇଟ୍ କର୍ଫ୍ୟୁ ପାଇଁ ଦିନରେ ବଜାରରେ ଲୋକଙ୍କ ଭିଡ଼।

ରାଜ୍ୟରେ କରୋନା ସଂକ୍ରମଣ ନିୟନ୍ତ୍ରଣ ପାଇଁ ସରକାର ବିଭିନ୍ନ ପଦକ୍ଷେପ ନେଇଛନ୍ତି। ମାସ୍କ ପରିଧାନ, ସାମାଜିକ ଦୂରତ୍ୱକୁ ଗୁରୁତ୍ୱ ଦିଆଯାଇଛି। ମାତ୍ର କେତେଜଣ ଅମାନିଆ ବିନା ମାସ୍କରେ ବୁଲୁଛନ୍ତି। ଏଥିସହ ଦୋକାନ, ବଜାରରେ ସାମାଜିକ ଦୂରତ୍ୱ ରହୁନାହିଁ। ଖୋର୍ଦ୍ଧା ଗ୍ରାମାଞ୍ଚଳରେ କୋଭିଡ୍ ଗାଇଡ୍‌ଲାଇନ ଉଲ୍ଲଂଘନ ନେଇ ୧୦ ଦିନରେ ୧ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଜରିମାନା ଆଦାୟ ହୋଇଛି। ଏନେଇ ଜିଲାପାଳ ସନତ ମହାନ୍ତି କହିଛନ୍ତି, ଜିଲାରେ ଏନଫୋର୍ସମେଣ୍ଟକୁ କଡାକଡି କରାଯାଇଛି। କେତେଜଣ ଅମାନିଆଙ୍କ ଲାଗି ସ୍ଥିତି ବିଗିଡିବାରେ ଲାଗିଛି। ବିଭିନ୍ନ ବର୍ଗର ଲୋକଙ୍କୁ ନେଇ ବାରମ୍ବାର ସଚେତନତା କାର୍ଯ୍ୟକ୍ରମ, ଆଲୋଚନା କରାଯାଉଛି। କୋଭିଡ୍ ଗାଇଡଲାଇନ ପାଳନ ଲାଗି ପରାମର୍ଶ ଦିଆଯାଉଛି। ଆଗକୁ ଏନଫୋର୍ସମେଣ୍ଟକୁ କଡାକଡି କରାଯିବ। ଅନ୍ୟପଟେ ନାଇଟ କର୍ଫ୍ୟୁ ପାଇଁ ସକାଳ ୮ଟାରୁ ରାତି ୮ଟା ପର୍ଯ୍ୟନ୍ତ ସହରର ଦୋକାନ, ବଜାରରେ ଲୋକଙ୍କ ନାହିଁ ନ ଥିବା ଭିଡ଼ ରହୁଛି। ଟ୍ରାଫିକ ଛକ, ସମବାୟ ଛକ, ପୁରୁଣା ମେଡିକାଲ ଛକ, ଏସ୍‌ବିଆଇ ଛକରେ ପରିବା ବଜାର, ଗ୍ରସେରି ଏବଂ ଫଳ ଦୋକାନ ରହିଛି। ଏହି ସ୍ଥାନଗୁଡ଼ିକରେ ଲୋକଙ୍କ ଭିଡ଼ ରହୁଛି। କେତେଜଣ ଅମାନିଆ ମାସ୍କ ପିନ୍ଧୁ ନ ଥିବା ବେଳେ, ଦୋକାନରେ ସାମାଜିକ ଦୂରତ୍ୱ ରହୁନାହିଁ। ଏନେଇ ପୌର ନିର୍ବାହୀ ଅଧିକାରୀ ଶ୍ୱେତପଦ୍ମା ଶତପଥୀ କହିଛନ୍ତି, ବ୍ୟବସାୟୀଙ୍କ ସହ ଆଲୋଚନା କରାଯାଇଛି। ଜଣେ ଅନ୍ୟ ଜଣଙ୍କଠାରୁ ୨ମିଟର ଦୂରତା ରଖି ବେପାର କରିବେ, ଅଯଥା ଦୋକାନ ଆଗରେ ଭିଡ କରିବେ ନାହିଁ। ସାମାଜିକ ଦୂରତ୍ୱ ନ ରଖିଲେ ଜରିମାନା ସହ ଆବଶ୍ୟକ ପଡ଼ିଲେ ଦୋକାନ ସିଲ୍ କରାଯିବ।

## ରାସ୍ତାରେ ବସିଲେ ଜମାକାରୀ

**ନିରାକାରପୁର,୧୯।୪(ଡ.ଏନ୍.ଏ.)**



ଜମାକାରୀମାନେ ନୂଆ ଜଗନ୍ନାଥ ସଡ଼କ ରାସ୍ତା ଅବରୋଧ କରିଛନ୍ତି।

- ମିଳୁନି ମାଚ୍ୟୁରିଟି ଟଙ୍କା
- କାର୍ଯ୍ୟାଳୟରେ ତାଲା ପକାଇଲେ

ଖୋର୍ଦ୍ଧା ଜିଲା ନିରାକାରପୁରସ୍ଥିତ ସାହାରା ଇଣ୍ଡିଆ ଅଫିସରେ ଜମାକାରୀମାନେ ରଖିଥିବା ଟଙ୍କାର ମାଚ୍ୟୁରିଟି ହୋଇଯାଇଥିଲେ ମଧ୍ୟ ଉକ୍ତ ସଂସ୍ଥାର କର୍ତ୍ତୃପକ୍ଷ ଟଙ୍କା ଦେଉ ନାହାନ୍ତି। ମାଚ୍ୟୁରିଟି ଟଙ୍କା ପାଇଁ ଜମାକାରୀ ବାରମ୍ବାର କାର୍ଯ୍ୟାଳୟକୁ ଦୌଡୁଥିଲେ ମଧ୍ୟ ଶାଖା ପରିଚାଳକ କିମ୍ବା କର୍ମଚାରୀମାନେ ସେମାନଙ୍କ କଥା ନ ଶୁଣିବା ସହ ଦିନ ଗଡ଼ାଇ ଚାଲିଛନ୍ତି। ଏହାର ପ୍ରତିବାଦରେ ସୋମବାର ଶତାଧିକ ଜମାକାରୀ କାର୍ଯ୍ୟାଳୟରେ ତାଲା ପକାଇବା ସହ ପୂର୍ବାହ୍ନ ୧୦ଟା ୩୦ରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଅଫିସ ଆଗରେ ଧାରଣା ଦେଇଥିଲେ। ତେବେ ଶାଖା ପରିଚାଳକ କିଛି ନ ଶୁଣିବାରୁ ଜମାକାରୀମାନେ କାର୍ଯ୍ୟାଳୟରୁ ଯାଇ ଅପରାହ୍ନ ୪ଟା ୩୦ ପର୍ଯ୍ୟନ୍ତ ନୂଆ ଜଗନ୍ନାଥ ସଡ଼କ ଅବରୋଧ କରିଥିଲେ। ଫଳରେ ଉଭୟ ପାର୍ଶ୍ୱରୁ ଆସୁଥିବା ସମସ୍ତ ଯାନବାହନ ଅଟକି ରହିଥିଲା। ଖବରପାଇ ସ୍ଥାନୀୟ ଥାନା ଅଧିକାରୀ ଭବାନୀ ଶଙ୍କର ଖୁଣ୍ଟିଆ ଘଟଣାସ୍ଥଳରେ ପହଞ୍ଚି ଜମାକାରୀଙ୍କୁ ବୁଝାଶୁଝା କରିବା ସହ ଶାଖା ପରିଚାଳଙ୍କୁ ଭେଟି ପଚାରି ବୁଝିଥିଲେ। ଆସନ୍ତା ୫ ତାରିଖରେ ଏହି ସଂସ୍ଥାର ରିଜିଓନାଲ ଅଫିସର କର୍ତ୍ତୃପକ୍ଷ ଆସିବେ ବୋଲି କହିବା ପରେ ଜମାକାରୀମାନେ ଆନ୍ଦୋଳନରୁ ହଟିଥିଲେ। ଏହା ପରେ ଯାନବାହନ ଚଳାଚଳ ସ୍ୱାଭାବିକ ହୋଇଥିଲା। ସୂଚନାଥାଉ କି, ଗତ ଏପ୍ରିଲ ୩୦ ତାରିଖରେ କାର୍ଯ୍ୟାଳୟ ଆଗରେ ମାଚ୍ୟୁରିଟି ଟଙ୍କା ପାଇଁ ଜମାକାରୀମାନେ ଦୀର୍ଘ ସମୟ ଧରି ହୋହଲ୍ଲା କରିଥିଲେ।

### ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ପଲିଶ୍ରୀ



@ ମାନସ



@ ମଧୁସ୍ମିତା



@ ଅର୍ଚ୍ଚନା



@ ପ୍ରଶାନ୍ତ



@ ସମୀକ୍ଷା

## ପାଇପ୍ ଯୋଗେ ଜଳ ଯୋଗାଣ ଦାବି

**ଜଟଣୀ,୧୯।୪(ଡ.ଏନ୍.ଏ.)**

### ଜଳକଷ୍ଟ ଭୋଗୁଛନ୍ତି ୩ ଗ୍ରାମର ବାସିନ୍ଦା

ପୁରୀ ଜିଲା ଡେଲାଙ୍ଗ ବ୍ଲକ ଗୋଡ଼ିପୁଟ ମାଟିଆପଡ଼ା ପଞ୍ଚାୟତ ଅଧୀନରେ ଥିବା ଗୋପୀନାଥପୁର, ବଡ଼ଇଚ୍ଛାପୁର ଏବଂ ମାନପୁର ଗ୍ରାମରେ ପାନୀୟ ଜଳର ସଙ୍କଟ ଦେଖାଦେଇଛି। ଫଳରେ ଲୋକେ ସ୍ୱଚ୍ଛ ପିଇବା ପାଣି ପାଇଁ ହଇରାଣ ହେଉଛନ୍ତି। ରାଜ୍ୟ ସରକାରଙ୍କ ମେଗା ପାନୀୟ ଜଳ ବିତରଣ ବ୍ୟବସ୍ଥା ଉକ୍ତ ଗ୍ରାମଗୁଡିକୁ ନ ମିଳିବା ପର୍ଯ୍ୟନ୍ତ ଖୋର୍ଦ୍ଧା ଜିଲା ପ୍ରଶାସନ ପକ୍ଷରୁ ଏହି ୩ ଗ୍ରାମବାସୀଙ୍କୁ ପାଇପ୍ ଯୋଗେ ପାନୀୟ ଜଳ ବ୍ୟବସ୍ଥା କରିବା ପାଇଁ ଅବସରପ୍ରାପ୍ତ ପ୍ରଶାସକ ସତ୍ୟବାଦୀ ସାହୁ, ଆଇନଜୀବୀ ଅର୍ଜୁନ ସାମନ୍ତରାୟ, ସୁଧାକର ମହାନ୍ତି, ସୁରଥ ସୁବୁଦ୍ଧିଙ୍କ ସମେତ ଶତାଧିକ ଗ୍ରାମବାସୀ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଦାବି କରିଛନ୍ତି।

ସୂଚନା ଅନୁଯାୟୀ, ଏହି ୩ ଗ୍ରାମର ୬ଟି ୱାର୍ଡ ଖୋର୍ଦ୍ଧା ଜିଲା ଜଟଣୀ ପୌରାଞ୍ଚଳ ସୀମାକୁ ଲାଗି ରହିଛି। ଜଟଣୀ ପୌରାଞ୍ଚଳ ଅଧୀନ ୧୫ନଂ. ୱାର୍ଡର ସୀମାକୁ ଲାଗି ଗୋପୀନାଥପୁର, ୧୩ନଂ. ୱାର୍ଡ ବାଛରାକୁ ଲାଗି ବଡ଼ଇଚ୍ଛାପୁର ଏବଂ ଜଗନ୍ନାଥପୁର ସୀମାକୁ ଲାଗି ଗୋଡିପୁଟ ମାଟିଆପଡା ପଞ୍ଚାୟତର ମାନପୁର ଗ୍ରାମ ହୋଇଛି। ଉକ୍ତ ଗ୍ରାମଗୁଡିକୁ ଯାତାୟାତ ପାଇଁ ଗୋଟିଏ ରାସ୍ତା ହୋଇଥିବା ବେଳେ ଜଟଣୀ ପୌରାଞ୍ଚଳ ପକ୍ଷରୁ ମିଳୁଥିବା ସମସ୍ତ ସୁବିଧା ଉକ୍ତ ଗ୍ରାମବାସୀ ପାଇଥାନ୍ତି। ତେବେ ଉକ୍ତ ଗ୍ରାମଗୁଡିକୁ ପିଇବା ପାଣି ଜଟଣୀ ପୌର ପରିଷଦ ପକ୍ଷରୁ ପ୍ରଦାନ କରାଯାଉ ନାହିଁ। ଫଳରେ ଏହି ୬ ୱାର୍ଡର ୫ ହଜାରରୁ ଊର୍ଦ୍ଧ୍ୱ ଲୋକେ ଖରାଦିନେ ସ୍ୱଚ୍ଛ ପାନୀୟ ଜଳ ନ ପାଇ ହଇରାଣ ହେଉଛନ୍ତି। ମେଗା ପ୍ରୋଜେକ୍ଟ ସହିତ ଡେଲାଙ୍ଗ ବ୍ଲକର ୧୫ ପଞ୍ଚାୟତରେ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ପାଇଁ ୧୦୧କୋଟି ଟଙ୍କାର ଏଗ୍ରିମେଣ୍ଟ ସରିଛି। ଖୁବ୍‌ଶୀଘ୍ର ଉକ୍ତ ସମସ୍ୟାର ସମାଧାନ ହୋଇଯିବ ବୋଲି ଗୋଡିପୁଟ ମାଟିଆପଡ଼ା ସରପଞ୍ଚ ଦମୟନ୍ତୀ ନିଶଙ୍କ କହିଛନ୍ତି।